بِسۡمِ اللّٰہِ الرَّحۡمٰنِ الرَّحِیۡمِ   نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ   وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 11

**ସମ୍ପାଦକ:**

କମୁଲ୍ ହକ୍ ଖାନ୍

**ସହ ସମ୍ପାଦକ:**

ସୟଦ୍ ଅତାଉଲ୍ ୱାହାବ

ସାପ୍ତାହିକ ବଦର୍ Weekly BADAR Qadian କାଦିଆନ Odia

ସଂଖ୍ୟା: 6-7

ବାର୍ଷିକ ଦେୟ : 600/-

16-23 ଶାବାନ୍, 1447 ହି.କ, 05-12 ତବଲିଗ୍ 1405 ହି.ଶ, 05-12 February 2026 ମସିହା

www.akhbarbadr.in

## ଅଲ୍ଲାଃତାଲାଙ୍କ ବାଣୀ

هُوَ الَّذِیۡۤ اَرۡسَلَ رَسُوۡلَہٗ بِالۡہُدٰی وَدِیۡنِ الۡحَقِّ لِیُظۡہِرَہٗ عَلَی الدِّیۡنِ کُلِّہٖ وَلَوۡ کَرِہَ الۡمُشۡرِکُوۡنَ

(ଅତତୌବା-33)

**ଅନୁବାଦ** : ମୁଶ୍ରିକମାନଙ୍କୁ ଯେତେ ଅପ୍ରୀତିକର ମନେହେଲେ ମଧ୍ୟ ସକଳ ଧର୍ମ ଉପରେ ପ୍ରଭୁତ୍ୱ ବିସ୍ତାର କରିବା କଲ୍ପେ ସେ ହିଁ ନିଜର ରସୁଲଙ୍କୁ ସତ୍‌ପଥ ଓ ସତ୍ୟ ଧର୍ମ ସହିତ ପ୍ରେରଣ କରିଛନ୍ତି ।

## ଅହମଦିୟା ଖବର

**ଅଲହମଦୁଲିଲ୍ଲାଃ!**

ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍‌ୱର୍ ଅ.ବ ସକୁଶଳେ ଅଛନ୍ତି।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍‌ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍‌ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍‌ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

## ଆଁହଜରତ୍ ସ.ଅଙ୍କ ବାଣୀ

**ମରିୟମ୍‌ଙ୍କ ସୁପୁତ୍ର ଇସା ଧରାବତୀର୍ଣ୍ଣ ହେବେ, ସେ ବିବାହ କରିବେ ଏବଂ ତାଙ୍କର ସନ୍ତାନ ମଧ୍ୟ ହେବ:**

☆ عَنۡ عبد الله بن عَمۡرو قال: قال رَسُولُ اللّٰهِ صَلَّى اللّٰهُ عَلَيۡهِ وَسَلَّمَ: يَنۡزِلُ عِيسَى بنُ مَرۡيَمَ إِلَى الۡأَرۡضِ فَيَتَزَوَّجُ وَيُولَدُ لَهُ وَيَمۡكُثُ خَمۡسًا وَأَرۡبَعِينَ سَنَةً ثُمَّ يَمُوتُ فَيُدۡفَنُ مَعِي فِي قَبۡرِي فأقوم أَنَا وَعِيسَى بن مَرۡيَمَ فِي قَبۡرٍ وَاحِدٍ بَيۡنَ أَبِي بَكۡرٍ وَعُمَرَ-

ହ. ଅବ୍‌ଦୁଲ୍ଲାଃ ବିନ୍ ଉମର୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ କହିଲେ, ମରିୟମ୍ ଅ.ସଙ୍କ ସୁପୁତ୍ର ଇସା ଧରାବତୀର୍ଣ୍ଣ ହେବେ, ସେ 45 ବର୍ଷ ପର୍ଯ୍ୟନ୍ତ ଜୀବିତ ରହିବେ । ପୁନଶ୍ଚ ସେ ମୃତ୍ୟୁବରଣ କରିବେ । ତାଙ୍କୁ ମୋ କବର ସହିତ କବର ଦିଆଯିବ । ମୁଁ, ଇସା ଇବ୍‌ନେ ମରିୟମ୍ ଅ.ସ ଓ ଅବୁ ବକ୍କର ର.ଅଙ୍କ ମଧ୍ୟରେ ଗୋଟିଏ କବରରୁ ହିଁ ଛିଡ଼ା ହେବୁ । **(ମିଶ୍‌କାତୁଲ୍ ମସାବିହ୍, କିତାବୁଲ୍ ଫିତନ୍, ବାବ୍-ନୁଜୁଲୁ ଇସା ଅ.ସ ଅଲ୍ ଫସ୍‌ଲୁସ୍ ସାଲିସ୍)**

☆--☆--☆

## ପେଶ୍‌ଗୋଇ ମୁସ୍‌ଲେହ୍ ମଉଦ୍
## (ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ସଂପର୍କରେ ଭବିଷ୍ୟବାଣୀ)

ହ. ମସିହ୍ ମ୍‌ଉଦ୍ ଓ ମେହ୍‌ଦୀ ମାହୁଦ୍ ଅ.ସ 1886 ମସିହା ଫେବୃଆରୀ ମାସ 20 ତାରିଖ ଦିନ ଏକ ପତ୍ରିକା ପ୍ରକାଶ କରିଥିଲେ ଏବଂ ତହିଁରେ ଆପଣ ଅ.ସ ମୁସ୍‌ଲେହ୍ ମଉଦ୍ ର.ଅଙ୍କ ସଂପର୍କରେ ଶ୍ରେଷ୍ଠତମ ଭବିଷ୍ୟବାଣୀର ଚର୍ଚ୍ଚା କରି କୁହନ୍ତି:

"**ବି ଇଲ୍‌ହାମିଲ୍ଲାଃହି ତାଆଲା ୱ ଇଲ୍‌ହାମିହି ଅଜ୍‌ୱଜଲ୍ଲାଃ** ଖୁଦାଏ **ରହିମ୍** ଓ **କରୀମ୍** ବୁଜୁର୍ଗ ୱ ବର୍‌ତର୍ ନେ ଜୋ ହର୍ ଚିଜ୍ ପର କାଦିର୍ ହୈ (ଜଲ୍ଲା ଶାନୁହୁ ଓ ଅଜ୍ଜା ଇସ୍‌ମୁହୁ) ମୁଝ୍ କୋ ଅପ୍‌ନେ ଇଲ୍‌ହାମ୍ ସେ ମୁଖାତିବ୍ କର କେ ଫର୍‌ମାୟା କି ମେଁ ତୁଝେ ଏକ ରହମତ୍ କା ନିଶାନ୍ ଦେତା ହୁଁ । ଉସି କେ ମୱାଫିକ୍ ଜୋ ତୁନେ ମୁଝ୍ ସେ ମାଙ୍ଗା ସୋ ମେଁ ନେ ତେରି ତଜର୍ରୁଆତ୍ କୋ ସୁନା ଔର୍ ତେରି ଦୁଆଓଁ କୋ ଅପ୍‌ନି ରହ୍‌ମତ୍ ସେ ବପାୟା କୁବୁଲିୟତ୍ ଜଗାଃ ଦି ଔର୍ ତେରେ ସଫର୍ କୋ (ଜୋ ହୋଶିୟାର୍‌ପୁର ଔର୍ ଲୁଧିୟାନା କା ସଫର୍ ହୈ) ତେରେ ଲିଏ ମୁବାରକ କର୍‌ଦିୟା । ସୋ କୁଦ୍‌ରତ୍ ଔର୍ ରହ୍‌ମତ୍ ଔର କୁଦ୍‌ରତ୍ କା ନିଶାନ୍ ତୁଝେ ଦିଆ ଯାତା ହୈ । ଫଜଲ୍ ଔର ଏହ୍‌ସାନ କା ନିଶାନ୍ ତୁଝେ ଅତା ହୋତା ହୈ ଔର ଫତହ୍ ଔର୍ ଜଫର୍ କି କଲିଦ୍ ତୁଝେ ମିଲ୍‌ତି ହୈ । ଐ ! ମୁଜଫର୍ ତୁଝ୍ ପର ସଲାମ୍ ଖୁଦା ନେ ୟେ କାହା ତା ୱୋହ୍ ଜୋ ଜିନ୍ଦିଗୀ କେ ଖ୍ୱାହାଁ ହୈଁ ମୌତ୍ କେ ପଞ୍ଜେ ସେ ନଜାତ୍ ପାୱେଁ ଔର୍ ୱୋହ୍ ଜୋ କବ୍ରୋଁ ମେଁ ଦବେ ପଡ଼େ ହୈଁ ବାହାର ଆୱେଁ ଔର୍ ତା ଦିନେ ଇସ୍‌ଲାମ୍ କା ଶର୍ଫ ଔର୍ କଲାମୁଲ୍ଲାଃ କା ମର୍ତବା ଲୋଗୋଁ ପର ଜାହିର୍ ହୋ ଔର୍ ତା ହକ୍ ଅପ୍‌ନି ତମାମ୍ ବର୍କତୋଁ କେ ସାଥ ଆଜାଏ ଔର ବାତିଲ୍ ଅପନି ତମାମ୍ ନହୁସତୋଁ କେ ସାଥ ଭାଗ ଯାଏ ଔର୍ ତା ଲୋଗ୍ ସମ୍‌ଝେଁ କି ମେଁ କାଦିର୍ ହୁଁ ଯୋ ଚାହତା ହୁଁ ସୋ କରତା ହୁଁ । ଔର ତା ୱୋହ୍ ୟକିନ୍ ଲାଏଁ କି ମେଁ ତେରେ ସାଥ ହୁଁ ଔର୍ ତା ଉନ୍‌ହେଁ ଜୋ ଖୁଦା କେ ୱଜୁଦ୍ ପର୍ ଇମାନ୍ ନହିଁ ଲାତେ ଔର୍ ଖୁଦା ଔର୍ ଖୁଦା କେ ଦୀନ ଔର୍ ଉସ୍ କି କିତାବ୍ ଔର ଉସ କେ ପାକ୍ ରସୁଲ୍ ମୁହମ୍ମଦ୍ ମୁସ୍ତଫା ସ.ଅ କୋ ଇନ୍‌କାର୍ ଔର୍ ତକ୍‌ଯିବ କି ନିଗାହ୍ ସେ ଦେଖ୍‌ତେ ହୈଁ ଏକ୍ ଖୁଲି ନିଶାନି ମିଲେ ଔର୍ ମୁଜ୍‌ରିମୋଁ କି ରାହ୍ ଜାହିର୍ ହୋଯାଏ।"

"ସୋ ତୁଝେ ବଶାରତ୍ ହୋ କି ଏକ ୱଜିହ୍ ଔର୍ ପାକ୍ ଲଡ଼୍‌କା ତୁଝେ ଦିଆ ଯାଏଗା । ଏକ ଜକି ଗୁଲାମ୍ (ଲଡ଼୍‌କା) ତୁଝେ ମିଲେଗା । ୱୋହ୍ ଲଡ଼୍‌କା ତେରେ ହି ତୁଖ୍‌ମ୍ ସେ ଓ ତେରି ହି ଜୁର୍ରିୟତ୍ ୱ ନସଲ୍ ହୋଗା । ଖୁବ୍‌ସୁରତ୍ ପାକ୍ ଲଡ଼୍‌କା ତୁମ୍‌ହାରା ମେହ୍‌ମାନ୍ ଆତା ହୈ । ଉସ୍‌କା ନାମ୍ ଅନ୍‌ମ୍‌ୱାଇଲ୍ ଔର୍ ବଶୀର ଭି ହୈ । ଉସ୍‌କୋ ମୁକଦ୍ଦସ୍ ରୁହ୍ ଦି ଗଇ ହୈ ଔର୍ ୱୋହ୍ ରିଜସ୍ ସେ ପାକ୍ ହୈ ଔର୍ ନୁରୁଲ୍ଲାଃ ହୈ। ମୁବାରକ୍ ୱୋହ୍ ଜୋ ଆସ୍‌ମାନ୍ ସେ ଆତା ହୈ । ଉସ୍‌କେ ସାଥ ଫଜଲ୍ ହୈ ଯୋ ଉସ୍‌କେ ସାଥ ଆଏଗା । ୱୋହ୍ ସାହିବେ ଶିକୋହ୍ ଔର୍ ଅଜ୍‌ମତ୍ ଔର୍ ଦୌଲତ୍ ହୋଗା । ୱୋହ୍ ଦୁନିୟାଁ ମେଁ ଆଏଗା ଔର୍ ଅପ୍‌ନେ ମସିହ୍ ନଫସ୍ ଔର୍ ରୁହୁଲ୍ ହକ୍ କି ବର୍କତୋଁ ସେ ବହତୋଁ କୋ ବିମାରିୟୋଁ ସେ ସାଫ୍ କରେଗା। ୱୋହ୍ କଲମିତୁଲ୍ଲାଃ ହୈ କ୍ୟୁଁ କେ ଖୁଦା କି ରହମତ୍ ୱ ଗୟୁରୀ ନେ ଉସେ କଲିମା ତମ୍‌ଜିଦ୍ ସେ ଭେଜା ହୈ । ୱୋହ୍ ସଖ୍‌ତ୍ ଜହିନ୍ ୱ ଫହିମ୍ ହୋଗା ଔର୍ ଦିଲ୍ କା ହଲିମ୍ ଔର୍ ଉଲୁମେ ଜାହିରି ଓ ବାତିନି ସେ ପୁର୍ କିୟା ଯାଏଗା । ଔର୍ ୱୋହ୍ ତିନ୍ କୋ ଚାର କରନେ ୱାଲା ହୋଗା (ଇସ୍ କେ ମାନେ ସମଝ ମେଁ ନହି ଆଏ) । ଦୋଶମ୍ବା ହୈ ମୁବାରକ୍ ଦୋଶମ୍ବା, ଫର୍‌ଜନ୍ଦେ ଦିଲ୍‌ବନ୍ଦ୍ ଗିରାମୀ ଅର୍ଜୁମନ୍ଦ୍ । ମଜ୍‌ହରୁଲ୍ ଅୱଲି ୱଲ୍ ଆଖିରି । **ମଜ୍‌ହରୁଲ୍ ହକ୍କି ୱଲ୍ ଅଲାଏ କାଅନ୍ନଲ୍ଲାଃହା ନଜଲା ମିନସ୍ ସମାଇ** ଜିସ୍ କା ନୁଜୁଲ୍ ବହତ୍ ହି ମୁବାରକ୍ ଔର୍ ଜଲାଲେ ଇଲାହି ଜୁହୁର୍ କା ମୌଯିବ ହୋଗା । ଯିସ୍ କୋ ଖୁଦା ନେ ଅପ୍‌ନି ରଜାମନ୍ଦି କେ ଇତ୍ର ସେ ମମ୍‌ସୁହ୍ କିୟା। ହମ୍ ଉସ୍ ମେଁ ଅପ୍‌ନି ରୁହ୍ ଡାଲେଁଗେ ଔର ଖୁଦା କା ସାୟା ଉସ୍ କେ ସର ପର ହୋଗା । ୱୋହ୍ ଜଲ୍‌ଦ୍ ଜଲ୍‌ଦ୍ ବଢେଗା ଔର ଅସିରୋଁ କି ରୁସ୍ତଗାରି କା ମୌଜିବ୍ ହୋଗା । ଔର୍ ଜମିନୋଁ କେ କିନାରୋଁ ତକ୍ ଶୋହରତ୍ ପାଏଗା । ଔର୍ କୌମେଁ ଉସ୍ ସେ ବର୍‌କତ୍ ପାଏଁଗି । ତବ୍ ଅପ୍‌ନେ ନଫସି ନୁକ୍‌ତାଃ ଆସମାନ୍ କି ତରଫ୍ ଉଠାୟା ଯାଏଗା । **ୱକାନା ଅମ୍ରନ୍ ମକ୍‌ଯିୟା ।**" **(ମଜ୍‌ମୁଆ ଇସ୍ତେହାରାତ୍, ଭାଗ-1, ପୃ-100-101)**



**ସମ୍ପାଦକୀୟ**

# ସେ ଅର୍ଥାତ୍ ହ.ମୁସ୍‌ଲେହ୍ ମଉଦ୍ ର.ଅ ଭୂପୃଷ୍ଠର ପ୍ରାନ୍ତ ପର୍ଯ୍ୟନ୍ତ ଖ୍ୟାତି ଅର୍ଜନ କରିବେ ଏବଂ... ବିଭିନ୍ନ ଜାତିମାନେ ତାହାଙ୍କ ଠାରୁ କଲ୍ୟାଣ ପ୍ରାପ୍ତ କରିବେ....


| କ୍ର.ନଂ | ସୂଚୀପତ୍ର | ପୃ.ସଂଖ୍ୟା |
|---|---|---|
| ୧. | ପେଶ୍‌ଗୋଇ ମୁସ୍‌ଲେହ୍ ମଉଦ୍ ର.ଅ ଓ ହଦିସ୍ | ୧ |
| ୨. | ସମ୍ପାଦକୀୟ | ୨, ୧୩ |
| ୩. | ଖୁତ୍‌ବା ଜୁମା ହୁଜୁର ଅନ୍‌ୱର୍ ଅ.ବ | ୩-୧୨ |
| ୪. | ପେଶ୍‌ଗୋଇ ମୁସଲେହ୍ ମଉଦ୍‌ର ପୃଷ୍ଠଭୂମି | ୧୪-୧୫ |
| ୫. | ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ମ ମର୍ଯ୍ୟାଦା ପେଶ୍‌ଗୋଇ(ଭବିଷ୍ୟବାଣୀ)ର ପ୍ରକାଶରେ | ୧୬, ୧୭ |
| ୬. | ଖୁତ୍‌ବା ଜୁମା ହୁଜୁର ଅନ୍‌ୱର୍ ଅ.ବ | ୧୮-୨୪ |


ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ମିର୍ଜା ଗୁଲାମ୍ ଅହମଦ୍ କାଦିୟାନୀ ଅ.ସ ଯାହାଙ୍କ ମନରେ ଅଲ୍ଲାଃତାଲା ଯୁବାବସ୍ଥାର ପ୍ରାରମ୍ଭରୁ ହିଁ ଇସ୍‌ଲାମ୍ ଧର୍ମ ସେବା ଓ ରସୁଲୁଲ୍ଲାଃ ସ.ଅଙ୍କ ପ୍ରତି ଥିବା ପ୍ରେମ ଏବଂ ଆନ୍ତରୀକତା ପ୍ରବିଷ୍ଟ କରି ରଖିଥିଲେ । ଆପଣ ଅ.ସଙ୍କ କାଳରେ ଅନ୍ୟ ଧର୍ମର ଶତ୍ରୁମାନଙ୍କ ପକ୍ଷରୁ ଇସ୍‌ଲାମ୍ ଧର୍ମ ଉପରେ ଚତୁର୍ପାର୍ଶ୍ୱରୁ ଆକ୍ରମଣ ହେଉଥିଲା ଏବଂ ମୁସଲମାନମାନେ ସେହି ଆକ୍ରମଣ ଅର୍ଥାତ୍ ଇସ୍‌ଲାମ୍ ଧର୍ମ ଉପରେ ଯେଉଁ ପ୍ରଶ୍ନ ହେଉଥିଲା ସେହି ପ୍ରଶ୍ନର ଉତ୍ତର ଦେବାକୁ କେବଳ ଅସମର୍ଥ ଓ ଅକ୍ଷମ ଥିଲେ ତାହା ନୁହେଁ ବରଂ ଶିକ୍ଷିତ ମୁସଲମାନମାନେ ତ' ଇଂରେଜ ସରକାରଙ୍କ ଠାରୁ ଭୟଭୀତ ହୋଇ ଇସ୍‌ଲାମ ଧର୍ମକୁ ହିଁ ବିଦାୟ ଜଣାଇଥିଲେ । ଏପରି ଭୟଙ୍କର ଏବଂ ନୈରାଶ୍ୟମୂଳକ ଦିନରେ ଆପଣ ଅ.ସ ଅଲ୍ଲାଃତାଲାଙ୍କ ଆଦେଶ କ୍ରମେ ବରାହିନେ ଅହମଦିୟା ନାମକ ଏକ ପୁସ୍ତକ ରଚନା କଲେ । ସେହି ପୁସ୍ତକ 4ଟି ଗ୍ରନ୍ଥଖଣ୍ଡରେ ବିଭକ୍ତ ଥିଲା । ଉକ୍ତ ପୁସ୍ତକର ଲିଖନ କାର୍ଯ୍ୟ 1882 ମସିହାରେ ଆରମ୍ଭ ହୋଇଥିଲା ଏବଂ 1884 ମସିହାରେ ସଂପୂର୍ଣ୍ଣ ହୋଇଥିଲା । 1882 ମସିହାରେ ଆପଣ ଅ. ସଙ୍କ ଉପରେ ମାମୁରିୟତ୍ (ଈଶ୍ୱରଙ୍କ ତରଫରୁ ନିଯୁକ୍ତ ହେବା)ର ପ୍ରଥମ ଐଶୀବାଣୀ ହେଲା ଏବଂ ଅଲ୍ଲାଃତାଲା ଆପଣ ଅ.ସଙ୍କୁ ସମ୍ବୋଧିତ କରି କହିଲେ,

قُلْ اِنِّیْ اُمِرْتُ وَاَنَا اَوَّلُ الْمُؤْمِنِیْن

ଅର୍ଥାତ୍ ତୁମ୍ଭେ କହିଦିଅ ଯେ, ମୁଁ ଈଶ୍ୱରଙ୍କ ତରଫରୁ ମାମୁର୍ (ନିଯୁକ୍ତ ଅଟେ) ଏବଂ ବିଶ୍ୱାସ ଆଣିଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ମୁଁ ସର୍ବପ୍ରଥମେ ବିଶ୍ୱାସକାରୀ ବ୍ୟକ୍ତି ଅଟେ। **(ବରାହିନେ ଅହମଦିୟା, ଗ୍ରନ୍ଥଖଣ୍ଡ-4, ପୃ-502-503, ପ୍ରାମାଣ୍ୟ-ତଜ୍‌କିରାହ୍ ପୃ-35, ପ୍ରକାଶନ ସ୍ଥାନ-କିଦାୟାନ୍)**

ମାମୁରିୟତ୍‌ର (ଈଶ୍ୱରଙ୍କ ତରଫରୁ ନିଯୁକ୍ତ ହେବା)ର ଐଶୀବାଣୀ ହେବା ପୂର୍ବରୁ ଆପଣ ଅ.ସଙ୍କ ଉପରେ  ଚମତ୍କାରର ପରମ୍ପରା ଆରମ୍ଭ ହୋଇଗଲା ଏବଂ ଆପଣ ଅଲ୍ଲାଃତାଲାଙ୍କ ନିକଟରେ ଦୁଆ (ପ୍ରାର୍ଥନା) କରିବାକୁ ଲାଗିଲେ ଯେ, ଆପଣ ଅ.ସଙ୍କୁ ଇସ୍‌ଲାମ୍ ଧର୍ମର ବିଜୟର ମାର୍ଗ ପ୍ରଦର୍ଶନ କରାଯାଉ । ସୁତରାଂ ଆପଣ ଅ.ସଙ୍କ ଉପରେ ପବିତ୍ର କୁରଆନ୍ କରୀମ୍‌ର ଏହି ଐଶୀବାଣୀ ଅବତୀର୍ଣ୍ଣ ହେଲା ଯେ, هوالذی ارسل رسوله بالهدیٰ ودین الحق لیظهره علی الدین کلّه **(ଅସ୍ ସଫ୍: 10)** ସେ ଅଲ୍ଲାଃ ହିଁ ନିଜ ରସୁଲଙ୍କୁ ସତ୍‌ପଥ ସହିତ ଓ ସତ୍ୟଧର୍ମ ପ୍ରଦାନ କରି ପ୍ରେରଣ କରିଛନ୍ତି ଯଦ୍ଦ୍ୱାରାକି ମୁସ୍‌ରିକମାନେ ଯେତେ ନାପସନ୍ଦ କଲେ ମଧ୍ୟ ସେ ତାହାଙ୍କୁ ସମସ୍ତ ଧର୍ମ ଉପରେ ବିଜୟୀ କରିବେ ।

ହୁଜୁର ଅ.ସ କହିଲେ, ଅଲ୍ଲାଃତାଲା ମୋ ଉପରେ ପବିତ୍ର କୁରଆନ୍ କରୀମ୍‌ର ଉପରୋକ୍ତ ଯେଉଁ ଐଶୀବାଣୀ ଅବତୀର୍ଣ୍ଣ କରିଥିଲେ । ସେହି ଐଶୀବାଣୀର ଅର୍ଥ ଅଲ୍ଲାଃତା ମୋତେ ଏହା ବୁଝାଇଲେ ଯେ, ମୁଁ ଈଶ୍ୱରଙ୍କ ତରଫରୁ ଏଇଥିପାଇଁ ପ୍ରେରିତ ହୋଇଛି ଯେ, ମୋର ହାତରୁ ଅଲ୍ଲାଃତାଲା ଇସ୍‌ଲାମକୁ ସମସ୍ତ ଧର୍ମ ଉପରେ ବିଜୟୀ କରିଦେବ । ଏଠାରେ ଏକଥା ସ୍ମରଣ ରହୁ କି ପବିତ୍ର  କୁରଆନ୍ କରୀମ୍‌ରେ ଏକ ମହାନ ଭବିଷ୍ୟବାଣୀର ଉଲ୍ଲେଖ ରହିଛି ଯାହା ସଂକ୍ରାନ୍ତରେ ବିଦ୍ୱାନ୍ ଓ ଗବେଷକମାନେ ସହମତି ପ୍ରଦାନ କରିଛନ୍ତି । ଅତଏବ୍ ଏହି ଭବିଷ୍ୟବାଣୀ ହ. ମସିହ୍ ମଉଦ୍ ଅ.ସଙ୍କ ହସ୍ତରେ ପୂର୍ଣ୍ଣ ହେବ ।" (ତ୍ରିୟାକୁଲ୍ କୁଲୁବ୍, ପୃ-47)

ପ୍ରତିଶୃତ ମସିହ୍ ଓ ଅଙ୍ଗୀକୃତ ମେହ୍‌ଦୀଙ୍କର ପରେ ନାନା ଧର୍ମର ମାର୍ଗଦର୍ଶକମାନେ ଆପଣ ଅ.ସଙ୍କର ବିରୋଧକୁ ତୀବ୍ରତର କରିଦେଲେ ଏବଂ ହୁଜୁର୍ ଅ.ସ ସମସ୍ତ ସଂସାରରେ ନିଦର୍ଶନ ପ୍ରଦର୍ଶନ କରିବାକୁ ବିରୋଧୀଙ୍କୁ ଆମନ୍ତ୍ରିତ ମଧ୍ୟ କଲେ । ଫଳତଃ କାଦିୟାନ୍‌ର ହିନ୍ଦୁମାନେ ନିବେଦନ କଲେ ଯେ, ହେ ମିର୍ଜା ଗୁଲାମ୍ ଅହମଦ ସାହେବ !  ଆମେମାନେ ଆପଣଙ୍କର ପଡ଼ୋଶୀ ଅଟୁ । ତେଣୁ ଆପଣ ବାହାର ଏବଂ ବିଦେଶ ଲୋକଙ୍କୁ ନିଜର ନିଦର୍ଶନ ଦେଖାଇବା ପରିବର୍ତ୍ତେ ପ୍ରଥମେ ଆମକୁ ନିଦର୍ଶନ ଦେଖାନ୍ତୁ । ସୁତରାଂ ହ. ମସିହ୍ ମଉଦ୍ ଅ.ସ ସେମାନଙ୍କର ନିବେଦନକୁ ସ୍ୱୀକାର କରି ଅଲ୍ଲାଃତାଲାଙ୍କ ନିକଟରେ ଦୁଆ କଲେ । ଅଲ୍ଲାଃତାଲା ଆପଣ ଅ.ସଙ୍କ ଉପରେ ନିମ୍ନୋକ୍ତ ଇଲ୍‌ହାମ୍ (ଐଶାବୀଣୀ) କଲେ:

"تمہاری عقدہ کشائی ہوشیار پور میں ہو گی"

ଅନୁବାଦ: ଅର୍ଥାତ ତୁମ୍ଭର ସମସ୍ତ ମନସ୍କାମନା ହୋଶିୟାରପୁର ଠାରେ ପୂର୍ଣ୍ଣ ହେବ।

**(ସିରତୁଲ୍ ମେହ୍‌ଦୀ, ଗ୍ରନ୍ଥଖଣ୍ଡ-1, ବର୍ଣ୍ଣନା ସଂଖ୍ୟା-88)**

ଅତଏବ୍ ଉକ୍ତ ଐଶୀବାଣୀ ଅନୁଯାୟୀ ଆପଣ ଅ.ସ ହୋଶିୟାରପୁର୍‌କୁ ପ୍ରସ୍ଥାନ କଲେ ଏବଂ ଅହରହ 40 ଦିନ ପର୍ଯ୍ୟନ୍ତ ଆପଣ ସେଠାରେ ଅଲ୍ଲାଃତାଲାଙ୍କ ନିକଟରେ କାକୁତି ମିନତୀ କଲେ । ଯଦ୍ଦ୍ୱାରାକି ଆପଣ ଅ.ସଙ୍କୁ ଏପରି ଏକ ପୁତ୍ର ସନ୍ତାନ ପ୍ରାପ୍ତ ହେବାର ଶୁଭ ସୂଚନା ପ୍ରଦାନ କରାଗଲା ଯେ, ସେହି ପୁତ୍ର ସନ୍ତାନ ମାଧ୍ୟମରେ ଇସ୍‌ଲାମ୍ ଧର୍ମ ସମଗ୍ର ବିଶ୍ୱରେ ପରିବ୍ୟାପ୍ତ ହୋଇ ପ୍ରସାରିତ ହେବ ଏବଂ ବିଶ୍ୱର ପ୍ରତ୍ୟେକ କୋଣ ଅନୁକୋଣ ଓ ପ୍ରତ୍ୟେକ ପ୍ରାନ୍ତରେ ସେହି ପୁତ୍ର ସନ୍ତାନ ଖ୍ୟାତି ଅର୍ଜନ କରିବ ଏବଂ ଜାତିମାନେ ସେହି ପୁତ୍ର ଠାରୁ କଲ୍ୟାଣ ହାସଲ କରିବେ ।

ଏହି ସୁଯୋଗ୍ୟ ସନ୍ତାନ ଭବିଷ୍ୟବାଣୀ 1886 ମସିହାର ତିନି ବର୍ଷ ପରେ 12 ଜାନୁୟାରୀ 1889 ମସିହାରେ ଜନ୍ମ ଗ୍ରହଣ କଲା ଏବଂ 1914 ମସିହା ମାର୍ଚ୍ଚ ମାସ 14 ତାରିଖ ଦିନ ଏହି ସୁଯୋଗ୍ୟ ସୁପୁତ୍ର ପୁଣ୍ୟଶ୍ଳୋକୋ ହ. ମସିହ୍ ମଉଦ୍ ଅ.ସଙ୍କର ଦ୍ୱିତୀୟ ଖଲିଫା ରୂପେ ଖିଲାଫତ୍‌ର କଲ୍ୟାଣମୟ ଆସନରେ ଆସୀନ ହୋଇଥିଲା । ପେଶ୍‌ଗୋଇ ମୁସ୍‌ଲେହ୍ ମଉଦ୍‌ରେ ଆପଣ ର.ଅଙ୍କ ସଂକ୍ରାନ୍ତରେ ଯେଉଁ ବିଶିଷ୍ଟ ଗୁଣାବଳୀ ଏବଂ ଭବିଷ୍ୟବାଣୀ ବର୍ଣ୍ଣନା କରାଯାଇଥିଲା ତାହାର ଚର୍ଚ୍ଚା ଏହି ସଂଖ୍ୟାର ଅନ୍ୟ ପୃଷ୍ଠାରେ ଆପଣମାନେ ଦେଖି ସାରିଛନ୍ତି । ସେହି ବୈଶିଷ୍ଟ୍ୟତା ଓ ଭବିଷ୍ୟବାଣୀଗୁଡ଼ିକ ଆପଣ ର.ଅଙ୍କ ଅସ୍ତିତ୍ୱରେ ସଂପୂର୍ଣ୍ଣ ହୋଇ ସାରିଛି । ସେହି ବୈଶିଷ୍ଟ୍ୟତା ମଧ୍ୟରୁ ଗୋଟିଏ ବୈଶିଷ୍ଟ୍ୟତା ହେଲା ଯେ, ଆପଣ ର.ଅଙ୍କୁ ବିଜୟର କୁଞ୍ଜିକା ବୋଲି ଦର୍ଶାଯାଇଛି (ଅଭିହିତ କରାଯାଇଛି) ।

ଅତଏବ୍ ସେହି ଭବିଷ୍ୟବାଣୀରେ ଏହି ଚର୍ଚ୍ଚା ମଦ୍ୟ ରହିଛି ଯେ, ଆପଣ ଅର୍ଥାତ୍ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ମାଧ୍ୟମରେ ଆଧ୍ୟାତ୍ମିକ ରୂପେ ମୃତ୍ୟୁବରଣ କରିଥିବା ବ୍ୟକ୍ତିମାନେ ପୁନଃ ଜୀବିତ ହେବେ । ଇସ୍‌ଲାମ୍ ଧର୍ମର ମର୍ଯ୍ୟାଦା (ଖ୍ୟାତି) ଏବଂ ଈଶ୍ୱରଙ୍କବାଣୀର ମର୍ଯ୍ୟାଦା ପୁନଃ ପରିପ୍ରକାଶିତ ହେବ । ସେହି ମୁସ୍‌ଲେହ୍ ମଉଦ୍ ମସିହ୍‌ଙ୍କ ଆତ୍ମା ହେବ, ସେ ବୁଦ୍ଧିମାନ ଏବଂ ବିଚକ୍ଷଣ ବୁଦ୍ଧି ସମ୍ପନ୍ନ ଏବଂ ବିନମ୍ର ସ୍ୱଭାବର ଅଧିକାରୀ ହେବ ।

ସେହି ମୁସ୍‌ଲେହ୍ ମଉଦ୍‌କୁ ପ୍ରକାଶ୍ୟଗତ ଜ୍ଞାନ ଏବଂ ଆଭ୍ୟନ୍ତର ଜ୍ଞାନ ଦ୍ୱାରା ପିରପୂର୍ଣ୍ଣ କରାଯିବ । ସେ ଈଶ୍ୱରଙ୍କ ଅଲୋକ ରଶ୍ମୀ ହେବ । ତା' ଉପରେ ଈଶ୍ୱରଙ୍କ ବାଣୀ ଅବତୀର୍ଣ୍ଣ ହେବ । ଈଶ୍ୱରଙ୍କ ଛାୟୀ ଅର୍ଥାତ୍ ଈଶ୍ୱରଙ୍କ ଆଶୀର୍ବାଦ ସଦୈବ ତା' ଉପରେ ରହିବ । ସେ ପୃଥିବୀର କୋଣ ଅନୁକୋଣ ବା ପୃଥିବୀର ପ୍ରାନ୍ତ ପର୍ଯ୍ୟନ୍ତ ଖ୍ୟାତି ଅର୍ଜନ କରିବ ଏବଂ ଜାତିମାନେ ତା' ଠାରୁ କଲ୍ୟାଣ ପ୍ରାପ୍ତ କରିବେ । ଈଶ୍ୱର ସାକ୍ଷ୍ୟ ଅଟନ୍ତି ଯେ, ଏହି ସମସ୍ତ ନିଦର୍ଶନ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଜୀବନ କାଳ ମଧ୍ୟରେ ପୂର୍ଣ୍ଣ ହୋଇ ସାରିଛି ଏବଂ ପ୍ରଳୟ ଦିବସ ପର୍ଯ୍ୟନ୍ତ ଏହି ନିଦର୍ଶନଗୁଡ଼ିକ ପୂର୍ଣ୍ଣ ହୋଇ ଚାଲିଥିବ ।

ହ. ମୁସଲେହ୍ ମଉଦ୍ ର.ଅ 1944 ମସିହାରେ ମୁସ୍‌ଲେହ୍ ମଉଦ୍ ହେବାର ଦାବି କଲେ ଏବଂ ଶପଥପୂର୍ବକ କହିଲେ । ଆପଣ ର.ଅ ଦୀର୍ଘ 50 ବର୍ଷ କାଳ ପର୍ଯ୍ୟନ୍ତ ଖିଲାଫତ୍‌ର ଆସନରେ ଆସୀନ ରହିଥିଲେ ଓ ଆପଣ ଏପରି ପରିସ୍ଥିତିରେ ଖଲିଫା ହେଲେ ଯେତେବେଳେ ପର ଆପଣା ସମସ୍ତେ ଆପଣଙ୍କର ବିରୋଧୀ ଥିଲେ ଏବଂ ଯୁଦ୍ଧ ଯୋଗୁଁ ସଂସାରର ଆର୍ଥିକ ସ୍ଥିତି ଅତ୍ୟନ୍ତ ଶୋଚନୀୟ ହୋଇଯାଇଥିଲା ।

ଏପରି ଘଡ଼ିସନ୍ଧି ପରିସ୍ଥିତିରେ ଆପଣ ଇସ୍‌ଲାମ୍ ଧର୍ମର ତବ୍‌ଲିଗ୍‌ର ଧ୍ୱଜାକୁ ନିଜର ପବିତ୍ର ହସ୍ତରେ ଧରିଲେ ଏବଂ ଦେଖୁ ଦେଖୁ ଭାରତରୁ ବାହାରି ଏସିଆର ଅନ୍ୟ ରାଷ୍ଟ୍ରରେ, ଇଉରୋପର ଦେଶ, ଆଫ୍ରିକାର ଦେଶ ଏବଂ ଅନ୍ୟାନ୍ୟ ମହାଦେଶରେ ଇସ୍‌ଲାମ୍ ଧର୍ମର ଧ୍ୱଜା ରୋପଣ କରିଥିଲେ । ଆପଣ ର.ଅଙ୍କ ସହିତ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ସାହାବାମାନେ ମଧ୍ୟ ଉକ୍ତ ଅଭିଯାନରେ ଠିକ୍ ସେହିପରି ସାମିଲ୍ ଥିଲେ ଯେପରି ହ. ଉମର୍ ର.ଅଙ୍କ ସହିତ ଆଁହଜରତ୍ ସ.ଅଙ୍କ ସାହାବାମାନେ ସାମିଲ୍  ଥିଲେ । ଲଣ୍ଡନ୍‌ରେ ଇସଲାମୀୟ ଧ୍ୱଜା ପୋତିବା ନିମନ୍ତେ ହ. ଚୌଧୁରୀ ଫତହ୍ ମୁହମ୍ମଦ୍ ସିୟାଲ୍ ସାହେବ ର.ଅଙ୍କୁ ପ୍ରେରଣ କରାଗଲା ।

ମରେଶିୟସ୍‌ରେ ହ. ସୁଫି ଗୁଲାମ୍ ମୁହମ୍ମଦ୍ ସାହେବ ର.ଅଙ୍କ ହସ୍ତରେ ଇସ୍‌ଲାମୀୟ ଧ୍ୱଜା ରହିଥିଲା । ଆମେରିକାକୁ ହ. ମୁଫ୍‌ତି ମୁହମ୍ମଦ୍ ସାଦିକ୍ ସାହେବ ର.ଅ  ଗମନ କଲେ । ଆଫ୍ରିକାର ଭାଗ୍ୟ ମୌଲବୀ ଅବ୍‌ଦୁର୍ ରହିମ୍ ସାହେବ ନୈୟେର୍ ର.ଅଙ୍କ ମାଧ୍ୟମରେ ଖୋଲିଲା ଏବଂ ସୁଦୂର ପୂର୍ବରେ ମୌଲବୀ ହ. ରହ୍‌ମତ୍ ଅଲୀ ସାହେବ ର.ଅ ସୁଶୁପ୍ତମାନଙ୍କୁ ଜାଗ୍ରତ କରିବା ନିମନ୍ତେ ଗମନ କଲେ । ଅପରପକ୍ଷେ ଦମିଶ୍କ୍ ଏବଂ ପାଲେଷ୍ଟାଇନ୍‌ର ଭାଗ୍ୟ ହ. ସଇଦ୍ ଜୈନୁର୍ ଆବିଦିନ ୱଲିଉଲ୍ଲାଃ ଶାହ୍ ସାହେବ ର.ଅଙ୍କ ମାଧ୍ୟମରେ ଫିଟିଥିଲା ।

ପୁନଶ୍ଚ 1934 ମସିହାରୁ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ କଲ୍ୟାଣମୟ ଆହ୍ୱାନ ତେହ୍‌ରିକେ ଜଦିଦ୍ ଇସ୍‌ଲାମ୍ ଧର୍ମର ବିଜୟର ଆଧ୍ୟାତ୍ମିକ ଖଡ଼୍‌ଗରୁ ନିଜ ହାତକୁ ନେଇନେଲେ ଏବଂ ବର୍ତ୍ତମାନ ସଂସାରର ଶତାଧିକ **(ଅବଶିଷ୍ଟାଂଶ...ପୃ-13ରେ)**

## (ଖୁତ୍‌ବା ଜୁମା)

ସେହି ବ୍ୟକ୍ତି ଯିଏ ନିଜର ଅସ୍ତିତ୍ୱ ଦ୍ୱାରା, ନିଜର ବିଶିଷ୍ଟ ସୁଗୁଣାବଳୀ ଦ୍ୱାରା, ନିଜର କର୍ମ ଦ୍ୱାରା ଏବଂ ନିଜର ଅଧାତ୍ମିକ କର୍ମ ତଥା କାର୍ଯ୍ୟ ଦ୍ୱାରା ଏବଂ ନିଜର ଆଧାତ୍ମିକ ଏବଂ ପବିତ୍ର ଶକ୍ତିର ବଳିଷ୍ଠ ନଇରୁ ବ୍ୟବହାରିକ ରୂପେ, ଶୈକ୍ଷିକ ତଥା ସତ୍ୟନିଷ୍ଠତାର ସହିତ ଅନନ୍ୟ ପୂର୍ଣ୍ଣତାର ଉଦାହରଣ ପ୍ରଦର୍ଶନ କଲେ ସେ ପୂର୍ଣ୍ଣ ମନୁଷ୍ୟ ରୂପେ ବିବେଚିତ ହେଲେ । ସେହି ପବିତ୍ରାବତାର ହ. ଖାତମୁଲ୍ ଅମ୍ବିୟା (ଅବତାରମାନଙ୍କର ମୋହର), ପବିତ୍ର ଧର୍ମାତ୍ମା, ମହାତ୍ମା, ସନ୍ଥାତ୍ମା, ପ୍ରେରିତ ଅବତାରମାନଙ୍କର ମୋହର, ଅବତାରମାନଙ୍କର ଗୌରବ ମହାମାନ୍ୟ ମୁହମ୍ମଦ ମୁସ୍ତଫା ସ.ଅ ଅଟନ୍ତି । ହେ ପ୍ରିୟ ପରମେଶ୍ୱର! ତୁମ୍ଭେ ସେହି ପ୍ରିୟ ମହାବତାରଙ୍କ ପ୍ରତି ଏପରି ଶାନ୍ତି ଅବତୀର୍ଣ୍ଣ କର ଯେଉଁ ଶାନ୍ତି ସଂସାର ପୂର୍ବରୁ ତୁମ୍ଭେ ଅନ୍ୟ କାହା ଉପରେ ଅବତୀର୍ଣ୍ଣ କରି ନାହଁ । "

(ହଜରତ୍ ମସିହ୍ ମଉଦ୍ [ଅ.ସ])

ଯେଉଁମାନେ କୌଣସି ପ୍ରସଙ୍ଗରେ ସର୍ବୋଚ୍ଚ ସ୍ଥାନର ଅଧିକାରୀ ହୁଅନ୍ତି ସେହିମାନେ ହିଁ ଅନ୍ୟମାନଙ୍କର ପାଇଁ ଉଦାହରଣ ତଥା ଆଦର୍ଶ ପାଲଟି ଥାଆନ୍ତି। ଯେଉଁଠି ଆଁହଜରତ ସ.ଅଙ୍କ ସଂପର୍କ ତଥା ଆଁହଜରତ ସ.ଅଙ୍କ ପ୍ରସଙ୍ଗ ରହିଛି ସେ ପଛେ ଅଲ୍ଲାଃତାଲାଙ୍କର ଅଧିକାର ସମ୍ପାଦନ କରିବା ପ୍ରସଙ୍ଗ ହେଉ ଅବା ଭକ୍ତମାନଙ୍କର ଅଧିକାର ସମ୍ପାଦନ କରିବା ପ୍ରସଙ୍ଗ ହେଉ ଆପଣ ସ.ଅ ଉଭୟ କ୍ଷେତ୍ରରେ ଏପରି ସର୍ବୋଚ୍ଚ ମର୍ଯ୍ୟାଦାର ଅଧିକାରୀ ଅଟନ୍ତି ଯେ, ସେହି ମର୍ଯ୍ୟାଦା ସଂପର୍କରେ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ ସାକ୍ଷ୍ୟ ପ୍ରଦାନ କରିଛନ୍ତି । ଅତଏବ୍ ଅଲ୍ଲାଃତାଲା ଆମମାନଙ୍କୁ କହିଲେ, ହେ ମୁସଲମାନ ଏବଂ ହେ ବିଶ୍ୱାସକାରୀମାନେ ! ଏହି ରସୁଲ୍ (ବାର୍ତ୍ତାବହ) ତୁମ୍ଭମାନଙ୍କ ନିମନ୍ତେ ଉତ୍ତମ ଆଦର୍ଶ ଅଟନ୍ତି । ତୁମ୍ଭମାନେ କେବଳ ସେହି ବାର୍ତ୍ତାବହଙ୍କ କଥା ଶୁଣ ନାହିଁ ବରଂ ତାହାଙ୍କ ଆଦାଶାବଳୀ ଉପରେ କାର୍ଯ୍ୟାନସୁରଣ କର । ବିଶ୍ୱାସ ଆଣିବା କେବଳ ଯଥେଷ୍ଟ ନୁହେଁ । ତୁମ୍ଭେମାନେ ଯେତେବେଳେ ତାହାଙ୍କ ଆଦେଶାବଳୀ ଉପରେ କାର୍ଯ୍ୟାନୁସରଣ କରିବ ତେବେ ନିଃସନ୍ଦେହ ରୂପେ ତୁମ୍ଭେମାନେ ସେହି ମର୍ଯ୍ୟାଦା ପ୍ରାପ୍ତ କରିବାକୁ ସକ୍ଷମ ହେବ ଯେଉଁ ଅଭିପ୍ରାୟ ସକାଶେ ଆମ୍ଭେ ଏହି ମହାବତାରଙ୍କୁ ପ୍ରେରଣ କରିଅଛୁ ।"

ଉପରୋକ୍ତ କଥା ଅଲ୍ଲାଃତାଲା ସ୍ୱୟଂ କହିଛନ୍ତି । ଅର୍ଥାତ ଆଁହଜରତ୍ ସ.ଅ ଆମ୍ଭମାନଙ୍କ ନିମନ୍ତେ ସର୍ବୋଚ୍ଚ ଆଦର୍ଶ ଅଟନ୍ତି । ତେଣୁ ଆମେମାନଙ୍କୁ ଆପଣ ସ.ଅଙ୍କ ଜୀବନକୁ ସେହି ମର୍ଯ୍ୟାଦା ପ୍ରଦାନ କରିବା ଉଚିତ୍ ଯେ, ଆମେମାନେ ଆପଣ ସ.ଅଙ୍କ ପ୍ରତ୍ୟେକ କଥାକୁ  କାର୍ଯ୍ୟକାରୀ କରିବୁ ଏବଂ ଆପଣ ସ.ଅଙ୍କ ପ୍ରତ୍ୟେକ କଥା ପବିତ୍ର କୁରଆନ୍ କରୀମ୍‌ର ଆଦେଶାବଳୀ ଉପରେ ଆଧାରିତ ଅଟେ ଏବଂ ଅଲ୍ଲାଃତାଲାଙ୍କ ତରଫରୁ ଉଦ୍ଦିଷ୍ଟ ଅଟେ । ତେଣୁ ଚରିତ୍ରର ଯେଉଁ ବୈଶିଷ୍ଟ୍ୟତା ମନୁଷ୍ୟ ମଧ୍ୟରେ ରହିଥାଏ ବା ରହିବା ଉଚିତ୍ କିମ୍ବା ଅଲ୍ଲାଃତାଲାଙ୍କର ଯେଉଁ ବୈଶିଷ୍ଟ୍ୟତା ରହିଛି ତାହାର ପ୍ରକୃତ ଉଦାହରଣ ଏବଂ ପ୍ରକୃତ ଆଦର୍ଶ ଆପଣ ସ.ଅ ହିଁ ଅଟନ୍ତି ।

ଅଲ୍ଲାଃତାଲାଙ୍କର ଯେଉଁ ଅଧିକାର ତଥା କର୍ତ୍ତବ୍ୟ ରହିଥିଲା ଅର୍ଥାତ୍ ଉପାସନାର ଅଧିକାର ରହିଥିଲା ତାହାକୁ ଆଁହଜରତ୍ ସ.ଅ କେବେ ବି ପାସୋରି (ଭୁଲି) ନଥିଲେ । ଉକ୍ତ କଥାଟି ଅତ୍ୟନ୍ତ ବଡ଼ କଥା ଓ ଗୁରୁତ୍ୱପୂର୍ଣ୍ଣ କଥା ଅଟେ । ସେହି ସମୟରେ ଅର୍ଥାତ୍ ଅଲ୍ଲାଃତାଲାଙ୍କ ଉପାସନା କରିବାରେ ଆଁହଜରତ ସ.ଅଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ କରିବାକୁ ପଡ଼ିଥିଲା । ଆପଣ ସ.ଅଙ୍କୁ ଯୁଦ୍ଧ ନିମନ୍ତେ ମଧ ଯିବାକୁ ପଡ଼ିଲା । ଶତ୍ରୁମାନେ ମଧେ ଆପଣ ସ.ଅଙ୍କ ଉପରେ ଆକ୍ରମଣ କଲେ । କିନ୍ତୁ ଅଲ୍ଲାଃତାଲାଙ୍କ ଉପାସନାର କର୍ତ୍ତବ୍ୟ ସମ୍ପାଦନ କରିବାରେ ଆପଣ ସ.ଅ କେବେ ହେଲେ କୌଣସି ତ୍ରୁଟି ଓ ଅବହେଳା ପ୍ରଦର୍ଶନ କରି ନାହାନ୍ତି ।

ଆଁହଜରତ ସ.ଅ କହିଲେ, ସର୍ବୋଚ୍ଚ ଉତ୍ତମ ଚରିତ୍ରବତ୍ତାର ଅନ୍ୟ ନାମ ପ୍ରବୃତ୍ତିଗତ ଶକ୍ତିକୁ ସଠିକ୍ ଭାବରେ ବିନିଯୋଗନ କରିବାକୁ ବୁଝାଏ । ପ୍ରବୃତ୍ତିଗତ ଶକ୍ତିକୁ ଦମନ କରିବା ମୂର୍ଖତା ଅଟେ । ସେହି ଶକ୍ତି ଅର୍ଥାତ୍ ପ୍ରବୃତ୍ତିଗତ ଶକ୍ତିକୁ ଯଦି ଅବୈଧ କାର୍ଯ୍ୟରେ ବିନିଯୋଗ କରାଯାଏ ତେବେ ତାହା ବ୍ୟଭିଚାର ଏବଂ ପାପ ଅଟେ ଓ ଯଦି ସେହି ପ୍ରବୃତ୍ତିଗତ ଶକ୍ତିକୁ ସଠିକ୍ ସ୍ଥାନରେ ଆମେ ବିନିଯୋଗ କରିବା ତେବେ ତାହା ପୁଣ୍ୟ ଅଟେ । ଏହା ହେଉଛି ଆପଣ ସ.ଅଙ୍କ ଶିକ୍ଷାର ସାରାଂଶ ଏବଂ ଏହା ହିଁ ଆଁହଜରତ ସ.ଅଙ୍କ ଜୀବନର ସାର ଅଟେ । ଏହି କାରଣରୁ ଅଲ୍ଲାଃତାଲା ଆମମାନଙ୍କୁ ଆଦେଶ ଦେଇଛନ୍ତି ଯେ, ତୁମେମାନେ ଆଦର୍ଶ ରୂପେ ଆଁହଜରତ୍ ସ.ଅଙ୍କ ଉତ୍ତମ ଚରିତ୍ର ଏବଂ ଆପଣ ସ.ଅଙ୍କ ସର୍ବୋଚ୍ଚ ଆଦର୍ଶକୁ ଆପଣାଅ (ଅନୁସରଣ କର) ।

ଆଁହଜରତ ସ.ଅଙ୍କ ଜୀବନରେ କେବେ ବି ଏପରି କୌଣସି ଅବସର ଆସି ନାହିଁ ଯେ, ଆପଣ ସ.ଅଙ୍କ ସମ୍ମୁଖରେ ଦୁଇଟି ମାର୍ଗ (ବିକଳ୍ପ) ଉନ୍ମୁକ୍ତ ଥିବ ଏବଂ ଆପଣ ସ.ଅ ସେହି ଉଭୟ ମାର୍ଗ (ବିକଳ୍ପ) ମଧ୍ୟରୁ ସହଜ ପଥ ଅବଲମ୍ବନ କରି ନଥିବେ । କିନ୍ତୁ ଯଦି ସହଜ ମାର୍ଗ (ପଥ) ଅବଲମ୍ବନ କରିବାରେ ଆପଣ ସ.ଅଙ୍କୁ ଯଦି ପାପର ସନ୍ଦେହ ଲାଗୁଥିଲା ତେବେ ସେପରିପ୍ରେକ୍ଷୀରେ ଆପଣ ସ.ଅ ସେହି ସହଜ ପଥକୁ ଅବଲମ୍ବନ କରୁ ନଥିଲେ ।

ଆପଣ ସ.ଅଙ୍କୁ ଯେତେବେଳେ ଅଲ୍ଲାଃତାଲା ସମ୍ରାଟତ୍ୱ ପ୍ରଦାନ କଲେ ସେତେବେଳେ ମଧ ଆପଣ ସ.ଅ ପ୍ରତ୍ୟେକ ବ୍ୟକ୍ତିର କଥାକୁ ଶୁଣୁଥିଲେ । ସେହିପରି ଯଦି କୌଣସି ବ୍ୟକ୍ତି ଆପଣ ସ.ଅଙ୍କ ପ୍ରତି କଠୋରତା ପ୍ରଦର୍ଶନ କରୁଥିଲା ତେବେ ସେପରିପ୍ରେକ୍ଷୀରେ ମଧ ଆପଣ ସ.ଅ ନିରବ ରହୁଥିଲେ ଏବଂ ଆପଣ ସ.ଅ କେବେ ବି କଠୋରତା ଓ କ୍ରୁରତାର ଉତ୍ତର କଠୋରତା ଏବଂ କ୍ରୁରତା ଦ୍ୱାରା ଦେଉ ନଥିଲେ । ଆଁହଜରତ୍ ସ.ଅଙ୍କ ସହିଷ୍ଣୁତାଭାବର ଏହି ଅବସ୍ଥା ଥିଲା ଯେ, ବେଳେବେଳେ ଆପଣ ସ.ଅ ଯେତେବେଳେ କୌଣସି କାର୍ଯ୍ୟ ନିମନ୍ତେ ବାହାରକୁ ବାହାରୁଥିଲେ ସେତେବେଳେ କେତେକ ଲୋକମାନେ ଆପଣ ସ.ଅଙ୍କର ମାର୍ଗକୁ ଅଟକାଇ ଛିଡ଼ା ହୋଇଯାଉଥିଲେ ଏବଂ ନିଜର ଅବଶ୍ୟକତା ଓ ଅଭାବ ସଂପର୍କରେ କହିବା ଆରମ୍ଭ କରି ଦେଉଥିଲେ । ଯେତେବେଳ ପର୍ଯ୍ୟନ୍ତ ସେମାନେ ନିଜର ନୈବେଦ୍ୟ ଓ ଗୁହାରି ଆପଣ ସ.ଅଙ୍କ ସମ୍ମୁଖରେ ଉପସ୍ଥାପିତ କରି ଦେଉ ନଥିଲେ ସେପର୍ଯ୍ୟନ୍ତ ଆପଣ ସ.ଅ ଛିଡ଼ା ହୋଇ ସେମାନଙ୍କର ସମସ୍ୟା ଓ ଅସୁବିଧାକୁ ଶୁଣୁଥିଲେ ।

ଉପାସନା ଏବଂ ଉତ୍ତମ ଚରିତ୍ରବତ୍ତାର ପୃଷ୍ଠଭୂମିରେ ଆଁହଜରତ ସ.ଅଙ୍କ ଜୀବନୀର ପବିତ୍ର ହୃଦୟାସନ୍ନିତ ଚର୍ଚ୍ଚା ।

ୟୁ.କେର ମୁବଲ୍ଲିଗ୍ ସିଲସିଲା ଶ୍ରୀଯୁକ୍ତ ଲଇକ୍ ଅହମଦ ତାହିର୍ ସେହେବ ଏବଂ ମାଲିର ସିଗୋ ଅଞ୍ଚଳର  ନାଏବ୍ ସଦର୍ ଶ୍ରୀଯୁକ୍ତ ସିଗା ଜାଲୋ ସାହେବଙ୍କର ବିୟୋଗ, ମୃତକ ଦ୍ୱୟଙ୍କର ଉତ୍ତମ ଚର୍ଚ୍ଚା ଓ ନମାଜ ଯନାଜାଃ ଗାଏବ୍ ।

19 December 2025 ମସିହା ଅନୁଯାୟୀ ୧୯ ନବୁଓତ୍ ୧୪୦୪ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ୍ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ୍ (ସରେ) ୟୁ.କେ।

ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعٰلَمِيْنَ۔ الرَّحْمٰنِ الرَّحِيْمِ۔ مٰلِكِ يَوْمِ الدِّيْنِ۔ إِيَّاكَ نَعْبُدُ وَإِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ أَنْعَمْتَ عَلَيْهِمْ۔ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ ନିମ୍ନୋକ୍ତ ଆୟତ୍ ଆବୃତ୍ତି କଲେ لَقَدْ كَانَ لَكُمْ فِي رَسُولِ اللَّهِ أُسْوَةٌ حَسَنَةٌ لِّمَن كَانَ يَرْجُوا اللَّهَ وَالْيَوْمَ الْآخِرَ وَذَكَرَ اللَّهَ كَثِيرًا **(ଅଲ୍ ଅହଜାବ୍: 22) ଅନୁବାଦ୍:** ତୁମମାନଙ୍କ ସକାଶେ ଅର୍ଥାତ୍ ସେହି ଲୋକମାନଙ୍କ ସକାଶେ ଯେଉଁମାନେ ଅଲ୍ଲାଃତାଲା ଓ ଅନ୍ତିମ ଦିବସର ସାକ୍ଷାଓତ୍ ବିଷୟରେ ଆଶା ପୋଷଣ କରନ୍ତି ଓ ଅଲ୍ଲାଃଙ୍କୁ ବହୁତ ସ୍ମରଣ କରନ୍ତି, ଅଲ୍ଲାଃଙ୍କ ରସୁଲଙ୍କ ଠାରେ ଉତ୍ତମ ଚରିତ୍ରର ଏକ ଉଚ୍ଚ ଆଦର୍ଶ ରହିଅଛି ଯାହାକୁ ଅନୁସରଣ କରିବା ସେମାନଙ୍କ ପକ୍ଷରେ ଉଚିତ୍ ।

ହୁଜୁର୍ ଅନ୍ୱର୍ ଅ.ବ କହିଲେ କହିଲେ, କେହି ହ. ଆଏଶା ର.ଅଙ୍କୁ ପଚାରିଲା ଯେ, ହେ ଆଏଶା ! ଆପଣ ଆଁହଜରତ ସ.ଅଙ୍କ ସର୍ବୋଚ୍ଚ ଉତ୍ତମ ଚରିତ୍ରବତ୍ତା ଏବଂ ଆପଣ ସ.ଅଙ୍କ ସର୍ବୋଚ୍ଚ ଆଦର୍ଶ ସଂପର୍କରେ କିଛି କୁହନ୍ତୁ ? ତେବେ ପ୍ରତ୍ୟୁତ୍ତରରେ ହ. ଆଏଶା ର.ଅ ଉତ୍ତର ଦେଲେ: "ବସ୍ ! କ'ଣ ତୁମେ ପବିତ୍ର କୁରଆନ୍ କରୀମ୍ ପାଠ କରି ନାହଁ କି ? ପବିତ୍ର କୁରଆନ୍ କରୀମ୍‌ରେ ତ' ଅଲ୍ଲାଃତାଲା ସ୍ୱୟଂ ଆପଣ ସ.ଅଙ୍କ ଆଦର୍ଶ ସଂକ୍ରାନ୍ତରେ ସାକ୍ଷ୍ୟ ପ୍ରଦାନ କରିଛନ୍ତି । ଯେପରିକି ଅଲ୍ଲାଃତାଲା କୁହନ୍ତି: "وَإِنَّكَ لَعَلَىٰ خُلُقٍ عَظِيمٍ **(ଅଲ୍ କଲମ୍:5)**ଅର୍ଥାତ୍ ନିଃସନ୍ଦେହ ରୂପେ ଆମ୍ଭେ (ଅଲ୍ଲାଃତାଲା) ଶପଥପୂର୍ବକ କହୁଅଛୁ କି ନିଜ ଶିକ୍ଷା ଓ କର୍ମ ଦୃଷ୍ଟିରୁ ତୁମ୍ଭେ ଉନ୍ନତ ମାନର ଚରିତ୍ର ଉପରେ ପ୍ରତିଷ୍ଠିତ ଅଛ ।" **(ମସ୍‌ନଦ୍ ଅହମଦ୍ ବିନ୍ ହମ୍ବଲ୍, ଗ୍ରନ୍ଥଖଣ୍ଡ-8, ପୃ-144-145, ମସ୍‌ନଦ୍ ଆଏଶା ର.ଅ, ଆଲିମୁଲ୍ କୁତୁବ୍, ବୈରୁତ୍)**

ହୁଜୁର ଅନ୍ୱର୍ ଅ.ବ କହିଲେ, ଯେଉଁମାନେ କୌଣସି ବସ୍ତୁ ତଥା ପ୍ରସଙ୍ଗର ସର୍ବୋଚ୍ଚ ଆସନରେ ଆସୀନ ହୋଇଥାଆନ୍ତି ସେହିମାନେ ହିଁ ପର ପାଇଁ ଆଦର୍ଶ ଓ ଉଦାହରଣ ସାଜି ଥାଆନ୍ତି । ଯେଉଁଠି ଆଁହଜରତ ସ.ଅଙ୍କ ସଂପର୍କ ତଥା ଆଁହଜରତ ସ.ଅଙ୍କ ପ୍ରସଙ୍ଗ ରହିଛି ସେ ପଛେ ଅଲ୍ଲାଃତାଲାଙ୍କର ଅଧିକାର ସମ୍ପାଦନ କରିବା ପ୍ରସଙ୍ଗ ହେଉ ଅବା ଭକ୍ତମାନଙ୍କର ଅଧିକାର ସମ୍ପାଦନ କରିବା ପ୍ରସଙ୍ଗ ହେଉ ଆପଣ ସ.ଅ ଉଭୟ କ୍ଷେତ୍ରରେ ଏପରି ସର୍ବୋଚ୍ଚ ମର୍ଯ୍ୟାଦାର ଅଧିକାରୀ ଅଟନ୍ତି ଯେ, ସେହି ମର୍ଯ୍ୟାଦା ସଂପର୍କରେ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ ସାକ୍ଷ୍ୟ ପ୍ରଦାନ କରିଛନ୍ତି । ଅତଏବ୍ ଅଲ୍ଲାଃତାଲା ଆମମାନଙ୍କୁ କହିଲେ, ହେ ମୁସଲମାନ ଏବଂ ହେ ବିଶ୍ୱାସକାରୀମାନେ ! ଏହି ରସୁଲ୍ (ବାର୍ତ୍ତାବହ) ତୁମ୍ଭମାନଙ୍କ ନିମନ୍ତେ ଉତ୍ତମ ଆଦର୍ଶ ଅଟନ୍ତି । ତୁମ୍ଭମାନେ କେବଳ ସେହି ବାର୍ତ୍ତାବହଙ୍କ କଥା ଶୁଣ ନାହିଁ ବରଂ ତାହାଙ୍କ ଆଦାଶାବଳୀ ଉପରେ କାର୍ଯ୍ୟାନସୁରଣ ମଧ୍ୟ କର । ବିଶ୍ୱାସ ଆଣିବା କେବଳ ଯଥେଷ୍ଟ ନୁହେଁ । ତୁମ୍ଭେମାନେ ଯେତେବେଳେ ତାହାଙ୍କ ଆଦେଶାବଳୀ ଉପରେ କାର୍ଯ୍ୟାନୁସରଣ କରିବ ତେବେ ନିଃସନ୍ଦେହ ରୂପେ ତୁମ୍ଭେମାନେ ସେହି ମର୍ଯ୍ୟାଦା ପ୍ରାପ୍ତ କରିବାକୁ ସକ୍ଷମ ହେବ ଯେଉଁ ଅଭିପ୍ରାୟ ସକାଶେ ଆମ୍ଭେ ଏହି ମହାବତାରଙ୍କୁ ପ୍ରେରଣ କରିଅଛୁ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଅତଏବ୍ ଏହା ହେଉଛି ପ୍ରତ୍ୟେକ ମୁସଲମାନ ବ୍ୟକ୍ତି ଓ ବିଶ୍ୱାସକାରୀ ବ୍ୟକ୍ତିର ଦାୟିତ୍ୱ । ସଂସାରରେ ଏପରି ଲୋକମାନେ ମଧ୍ୟ ଅଛନ୍ତି ଯେଁଉମାନେ କିଛି ଭଲ କଥା କହି ଦିଅନ୍ତି କିମ୍ବା ଏପରି କୌଣସି କାର୍ଯ୍ୟ କରି ନେଇଥାଆନ୍ତି ଯେ, ସେମାନେ ସେହି କାର୍ଯ୍ୟ ଯୋଗୁଁ ପ୍ରସିଦ୍ଧି ଅର୍ଜନ କରି ନିଅନ୍ତି ଏବଂ ସେମାନଙ୍କର ନାମ ଏବଂ ଖ୍ୟାତି (ଯଶ) କ୍ରମଶଃ ବୃଦ୍ଧି ପାଇଥାଏ । ସେହି ଲୋକମାନଙ୍କୁ ପୁରସ୍କୃତ ମଧ୍ୟ କରାଯାଇଥାଏ । କାହାକୁ ନୋବେଲ୍ ପୁରସ୍କାର ମିଳୁଛି ତ' ଆଉ କାହାକୁ ଅନ୍ୟ ପୁରସ୍କାରେ ପ୍ରାପ୍ତ ହୋଇଥାଏ । କିନ୍ତୁ ଏହିସବୁ ପୁରସ୍କାର କୌଣସି କମିଟି କିମ୍ବା ସରକାରଙ୍କ ପକ୍ଷରୁ ହିଁ ମିଳିଥାଏ । ଏହି ପୁରୁସ୍କାର ପ୍ରଦାନକାରୀ କମିଟି, ସଂଗଠନ, ସରକାର ଗବେଷକ, ବୈଜ୍ଞାନିକ, ସାହିତ୍ୟିକମାନଙ୍କ ନାନା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଯୋଗୁଁ ସେହି ଲୋକମାନଙ୍କୁ ପୁରସ୍କୃତ କରିବା ନିମନ୍ତେ ନିୟୋଜିତ ହୋଇଥାଆନ୍ତି । କିନ୍ତୁ ଏପରି କେବେ ବି ହୋଇ ନାହିଁ ଯେ, ସମଗ୍ର ଜାତି ଏପରି କୌଣସି କଥା କହିଥିବ ଯାହାକି ସର୍ବ ସମ୍ମତ ହୋଇଥିବ ।

ହୁଜୁର ଅନୱର୍ ଅ.ବ କହିଲେ, ପ୍ରକୃତ ପୁରସ୍କାର ଆଁହଜରତ ସ.ଅଙ୍କୁ ଅବତାରତ୍ୱ ଯୁବାବସ୍ଥାର ପ୍ରାରମ୍ଭରେ ହିଁ ପ୍ରାପ୍ତ ହୋଇଥିଲା । ଅର୍ଥାତ୍ ଲୋକମାନେ ଆପଣ ସ.ଅଙ୍କୁ ସତ୍ୟବାଦୀ ଓ ବିଶ୍ୱସ୍ତ ଆଖ୍ୟା ପ୍ରଦାନ କରି ଦେଇଥିଲେ । **(ଅସ୍ ସିରତୁନ୍ ନବୱିୟାହ୍, ଲିଇବ୍‌ନି ହିଶ୍ଶାମ୍, ପୃ-155, ହଦିସ୍-ବୁନିୟାନିଲ୍ କାଆବତା ୱ ହୁକମୁ ରସୁଲୁଲ୍ଲାଃ ସ.ଅ ବୈନା କୁରୈଶ.....ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍) (ସହିହୁଲ୍ ବୁଖାରୀ, କିତାବୁତ୍ ତଫ୍‌ସିରି, ତଫ୍‌ସିର୍-ସୁରତୁଲ୍ ଲହବ୍, ତବ୍‌ବତ୍ ୟଦା ଅବି ଲହବିନ୍, ବାବ୍-କୌଲୁହୁ: ୱତବ୍‌ବ....ଶେଷ, ହଦିସ୍ ନଂ-4972)**

ହୁଜୁର ଅନ୍ୱର୍ ଅ.ବ କହିଲେ, ଅର୍ଥାତ୍ ଆପଣ ସ.ଅଙ୍କୁ କୌଣସି ପୁରସ୍କାରର ଆବଶ୍ୟକତା ନଥିଲାଏ । କିନ୍ତୁ ଲୋକମାନଙ୍କ ଦୃଷ୍ଟିରେ ଆପଣ ସ.ଅ ସେହି ମର୍ଯ୍ୟାଦା ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲେ ଯେ, ସେହି ମର୍ଯ୍ୟାଦା ପର୍ଯ୍ୟନ୍ତ ପହଞ୍ଚିବାକୁ କେହି ବି ଦୁଃସାହସ କରିପାରିବ ନାହିଁ ଓ ଆପଣ ସ.ଅଙ୍କ ସହିତ ମୁକାବିଲା କରି ପାରିବ ନାହିଁ । ସଂପୂର୍ଣ୍ଣ ଜାତି ଆପଣ ସ.ଅଙ୍କୁ ଅମିନ୍ ଓ ସୁଦ୍ଧୁକ୍‌ର (ସତ୍ୟବାଦୀ, ବିଶ୍ୱସ୍ତର) ଉପାଧି ପ୍ରଦାନ କରିଥିଲା । ସୁତରାଂ ଏ ହେଉଛି ସେହି ମର୍ଯ୍ୟଦା ଯେଉଁ ମର୍ଯ୍ୟାଦା ଆଁହଜରତ୍ ସ.ଅଙ୍କ ନିମନ୍ତେ ଉଦ୍ଦିଷ୍ଟ ଥିଲା । ଆଁହଜରତ୍ ସ.ଅ ସ୍ୱୟଂ ମଧ୍ୟ କହିଲେ, ହେ ଲୋକମାନେ ! ତୁମେମାନେ ମୋ ଦ୍ୱାରା ପ୍ରଣୀତ ପ୍ରଥାକୁ ଅନୁସରଣ କର ଓ ମୋ ଦ୍ୱାରା କାର୍ଯ୍ୟାନୁସରଣ ମାର୍ଗ ଉପରେ ପରିଚାଳିଚତ ହୁଅଏ । **(ସୁନନ୍ ଅବୁ ଦାଉଦ୍, କିତାବୁସ୍ ସିନତୁ, ବାବ୍-ଫି ଲୁଜୁମିସ୍ ସିନତୁ, ହଦିସ୍ ନଂ-4607)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ କହିଲେ, ଆଁହଜରତ ସ.ଅ ନିଜର ସାହାବାମାନଙ୍କୁ କହିଲେ, ହେ ସାହାବାମାନେ ଅଲ୍ଲାଃତାଲା ମୋତେ ତୁମମାନଙ୍କର ସଂସ୍କାର ନିମନ୍ତେ ପ୍ରେରଣ କରିଛନ୍ତି । ସେହିପରି ଆପଣ ସ.ଅ କୁହନ୍ତି: " ହେ ମୁସଲମାନମାନେ ! ଅଲ୍ଲାଃତାଲା ମୋତେ ଉତ୍ତମ ଚରିତ୍ରବତ୍ତା ସଂପୂର୍ଣ୍ଣ କରିବା ନିମନ୍ତେ ପ୍ରେରଣ କରିଛନ୍ତି।" **(ଅସ୍ ସୁନନୁଲ୍ କୁବ୍ରା ଲିଲ୍‌ବହିକି, ଗ୍ରନ୍ଥଖଣ୍ଡ-10, ପୃ-318, କିତାବୁସ୍ ଶାହାଦାତୁ/ଜମାଉ ଅବ୍‌ୱାବା ମିନ୍ ତୟ୍‌ୱିଜି ଶାହାଦତା ୱମନ୍ ଲା ତଯୁଜୁ, ବାବ୍-ବୟାନୁ ମକାରିମିଲ୍ ଅଖ୍‌ଲାକି ୱ ମାଆଲିହା....ହଦିସ୍ ନଂ-21379, ମକ୍‌ତବତୁର୍ ରୁଶଦି- ଅର୍ ରିୟାଜ୍)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଅତଏବ୍ ଚାରିତ୍ରକ ସେହି ବ୍ୟକ୍ତି ସଂପୂର୍ଣ୍ଣ ଓ ଚରିତାର୍ଥ କରିଥାଏ ଯିଏ ଉପରୋକ୍ତରେ ବର୍ଣ୍ଣିତ ବିଶେଷ ଗୁଣାବଳୀର ଅଧିକାରୀ ହୋଇଥାଏ ଏବଂ ସେହି ବ୍ୟକ୍ତି ମଧ୍ୟରେ ଏହିସବୁ ସୁଗୁଣାବଳୀଗୁଡ଼ିକ ଦେଖିବାକୁ ମିଳିଥାଏ । ଉପରୋକ୍ତ କଥା ଅଲ୍ଲାଃତାଲା ସ୍ୱୟଂ କହିଛନ୍ତି । ଅର୍ଥାତ ଆଁହଜରତ୍ ସ.ଅ ଆମ୍ଭମାନଙ୍କ ନିମନ୍ତେ ସର୍ବୋଚ୍ଚ ଆଦର୍ଶ ଅଟନ୍ତି । ତେଣୁ ଆମେମାନଙ୍କୁ ଆପଣ ସ.ଅଙ୍କ ଜୀବନକୁ ସେହି ମର୍ଯ୍ୟାଦା ପ୍ରଦାନ କରିବା ଉଚିତ୍ ଯେ, ଆମେମାନେ ଆପଣ ସ.ଅଙ୍କ ପ୍ରତ୍ୟେକ କଥାକୁ କାର୍ଯ୍ୟକାରୀ କରିବୁ ଏବଂ ଆପଣ ସ.ଅଙ୍କ ପ୍ରତ୍ୟେକ କଥା ପବିତ୍ର କୁରଆନ୍ କରୀମ୍‌ର ଆଦେଶାବଳୀ ଉପରେ ପର୍ଯ୍ୟେବେସିତ (ଆଧାରିତ) ଅଟେ ଏବଂ ଅଲ୍ଲାଃତାଲାଙ୍କ ତରଫରୁ ଉଦ୍ଦିଷ୍ଟ ଅଟେ । ତେଣୁ ଚରିତ୍ରର ଯେଉଁ ବୈଶିଷ୍ଟ୍ୟତା ମନୁଷ୍ୟ ମଧ୍ୟରେ ରହିଥାଏ ବା ରହିବା ଉଚିତ୍ କିମ୍ବା ଅଲ୍ଲାଃତାଲାଙ୍କର ଯେଉଁ ବୈଶିଷ୍ଟ୍ୟତା ରହିଛି ତାହାର ପ୍ରକୃତ ଉଦାହରଣ ଏବଂ ପ୍ରକୃତ ଆଦର୍ଶ ଆପଣ ସ.ଅ ହିଁ ଅଟନ୍ତି ।

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ହ. ଖଲିଫତୁଲ୍ ମସିହ୍ ସାନି ର.ଅ ମଧ୍ୟ ଦିବାଚା ତଫ୍‌ସିରୁଲ୍ କୁର୍‌ଆନ୍‌ରେ ଆପଣ ସ.ଅଙ୍କ ଚରିତ୍ର ସଂପର୍କରେ ଆପଣ ସ.ଅଙ୍କ ଜୀବନୀ ସଂପର୍କରେ କେତେକ କଥା ଉପସ୍ଥାପିତ କରିଛନ୍ତି ଏବଂ ଆମମାନଙ୍କର ଜୀବନୀ ପୁସ୍ତକମାନଙ୍କରେ ମଧ୍ୟ ତତ୍‌ସଂକ୍ରାନ୍ତୀୟ ଚର୍ଚ୍ଚା ଉଲ୍ଲିଖିତ ଓ ବିଦ୍ୟମାନ ରହିଛି । ସେହି ଚରିତ୍ରର କିଛି ଭାଗ ଏଠାରେ ମୁଁ ଆଜି ଖୁତ୍‌ବାରେ ସଂକ୍ଷିପ୍ତ ବର୍ଣ୍ଣନା କରିଦେଉଛି । ଭବିଷ୍ୟତରେ ଯେତେବେଳେ ବି ସୁଯୋଗ ମିଳିବ ସେତେବେଳେ ସେହିସବୁର ସବିଶେଷ ବିବରଣୀ ମଧ୍ୟ ମୁଁ ବର୍ଣ୍ଣନା କରି ଚାଲିବି । ହୁଜୁର୍ ଅନ୍ୱର୍ ଅ.ବ କହିଲେ, ପ୍ରଥମ କଥା ହେଲା ଅଲ୍ଲାଃତାଲାଙ୍କ ଅଧିକାର । ଅର୍ଥାତ୍ ଅଲ୍ଲାଃତାଲାଙ୍କ କର୍ତ୍ତବ୍ୟ ବା ଅଧିକାର ସମ୍ପାଦନ କରିବା । ତହିଁରେ ଆମମାନଙ୍କୁ ଆଁହଜରତ ସ.ଅଙ୍କ କି ଆଦର୍ଶ ଦୃଶ୍ୟମାନ ହେଉଛି ! ଆମେମାନେ ଦେଖୁ ଯେ, ରସୁଲ୍ କରୀମ୍ ସ.ଅଙ୍କ ସମଗ୍ର ଜୀବନ ଈଶ୍ୱର ପ୍ରେମରେ ନିମଜ୍ଜିତ ଓ ନିମଗ୍ନ ଥିବା ସତ୍ତ୍ୱେ ମଧ୍ୟ ଆପଣ ସ.ଅଙ୍କ ଉପରେ ବହୁତ ବଡ଼ ଗୁରୁ ଦାୟିତ୍ୱ ନ୍ୟସ୍ତ ଥିଲା । ନୂତନ ଧର୍ମବିଧାନକୁ ପ୍ରଣୟନ କରିବାର ଥିଲା ଏବଂ ଲୋକମାନଙ୍କର ସଂସ୍କାର କରିବାର ଥିଲା । ଯେପରିକି ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କହିଲେ, "ଆଁହଜରତ୍ ସ.ଅ ଆସି ମୂର୍ଖ ବ୍ୟକ୍ତିମାନଙ୍କୁ ଶିକ୍ଷିତ ମନୁଷ୍ୟରେ ପରିଣତ କଲେ । ପୁନଶ୍ଚ ଆପଣ ସ.ଅ ଶିକ୍ଷିତ ବ୍ୟକ୍ତିରୁ ସେମାନଙ୍କୁ ଈଶ୍ୱରପରାୟଣ ବ୍ୟକ୍ତି ରୂପେ ଗଢି ତୋଳିଲେ ।"

**(ଲେକଚର୍ ସିୟାଲକୋଟ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-20, ପୃ-206)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଆଁହଜରତ ସ.ଅଙ୍କ ଉପରେ ଅଲ୍ଲାଃତାଲା ଯେଉଁ ଗୁରୁ ଦାୟିତ୍ୱ ନ୍ୟସ୍ତ କରିଥିଲେ ତାହା ଥିଲା ଅଲ୍ଲାଃତାଲାଙ୍କ ଉପାସନାର ଅଧିକାର ତଥା କର୍ତ୍ତବ୍ୟ ସମ୍ପାଦନ କରିବା । ତେଣୁ ଉପାସନାର ଅଧିକାରକୁ ଆଁହଜରତ ସ.ଅ କେବେ ବି ପାସୋରି (ଭୁଲି) ନଥିଲେ । ଉକ୍ତ କଥାଟି ଅତ୍ୟନ୍ତ ବଡ଼ କଥା ଓ ଗୁରୁତ୍ୱପୂର୍ଣ୍ଣ କଥା ଅଟେ । ସେହି ସମୟରେ ଅର୍ଥାତ୍ ଅଲ୍ଲାଃତାଲାଙ୍କ ଉପାସନା କରିବାରେ ଆଁହଜରତ ସ.ଅଙ୍କୁ ନାନା ସମସ୍ୟାର ସମ୍ମୁଖୀନ କରିବାକୁ ପଡ଼ିଥିଲା । ଆପଣ ସ.ଅଙ୍କୁ ଯୁଦ୍ଧ ନିମନ୍ତେ ମଧ୍ୟ ଯିବାକୁ ପଡ଼ିଥିଲା । ଶତ୍ରୁମାନେ ମଧ୍ୟ ଆପଣ ସ.ଅଙ୍କ ଉପରେ ଆକ୍ରମଣ

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"

(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

କଲେ । କିନ୍ତୁ ଅଲ୍ଲାଃତାଲାଙ୍କ ଉପାସନାର କର୍ତ୍ତବ୍ୟ ସମ୍ପାଦନ କରିବାରେ ଆପଣ ସ.ଅ କେବେ ହେଲେ କୌଣସି ତ୍ରୁଟି ଓ ଅବହେଳା ପ୍ରଦର୍ଶନ କରି ନାହାନ୍ତି ।

ହୁଜୁର୍ ଅନୱର୍ ଅ.ବ କହିଲେ, ଅତଏବ୍ ଏହା ହେଉଛି ସେହି ଆଦର୍ଶ ଯେଉଁ ଆଦର୍ଶ ଆପଣମାନଙ୍କ ସମ୍ମୁଖରେ ମଧ୍ୟରେ ରହିଛି ଯେ, ଆମେମାନେ ପ୍ରତ୍ୟେକ ଅବସ୍ଥାରେ ଅଲ୍ଲାଃତାଲାଙ୍କୁ ନିଜ ସମ୍ମୁଖରେ ରଖିବୁ । ତେଣୁ ଆମେମାନେ ଯେତେବେଳେ ଅଲ୍ଲାଃତାଲାଙ୍କୁ ନିଜର ଦୃଷ୍ଟି ସମ୍ମୁଖରେ ରଖିବୁ ସେତେବେଳେ ଆମମାନଙ୍କର ନାନା ସମସ୍ୟା ମଧ୍ୟ ସ୍ୱତଃସ୍ଫୁର୍ତ ଭାବରେ ସମାଧାନ ହୋଇ ଚାଲିବ । ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଲୋକମାନେ ମୋତେ କୁହନ୍ତି ଯେ, ଆମମାନଙ୍କର ଅମକ ସମସ୍ୟା ରହିଛି ସମକ ସମସ୍ୟା ରହିଛି । ସେହି ଲୋକମାନେ ମୋତେ କୁହନ୍ତି ଯେ, ହୁଜୁର୍! ଆମେମାନେ ଏହିପରି ଦୁଆ କଲୁ, ସେପରି ଦୁଆ କଲୁ, ନିଜର ସମସ୍ୟା ନିମନ୍ତେ ଦୁଆ କରିଥାଉ । କିନ୍ତୁ ଆମେମାନେ ଅଲ୍ଲାଃତାଲାଙ୍କ କର୍ତ୍ତବ୍ୟ ସମ୍ପାଦନ କରୁ ନାହୁଁ, ସେଇଥି ପାଇଁ ଅଲ୍ଲାଃତାଲା ସେମାନଙ୍କୁ ବଞ୍ଚିତ କରି ଦେଇଥାଆନ୍ତି । ଅଲ୍ଲାଃତାଲା କୁହନ୍ତି: "ହେ ଭକ୍ତମାନେ ! ତୁମେମାନେ ମୋର କର୍ତ୍ତବ୍ୟ ସମ୍ପାଦନ କର ।"

ହୁଜୁର୍ ଅନ୍ୱର୍ ଅ.ବ କହିଲେ, "ଆଁହଜରତ୍ ସ.ଅଙ୍କ ଉପାସନାର ସ୍ତର କ'ଣ ଥିଲା? ଏହାର ଉତ୍ତରରେ ହୁଜୁର ଅନ୍ୱର୍ ଅ.ବ କହିଲେ, ଆଁହଜରତ୍ ସ.ଅଙ୍କ ଉପାସନାର ସ୍ତର ଏପରି ଥିଲା ଯେ, ଆପଣ ସ.ଅ ଅର୍ଦ୍ଧ ରାତ୍ରରେ ଅଲ୍ଲାଃତାଲାଙ୍କ ଉପାସନା କରିବା ନିମନ୍ତେ ଛିଡ଼ା ହୋଇ ଯାଉଥିଲେ ଏବଂ ପ୍ରଭୁ ମଧ୍ୟ ଏହାର ସାକ୍ଷ୍ୟ ପ୍ରଦାନ କରିଛନ୍ତି। ହ. ଆଏଶା ର.ଅ ମଧ୍ୟ ବର୍ଣ୍ଣନା କରନ୍ତି ଯେ, ଏକଦା ଯେତେବେଳେ ଆଁହଜରତ୍ ସ.ଅ ଅଲ୍ଲାଃତାଲାଙ୍କ ଉପାସନା ନିମନ୍ତେ ଛିଡ଼ା ହୋଇଥିଲେ ସେତେବେଳେ ମୁଁ ଆପଣ ସ.ଅଙ୍କୁ କହିଲି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ତ' ଅଲ୍ଲାଃତାଲାଙ୍କର ସାମୀପ୍ୟତା ଅର୍ଜନକାରୀ ବ୍ୟକ୍ତି ହୋଇ ସାରିଛନ୍ତି, ଆପଣ ସ.ଅ ତ' ଅଲ୍ଲାଃତାଲାଙ୍କର ପ୍ରିୟାବତାର ହୋଇ ସାରିଛନ୍ତି । ତେଣୁ ଆପଣ ସ.ଅ ନିଜର ଆତ୍ମାକୁ କାହିଁକି ଏତେ କଷ୍ଟରେ ପକାଉଛନ୍ତି ଓ ରାତ୍ରର ଅଧିକାଂଶ ଭାଗ ଆପଣ ଉପାସନାରେ ଅତିବାହିତ କରି ଦେଉଛନ୍ତି ଓ ଆପଣ ସ.ଅ ଅଲ୍ଲାଃତାଲାଙ୍କ ନିକଟରେ କାହିଁକି ଏତେ କାକୁତି ମିନତୀ ହେଉଛନ୍ତି ? ପ୍ରତ୍ୟୁତ୍ତରରେ ଆପଣ ସ.ଅ କହିଲେ, ହେ ଆଏଶା ! أَفَلَا أَكُونُ عَبْدًا شَكُورًا ଅର୍ଥାତ୍ କ'ଣ ମୁଁ ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନକାରୀ ଭକ୍ତ ହେବି ନାହିଁ ।"**(ଦିବାଚା ତଫ୍‌ସିରୁଲ୍ କୁରଆନ୍, ଅନ୍‌ୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-20, ପୃ-382ରୁ ଉଦ୍ଧୃତ)**

ଏକଥା ସତ୍ୟ ଯେ, ମୁଁ ଈଶ୍ୱରଙ୍କ ନିକଟବର୍ତ୍ତୀ ଓ ପ୍ରିୟ ଭକ୍ତ ଅଟେ ଏବଂ ଈଶ୍ୱର ନିଜର କୃପା ମୋ ଉପରେ ଅବତୀର୍ଣ୍ଣ କରି ମୋତେ ଏହି ସାମୀପ୍ୟତା ପ୍ରଦାନ କରିଛନ୍ତି। ତେଣୁ କ'ଣ ମୋର ଏହି କର୍ତ୍ତବ୍ୟ ନୁହେଁ ଯେ, ମୁଁ ଯଥାସାଧ୍ୟ ତାହାଙ୍କ କୃତଜ୍ଞତା ଜ୍ଞାପନ କରିବି ? କାରଣ କୃତଜ୍ଞତା ଉପକାର ବଦଳରେ ହିଁ କରାଯାଇଥାଏ। ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଆପଣମାନେ ଦେଖନ୍ତୁ ଯେ, ଅଲ୍ଲାଃତାଲା ଆପଣ ସ.ଅଙ୍କ ଉପରେ କୃପା କରିଥିଲେ ଯେ, ସେ ଆପଣ ସ.ଅଙ୍କୁ ଶେଷ ଧର୍ମବୈଧାନିକ ଅବତାର କଲେ । ଆପଣ ସ.ଅଙ୍କ ଉପରେ ହିଁ ଧର୍ମଗ୍ରନ୍ଥ ପବିତ୍ର କୁରଆନ୍ କରୀମ୍‌କୁ ସଂପୂର୍ଣ୍ଣ କଲେ । ଧର୍ମବିଧାନକୁ ସଂପୂର୍ଣ୍ଣ କଲେ । ଫଳତଃ ଆପଣ ସ.ଅ ଏହା କହିଲେ, ହେ ଆଏଶା ! କ'ଣ ମୁଁ ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନକାରୀ ଭକ୍ତ ହେବି ନାହିଁ । ନିଜର ଅବସ୍ଥାନୁଯାୟୀ ପ୍ରତ୍ୟେକ ମନୁଷ୍ୟ ଉପରେ ଅଲ୍ଲାଃତାଲା ଅସଂଖ୍ୟ କୃପାବତୀର୍ଣ୍ଣ କରିଛନ୍ତି ଏବଂ ସେହି କୃତଜ୍ଞତାର କର୍ତ୍ତବ୍ୟ ଏହିକି ଯେ, ଆମେମାନେ ନିଜର ଉପାସନାର ସ୍ତରକୁ ବୃଦ୍ଧି କରିବା ଉଚିତ୍ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଲୋକମାନେ ମୋତେ ପ୍ରଶ୍ନ କରନ୍ତି, ଯୁବକମାନେ ମଧ୍ୟ ଆସନ୍ତି ଏବଂ ମୋତେ ପଚାରନ୍ତି ଯେ, ହୁଜୁର୍ ! ଆମେମାନେ ଅଲ୍ଲାଃତାଲାଙ୍କର ଉପାସନା କିପରି କରିବୁ ? ଅଲ୍ଲାଃତାଲାଙ୍କୁ ଆମମାନଙ୍କର ଉପାସନାର କ'ଣ ଆବଶ୍ୟକତା ରହିଛି ? ତେଣୁ ଏହି ପ୍ରଶ୍ନ ମଧ୍ୟ ଉତ୍ଥାପିତ ହୋଇଥାଏ । ଆଜିକାଲିର ସଂସାରରୁ ପ୍ରଭାବିତ ହୋଇ ଛୋଟ ପିଲାମାନେ ମଧ୍ୟ ଏହି ପ୍ରଶ୍ନ କରିଥାଆନ୍ତି। ସେମାନଙ୍କୁ ମୋର ଏହି ( ମୁଁ ଏତିକି ହିଁ କହିବି) ଉତ୍ତର ଯେ, ଅଲ୍ଲାଃତାଲାଙ୍କୁ ତୁମମାନଙ୍କ ଉପାସନାର ଆବଶ୍ୟକତା ନୁହେଁ । କିନ୍ତୁ ଅଲ୍ଲାଃତାଲା ସଂସାରରେ ତୁମମାନଙ୍କ ଉପରେ ଯେଉଁ ସାଂସିରକ ଉପକାର କରିଛନ୍ତି ତାହା ଉକ୍ତ ପ୍ରସଙ୍ଗକୁ ଆଶା କରେ ନାହିଁ ଯେ, ତୁମେମାନେ ମଧ୍ୟ ଅଲ୍ଲାଃତାଲାଙ୍କ ଉପକାରର କୃତଜ୍ଞତା ଜ୍ଞାପନ କର ଓ କୃତଜ୍ଞତା ଜ୍ଞାପନକାରୀ ଭକ୍ତ ହୁଅ । ହୁଜୁର ଅନ୍ୱର୍ ଅ.ବ କହିଲେ, ସେହିପରି ଆପଣ ସ.ଅଙ୍କ ଜୀବନୀରେ ଉକ୍ତ ଘଟଣା ମଧ୍ୟ ଦେଖିବାକୁ ମିଳେ ଯେ, ଆଁହଜରତ୍ ସ.ଅ ଯେତେବେଳେ ଅଲ୍ଲାଃତାଲାଙ୍କ ବାଣୀ ଶୁଣୁଥିଲେ ସେତେବେଳେ ଆପଣ ସ.ଅଙ୍କ ଚକ୍ଷୁରେ ସହସା ଲୁହ ଆସି ଯାଉଥିଲା। ବିଶେଷ କରି ସେହି ଆୟତ୍‌ମାନଙ୍କରେ ଯହିଁରେ ଆପଣ ସ.ଅଙ୍କୁ ଆପଣ ସ.ଅଙ୍କ କର୍ତ୍ତବ୍ୟବୋଧ ପ୍ରତି ଧ୍ୟାନ ଆକର୍ଷଣ କରାଯାଇଛି । ସୁତରାଂ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଦିନେ ରସୁଲୁଲ୍ଲାଃ ସ.ଅ ହ. ଅବ୍‌ଦୁଲ୍ଲାଃଲ ଇବ୍‌ନେ ମସ୍‌ଉଦ୍ ର.ଅଙ୍କୁ କହିଲେ, ହେ ଅବ୍‌ଦୁଲ୍ଲାଃ! ତୁମେ ମୋତେ ପବିତ୍ର କୁରଆନ୍ କରୀମ୍ ପାଠ କରି ଶୁଣାଅ। ହ. ଅବ୍‌ଦୁଲ୍ଲାଃ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ପବିତ୍ର କୁରଆନ୍ କରୀମ୍ ତ' ଆପଣ ସ.ଅଙ୍କ ଉପରେ ଅବତୀର୍ଣ୍ଣ ହୋଇଛି । ମୁଁ ଭଲା ଆପଣ ସ.ଅଙ୍କୁ କ'ଣ କୁରଆନ୍ ଶୁଣାଇବି? ପ୍ରତ୍ୟୁତ୍ତରରେ ଆଁହଜରତ ସ.ଅ କହିଲେ, ହେ ଅବ୍‌ଦୁଲ୍ଲାଃ! ମୁଁ ଏହା ପସନ୍ଦ କରୁଛି ଯେ, ମୁଁ ଲୋକମାନଙ୍କ ଠାରୁ ମଧ୍ୟ ପବିତ୍ର କୁରଆନ୍ କରୀମ୍ ପାଠ କରାଇ ସେମାନଙ୍କ ଠାରୁ କୁରଆନ୍ ଶୁଣିବି । ହ. ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର.ଅ କୁହନ୍ତି ଯେ, ଆଁହଜରତ୍ ସ.ଅଙ୍କ ଏକଥା ଶୁଣି ମୁଁ ସୁରାଃ ଅନ୍ ନିସା ପାଠ କରିବା ଆରମ୍ଭ କଲି । ପାଠ କରୁ କରୁ ମୁଁ ଯେତେବେଳେ ଏହି ଆୟତ୍‌ରେ ପହଞ୍ଚିଲି ଅର୍ଥାତ୍ فَكَيْفَ إِذَا جِئْنَا مِنْ كُلِّ أُمَّةٍ بِشَهِيدٍ وَجِئْنَا بِكَ عَلَىٰ هَٰؤُلَاءِ شَهِيدًا **(ଅନ୍ ନିସା: 42)**

ତେବେ ରସୁଲୁଲ୍ଲାଃ ସ.ଅ କହିଲେ, ଥାଉ ଥାଉ ସେତିକି ଥାଉ ! ଆଉ ଆଗକୁ ପଢ ନାହିଁ । ହ. ଅବ୍‌ଦୁଲ୍ଲାଃ ର.ଅ କୁହନ୍ତି ଯେ, ମୁଁ ଆପଣ ସ.ଅଙ୍କ ଆଡ଼କୁ ଯେତେବେଳେ ଦେଖିଲି ସେତେବେଳେ ଆପଣ ସ.ଅଙ୍କ ଉଭୟ ଆଖିରୁ ଲୁହ ଧାର ଧାର ହୋଇ ବହୁଥିଲା । ଆପଣ ସ.ଅଙ୍କ ଉପରେ ଏତେ ଭୟପ୍ରଦ ଅବସ୍ଥା ସଂପ୍ରସାରିତ ହେଲା ଯେ, ଆପଣ ସ.ଅ ସେତେବେଳେ ନିଜ ଜାତିର ଚିନ୍ତା କଲେ । ଅର୍ଥାତ୍ ମୋର ଜାତି ଏପରି କୌଣସି କାର୍ଯ୍ୟ କରି ନବସୁ ଯାହା ଅଲ୍ଲାଃତାଲାଙ୍କ ରୁଷ୍ଟତାର କାରଣ ହେବ ଓ ମୋତେ ସେମାନଙ୍କ ବିରୁଦ୍ଧରେ ସାକ୍ଷ୍ୟ ଦେବାକୁ ପଡ଼ିବ । ଅତଏବ୍ ତନ୍ମଧ୍ୟରୁ ଏକ ପକ୍ଷେ ଏହା ମଧ୍ୟ ବାହାରେ ଯେ, ଯେଉଁଠି ଆପଣ ସ.ଅଙ୍କ ସାକ୍ଷ୍ୟ ନିମନ୍ତେ ଆହୁରି ଅନ୍ୟ ଅନେକ କଥା ରହିଛି ତହିଁରୁ ଆମମାନଙ୍କୁ ଡରିବା ଉଚିତ୍ ଯେ, ଆପଣ ସ.ଅଙ୍କ ସାକ୍ଷ୍ୟ ଆମମାନଙ୍କ ବିରୁଦ୍ଧରେ ଯେପରି ନହେଉ । ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଆମମାନଙ୍କର ବାସ୍ତବତା ଏପରି ନହୋଇଯାଉ ଯେପରିକି ତାହା ଆମମାନଙ୍କର ପାପକୁ ପରିପ୍ରକାଶିତ କରିଦେବ ଓ ଆମେମାନେ ଅଲ୍ଲାଃତାଲାଙ୍କ ଶାସ୍ତିର ଅଧିକାରୀ ହୋଇଯିବୁ । ତେଣୁ ଉକ୍ତ ଅବସ୍ଥାଟି ଅତ୍ୟନ୍ତ ଭୟପ୍ରଦ ଅବସ୍ଥା ଅଟେ । ଆମମାନଙ୍କୁ ମଧ୍ୟ ସେହି ସବୁ ଉପାସନାଗୁଡ଼ିକର କର୍ତ୍ତବ୍ୟ ନିର୍ବାହ ବା କର୍ତ୍ତବ୍ୟ ସମ୍ପାଦନ କରିବା ଉଚିତ୍ ଏବଂ ଅଲ୍ଲାଃତାଲାଙ୍କ ସହିତ ସେହି ପ୍ରେମ ପ୍ରଦର୍ଶନ କରିବା ଉଚିତ୍ ଯେଉଁ ପ୍ରେମ ପ୍ରଦର୍ଶନ କରିବା ନିମନ୍ତେ ଆଁହଜରତ୍ ସ.ଅ ଆମମାନଙ୍କୁ ଅନୁପ୍ରାଣିତ କରିଛନ୍ତି ଏବଂ ଅଲ୍ଲାଃତାଲା ଆମମାନଙ୍କୁ ପବିତ୍ର କୁରଆନ୍ କରୀମ୍‌ରେ ଏହାର ଆଦେଶ ଦେଇଛନ୍ତି ।

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ନମାଜ୍‌ର ନିୟମାନୁରବର୍ତ୍ତୀକୁ ହିଁ ଦେଖି ନିଅନ୍ତୁ । ନମାଜ୍ ପାଇଁ ଆପଣ ସ.ଅ କେତେ ଯତ୍ନବାନ୍ ଥିଲେ ଯେ, ଶେଷ ଦିନମାନଙ୍କରେ ଭୀଷଣ ରୋଗାବସ୍ଥାରେ ମଧ୍ୟ ଯେତେବେଳେ ନମାଜ୍ ଶୋଇ ପାଠ କରିବାକୁ ଅନୁମତି ରହିଛି ସେତେବେଳେ ଆପଣ ସ.ଅ ଲୋକମାନଙ୍କ ସାହାଯ୍ୟ ନେଇ ଅର୍ଥାତ୍ ଲୋକମାନଙ୍କ କାନ୍ଧ ଉପରେ ହାତ ପକାଇ ମସ୍‌ଜିଦ୍ ଆଡ଼କୁ ଗଲେ ଓ ଦିନେ ଆପଣ ମସ୍‌ଜିଦ୍‌କୁ ଆସିପାରିଲେ ନାହିଁ (ଯାଇ ପାରିଲେ ନାହିଁ) । ତେବେ ଆପଣ ସ.ଅ ହ. ଅବୁ ବକ୍କର ର.ଅଙ୍କୁ ନମାଜ ପାଠ କରିବା ନିମନ୍ତେ ଆଦେଶ ଦେଲେ । ଇତି ମଧ୍ୟରେ ଆପଣ ସ.ଅ ଦେଖିଲେ ଯେ, ଆପଣ ସ.ଅଙ୍କ ସ୍ୱାସ୍ଥ୍ୟାବସ୍ଥାରେ କିଛିଟା ଉନ୍ନତି ଘଟିଛି। ତେଣୁ ଆପଣ ସ.ଅ ତୁରନ୍ତ ଲୋକମାନଙ୍କର ସାହାଯ୍ୟ ନେଇ ମସ୍‌ଜିଦ୍ ଆଡ଼କୁ ବାହାରି ପଡ଼ିଲେ । ହ. ଆଏଶା ର.ଅ କୁହନ୍ତି:"ସେହି ସମୟରେ ଆପଣ ସ.ଅଙ୍କ ଏହି ଅବସ୍ଥା ଥିଲା ଯେ, ଆପଣ ସ.ଅଙ୍କ ଉଭୟ ପାଦ ଭୂମି ଉପରେ ଘୋଷାରି ହେଉଥିଲା।" **(ଦିବାଚା ତଫ୍‌ସିରୁଲ୍ କୁରଆନ୍, ଅନ୍‌ୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-20, ପୃ-383ରୁ ଉଦ୍ଧୃତ)**

ହୁଜୁର ଅନ୍ୱର୍ ଅ.ବ କହିଲେ, କିନ୍ତୁ ବାଜମାଅତ୍ ନମାଜ (ସାମୂହିକ ନମାଜ) ପାଠ କରିବା ପ୍ରତି ଆପଣ ସ.ଅ ସର୍ବଦା ଧ୍ୟାନ ଦେଉଥିଲେ । ଆପଣ ସ.ଅ ଏହା ଦେଖାଇବାକୁ ଚାହୁଁଥିଲେ ଯେ, ବାଜମାଅତ୍ ନମାଜ କପାଠ କରିବା ପାଇଁ ଆପଣ ସ.ଅ କିପରି ଯତ୍ନବାନ୍ ଥିଲେ ଓ ବାଜମାଅତ୍ ନମାଜର କେଉଁ ମହତ୍ୱ ରହିଛି । ସେଇଥି ପାଇଁ ଆପଣ ସ.ଅ ସେହି କଷ୍ଟ ଏବଂ ସେହି ସମସ୍ୟାକୁ ସହ୍ୟ କଲେ । ଆପଣ ସ.ଅଙ୍କ ପାଦ ଭୂମି ଉପରେ ଘୋଷାରି ହେଉଥିଲା କିନ୍ତୁ ତଥାପି ଆପଣ ସ.ଅ ମସ୍‌ଜିଦ୍ ଚାଲିଗଲେ । ଆପଣ ସ.ଅ ନିଜର ରୋଗ ପ୍ରତି ଭ୍ରୂକ୍ଷେପ କଲେ ନାହିଁ । ଅତଏବ୍ ଏହା ଆପଣ ସ.ଅଙ୍କର ଅଲ୍ଲାଃତାଲାଙ୍କୁ ଭଲ ପାଇବାର ଅବସ୍ଥା । ଏଥି ସଂକ୍ରାନ୍ତରେ ଆପଣ ସ.ଅ କିପରି ଲୋକମାନଙ୍କର ସଂସ୍କାର କରୁଥିଲେ ? ଆପଣ ସ.ଅ ଆପଣ ସ.ଅ

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

### ନବୀ ସ.ଅଙ୍କ ବାଣୀ:-

"ଇଜ୍‌ତନିବୁଲ୍ ଗଜିବା"

ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଣିଷର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

ନମାଜ ପାଠ କରିବା ପ୍ରତି କିପରି ଧ୍ୟାନ ଦେଉଛନ୍ତି ପୁନଶ୍ଚ ଅଲ୍ଲାଃତାଲାଙ୍କ ମହିମା ଗାନ କଲେ, ତାହାଙ୍କର ମର୍ଯ୍ୟାଦାକୁ କିପରି ସ୍ୱୀକାର କରାଇଥିଲେ ଏବଂ ସାହାବାମାନଙ୍କର ଆପଣ ସ.ଅ କିପରି ସଂସ୍କାର କରିଥିଲେ । ଆରବ୍ୟମାନଙ୍କ ମଧ୍ୟରେ ଏହି ପ୍ରଥା ପ୍ରଚଳିତ ଥିଲା ଯେ, ଧ୍ୟାନ ଆକର୍ଷଣ କରିବା ନିମନ୍ତେ ଲୋକେ କରତାଳି ଦେଉଥିଲେ। ଏହି ପରମ୍ପରାଟି ସାଂପ୍ରତିକ କାଳରେ ସାଧାରଣ ଥିଲା । କିନ୍ତୁ ଆପଣ ସ.ଅ ଉକ୍ତ ପରମ୍ପରାକୁ ସମାପ୍ତ କରି କହିଲେ, ଏହି ସ୍ଥାନରେ ହିଁ ଈଶ୍ୱର ଚର୍ଚ୍ଚା ହେବା ଉଚିତ୍ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଏଥି ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେ, ଏକଦା ରସୁଲ୍ କରୀମ୍ ସ.ଅ କୌଣସି କାମରେ ବ୍ୟସ୍ତ ଥିଲେ, ନମାଜ୍ ସମୟ ହୋଇଗଲା। ଆପଣ ସ.ଅ କହିଲେ, ହେ ସାହାବାମାନେ ! ଅବୁ ବକ୍କର୍ ର.ଅଙ୍କୁ କୁହନ୍ତି ସେ ନମାଜ୍ ପାଠ କରାଇଦେବେ । ଏତିକି ସମୟ ମଧ୍ୟରେ ଆପଣ ସ.ଅ ସେଠାରୁ କାମ ସାରିଦେଲେ ଏବଂ ତୁରନ୍ତ ମସ୍‌ଜିଦ୍ ଆଡ଼କୁ ବାହାରି ପଡ଼ିଲେ । ଯେତେବେଳେ ଆପଣ ସ.ଅ ମସ୍‌ଜିଦ୍‌ରେ ପହଞ୍ଚିଲେ ସେତେବେଳେ ହ. ଅବୁ ବକ୍କର୍ ର.ଅ ନମାଜ ପାଠ କରୁଥିଲେ । ଲୋକମାନଙ୍କୁ ଯେତେବେଳେ ଏକଥା ଜ୍ଞାତ ହେଲା ଯେ, ଆପଣ ସ.ଅ ମସ୍‌ଜିଦ୍ ଚାଲି ଆସିଛନ୍ତି ସେତେବେଳେ ନମାଜ ପାଠକାରୀ ଲୋକମାନେ ବ୍ୟସ୍ତ ବିବ୍ରତ ହୋଇ କରତାଳି ଦେବା ଆରମ୍ଭ କରିଦେଲେ । ତହିଁରୁ ଏହା ଦର୍ଶାଇବା ପ୍ରୟୋଜନୀୟତା ତଥା ଅଭିପ୍ରାୟ ଥିଲା ଯେ, ରସୁଲୁଲ୍ଲାଃ ସ.ଅଙ୍କ ଆସିବା ଦ୍ୱାରା ସେମାନଙ୍କର ହୃଦୟ ଅତ୍ୟନ୍ତ ଆନନ୍ଦିତ ହୋଇଗଲା ଏବଂ ଅନ୍ୟ ପଟରେ ହ. ଅବୁ ବକ୍କର ର.ଅଙ୍କ ଧ୍ୟାନ ଆକର୍ଷଣ କରିବା ଉଦ୍ଦେଶ୍ୟ ଥିଲା । ଅର୍ଥାତ୍ ତାଙ୍କର (ହ. ଅବୁ ବକ୍କର ର.ଅଙ୍କ)ର ଇମାମତ୍ (ଧର୍ମାଧ୍ୟକ୍ଷତା) ସମାପ୍ତ ହୋଇଗଲା । କାରଣ ରସୁଲୁଲ୍ଲାଃ ସ.ଅ ଆସିଯାଇଛନ୍ତି । ହ. ଅବୁ ବକ୍କର୍ ର.ଅ ପଛକୁ ହଟିଗଲେ ଏବଂ ରସୁଲୁଲ୍ଲାଃ ସ.ଅଙ୍କ ନିମନ୍ତେ ଇମାମ୍‌ଙ୍କ ସ୍ଥାନ ଛାଡ଼ିଦେଲେ । ନମାଜ୍ ପରେ ରସୁଲୁଲ୍ଲାଃ କହିଲେ, ହେ ଅବୁ ବକ୍କର ! ମୁଁ ଯେତେବେଳେ ଆପଣଙ୍କୁ ନମାଜ୍ ପାଠ କରିବା ନିମନ୍ତେ ଆଦେଶ ଦେଇଥିଲି ତେବେ ଆପଣ କାହିଁକି ପଛକୁ ଘୁଞ୍ଚିଲେ ? ହ. ଅବୁ ବକ୍କର ର.ଅ କହିଲେ, କି ନିଷ୍ଠା ଅଟେ ? ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଅଲ୍ଲାଃତାଲାଙ୍କ ବାର୍ତ୍ତାବହଙ୍କ ଉପସ୍ଥିତିରେ ଅବୁ କାହାଫାଙ୍କ ପୁତ୍ରର କି ଔକାତ୍ (ମର୍ଯ୍ୟାଦା) କେ ସେ ନମାଜ୍ ପାଠ କରାଇଦେବେ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ପୁନଶ୍ଚ ଆପଣ ସ.ଅ ତତ୍ପରେ ସାହାବାମାନଙ୍କ ଆଡ଼କୁ ମୁହଁ କଲେ ଏବଂ କହିଲେ: ହେ ସାହାବାମାନେ ତାଳି ମାରିବାରୁ ତୁମମାନଙ୍କର କେଉଁ ଉଦ୍ଦେଶ୍ୟ ରହିଥିଲା ? ଈଶ୍ୱର ଚର୍ଚ୍ଚା ସମୟରେ ତାଳି ମାରିବା ଉଚିତ୍ ନୁହଁ । ତହିଁରୁ ଏହା ଜଣେ ପଡ଼େ ଯେ, ନମାଜ୍ ସମୟରେ ଯଦି କୌଣସି ପ୍ରଙ୍ଗ ଆଡ଼କୁ ଧ୍ୟାନ ଆକର୍ଷଣ କରିବାର ଆବଶ୍ୟକତା ପଡ଼େ ତେବେ ତାଳି ମାରିବା ପରିବର୍ତ୍ତେ ଈଶ୍ୱରଙ୍କ ନାମ ଉଚ୍ଚାରଣ କରିନିଅ । ଅର୍ଥାତ୍ ଉଚ୍ଚ ସ୍ୱରରରେ ସୁବ୍‌ହାନଲ୍ଲାଃ କୁହ । ଅତଏବ୍ ତୁମେମାନେ ଯେତେବେଳେ ଏପରି କହିବ ସେତେବେଳେ ତୁମେମାନେ ସ୍ୱତଃସ୍ଫୁତଃ ଭାବରେ ଅନ୍ୟମାନଙ୍କର ଧ୍ୟାନ ଆକର୍ଷଣ କରିବାକୁ ସକ୍ଷମ ହେବ ଏବଂ ଏହି ଘଟଣା ଆଡ଼କୁ ତୁମମାନଙ୍କର ଧ୍ୟାନ ଆକର୍ଷିତ ହେବ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଅତଏବ୍ ଏହିପରି ଭାବରେ ଆପଣ ସ.ଅ ଆଡ଼ମ୍ବରପୂର୍ଣ୍ଣ ଉପାସନାକୁ ପସନ୍ଦ୍ କରୁ ନଥିଲେ । ଆପଣ ସ.ଅ ସାହାବାମାନଙ୍କୁ ଉପାସନା ଆଡ଼କୁ ଧ୍ୟାନ ଆକର୍ଷଣ କରିବା ସତ୍ତ୍ୱେ ମଧ୍ୟ ଆପଣ ସ.ଅ ନିଜର ସାହାବାମାନଙ୍କୁ କହୁଥିଲେ ଯେ, ହେ ସାହାବାମାନେ ! ତୁମେମାନେ ନମାଜ୍‌ରେ ଆଡ଼ମ୍ବରତା ପ୍ରଦର୍ଶନ କରିବ ନାହିଁ । ଏକଦା ଆପଣ ସ.ଅ ଜଣେ ସାହାବିଙ୍କ ଘରକୁ ଗଲେ । ଆପଣ ସ.ଅ ଦେଖିଲେ ଯେ, ସେଠାରେ ଦୁଇ ସ୍ତମ୍ଭ ମଧ୍ୟରେ ଏକ ଦଉଡ଼ି ଓହଳା ହୋଇଛି । ଆପଣ ସ.ଅ ପଚାରିଲେ ଯେ, ବତ୍ସ ! ଏହି ଦଉଡ଼ି କେଉଁଥି ପାଇଁ ବନ୍ଧା ହୋଇଛି ? ଲୋକମାନେ କହିଲେ, ଏହି ଦଉଡ଼ି ହ. ଜୈନବ୍ ର.ଅଙ୍କ ଦଉଡ଼ି ଅଟେ। ଯେତେବେଳେ ହ. ଜୈନବ୍ ର.ଅ ଉପାସନା କରୁ କରୁ କ୍ଳାନ୍ତ (ଥକି) ହୋଇ ପଡୁଥିଲେ ସେତେବେଳେ ସେ ଏହି ଦଉଡ଼ିକୁ ଧରି ପକାଉଥିଲେ । ଆପଣ ସ.ଅ କହିଲେ, ହେ ଜୈନବ୍ ! ତୁମେ ଏପରି କର ନାହିଁ । ଏହି ଦଉଡ଼କୁ ତୁମେ ଖୋଲି ପକାଅ। ପ୍ରତ୍ୟେକ ବ୍ୟକ୍ତି ନିମନ୍ତେ ଏହା ଉଚିତ୍ କି ଯେପର୍ଯ୍ୟନ୍ତ ବ୍ୟକ୍ତିର ହୃଦୟରେ ପ୍ରସନ୍ନତା ରହିଥିବ ସେପର୍ଯ୍ୟନ୍ତ ସେ ପ୍ରଭୁଙ୍କର ଉପାସନା କରୁ । ପୁନଶ୍ଚ ଯେତେବେଳେ ବ୍ୟକ୍ତି କ୍ଳାନ୍ତ ହୋଇଯାଏ ସେତେବେଳେ ସେ ବସିପଡୁ । ଏହି ପ୍ରକାରର ଆଡମ୍ବରତାମୂଳକ ଉପାସନାର ଲାଭ କୌଣସି ଲାଭ ପହଞ୍ଚାଇ ପାରିବ ନାହିଁ । **(ଦିବାଚା ତଫ୍‌ସିରୁଲ୍ କୁରଆନ୍, ଅନ୍‌ୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-20, ପୃ-387ରୁ ଉଦ୍ଧୃତ)**

ହୁଜୁର ଅନ୍ୱର୍ ଅ.ବ କହିଲେ, ଉପରୋକ୍ତ ହଦିସ୍‌ରୁ ଗୋଟିଏ କଥା ସ୍ପଷ୍ଟ ହେଉଛି ଯେ, ଆପଣ ସ.ଅଙ୍କ ସଂସ୍କାରର ପ୍ରଭାବରେ ସାହାବିୟାତ୍ (ମହିଳା ସାହାବାମାନେ) ଏବଂ ଆପଣ ସ.ଅଙ୍କ ପରିବାରବର୍ଗ ଓ ଘରର ସଦସ୍ୟମାନେ ମଧ୍ୟ ଉପାସନା କରିବା ପ୍ରତି ରୁଚି ରଖୁଥିଲେ ଓ ନିଜକୁ ଆଡମ୍ବରତାରେ ପକାଉଥିଲେ । ଦ୍ୱତୀୟତଃ ଆପଣ ସ.ଅ ଏହା ମଧ୍ୟ କହିଦେଲେ ଯେ, କଷ୍ଟରେ ପକାଇବାର ଆବଶ୍ୟକତା ନାହିଁ । ବରଂ ଧୀରସ୍ଥିର ଭାବରେ ଉପାସନା କର । କିନ୍ତୁ ଆଜି କାଲିକା ଲୋକମାନଙ୍କୁ ମୁଁ ଏହା କହି ଦେବାକୁ ଚାହୁଁଛି ଯେ, ଉପରୋକ୍ତ କଥନର ଏହି ଅର୍ଥ ନୁହେଁ ଯେ, କେତେକ ଲୋକମାନେ ଏହା କହିବା ଆରମ୍ଭ କରି ଦେଉଛନ୍ତି ଯେ, ନିଜକୁ କଷ୍ଟରେ ପକାଇବାର ଆବଶ୍ୟକତା ନାହିଁ । ତେଣୁ ସେଇଥି ପାଇଁ ଶୀଘ୍ର ଶୀଘ୍ର ନମାଜ୍ ପାଠ କର ଏବଂ ଏକ କର୍ତ୍ତବ୍ୟ ସମ୍ପାଦନ କର, ମୁଣ୍ଡ ଉପରେ ବୋଝ ହାଲକା କର । ଲୋକମାନେ ଏପରି ବୀପରୀତାତ୍ମକ ଅର୍ଥ ସ୍ୱୀକାର କରିବାକୁ ଆରମ୍ଭ କରିଦେଇଥାଆନ୍ତି ଯେ, ନିଜ ନିମନ୍ତେ ସୁବିଧା, ସହଜତା ସୃଷ୍ଟି କର ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଆଜିକାଲି କେତେକ ନମାଜ୍ ପାଠକାରୀ ଲୋକମାନେ ଉପାସନା କରିବା ନିମନ୍ତେ ଆସନ୍ତି ଏବଂ କିଛି ମିନିଟ୍ ମଧ୍ୟରେ ହିଁ ନିଜର ନମାଜ୍ ପାଠ କରି ନିଅନ୍ତି କିମ୍ବା ଘରେ ନମାଜ୍ ଯେତେବେଳେ ସେମାନେ ନମାଜ୍ ପାଠ କରନ୍ତି ସେତେବେଳେ ସେମାନେ କିଛି ମିନିଟ୍ ମଧ୍ୟରେ ନିଜର ନମାଜ୍ ସାରି ଦେଇଥାଆନ୍ତି । ଅନେକ ଥର ଲୋକମାନେ ମଧ୍ୟ ମୋତେ ପ୍ରଶ୍ନ କରିନେଇ ଥାଆନ୍ତି ଯେ, ନମାଜ୍ କିପରି ପାଠ କରିବା ଉଚିତ୍ ? ତେବେ ନମାଜ ଏପରି ପାଠ କରିବା ଉଚିତ୍ ନମାଜକୁ ଶୃଙ୍ଖଳିତ ଓ ବ୍ୟବସ୍ଥିତ ଢଙ୍ଗରେ ପାଠ କରିବା ଉଚିତ୍ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଏଥି ସଂକ୍ରାନ୍ତରେ ଆଁହଜରତ୍ ସ.ଅଙ୍କର ଏକ ହଦିସ୍ ମଧ୍ୟ ରହିଛି ଯେ, ଜନୈକ ସାହାବିଙ୍କୁ ଆପଣ ସ.ଅ ତିନି ଚାରି ଥର ନମାଜ୍ ପାଠ କରିବା ନିମନ୍ତେ ଆଦେଶ ଦେଲେ । ସେହି ସାହାବି ଜଣକ ଆପଣ ସ.ଅଙ୍କ ସଭାରେ ବିଳମ୍ବରେ ପହଞ୍ଚିଥିଲା । ଆପଣ ସ.ଅ ସଭାରେ ନମାଜ ପାଠ କରି ବସିଥିଲେ । ନମାଜ୍ ବାଜମାଅତ୍ ହୋଇ ସାରିଥିଲା ଏବଂ ସଭା ଅର୍ଥାତ୍ ଆସର ଲାଗିଥିଲା । ସେହି ସହାବି ଜଣକ ପ୍ରତ୍ୟେକ ଥର ନମାଜ୍ ପାଠ କରୁଥିଲେ ଏବଂ ଆପଣ ସ.ଅଙ୍କ ପାଖକୁ ଯେତେବେଳେ ଆସୁଥିଲେ ସେତେବେଳେ ଆପଣ ସ.ଅ ସେହି ସାହାବିଙ୍କୁ କହୁଥିଲେ ଯେ, ବତ୍ସା ! ତୁମେ ଆଉଥରେ ଯାଇ ନମାଜ୍ ପାଠ କର । ପୁନଶ୍ଚ ସେ ନମାଜ୍ ପାଠ କରି ଯେତେବେଳେ ଆସୁଥିଲେ ସେତେବେଳେ ଆପଣ ସ.ଅ ସେହି ସାହାବିଙ୍କୁ ପୁନଃ ନମାଜ୍ ପାଠ କରିବା ନିମନ୍ତେ ଆଦେଶ ଦେଉଥିଲେ ଯେ, ବତ୍ସା ! ତୁମେ ଆଉଥରେ ଯାଇ ନମାଜ ପାଠ କର । ଏହିପରି ଭାବରେ ଆଁହଜରତ ସ.ଅ ସେହି ସାହାବିଙ୍କୁ ତିନି ଚାରି ଥର ନମାଜ୍ ପଠ କରିବା ନିମନ୍ତେ ଆଦେଶ ଦେଲେ । ସେହି ସାହାବି ଜଣକ ଯେତେବେଳେ ଆଁହଜରତ ସ.ଅଙ୍କୁ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ଏହାଠୁ ଉତ୍ତମ ନମାଜ ଆଉ ପାଠ କରି ପାରିବି ନାହିଁ । ଆପଣ ସ.ଅ ହିଁ ମୋତେ ନମାଜ ପାଠ କରିବାର ଶୈଳୀ ଶିଖାଇ ଦିଅନ୍ତୁ ଯେ, କିଭଳି ନମାଜ ପାଠ କରିବା ଉଚିତ୍ । ସୁତରାଂ ଆପଣ ସ.ଅ ପ୍ରତ୍ୟୁତ୍ତରରେ କହିଲେ, "ବତ୍ସ ! ତୁମେ ଧୀର ସ୍ଥିର ଉପାୟରେ ଏବଂ ଶୃଙ୍ଖଳିତ ତଥା ବ୍ୟବସ୍ଥିତ ଉପାୟରେ ନମାଜ ପାଠ କର । ତୁମେ ଅଲ୍ଲାଃତାଲାଙ୍କ ଚର୍ଚ୍ଚା କର, ଦୁରୁଦ୍ ଶରୀଫ୍ ପାଠ କର, ଏକେଶ୍ୱରବାଦ ଓ ପ୍ରଶଂସାଗାନର ଚର୍ଚ୍ଚା କର। ତୁମର ରୁକୁ ଓ ସିଜ୍‌ଦା ମଧ୍ୟ ସଠିକ୍ ଭାବରେ ସମ୍ପାଦନ ହେବା ଉଚିତ୍ ।" **(ସହିହୁଲ୍ ବୁଖାରୀ, କିତାବୁଲ୍ ଅଜାନ୍, ବାବ୍- ଅମରନ୍ ନବୀ ସ.ଅ ଅଲ୍ଲଜି ଲା ୟୁତିମ୍ମୁ ରୁକୁଅହୁ ବିଲ୍ ଇଆଦତି.....ହଦିସ୍ ନଂ-793)**

ହୁଜୁର ଅନ୍ୱର୍ ଅ.ବ କହିଲେ, ଆପଣମାନେ ଏକଥା ମଧ୍ୟ ମନେରଖନ୍ତୁ ଯେ, ଆରାମସେ ଓ ସୁବିଧାର ସହିତ ନମାଜ୍ ପାଠ କରିବାର ଅର୍ଥ ଏହା ନୁହେଁ ଯେ, ଶୀଘ୍ର ଶୀଘ୍ର ନମାଜ୍ ପାଠ କରିନିଅ । କାରଣ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ନମାଜ୍ ଅତି ସହଜତାର ସହିତ ପାଠ କରିବା ଉଚିତ୍ । ଆମକୁ ଯେତେବେଳେ ନିଦ ଆସୁଥିଲା ସେ ତେବେଳେ ଆମେମାନେ ଶୀଘ୍ର ଶୀଘ୍ର ଦୁଇ ମିନିଟରେ ନିଜର ନମାଜ୍ ପାଠ କରିନେଉ । ଏପରି କରିବା ଅନୁଚିତ୍ ଅଟେ । ସୁକାରା ଅବସ୍ଥାରେ ନମାଜ ପାଠ କରିବା ସେମିତିରେ ବାରଣ କରାଯାଇଛି । ଏପରି ନମାଜ୍ ପାଠ କରିବା ଉଚିତ୍ ନୁହଁ। ବରଂ ଯେତେବେଳେ ନମାଜ୍ ପାଠ କରିବ ସେତେବେଳେ ନମାଜ୍‌ର କର୍ତ୍ତବ୍ୟ ମଧ୍ୟ ସମ୍ପାଦନ କରିବା ଉଚିତ୍ । ତେଣୁ ଏଥି ନିମନ୍ତେ ଅର୍ଥାତ୍ ଧୈର୍ଯ୍ୟଶୀଳ ଏବଂ ଶୃଙ୍ଖଳତି ଭାବରେ ନମାଜ୍ ପାଠ କରିବାକୁ ମଧ୍ୟ ଆଁହଜରତ ସ.ଅ ଆଦେଶ ଦେଇଛନ୍ତି ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଆଁହଜରତ ସ.ଅ ସିର୍କକୁ ଏପରି ଘୃଣା କରୁଥିଲେ ଯେ, ମୃତ୍ୟୁ ସମୟ ପର୍ଯ୍ୟନ୍ତ ଯେତେବେଳେ ଆପଣ ସ.ଅ ଶେଷ ସମୟର ଯନ୍ତ୍ରଣାରେ ପିଡ଼ୀତ ଥିଲେ ସେହି ସମୟରେ ଆପଣ ସ.ଅ କେତେବେଳେ ଡାହାଣ ପାର୍ଶ୍ୱକୁ

**ହଦିସେ ନବୱୀ ସ.ଅ.ସ :-**

**"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।**

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah, Jamat Ahmadiya Kerang (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

**ଅଲ୍ଲାଃତାଲା କୁହନ୍ତି:** كُوْنُوْا مَعَ الصّٰدِقِيْنَ

(ଅତ୍ ତୌବା :119)

**ଅନୁବାଦ୍:** ହେ ବିଶ୍ୱାସାକାରୀମାନେ ସତ୍ୟବାଦୀଙ୍କ ସହ ସାମିଲ୍ ହୁଅ ।

**ତାଲିବେ ଦୁଆ:** Amina Begum Saheba, W/o- Late Mianjan Khan, Jamat Ahmadiya Nargaon, Dist- Cuttack, (Odisha)

ଲେଉଟିଥିଲେ ତ' ଆଉ କେତେକେବେଳେ ଆପଣ ସ.ଅ ବାମ ପାର୍ଶ୍ୱ ଆଡ଼କୁ ଲେଉଟି ଯାଉଥିଲେ । ଆପଣ ସ.ଅ କହୁଥିଲେ ଯେ, ଈଶ୍ୱର ସେହି ଇହୁଦୀ ଓ ଖ୍ରୀଷ୍ଟିଆନ୍‌ମାନଙ୍କ ଉପରେ ଅଭିଶାପ ଅବତୀର୍ଣ୍ଣ କରନ୍ତୁ ଯେଉଁମାନେ ନିଜର ଅବତାରମାନଙ୍କର କବରକୁ ମସ୍‌ଜିଦ୍ କରିନେଇଛନ୍ତି । **(ଦିବାଚା ତଫ୍‌ସିରୁଲ୍ କୁରଆନ୍, ଅନ୍‌ୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-20, ପୃ-385ରୁ ଉଦ୍ଧୃତ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅର୍ଥାତ୍ ସେମାନେ (ଇହୁଦୀମାନେ ଓ ଖ୍ରୀଷ୍ଟିଆନ୍‌ମାନ) ନିଜ ଅବତାରମାନଙ୍କ କବର ସମ୍ମୁଖରେ ମଥାନତ ହେଉଛନ୍ତି ଏବଂ ସେମାନଙ୍କ ସମ୍ମୁଖରେ ଦୁଆ (ପ୍ରାର୍ଥନା) କରିଥାଆନ୍ତି । ଆପଣ ସ.ଅଙ୍କ କହିବାର ତାତ୍ପର୍ଯ୍ୟ ଏହା ଥିଲା କି ମୋର ଜାତି ମୋ ମୃତ୍ୟୁ ପରେ ଯଦି ଏପରି କୃତ୍ୟ କରେ ତେବେ ସେ ଅର୍ଥାତ୍ ମୋର ଜାତି ଏହା ନଭାବୁ ଯେ, ସେ ମୋର ପ୍ରାର୍ଥନା (ଆଶୀର୍ବାଦ) ର ଅଧିକାରୀ ହେବ । ତାହା ନୁହେଁ ବରଂ ତହିଁରୁ ମୁଁ ସଂପୂର୍ଣ୍ଣ ରୂପେ ବିମୁଖ ହେବି । ଯେପରିକି ପୂର୍ବେ ଚର୍ଚ୍ଚା ହୋଇ ସାରିଛି ଯେ, ଅଲ୍ଲାଃତାଲା ସାକ୍ଷ୍ୟ ସଂପର୍କରେ ଅବଶ୍ୟ ପ୍ରଶ୍ନ କରିବେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବର୍ତ୍ତମାନ ଦେଖିନିଅ ଯେ, ମଦିନାରେ ତ' ଆପଣ ସ.ଅଙ୍କ ପବିତ୍ର ସମାଧି ସମ୍ମୁଖରେ ଏଇଥି ପାଇଁ ସାଉଦି ଆରବ୍ ସରକାର କଠୋର କଟକଣା ଲଗାଇଛନ୍ତି । ତେଣୁ କାହାରିକୁ ଆଁହଜରତ ସ.ଅଙ୍କ କବର ସମ୍ମୁଖରେ ସିଜ୍‌ଦା କରିବାକୁ ଓ ହାତ ଉଠାଇ ଦୁଆ କରିବାକୁ ସୁରକ୍ଷାକର୍ମୀମାନେ ଅନୁମତି ଦେଉ ନାହାନ୍ତି । ଆଁହଜରତ୍ ସ.ଅଙ୍କ କବର ସମ୍ମୁଖକୁ ମଧ୍ୟ ସେମାନେ ଆସିବାକୁ ଦିଅନ୍ତି ନାହିଁ । କିନ୍ତୁ ଅନେକ ଇସ୍‌ଲାମୀୟ ରାଷ୍ଟ୍ରରେ ପୀର ଓ ଫକୀରମାନଙ୍କ ଦରବାରରେ ଲୋକମାନେ ମଥା ଟେକି ଥାଆନ୍ତି ଏବଂ ସେହି ପୀରବାବାଙ୍କ ସମ୍ମୁଖରେ ମାନସିକ କରିଥାଆନ୍ତି । ଏହି ପନ୍ଥାଟି ସିର୍କ ଅଟେ । ଯେଉଁ କଥା କରିବାକୁ ଆଁହଜରତ୍ ସ.ଅ ମୁସଲମାନମାନଙ୍କୁ ବାରଣ କରିଛନ୍ତି ଏବଂ ଯେଉଁ କଥା ଆଁହଜରତ୍ ସ.ଅ ନିଜ ନିମନ୍ତେ ବାରଣ କରିଛନ୍ତି ତେବେ ସେହି କଥା ଅନ୍ୟମାନାଙ୍କ ପାଇଁ ଅର୍ଥାତ୍ ପୀର ଓ ଫକୀରଙ୍କ ନିମନ୍ତେ କିପରି ବୈଧ ହୋଇ ପାରିବେ । ପୀର ଓ ଫକୀରଙ୍କର କେଉଁ ଅଧିକାର ରହିଛି ଯେ, ସେମାନଙ୍କୁ ଓ ସେମାନଙ୍କର କବର ସ୍ଥଳୀକୁ ପୂଜା କରାଯାଉ ?

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲାଙ୍କ ଆମମାନଙ୍କ ଉପରେ ଏହି କୃପା ରହିଛି ଆମେମାନେ ଯୁଗାବତାରଙ୍କୁ ସ୍ୱୀକାର କରି ସେହି ସବୁ କୃତ୍ୟରୁ ନିଜକୁ ସୁରକ୍ଷିତ ରଖିଛୁ । କିନ୍ତୁ ସେ ଯାହା ହେଉ ଆମମାନଙ୍କୁ ଉପାସନାର ସ୍ତର ପ୍ରାପ୍ତ କରିବାକୁ ହେବ । କିନ୍ତୁ ବିଶେଷ କରି ଅନ୍ୟ ମୁସଲମାନ ସଂପ୍ରଦାୟମାନଙ୍କରେ କବର ପୂଜାର ପ୍ରଥା ଅଧିକ ଭାବରେ ପ୍ରଚଳିତ ଅଟେ । ଅଲ୍ଲାଃତାଲା ସେମାନଙ୍କ ଉପରେ ଦୟାବତୀର୍ଣ୍ଣ କରନ୍ତୁ ଓ ସେମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ କି ସେମାନେ ସିର୍କରୁ କ୍ଷାନ୍ତ ଏବଂ ନିବୃତ୍ତ ହୋଇ ଯାଆନ୍ତୁ । **ଆମିନ୍** । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ ସ.ଅଙ୍କ ଈଶ୍ୱରଙ୍କ ସମ୍ମୁଖରେ ବିନୀତତାର ଏହି ସ୍ତର ରହିଥିଲା ଯେ, ଯେତେବେଳେ ଲୋକମାନେ ଆପଣ ସ.ଅଙ୍କୁ କହିଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ନିଜର କର୍ମ ବଳରେ ଈଶ୍ୱରଙ୍କ କୃପାକୁ ପ୍ରାପ୍ତ କରିନେବେ । କାରଣ ଅଲ୍ଲାଃତାଲା ଆପଣ ସ.ଅଙ୍କୁ ପ୍ରମାଣପତ୍ର ପ୍ରଦାନ କରି ଦେଇଛନ୍ତି ଏବଂ ଆପଣ ସ.ଅଙ୍କ ଚରିତ୍ରର ପ୍ରଶଂସା ଅଲ୍ଲାଃତାଲା କରିଛନ୍ତି ଓ ଆପଣ ସ.ଅଙ୍କ ସର୍ବୋଚ୍ଚ ଆଦର୍ଶକୁ ଅନ୍ୟ ମୁସଲମାନମାନଙ୍କ ନିମନ୍ତେ ଏକ ସ୍ତର ବୋଲି ବିବେଚିତ କରିଛନ୍ତି । ତେଣୁ ଏହାର ଅର୍ଥ ଏହିକି ଯେ, ଆପଣ ସ.ଅଙ୍କ କର୍ମ ଏପରି ଅଟେ ଯେ, ଅଲ୍ଲାଃତାଲା ଆପଣ ସ.ଅଙ୍କୁ କ୍ଷମା ପ୍ରଦାନ କରି ମୋକ୍ଷ ପ୍ରଦାନ କରିଦେଇଛନ୍ତି । ଆପଣ ସ.ଅ କହିଲେ, ନା ନା ! ମୁଁ ମଧ୍ୟ ଈଶ୍ୱରଙ୍କ କୃପା ଦ୍ୱାରା ମୁକ୍ତି ପାଇବି । ଅର୍ଥାତ୍ ଈଶ୍ୱର ମୋତେ ମଧ୍ୟ ନିଜର ଅସୀମ କୃପା ଦ୍ୱାରା କ୍ଷମା ଓ ମୁକ୍ତି ପ୍ରଦାନ କରିବେ । ସୁତରାଂ ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଦିନେ ମୁଁ ଆଁହଜରତ୍ ସ.ଅଙ୍କ ଠାରୁ ଏକଥା ଶୁଣିଲି ଯେ, ଆପଣ ସ.ଅ କହୁଥିଲେ ଯେ, କୌଣସି ବ୍ୟକ୍ତି ନିଜର କର୍ମ ଦ୍ୱାରା ବୈକୁଣ୍ଠରେ ପ୍ରବେଶ କରିବ ନାହିଁ । ମୁଁ (ହ. ଅବୁ ହୁରୈରାହ୍ ର.ଅ) କହିଲି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କ'ଣ ଆପଣ ବି ନିଜର କର୍ମ ଦ୍ୱାରା ବୈକୁଣ୍ଠରେ ପ୍ରବେଶ କରିପାରିବେ ନାହିଁ ? ଆପଣ ସ.ଅ କହିଲେ, ହେ ଅବୁ ହୁରୈରାହ୍ ର.ଅ ! ମୁଁ ମଧ୍ୟ ନିଜର କର୍ମ ବଳରେ ବୈକୁଣ୍ଠରେ ପ୍ରବେଶ କରି ପାରିବି ନାହିଁ । ହଁ ଯେପର୍ଯ୍ୟନ୍ତ ଈଶ୍ୱରଙ୍କ କୃପା ଓ ତାହାଙ୍କ କରୁଣା ମୋ ଉପରେ ହୋଇଯାଇ ନାହିଁ ସେପର୍ଯ୍ୟନ୍ତ ମୁଁ ବୈକୁଣ୍ଠ ପୁରରରେ ପ୍ରବେଶ କରିପାରିବି ନାହିଁ । ସୁତରାଂ ବୈକୁଣ୍ଠଗାମୀ ହେବାକୁ ହେଲେ ପ୍ରଭୁଙ୍କ କୃପା ଏବଂ କରୁଣା ମନୁଷ୍ୟ ପକ୍ଷେ ଏକାନ୍ତ ଅପରିହାର୍ଯ୍ୟ ଅଟେ । **(ଦିବାଚା ତଫ୍‌ସିରୁଲ୍ କୁରଆନ୍, ଅନ୍‌ୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-20, ପୃ-386-387ରୁ ଉଦ୍ଧୃତ)(ସହିହୁଲ୍ ବୁଖାରୀ, କିତାବୁଲ୍ ମର୍ଜା, ବାବ୍- ତମନ୍ନଲ୍ ମରିଜଲ୍ ମୌତା ହଦିସ୍ ନଂ-5673)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉପରୋକ୍ତ ବର୍ଣ୍ଣନା ହେଉଛି ବୁଖାରୀର ବର୍ଣ୍ଣନା । ପୁନଶ୍ଚ ଆପଣ ସ.ଅ ସାହାବାମାନଙ୍କୁ ଉପଦେଶ ଦେଇ କହିଲେ, ହେ ସାହାବାମାନେ! ତୁମେମାନେ ନିଜ କାର୍ଯ୍ୟରେ ପୁଣ୍ୟତା ଅବଲମ୍ବନ କର ଏବଂ ଈଶ୍ୱରଙ୍କ ସାମୀପ୍ୟତା ପ୍ରାପ୍ତକାରୀ ମାର୍ଗ ସନ୍ଧାନ କର । ତେଣୁ ତୁମମାନଙ୍କ ମଧ୍ୟରୁ କେହି ବି ମୃତ୍ୟୁର ଅଭିଳାଷୀ ହୁଅ ନାହିଁ ଓ ମୃତ୍ୟୁର କାମନା କର ନାହିଁ । ଯଦି ବ୍ୟକ୍ତି ପୁଣ୍ୟବାନ୍ ଓ ସଦାଚାରୀ ଅଟେ ତେବେ ବ୍ୟକ୍ତି ନିଜର ପୁଣ୍ୟରେ ଆହୁରି ଅଗ୍ରଗତି କରିବ ଓ ଯଦି ବ୍ୟକ୍ତି ଦୁରାଚାରୀ ଅଟେ ତେବେ ଜୀବିତ ରହି ତାକୁ ନିଜର ପାପରୁ କ୍ଷମାଯାଚନା କରିବା ନିମନ୍ତେ ସାମର୍ଥ୍ୟ ପ୍ରାପ୍ତ ହେବ । ଏହି ଧାରଣା ତା' ମନ ଭିତରେ ସୃଷ୍ଟି ହେବ । **(ସହିହୁଲ୍ ବୁଖାରୀ, କିତାବୁତ୍ ତମନ୍ନା, ବାବ୍- ମା ୟକ୍‌ରହୁ ମିନତ୍ ତମନ୍ନା, ହଦିସ୍ ନଂ-7235)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉପରୋକ୍ତ ଉପଦେଶଟି ଅତି ଗୁରୁତ୍ୱପୂର୍ଣ୍ଣ ଆଦେଶ ଅଟେ । ଅତଏବ୍ ଆମମାନଙ୍କୁ ଏହି ଉପଦେଶକୁ ସ୍ମରଣ ରଖିବା ଉଚିତ୍ ଯେ, ଆମମାନଙ୍କୁ କେବେ ବି ମୃତ୍ୟୁର କାମନା କରିବା ଉଚିତ ନୁହଁ । ତେଣୁ ଆପଣ ସ.ଅ କହିଲେ, ଯଦି କୌଣସି କଷ୍ଟ ଏବଂ ସମସ୍ୟା ଯୋଗୁଁ ତୁମେମାନେ ମୃତ୍ୟୁର କାମନା କର ତେବେ ତାହା ଉଚିତ୍ ନହିଁ । ବରଂ ତୁମମାନଙ୍କର ଯଦି କୌଣସି ପୁଣ୍ୟ ରହିଛି ତେବେ ଅଲ୍ଲାଃତାଲା ତୁମକୁ ଅଧିକ ପୁଣ୍ୟ କର୍ମ ସମ୍ପାଦନ କରିବା ନିମନ୍ତେ ଅତିରକ୍ତ ସାମର୍ଥ୍ୟ ପ୍ରଦାନ କରିବେ ଓ ତୁମ ନିମନ୍ତେ ପରବର୍ତ୍ତୀ କାଳରେ ଉତ୍ତମ ବ୍ୟବସ୍ଥା ମଧ୍ୟ କରିବେ । ଅଲ୍ଲାଃତାଲା ତୁମମାନଙ୍କର ପାପକୁ କ୍ଷମା କରିଦେବେ ଏବଂ ଯଦି ତୁମମାନଙ୍କର ପାପ ରହିଛି ତେବେ ତୁମମାନଙ୍କୁ ତୌବା ଓ ଇସ୍ତିଗଫାର୍ କରିବା ନିମନ୍ତେ ସୁଯୋଗ ପ୍ରାପ୍ତ ହେବ ଓ ଏଥିପ୍ରତି ତୁମମାନଙ୍କର ଧ୍ୟାନ ଆକର୍ଷିତ ହେବ ତଥା ପାପରୁ ମୁକ୍ତି ମିଳିବାର ପଥ ସୁଗମ ହୋଇଯିବ । ଏତଦ୍‌ପରେ ତୁମମାନେ ଅଲ୍ଲାଃତାଲାଙ୍କ ସାନିଧ୍ୟ ପ୍ରାପ୍ତ କରିନେବ । ଯେତେବେଳେ ସେହି ଉଚିତ୍ ସମୟ ଆସିବ ସେତେବେଳେ ଅଲ୍ଲାଃତାଲା ତୁମେମାନଙ୍କ ସହିତ ଏପରି ଉତ୍ତମ ଆଚରଣ ପ୍ରଦର୍ଶନ କରିବେ ଯେ ଅଲ୍ଲାଃତାଲା ତୁମମାନଙ୍କ ମୁକ୍ତି ନିମନ୍ତେ ସାଧନ ଓ ପାଥେୟ ସୃଷ୍ଟି କରିଦେବେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ ସ.ଅଙ୍କ ଉପାସନା ସ୍ତରର ଯେଉଁ ଅବସ୍ଥା ରହିଥିଲା ତାହା ଆମେମାନେ ଅବଲୋକନ କରିନେଲୁ ଯେ, ଆପଣ କିପରି ଅନ୍ୟମାନଙ୍କର ଧ୍ୟାନ ଆକର୍ଷଣ କରିଥିଲେ । ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଏକଦା ଆପଣ ସ.ଅ ରାତ୍ରରେ ନିଜର ଜ୍ୱାଇଁ ହ. ଅଲୀ ର.ଅ ଏବଂ ନିଜର କନ୍ୟା ହ. ଫାତିମା ର.ଅଙ୍କ ଘରକୁ ଗଲେ ଏବଂ ତାଙ୍କୁ ପଚାରିଲେ ଯେ, ହେ ଅଲୀ ଓ ହେ ଫାତିମା ! କ'ଣ ତୁମେମାନେ ନମାଜ୍ ତହଜ୍ଜୁଦ୍ ପାଠ କରୁଛ କି ? ହ. ଅଲୀ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ ତହଜ୍ଜୁଦ୍ ନମାଜ୍ ପାଠ କରିବା ପାଇଁ ଚେଷ୍ଟା ତ' କରିଥାଉ କିନ୍ତୁ ଯେତେବେଳେ ଈଶ୍ୱରଙ୍କ ଇଚ୍ଛା ମୁତାବକ ଆମମାନଙ୍କର ଆଖି ବନ୍ଦ ରହିଥାଏ ଅର୍ଥାତ୍ ଆମେମାନେ ଯେତେବେଳେ ଶୋଇପଡ଼ୁ ସେତେବେଳେ ଆମମାନଙ୍କର ତହଜ୍ଜୁଦ୍ ନମାଜ୍ ରହି ଯାଇଥାଏ । ଆପଣ ସ.ଅ କହିଲେ, ହେ ଅଲୀ ଓ ହେ ଫାତିମା ! ତୁମେ ଦୁହେଁ ନମାଜ ତହଜ୍ଜୁଦ୍ ପାଠ କର । ଏହାପରେ ଆପଣ ସ.ଅ ସେଠାରୁ ଉଠିଲେ ଓ ନିଜ ଘର ଆଡ଼କୁ ବାହାରି ପଡ଼ିଲେ । ବାଟରେ ଆପଣ ସ.ଅ ବାରମ୍ବାର କହୁଥିଲେ ଯେ, وَكَانَ الْإِنْسَانُ أَكْثَرَ شَيْءٍ جَدَلًا ଅର୍ଥାତ୍ ମନୁଷ୍ୟ ଅନେକ ସମୟରେ ନିଜର ଦୋଷ ସ୍ୱୀକାର କରିବାକୁ ଘାବରେଇଥାଏ ଏବଂ ନାନା ପ୍ରକାରର ଆଳ, ପ୍ରମାଣ ଓ ଯୁକ୍ତି ବାଢି ନିଜର ଦୋଷ ଉପରେ ଘୋଡ଼ଣା ପକାଇଥାଏ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଆଁହଜରତ ସେଠାରେ ଅର୍ଥାତ୍ ନିଜ ଜ୍ୱାଇଁଙ୍କ ଘରେ ମଧ୍ୟ ଜ୍ୱାଇଁ ଓ ଝିଅକୁ ବୁଝା ସୁଝା କଲେ ଓ ଫେରିବା ବେଳେ ଆପଣ ସ.ଅ ଉକ୍ତ କଥାକୁ ପୁନରାବୃତ୍ତି କରୁଥିଲେ । କାରଣ ହ. ଅଲୀ ର.ଅଙ୍କ ପର୍ଯ୍ୟନ୍ତ ଅନ୍ୟ ଲୋକମାନେ ମଧ୍ୟ ଏହି କଥା ପହଞ୍ଚାଇ ଦିଅନ୍ତୁ । ଆପଣ ସ.ଅ ତାଙ୍କୁ ଏହି ସତ୍‌ଶିକ୍ଷା ଦେଲେ ଯେ, ହ. ଅଲୀ ର.ଅ ଏହା କହି ଥାଆନ୍ତେ ଯେ, ଆମ ଦ୍ୱାରା ତ୍ରୁଟି ବିଚ୍ୟୁତ ହୋଇଯାଇଥାଏ ତେଣୁ ଆମେମାନେ ତହଜ୍ଜୁଦ୍ ସମୟରେ ଉଠି ପାରୁ ନାହୁଁ । ସେ ଅଲ୍ଲାଃତାଲାଙ୍କ ଉପରେ ଏହି କଥା ପକାଇଦେଲେ ଯେ, ଯଦି ଅଲ୍ଲାଃତାଲାଙ୍କର ଇଚ୍ଛା ହୋଇଥାଆନ୍ତା ତେବେ ଆମେମାନେ ନିଦରୁ ଉଠି ଯାଇଥାଆନ୍ତୁ । ଶୋଇ ରହନ୍ତୁ ନାହିଁ । ଆଁହଜରତ ସ.ଅଙ୍କ କହିବାର ତାତ୍ପର୍ଯ୍ୟ ଏହା ଥିଲା ଯେ, ମନୁଷ୍ୟ ନିଜର ଦୋଷକୁ ଅଲ୍ଲାଃତାଲାଙ୍କ ଆଡ଼କୁ କାହିଁକି ଇଙ୍ଗିତ କରି ଦେଇଥାଏ ? ଯେପରିକି ପୂର୍ବେ

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ବର୍ଣ୍ଣିତ ହୋଇ ସରିଛି ଯେ, ଆପଣ ସ.ଅ ଉପସନା କରିବାରେ କୌଣସି ପ୍ରକାରର ଆଡମ୍ବରତାକୁ ଓ କୃତ୍ରିମତାକୁ ପସନ୍ଦ କରୁ ନଥିଲେ । ଯେପରିକି ପ୍ରାରମ୍ଭରେ ବର୍ଣ୍ଣିତ ହୋଇଛି ଯେ, ହ. ଜୈନବ୍ ର.ଅଙ୍କ ଘରେ ଦଉଡ଼ି ଓହଳା ହୋଇଥିବାର ଆଁହଜରତ୍ ସ.ଅ ଯେତେବେଳେ ଦେଖିଲେ ସେତେବେଳେ ଆପଣ ସ.ଅ ତାଙ୍କୁ ଦଉଡ଼ି ଓହଳାଇବାକୁ ମନା କଲେ ଏବଂ ଦଉଡ଼ି ଖୋଲି ଦେବାକୁ କହିଲେ, ଆପଣ ସ.ଅଙ୍କ ଏହି ନୀତି ରହିଥିଲା ଯେ, ଅଲ୍ଲାଃତାଲା ମନୁଷ୍ୟ ମଧରେ ଯେଉଁ ଶକ୍ତି ନିହିତ ରଖିଛନ୍ତି ସେହି ଶକ୍ତି ସବୁକୁ ମନୁଷ୍ୟ ସଠିକ୍ ଭାବରେ ବିନିଯୋଗ କରିବା ଉଚିତ୍ ଏବଂ ଏହା ହିଁ ପ୍ରକୃତ ଉପାସନା ଅଟେ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ମନୁଷ୍ୟର ଚକ୍ଷୁ (ଆଖି) ଥାଉ ଥାଉ ଆଖିକୁ ବନ୍ଦ କରିଦେବା ଏବଂ ଆଖିକୁ ବାହାର କରିଦେବା ଉପାସନା ନୁହେଁ । ବରଂ ଏହା ଅଶିଷ୍ଟତା ଉଦଣ୍ଡତା ଅଟେ । ହଁ ! ସେହି ଅଙ୍ଗ ପ୍ରତ୍ୟଙ୍ଗର ଅପବ୍ୟବହାର କରିବା ପାପ ଅଟେ । ଆଜାକିଲି ଆପଣମାନେ ଦେଖି ନିଅନ୍ତୁ ଯେ, ସଂସାରର ଅନେକ କଥା ରହିଛି ଯେ, ମନୁଷ୍ୟର ଇଚ୍ଛା ଅଭିଳାଷା, କମାନା ରହିଛି, ଆକର୍ଷଣ ରହିଛି ଏହା ମନୁଷ୍ୟକୁ ଅନ୍ୟ ଦିଗକୁ ଆକୃଷ୍ଟ କରିଥାଏ । ଯଦି ଆମେମାନେ ସେହି ସବୁ ପ୍ରବୃତ୍ତି ଆଡ଼କୁ ଆକର୍ଷିତ ହେଉ ଓ ଧ୍ୟାନ ଦେଉ, ଟି.ଭିରେ ବାଯ୍ୟ କାର୍ଯ୍ୟକ୍ରମମାନ ଦେଖୁ କିମ୍ବା କୌଣସି ଅନୁଚିତ୍ ପ୍ରସଙ୍ଗ ଦେଖୁ ତେବେ ଏହା ପାପ ଅଟେ । ଆପଣ ସ.ଅ କହିଲେ, ପ୍ରକୃତ ପ୍ରସଙ୍ଗ ହେଉଛି ପାପରୁ ବର୍ତ୍ତିବା । ଏହା ହିଁ ତୁମମାନଙ୍କୁ ପୁଣ୍ୟର ଅଧିକାରୀ କରାଇଦେବ । ସେହିପରି ମନୁଷ୍ୟର କର୍ଣ୍ଣ (କାନ) ଥାଉ ଥାଉ ଯଦି ମନୁଷ୍ୟ ନିଜର କର୍ଣ୍ଣକୁ ବନ୍ଦ କରିନିଏ ତେବେ ଏହା ପୁଣ୍ୟ ନୁହେଁ । ଅଲ୍ଲାଃତାଲା ଏକ ସାମର୍ଥ୍ୟତା ପ୍ରଦାନ କରିଛନ୍ତି । ତେଣୁ ତୁମେମାନେ ସେହି ସାମର୍ଥ୍ୟତା ଅର୍ଥାତ୍ ଆଖି କାନକୁ କାହିଁକି ବନ୍ଦ୍ କରୁଛ ? ଏହା ପୁଣ୍ୟତା ଏବଂ ସଦାଚାରୀତା ନୁହେଁ ବରଂ ଏହା ଅଶିଷ୍ଟତା ଓ ଉଦଣ୍ଡତା ଅଟେ । ଅଲ୍ଲାଃତାଲା ତୁମମାନଙ୍କୁ ଏକ ବସ୍ତୁ ଅର୍ଥାତ୍ ଆଖି କାନ ପ୍ରଦାନ କରିଛନ୍ତି ଏବଂ ତୁମେମାନେ ସେହି ବସ୍ତୁକୁ ନଷ୍ଟ କରୁଛ । ହଁ ! ସେହି କାନ ଦ୍ୱାରା ଯଦି ଅନ୍ୟ ଲୋକମାନଙ୍କ ବିରୁଦ୍ଧରେ ଚୁଗୁଲି ଏବଂ ଗିବତ୍ (ଅନ୍ୟର ଅନୁପସ୍ଥିତିରେ ତା' ବିରୁଦ୍ଧରେ କଥା କହିବା) କଥା ଶୁଣିବା ପାପ ଅଟେ । ଅନେକ ଲୋକମାନେ ଗିବତ୍ (ପରର ଚୁଗୁଲି) ମଧ କରିଥାଆନ୍ତି ଏବଂ ଚୁଗୁଲି କଥା ମଧ ଶୁଣିଥାଆନ୍ତି । ଲୋକଙ୍କ ସଂପର୍କରେ ଭୁଲ କଥା ଶୁଣି ଥାଆନ୍ତି ଏବଂ ତହିଁରୁ ସେମାନେ ଆସ୍ୱାଦିତ ଓ ଆନନ୍ଦିତ ମଧ ହୋଇଥାଆନ୍ତି । ଲୋକମାନଙ୍କର ଦୁର୍ବଳତାର ଏବଂ ଭୁଲ୍ କଥା ଶୁଣି ସେମାନେ ହସି ଥାଆନ୍ତି । ଏହି ସବୁ ପ୍ରସଙ୍ଗ ଭୁଲ୍ କଥା ଅଟେ । ଏହା ପାପ ଅଟେ । ଏଥି ସଂକ୍ରାନ୍ତରେ ଆପଣ ସ.ଅ କହିଲେ, ହେ ସାହାବାମାନେ ! ତୁମେମାନେ ଏପରି ଆଚରଣ ପ୍ରଦର୍ଶନ କର ନାହିଁ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଆପଣ ସ.ଅ କହିଲେ, ଉତ୍ତମ ଚରିତ୍ରବତ୍ତାର ଅନ୍ୟ ନାମ ପ୍ରବୃତ୍ତିଗତ ଶକ୍ତି ଅଟେ । ତେଣୁ ଏହି ପ୍ରବୃତ୍ତିଗତ ଶକ୍ତିକୁ ସଠିକ୍ ଭାବରେ ବିନିଯୋଗନ କରିବା ଉଚିତ୍ । ପ୍ରବୃତ୍ତିଗତ ଶକ୍ତିକୁ ଦମନ କରିବା ମୂର୍ଖତା ଅଟେ । ସେହି ଶକ୍ତି ଅର୍ଥାତ୍ ପ୍ରବୃତ୍ତିଗତ ଶକ୍ତିକୁ ଅବୈଧ କାର୍ଯ୍ୟରେ ବିନିଯୋଗ କରିବା ବ୍ୟଭିଚାର ଏବଂ ପାପ ଅଟେ ଓ ସେହି ପ୍ରବୃତ୍ତିଗତ ଶକ୍ତିକୁ ସଠିକ୍ ସ୍ଥାନରେ ବିନିଯୋଗ କରିବା ପୁଣ୍ୟ ଅଟେ । ଏହା ହେଉଛି ଆପଣ ସ.ଅଙ୍କ ଶିକ୍ଷାର ସାରାଂଶ ଏବଂ ଏହା ହିଁ ଆଁହଜରତ ସ.ଅଙ୍କ ଜୀବନର ସାରମର୍ମ ଅଟେ । ଏହି କାରଣରୁ ଅଲ୍ଲାଃତାଲା ଆମମାନଙ୍କୁ ଆଦେଶ ଦେଇଛନ୍ତି ଯେ, ତୁମେମାନେ ଆଦର୍ଶ ରୂପେ ଆଁହଜରତ୍ ସ.ଅଙ୍କ ଉତ୍ତମ ଚରିତ୍ର ଏବଂ ଆପଣ ସ.ଅଙ୍କ ସର୍ବୋଚ୍ଚ ଆଦର୍ଶକୁ ଆପଣାଅ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଆଁହଜରତ ସ.ଅଙ୍କ କର୍ମ ସଂପର୍କରେ ହ. ଆଏଶା ର.ଅ ଏକ ସ୍ଥାନରେ କୁହନ୍ତି: "ଆଁହଜରତ ସ.ଅଙ୍କ ଜୀବନରେ କେବେ ବି ଏପରି କୌଣସି ଅବସର ଆସି ନାହିଁ ଯେ, ଆପଣ ସ.ଅଙ୍କ ସମ୍ମୁଖରେ ଦୁଇଟି ମାର୍ଗ (ବିକଳ୍ପ) ଉନ୍ମୁକ୍ତ ଥିବ ଏବଂ ଆପଣ ସ.ଅ ସେହି ଉଭୟ ମାର୍ଗ (ବିକଳ୍ପ) ମଧ୍ୟରୁ ସହଜ ପଥକୁ ଅବଲମ୍ବନ କରି ନଥିବେ । କିନ୍ତୁ ଯଦି ସହଜ ମାର୍ଗ (ପଥ) ଅବଲମ୍ବନ କରିବା ଆପଣ ସ.ଅଙ୍କୁ ଯଦି ପାପର ସନ୍ଦେହ ଲାଗୁଥିଲା ତେବେ ସେପରିପ୍ରେକ୍ଷୀରେ ଆପଣ ସ.ଅ ସେହି ସହଜ ପଥକୁ ଅବଲମ୍ବନ କରୁ ନଥିଲେ ।" ବର୍ତ୍ତମାନ  ମାର୍ଗ ଦୁଇଟି ରହିଛି ଯଥା- (1) ସହଜ ମାର୍ଗ ଓ ଅନ୍ୟଟି (2) କଷ୍ଟ ମାର୍ଗ । ତେଣୁ ଆପଣ ସ.ଅଙ୍କର ଏହା ହିଁ ପ୍ରୟାସ ରହୁଥିଲା କି ସବୁଠୁ ସହଜ ମାର୍ଗ ଅବଲମ୍ବନ କରାଯାଉ । କାରଣ ଅଲ୍ଲାଃତାଲା ମନୁଷ୍ୟକୁ ବିନା କାରଣରେ କଷ୍ଟରେ ପକାଇବାକୁ ଚାହାନ୍ତି ନାହିଁ । କିନ୍ତୁ ଯେଉଁଠି ଏହି ସନ୍ଦେହ ସୃଷ୍ଟି ହୋଇଯାଏ ଯେ, ସହଜ ମାର୍ଗରେ ଅଗ୍ରସର ହେବା ଦ୍ୱାରା ପାପ ସମ୍ପାଦିତ ହୋଇପାରିବ ତେବେ ସେପରିପ୍ରେକ୍ଷୀରେ ଆପଣ ସ.ଅ ସେହି ସହଜ ମାର୍ଗରୁ ଦୂରକୁ ପଳାୟନ କରୁଥିଲେ ଏବଂ ଏତେ ଦୂରେଇ ଯାଉଥିଲେ ଯେ, ସମସ୍ତ ମନୁଷ୍ୟମାନଙ୍କ ଅପେକ୍ଷା ଆପଣ ସ.ଅଙ୍କ ଏହି କୃତ୍ୟ ହେଉଥିଲା ଯେ, ସେହି ମାର୍ଗରୁ ଅନ୍ୟ କୌଣସି ମନୁଷ୍ୟ ଦୂରେଇବା ପାଇଁ ଉଦ୍ୟମ କରିପାରିବ ନାହିଁ ।

ଅତଏବ୍ ସଂସାରରେ ଦେଖି ନିଅନ୍ତୁ ଯେ, କବେଳେବେଳେ ଧୋକା ଦେବା ନିମନ୍ତେ ଲୋକମାନେ ନିଜକୁ ବିପଦର ସମ୍ମୁଖୀନ କରାଇଥାଆନ୍ତି ଓ ନିଜକୁ ବିପଦରେ ପକାଇ ନିଜର ବଡ଼ ବଡ଼ ବିଶିଷ୍ଟ ଗୁଣାବଳୀର ପରିପ୍ରକାଶ କରାଇଥାଆନ୍ତି । ଅର୍ଥାତ୍ ଆମେମାନେ ପ୍ରୟାସ କଲୁ, ଅମକ ଓ ସମକ କଲୁ । ଫକୀର୍‌ମାନେ ମଧ ଏହିପରି କଥା କହିଥାଆନ୍ତି। ଏପରି ଅନେକ କାହାଣୀମାନ ରହିଛି । କିନ୍ତୁ ଆଁହଜରତ୍ ସ.ଅ ସହଜ ମାର୍ଗ ଖୋଜିଛନ୍ତି। କାରଣ ଯେଉଁ ଲୋକମାନେ ଏପରି ଲୋକ ଦେଖାଣିଆ କଥା କହିଥାଆନ୍ତି ସେମାନେ କେବଳ ନିଜର ଆତ୍ମବଡ଼ିମା ପ୍ରକାଶ କରିବା ନିମନ୍ତେ କିମ୍ବା ଆତ୍ମପ୍ରଶଂସା କରାଇବା ନିମନ୍ତେ ସ୍ୱୟଂକୁ କଷ୍ଟରେ ପକାଇଥାଆନ୍ତି । ସେହି ଲୋକମାନେ ଈଶ୍ୱରଙ୍କ ପ୍ରସନ୍ନତା ସକାଶେ ଏପରି କଥା ଏବଂ କାମ କରି ନଥାଆନ୍ତି। କାରଣ ଈଶ୍ୱରଙ୍କୁ ମଧ ସେହି କଷ୍ଟରୁ କୌଣସି ଲାଭ ମିଳି ନଥାଏ ଓ ନା ହିଁ ସେମାନଙ୍କୁ ଏହାର କୌଣସି ପୁଣ୍ୟ ମିଳିଥାଏ । ଏହା ଲୋକମାନଙ୍କୁ ଧୋକା ଓ ଛଳନା ଦେବା ନିମନ୍ତେ ଉଦ୍ଦିଷ୍ଟ ହୋଇଥାଏ । ଯେତେବେଳେ ମନୁଷ୍ୟ ଧୋକା ଦେବା ନିମନ୍ତେ କୌଣସି କାର୍ଯ୍ୟ କରିଥାଏ ସେତେବେଳେ ସେହି ମନ୍ଦ ଉଦ୍ଦେଶ୍ୟ ଯୋଗୁଁ ଅଲ୍ଲାଃତାଲା ତାକୁ ଶାସ୍ତି ପ୍ରଦାନ କରିଥାଆନ୍ତି । ପୁଣ୍ୟ ପ୍ରଦାନ କରି ନଥାଆନ୍ତି । କେତେକ ଲୋକମାନେ ନିଜର ଦୋଷ ଦୁର୍ବଳତାକୁ ଲୁଚାଇବା ନିମନ୍ତେ ବଡ଼ ବଡ଼ ଦାବି କରନ୍ତି ଏବଂ ବଡ଼ ବଡ଼ କଥା କହିଥାଆନ୍ତି ଯେ, ଆମେ ଅମକ କାର୍ଯ୍ୟ କରିଦେଲୁ । ସେହି କାରଣରୁ ଆମେ କଷ୍ଟର ସମ୍ମୁଖୀନ ହେଉଛୁ । କିନ୍ତୁ ଅଲ୍ଲାଃତାଲା କୁହନ୍ତି ଯେ, ନା ! ଏହି ପୁଣ୍ୟାବଳୀ ତୁମମାନଙ୍କୁ ଅଲ୍ଲାଃତାଲାଙ୍କ ସାନ୍ନିଧ ପ୍ରଦାନ କରାଇ ପାରିବ ନାହିଁ ବରଂ ଅଲ୍ଲାଃତାଲାଙ୍କ ରୁଷ୍ଟତାର କାରଣ କରାଇ ଦେବ । କାରଣ ତୁମମାନଙ୍କର ଅନ୍ତର୍ନିହିତ ଉଦ୍ଦେଶ୍ୟ ସ୍ୱଷ୍ଟ ନୁହେଁ । ତୁମେମାନେ ନିଜକୁ ରକ୍ଷା କରିବାକୁ ଯାଇ ଏପରି କେତେକ କାର୍ଯ୍ୟ ସମ୍ପାଦନ କରିଥାଅ ଏବଂ ଭାବିଥାଅ ଯେ, ଯଦି ଆମମେମାନେ ଏପରି କାର୍ଯ୍ୟ କରି ଲୋକମାନଙ୍କୁ ଦେଖାଇଦେବୁ ତେବେ ସେହି ଲୋକମାନେ ଆମମାନଙ୍କ ସପକ୍ଷରେ ହୋଇଯିବେ । ଅତଏବ୍ ଏହି ଛୋଟ ଛୋଟ ନୀତିଶିକ୍ଷା ଆଁହଜରତ ସ.ଅ ଆମମାନଙ୍କୁ ନିଜର ସର୍ବୋଚ୍ଚ ଆଦର୍ଶ ମାଧ୍ୟମରେ ପ୍ରଦାନ କରିଛନ୍ତି ଏବଂ ଉପଦେଶ ମଧ ଦେଇଛନ୍ତି । ମାନବଜାତି ସହିତ ସଂପର୍କର ଯେଉଁଠି ପ୍ରସଙ୍ଗ ରହିଛି ତହିଁରେ ଆପଣ ସ.ଅ ଉପଦେଶ ଦେବା ନିଜ ଘର ଓ ପରିବାର ଠାରୁ ଆରମ୍ଭ କରିଛନ୍ତି । ଆପଣ ସ.ଅ ନିଜର ପତ୍ନିମାନଙ୍କର ପ୍ରତି କିପରି ବ୍ୟବହାର ପ୍ରଦର୍ଶନ କରିଥିଲେ ? ଅତ୍ୟନ୍ତ କୋମଳତା, ବାତ୍ସଲ୍ୟତାମୂଳକ ବ୍ୟବହାର, ନ୍ୟାୟପୂର୍ଣ୍ଣ ବ୍ୟବହାର ଆପଣ ସ.ଅ ନିଜର ପତ୍ନିମାନଙ୍କ ପ୍ରତି ପ୍ରଦର୍ଶନ କରିଥିଲେ । ଆଜିକାଲି ଯଦି ଲୋକମାନେ ଉକ୍ତ କଥାକୁ ବୁଝି ନିଅନ୍ତେ ତେବେ ଘରର ଅନେକ କଳହ ଏବଂ ଉପଦ୍ରବ ଦୂର ଏବଂ ସମାଧାନ ହୋଇଯିବ । ବେଳେବେଳେ ଆପଣ ସ.ଅଙ୍କ ପତ୍ନିମାନେ ଆପଣ ସ.ଅଙ୍କ ପ୍ରତି କଠୋରତା ମଧ ପ୍ରଦର୍ଶନ କରୁଥିଲେ। ଅର୍ଥାତ୍ କଟ୍ଟୁ ଭାଷା କଥାବାର୍ତ୍ତା ହେଉଥିଲେ । ଅସନ୍ତୁଷ୍ଟ ଓ ରୁଷ୍ଟତାମୂଳକ କଥାବାର୍ତ୍ତା କରୁଥିଲେ । କିନ୍ତୁ ଆପଣ ସ.ଅ ନିରବତାର ସହିତ ହସି ହସି ସେହିସବୁ କଥାକୁ ଛାଡ଼ି ଦେଉଥିଲେ ଓ ଭୁଲାଇ ଦେଉଥିଲେ । ଦିନେ ଆପଣ ସ.ଅ ହ. ଆଏଶା ର.ଅଙ୍କୁ କହିଲେ, ହେ ଆଏଶା ! ତୁମେ ଯେତେବେଳେ ମୋ ଠାରୁ ରୁଷିଯାଅ ସେତେବେଳେ ମୁଁ ଜାଣି ନେଇଥାଏ ଯେ, ତୁମେ ମୋ ଠାରୁ ରୁଷିଛ । ହ. ଆଏଶା ର.ଅ କୁହନ୍ତି ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ କିପରି ଜାଣି ନିଅନ୍ତି ଯେ, ମୁଁ ଆପଣ ସ.ଅଙ୍କ ଉପରେ ରୁଷିଛି ? ଆପଣ ସ.ଅ କହିଲେ, ହେ ଆଏଶା ତୁମେ ଯେତେବେଳେ ମୋ ଉପରେ ପ୍ରସନ୍ନ ହୋଇଥାଅ ଓ କୌଣସି ଶପଥ ବା ରାଣ ଖାଇବାର ପ୍ରସଙ୍ଗ ଆସିଯାଏ ସେତେବେଳେ ତୁମେ ସର୍ବଦା ଏହି ହିଁ କହିଥାଅ ଯେ, ମୁହମ୍ମଦଙ୍କ ଈଶ୍ୱରଙ୍କ ରାଣ ! କଥାଟା ଏହିପରି ଅଟେ । ସେହିପରି ତୁମେ ଯେତେବେଳେ ମୋ ଉପରେ ରୁଷିଥାଅ ଓ ତୁମକୁ ଯେତେବେଳେ ରାଣ ଖାଇବାର ଆବଶ୍ୟକତା ପଡ଼େ ସେତେବେଳେ ତୁମେ ଏହା କୁହ ଯେ, ଇବ୍ରାହିମଙ୍କ ଈଶ୍ୱରଙ୍କ ରାଣ ! କଥାଟି ଏହିପରି ଅଟେ । ଉକ୍ତ କଥା ଶୁଣି ହ. ଆଏଶା ର.ଅ ହସିଦେଲେ ଏବଂ ଆପଣ ସ.ଅଙ୍କ କଥାର ପୁଷ୍ଟି କରି କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ଏକଦମ୍ ଠିକ୍ ବୁଝିଛନ୍ତି ।

ହୁଜୁର ଅନ୍ୱର୍ ଅ.ବ କହିଲେ, ପୁନଶ୍ଚ ହ. ଖଦିଜା ର.ଅଙ୍କ ଘଟଣାବଳୀ ରହିଛି। ହ. ଖଦିଜା ଆଁହଜରତ୍ ସ.ଅଙ୍କ ଜ୍ୟେଷ୍ଠ ପତ୍ନି ଥିଲେ ଏବଂ ସେ ଆପଣ ସ.ଅଙ୍କ ସକାଶେ ବହୁତ ବଡ଼ ବଡ଼ ବଳିଦାନ ଦେଇଥିଲେ । ହ. ଖଦିଜା ର.ଅଙ୍କ ବିୟୋଗ ପରେ ଆପଣ ସ.ଅ ଯେଉଁମାନଙ୍କୁ ବିବାହ କଲେ ସେମାନେ ଯୁବତୀ ବୟସର ଥିଲେ । କିନ୍ତୁ ଏସବୁ

**ଅଲ୍ଲାଃତାଲାଙ୍କ ବାଣୀ**

ଅଲ୍ଲାଃତାଲା କୁହନ୍ତି: وَمَا خَلَقْتُ الْجِنَّ وَالْإِنْسَ إِلَّا لِيَعْبُدُونِ

(ଅଜ୍ ଜାରିୟାତ୍: 57)

ଅନୁବାଦ୍: ଏବଂ ଆମ୍ଭେ ଜିନ୍ନ ଓ ଇନସକୁ ନିଜର ଉପାସନା ସକାଶେ ସୃଷ୍ଟି କରିଅଛୁ ।

ତାଲିବେ ଦୁଆ: Akhtara Begum & Family,
B.D.A, Bhubaneshwar (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

ଅଲ୍ଲାଃତାଲା କୁହନ୍ତି: وَذَكِّرْ فَإِنَّ الذِّكْرَىٰ تَنْفَعُ الْمُؤْمِنِينَ

(ଅଜ୍ ଜାରିୟାତ୍: 56)

ଅନୁବାଦ୍:ଏବଂ ସ୍ମରଣ କରାଉ ଥାଅ, କାରଣ ସ୍ମରଣ କରାଇବା ବିଶ୍ୱାସକାରୀମାନଙ୍କୁ-ଲାଭ ଦେଇଥାଏ ।

ତାଲିବେ ଦୁଆ:Shamim Ahmad, S/o- Late Sk Abdul Gaffar &
Jamila Sahiba, Jamat Ahmadiya Kotpalla (Odisha)

ସତ୍ତ୍ୱେ ଆପଣ ସ.ଅ ହ. ଖଦିଜା ର.ଅଙ୍କ ସହିତ ଥିବା ସଂପର୍କକୁ ପାସୋରି ଦେଲେ ନାହିଁ । ହ. ଖଦିଜା ର.ଅଙ୍କ ସଖୀମାନେ ମଧ୍ୟ ଯେତେବେଳେ ହ. ଖଦିଜା ର.ଅଙ୍କ ପାଖକୁ ଆସୁଥିଲେ ସେତେବେଳେ ଆପଣ ସ.ଅ ସେମାନଙ୍କୁ ସ୍ୱାଗତ ଜଣାଇବା ନିମନ୍ତେ ଛିଡ଼ା ହୋଇଯାଉଥିଲେ । ଯଦି ହ. ଖଦିଜା ର.ଅଙ୍କ ଦ୍ୱାରା ପ୍ରସ୍ତୁତ କୌଣସି ଜିନିଷ ଆପଣ ସ.ଅଙ୍କ ସମ୍ମୁଖକୁ ଆସୁଥିଲା ସେତେବେଳେ ଆପଣ ସ.ଅଙ୍କ ଚକ୍ଷୁରେ ଲୁହ ଆସି ଯାଉଥିଲା ।

ବଦର୍ ଯୁଦ୍ଧର ଘଟଣା ରହିଛି । ଆପଣ ସ.ଅଙ୍କ ଏକ ଜ୍ୱାଇଁ ଯେକି ବର୍ତ୍ତମାନ ମୁସଲମାନ ହୋଇ ନଥିଲେ ସେ ବନ୍ଦୀ ହୋଇ ଆପଣ ସ.ଅଙ୍କ ପାଖକୁ ଯେତେବେଳେ ଆସିଲେ ଏବଂ କାରାମୁକ୍ତ ହେବା ନିମନ୍ତେ ତାଙ୍କ ପାଖରେ କୌଣସି ଧନ ନଥିଲା। ତାଙ୍କର ପତ୍ନି ଅର୍ଥାତ ଆଁହଜରତ ସ.ଅଙ୍କ ସୁପୁତ୍ରୀ ଯେତେବେଳେ ମୋ ସ୍ୱାମୀଙ୍କୁ ବଞ୍ଚାଇବା ନିମନ୍ତେ (ମୁକୁଳାଇବା ନିମନ୍ତେ) କୌଣସି ଅର୍ଥ ମୋ ପାଖରେ ନାହିଁ ସେତେବେଳେ ସେ ନିଜ ମାତାଙ୍କ ଶେଷ ସନ୍ତକ ଅର୍ଥାତ୍ ହାର ଯାହା ଆଁହଜରତ୍ ସ.ଅଙ୍କ ସୁପୁତ୍ରୀ ପାଖରେ ଥିଲା ତାହାକୁ ସେ ନିଜର ସ୍ୱାମୀଙ୍କୁ ମୁକୁଳାଇବା ନିମନ୍ତେ ଫିଦିୟା ସ୍ୱରୂପେ ମଦିନା ପ୍ରେରଣ  କରିଦେଲେ । ଯେତେବେଳେ ସେହି ହାର ରସୁଲୁଲ୍ଲାଃ ସ.ଅଙ୍କ ସମ୍ମୁଖରେ ଉପସ୍ଥାପିତ କରାଗଲା ସେତେବେଳେ ଆପଣ ସ.ଅ ତୁରନ୍ତ ସେହି ହାରକୁ ଚିହ୍ନି ପକାଇଲେ ଏବଂ ଆପଣ ସ.ଅଙ୍କ ଆଖିରୁ ଲୁହ ବାହାରିଗଲା । ଆପଣ ସ.ଅ ନିଜର ସାହାବାମାନଙ୍କୁ କ ହିଲେ, ହେ ସାହାବାମାନେ ! ମୁଁ ଆପଣମାନଙ୍କୁ ତ' ଆଦେଶ ଦେଉ ନାହିଁ । କାରଣ ଏପରି ଆଦେଶ ଦେବାର ମୋର କୌଣସି ଅଧିକାର ନାହିଁ । କିନ୍ତୁ ମୁଁ ଜାଣେ ଯେ, ଏହି ହାର ଜୈନବ୍‌ଙ୍କ ପାଖରେ ତାଙ୍କ ମାତାଙ୍କର ଶେଷ ସନ୍ତକ ଅଟେ । ଯଦି ଆପଣମାନେ ପ୍ରସନ୍ନତାର ସହିତ ଉକ୍ତ ହାର ଜୈନବ୍‌ଙ୍କୁ ଫେରସ୍ତ କରି ଦିଅନ୍ତି ତେବେ ମୁଁ ଆପଣମାନଙ୍କୁ ସୁପାରିଶ୍ କରୁଛି ଯେ, ଜୈନବଙ୍କୁ ତାଙ୍କ ମାତାଙ୍କର ଶେଷ ସନ୍ତକରୁ ବଞ୍ଚିତ କରନ୍ତୁ ନାହିଁ । ସାହାବାମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମମାନଙ୍କ ନିମନ୍ତେ ଏହାଠୁ ଅଧିକ ପ୍ରସନ୍ନତା ଓ ସୌଭାଗ୍ୟର କଥା ଆଉ କ'ଣ ବା ହୋଇପାରିବ ? ଅତଏବ୍ ସାହାବାମାନେ ସେହି ହାର ହ. ଜୈନବ୍ ର.ଅଙ୍କୁ ଫେରସ୍ତ କରିଦେଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ଖଦିଜା ର.ଅ ଯେଉଁ ପୁଣ୍ୟାବଳୀ, ଉତ୍ତମ ଆଚରଣ ଆପଣ ସ.ଅଙ୍କ ସହିତ ପ୍ରଦର୍ଶନ କରିଥିଲେ ତାହାର ପ୍ରଭାବ ଆଁହଜରତ୍ ସ.ଅଙ୍କ ଉପରେ ଏତେ ପଡ଼ିଥିଲା ଯେ, ଆପଣ ସ.ଅ ଅନେକ ସମୟରେ ଏହାର ଅର୍ଥାତ୍ ହ. ଖଦିଜାଙ୍କ ପୁଣ୍ୟାବଳୀର ଚର୍ଚ୍ଚା ଅନ୍ୟ ପତ୍ନିମାନଙ୍କ ସମ୍ମୁଖରେ କରୁଥିଲେ। ଏଥି ସଂକ୍ରାନ୍ତରେ ଏକ ଘଟଣା ମଧ୍ୟ ରହିଛି ଯେ, ଆଁହଜରତ ସ.ଅଙ୍କ ପତ୍ନିମାନଙ୍କ ମଧ୍ୟରେ ବେଳେବେଳେ ଦ୍ୱନ୍ଦ୍ୱ ଦେଖା ଦେଉଥିଲା । ସେ ପଛେ ମୃତ୍ୟୁବରଣ କରିଥିବା ପତ୍ନି ହ. ଖିଦାଜା ର.ଅ ହିଁ ହୋଇଥାଆନ୍ତୁ ନା କାହିଁକି । ସେହି ମୃତ ପତ୍ନିରଙ୍କ ଯେତେ ଅଧିକ ପ୍ରଶଂସା କରାଯାଉ ନା କାହିଁକି ତେବେ ଅନ୍ୟ ପତ୍ନିମାନେ ଈର୍ଷାନ୍ୱିତ ହୋଇଯାଉଥିଲେ। ଅତଏବ୍ ଏକଦା ଆଁହଜରତ୍ ସ.ଅ ହ. ଆଏଶା ର.ଅଙ୍କ ସମ୍ମୁଖରେ ହ. ଖଦିଜାଙ୍କ ପ୍ରଶଂସା ଯେତେବେଳେ କଲେ ସେତେବେଳେ ହ. ଆଏଶା ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ଏହି ବୃଦ୍ଧାର କାହିଁକି ଚର୍ଚ୍ଚା କରୁଛନ୍ତି? ଆପଣ ସ.ଅ ତାଙ୍କ କଥା ଛାଡ଼ନ୍ତୁ । ଆଉ ମନେ ପକାନ୍ତୁ ନାହିଁ । ଅଲ୍ଲାଃତାଲା ତାଙ୍କ ଅପେକ୍ଷା (ହ. ଖଦିଜା ର.ଅଙ୍କ ଅପେକ୍ଷା) ଆପଣଙ୍କୁ ଆହୁରି ଯୁବତୀ ଓ ସୁନ୍ଦର ପତ୍ନି ପ୍ରଦାନ କରିଛନ୍ତି । ଏକଥା ଶୁଣି ଆଁହଜରତ୍ ସ.ଅ ବିଳପି (ରୋଦନ/କାନ୍ଦ) ହୋଇ ଉଠୁଥିଲେ । ଆପଣ ସ.ଅ କହିଲେ,ହେ ଆଏଶା ! ତୁମେ ଜାଣି ନାହଁ ଯେ, ହ. ଖଦିଜା ମୋର କିପରି ସେବା ଓ ସାହାଯ୍ୟ କିରଛନ୍ତି । **(ଦିବାଚା ତଫ୍‌ସିରୁଲ୍ କୁରଆନ୍, ଅନ୍‌ୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-20, ପୃ-389-393ରୁ ଉଦ୍ଧୃତ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ୍ ସ.ଅଙ୍କ ସର୍ବୋଚ୍ଚ ଉତ୍ତମ ଚରିତ୍ରବତ୍ତାର କି ସ୍ତର ରହିଥିଲା ? ଯଦି ଆମେ ଇତିହାସ ଉପରେ ଦୃଷ୍ଟିପାତ କରୁ ତେବେ ଆମେମାନେ ଏହା ଅବଲୋକନ କରିଥାଉ ଯେ, ଆପଣ ସ.ଅଙ୍କ ଜନ୍ମ ପୂର୍ବରୁ ଆପଣ ସ.ଅଙ୍କ ପିତାଙ୍କର ଅକାଳ ବିୟୋଗ ହୋଇଥିଲା ଏବଂ ମାତାଙ୍କର କିଛି କାଳ ପରେ ବାଲ୍ୟାବସ୍ଥାରେ ହିଁ ମୃତ୍ୟୁ ଘଟିଥିଲା । ପ୍ରାରମ୍ଭିକ ୮ ବର୍ଷ କାଳ ଆପଣ ନିଜର ଦଦା (ଜେଜେବାପା)ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଲାଳିତ ପାଳିତ ହୋଇଥିଲେ । ଏହାପରେ ଆପଣ ସ.ଅ ନିଜର ଚଚା ଅବୁ ତାଲିବ୍‌ଙ୍କ ଅଭିଭାବକତ୍ୱରେ ଲାଳିତ ପାଳିତ ହୋଇଥିଲେ । ଚଚାଙ୍କର ରକ୍ତ ସଂପର୍କ ମଧ୍ୟ ଥିଲା ଓ ଅବୁ ତାଲିବ୍‌ଙ୍କ ପିତା ମଧ୍ୟ ମୃତ୍ୟ ସମୟରେ ରସୁଲ୍ କରୀମ୍ ସ.ଅଙ୍କ ସପକ୍ଷରେ ବିଶେଷ ଓସିୟତ୍ କରିଥିଲେ । ତେଣୁ ସେ (ଅବୁ ତାଲିବ୍) ବିଶେଷ ରୂପେ ଆଁହଜରତ ସ.ଅଙ୍କ ପ୍ରତି ପ୍ରେମ ଓ ଆନ୍ତରୀକତା ଭାବ ଏବଂ ସଂପର୍କ ରଖୁଥିଲେ । ସେ ଆପଣ ସ.ଅଙ୍କର ଯତ୍ନ ନେଉଥିଲେ । କିନ୍ତୁ ତାଙ୍କର ପତ୍ନି ଅର୍ଥାତ୍ ଅବୁ ତାଲିବ୍‌ଙ୍କ ପତ୍ନିଙ୍କ ମଧ୍ୟରେ ସେହି ବାତ୍ସଲ୍ୟତା ଓ ମମତା ନଥିଲା । ସେହିପରି ଅବୁ ତାଲିବ୍‌ଙ୍କ ପତ୍ନିଙ୍କ ମଧ୍ୟରେ ବଂଶ ତଥା ପରିବାରର ଦାୟିତ୍ୱ ନିର୍ବାହ କରିବା ପ୍ରତି କୌଣସି ଭାବ ରହିଥିଲା । ଯତେବେଳେ ଘରେ କୌଣସି ଜିନିଷ ଆସୁଥିଲା ସେତେବେଳେ ସେ ପ୍ରଥମେ ନିଜର **(ଅବଶିଷ୍ଟାଂଶ....ପୃ-10ରେ)**

## ଉର୍ଦ୍ଦୁ ନଜମ୍ ହ. ମୁସଲେହ୍ ମଉଦ୍ ର.ଅ

اپنے کرم سے بخش دے میرے خدا مُجھے
بیمار عشق ہوں دے تو شِفا مُجھے

جب تک دم میں دم ہے اسی دین پر ہُوں
اِسلام پر ہی آئے جب آئے قَضا مُجھے

بے کَس نواز ذات ہے تیری ہی اے خُدا
آتا نظر نہیں کوئی تیرے سِوا مُجھے

مِنجُملہ تیرے فَضل و کَرَم کے ہے
یہ بھی ایک عیسیٰ مسیح سا ہے دیار ہنما مُجھے

تیری رَضا کا ہُوں میں طلَبْ گار ہر گھڑی
گر یہ ملے تو جانوں کہ سب کُچھ مِلا مُجھے

ہاں ہاں نگاہِ رحم ذرا اِس طرف بھی ہو
بحرِ گُنہ میں ڈوب رہا ہوں بچا مُجھے

مُوسیٰ کیساتھ سے رہی تیر لَن تَرانیاں
زِنہار میں نہ مانوں گا چہرہ دِکھا تو مُجھے

اِحساں نہ تیرا بھُولوں گا تازِیست اے مسیح
پہنچا دے گر تُو یار کے در پر ذرا مُجھے

ڈوب رہا ہوں بحرِ عشق الٰہی میں شاد میں
کیا دیگا خاک فائدہ بقا مُجھے

## ଉର୍ଦ୍ଦୁ ନଜମ୍ ହ. ମୁସଲେହ୍ ମଉଦ୍ ର.ଅ

اِیمان مجھ کو دے دے عرفان مجھ کو دے دے
قُرباں جاؤں تیرے قُرآن مجھ کو دے دے
دِل پاک کر دے میرا دنیا کی چاہتوں سے
سبوحیت سے حصّہ سُبحان مجھ کو دے دے
دِل جل رہا ہے میرا فُرقت سے ہر دَم
جامِ وصال اپنا اے جان مجھ کو دے دے د
کر دے جو حق و باطل میں امتیازِ کامِل
اے میرے پیارے ایسا فُرقان مجھ کو دے دے
ہم کو تیری رِفاقت حاصل رہے ہمیشہ
ایسا نہ ہو کہ دھوکہ شیطان مجھ کو دے دے
وہ دلِ مجھے عطا کر جو ہو نثارِ جاناں
جو ہو فدائے دِلبر وہ جان مجھ کو دے دے
دنیائے کُفر و بِدعَت کو اس میں غَرق کر دوں
طُوفانِ نوح سا اِک طُوفان مجھ کو دے دے

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** اَلَيۡسَ اللّٰهُ بِكَافٍ عَبۡدَهٗ

(ଅଜ୍ ଜୁମର: 36)

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

**ତାଲିବେ ଦୁଆ:** Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"

(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )

**ତାଲିବେ ଦୁଆ:** Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

## ପୃ-09 ରେ ବର୍ଣ୍ଣିତ ଖୁତ୍‌ବା ଜୁମା19-12-25ର ଅବଶିଷ୍ଟାଂଶ....

ସନ୍ତାନମାନଙ୍କୁ ପ୍ରଥମେ ଦେଉଥିଲେ ଏବଂ ରସୁଲ୍ କରୀମ୍ ସ.ଅଙ୍କୁ ପିଲା ହେବା ସତ୍ତ୍ୱେ ମଧ୍ୟ ଆଁହଜରତ ସ.ଅଙ୍କୁ ଦେବାକୁ ଟିକେ ହେଲେ ଭାବୁ ନଥିଲେ । ଅବୁ ତାଲିବ୍ ଯେତେବେଳେ ଘରକୁ ଆସୁଥିଲେ ଏବଂ ଯେତେବେଳେ ଆପଣ ନିଜର କୁନି ପୁତୁରାକୁ କାନ୍ଦୁଥିବାର ଏବଂ ଅଭିଯୋଗ କରୁଥିବା ଦେଖୁଥିଲେ ଏବଂ ଆପଣ ଯେତେବେଳେ ଏହା ଦେଖୁଥିଲା ଯେ, ତାଙ୍କର ପିଲାମାନେ ତ' କିଛି ଜିନିଷ ଖାଉଛନ୍ତି କିନ୍ତୁ ତାଙ୍କର ସାନ ପୁତୁରା ମୁଁହ ଶୁଖେଇ ଓ ମୁହଁ ଫୁଲାଇ ଗୋଟିଏ ପାର୍ଶ୍ୱରେ ବସିଛନ୍ତି । ଅର୍ଥାତ୍ ରସୁଲ୍ କରୀମ୍ ସ.ଅ ବାଲ୍ୟ କାଳରେ ମଧ୍ୟ ଅତ୍ୟନ୍ତ ଧୈର୍ଯ୍ୟର ସହିତ କବୁକିଛି ସହ୍ୟ କରି ନେଉଥିଲେ । ଚଚାଙ୍କ ପ୍ରେମ ଏବଂ ବଂଶର ଦାୟିତ୍ୱ କଥା ତାଙ୍କ ସମ୍ମୁଖକୁ ଚାଲି ଆସୁଥିଲା । ଅବୁ ତାଲିବ୍ ଦଉଡ଼ି ଯାଇ ନିଜର ପୁତୁରାକୁ କୁଣ୍ଢାଇ ନେଉଥିଲେ ଏବଂ କହୁଥିଲେ ଯେ, ହେ ପତ୍ନି ! ତୁମେ ମୋ ପିଲାର ମଧ୍ୟ ଟିକେ ଯତ୍ନ ନିଅ । ଏପରି ଅବସ୍ଥା ସବୁବେଳେ ହେଉଥିଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମୁସ୍‌ଲେହ୍ ମଉଦ୍ ର.ଅ ଏକ ସ୍ଥାନରେ ଏହି ବର୍ଣ୍ଣନାଟି ଉଦ୍ଧୃତ କରି ଉଲ୍ଲେଖ କରିଛନ୍ତି । କିନ୍ତୁ ଯେଉଁ ଦର୍ଶକମାନେ କୁହନ୍ତି ଯେ, ରସୁଲ୍ କରୀମ୍ ସ.ଅ କେବେ ବି ମାନ କି ଅଭିମାନ କରି ନାହାନ୍ତି, ନା ହିଁ ଆପଣ ସ.ଅଙ୍କ ଚେହେରା ଉପରେ କେବେ ବି ଦୁଃଖ ଓ ପରିତାପ ଭାବ ପ୍ରକଟିତ ହେଉଥିଲା, ଆପଣ ସ.ଅ କେବେ ବି ଚିଡ଼ି ଚଡ଼ା ହେଉ ନଥିଲେ ଓ କେବେ ବି ନିଜର ଚଚାଙ୍କ ପୁତ୍ର ବାଇମାନଙ୍କ ସହିତ ଆପଣ ସ.ଅଙ୍କର କୌଣସି ବନ୍ଧୁତ୍ୱତା ସଂପର୍କ ସୃଷ୍ଟି ହେଲା । ସୁତରାଂ ଆପଣ ସ.ଅଙ୍କ ଜୀବନ ଏହା ଦର୍ଶାଉଛି ଯେ, ଆପଣ ସ.ଅ କିପରି ଆପଣ ସ.ଅଙ୍କ ପରବର୍ତ୍ତୀ ବଦଳି ଯାଇଥିବା ପରିସ୍ଥିତିରେ ମଧ୍ୟ ହ. ଅଲୀ ଓ ହ. ଜାଫାର୍ ର.ଅଙ୍କୁ ନିଜ ଅଭିଭାବକତ୍ୱରେ ନେଇ ସେମାନଙ୍କୁ ସଂସ୍କାର ପ୍ରଦାନ କଲେ । ଆପଣ ସ.ଅ ପ୍ରତ୍ୟେକ ପ୍ରକାରରେ ସେମାନଙ୍କର ଉନ୍ନତି ତଥା ମଙ୍ଗଳ ନିମନ୍ତେ ଯୋଜନାମାନ କରିଥିଲେ । **(ଦିବାଚା ତଫ୍‌ସିରୁଲ୍ କୁରଆନ୍, ଅନ୍‌ୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-20, ପୃ-393ରୁ ଉଦ୍ଧୃତ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏକଦା ଜଣେ ମହିଳାର ଏକ ପୁତ୍ର ସନ୍ତାନର ଅକାଳ ବିୟୋଗ ହୋଇଗଲା । ସେ ନିଜ ପୁତ୍ରର କବର ପାଖକୁ ଯାଇ ଶୋକ ବ୍ୟକ୍ତ କରୁଥିଲା । ରସୁଲ୍ କରୀମ୍ ସ.ଅ ସେହି ବାଟ ଦେଇ ଅତିକ୍ରମ କରୁଥିଲେ । ଆପଣ ସ.ଅ ଏହା ଦେଖି କହିଲେ, ହେ ମହିଳା ! ତୁମେ ଧୈର୍ଯ୍ୟ ଧର । ଈଶ୍ୱରଙ୍କ ବିଧାନ ପ୍ରତ୍ୟେକ ବସ୍ତୁ ଉପରେ ଆଧିପତ୍ୟ ଲାଭ କରିଅଛି । ସେହି ମହିଳା ଜଣକ ଆଁହଜରତ୍ ସ.ଅଙ୍କୁ ଚିହ୍ନି ନଥିଲା । ସେ ପ୍ରତ୍ୟୁତ୍ତରରେ କହିଲା, ମହୋଦୟ ! ଯେପରି ମୋର ପୁତ୍ରର ମୃତ୍ୟୁ ଘଟିଛି ସେହିପରି ଯଦି ତୁମ ପୁତ୍ରର ମୃତ୍ୟୁ ଘଟି ଥାଆନ୍ତା ତେବେ ତୁମେ ଜାଣନ୍ତ ଯେ, ଧୈର୍ଯ୍ୟ କ'ଣ ଓ ଦୁଖ କ'ଣ ? ରସୁଲ୍ କରୀମ୍ ସ.ଅ ଏତିକି କହି ସେଠାରୁ ଆଗକୁ ଅଗ୍ରସର ହେଲେ ଯେ, ହେ ମହିଳା ! ମୋର ଗୋଟିଏ କି ଦୁଇଟି ନୁହଁ ବରଂ ମୋର ସାତ ସାତଟି ସନ୍ତାନ ମୃତ୍ୟୁବରଣ କରିଛନ୍ତି । **(ଦିବାଚା ତଫ୍‌ସିରୁଲ୍ କୁରଆନ୍, ଅନ୍‌ୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-20, ପୃ-394ରୁ ଉଦ୍ଧୃତ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଏହି ପ୍ରକାରର ଅବସରରେ ଆପଣ ସ.ଅ ବିଗତ ବିପତ୍ତି ସମୟରେ କେବଳ ଏତିକି ହିଁ ଭାବାବେଗ ପରିପ୍ରକାଶ କରୁଥିଲେ । କିନ୍ତୁ ଆପଣ ସ.ଅ କେବେ ବି ଏହାଠୁ ବେଶୀ ଭାବାବେଗ ପରିପ୍ରକାଶ କରି ନାହାନ୍ତି ଓ ନା ହିଁ ଉକ୍ତ ଦୁଃଖ ଯୋଗୁଁ କେବେ ବି ଆପଣ ମାନବଜାତି ସେବା କରିବାରେ ଅବହେଳା ପ୍ରଦର୍ଶନ କରି ନାହାନ୍ତି । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆପଣ ସ.ଅଙ୍କୁ ଯେତେବେଳେ ଅଲ୍ଲାଃତାଲା ସମ୍ରାଟତ୍ୱ ପ୍ରଦାନ କଲେ ସେତେବେଳେ ମଧ୍ୟ ଆପଣ ସ.ଅ ପ୍ରତ୍ୟେକ ବ୍ୟକ୍ତିର କଥାକୁ ଶୁଣୁଥିଲେ । ସେହିପରି ଯଦି କୌଣସି ବ୍ୟକ୍ତି ଆପଣ ସ.ଅଙ୍କ ପ୍ରତି କଠୋରତା ପ୍ରଦର୍ଶନ କରୁଥିଲା ତେବେ ସେପରିପ୍ରେକ୍ଷୀରେ ମଧ୍ୟ ଆପଣ ସ.ଅ ନିରବ ରହୁଥିଲେ ଏବଂ ଆପଣ ସ.ଅ କେବେ ବି କଠୋରତା ଓ କ୍ରୁରତାର ଉତ୍ତର କଠୋରତା ଏବଂ କ୍ରୁରତା ଦ୍ୱାରା ଦେଉ ନଥିଲେ । ଆଁହଜରତ୍ ସ.ଅଙ୍କ ସହିଷ୍ଣୁତାଭାବର ଏହି ଅବସ୍ଥା ଥିଲା ଯେ, ବେଳେବେଳା ଆପଣ ସ.ଅ ଯେତେବେଳେ କୌଣସି କାର୍ଯ୍ୟ ନିମନ୍ତା ବାହାରକୁ ବାହାରୁଥିଲେ ସେତେବେଳେ କେତେକ ଲୋକମାନେ ଆପଣ ସ.ଅଙ୍କର ମାର୍ଗ ଅଟକାଇ ଛିଡ଼ା ହୋଇଯାଉଥିଲେ ଏବଂ ନିଜର ଅବଶ୍ୟକତା ଓ ଅଭାବ ସଂପର୍କରେ କହିବା ଆରମ୍ଭ କରି ଦେଉଥିଲେ। ଯେତେବେଳ ପର୍ଯ୍ୟନ୍ତ ସେମାନେ ନିଜର ନୈବେଦ୍ୟ ଓ ଗୁହାରି ଆପଣ ସ.ଅଙ୍କ ସମ୍ମୁଖରେ ଉପସ୍ଥାପିତ କରି ଦେଉ ନଥିଲେ ସେପର୍ଯ୍ୟନ୍ତ ଆପଣ ସ.ଅ ଛିଡ଼ା ହୋଇ ଆପଣ ସ.ଅ ସେମାନଙ୍କର ସମସ୍ୟା ଓ ଅସୁବିଧାକୁ ଶୁଣୁଥିଲେ । ଇତିହାସରେ ଉଲ୍ଲେଖ ରହିଛି ଯେ, ମୁସଲମାନମାନେ ରସୁଲ୍ କରୀମ୍ ସ.ଅଙ୍କୁ ଆପଣ ସ.ଅଙ୍କ ନାମ ପରିବର୍ତ୍ତେ ଆପଣ ସ.ଅଙ୍କ ଆଧ୍ୟାତ୍ମିକ ସ୍ତର ଅନୁଯାୟୀ ଡାକୁଥିଲେ । ଅର୍ଥାତ୍ ମୁସଲମାନମାନେ ଆଁହଜରତ ସ.ଅଙ୍କୁ ରସୁଲୁଲ୍ଲାଃ ସ.ଅ (ଅଲ୍ଲାଃତାଲାଙ୍କ ବାର୍ତ୍ତାବହ) ବୋଲି ଡାକୁଥିଲେ ଓ ଅଣମୁସଲମାନମାନେ ନିଜର ପ୍ରଥାନୁଯାୟୀ ଏପରି ସମ୍ମାନ ପ୍ରଦର୍ଶ କୁରଥିଲେ ଯେ, ସେମାନେ ଆପଣ ସ.ଅଙ୍କୁ ମୁହମ୍ମଦ୍ ସ.ଅ କହିବା ପରିବର୍ତ୍ତେ ଅବୁଲ୍ କାସିମ୍ ନାଁ ଧରି ଡାକୁଥିଲେ । ଅବୁଲ୍ କାସିମ୍ ଆପଣ ସ.ଅଙ୍କର ଗୋତ୍ର ଥିଲା। ଅର୍ଥାତ୍ କାସିମ୍‌ଙ୍କର ପିତା । କାରଣ ଆପଣ ସ.ଅଙ୍କ ପୁତ୍ରର ନାମ କାସିମ୍ ଥିଲା ଯାହାଙ୍କର ଶୈଶାବସ୍ଥାରେ ହିଁ ମୃତ୍ୟୁବରଣ ଘଟିଥିଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏକଦା ଜଣେ ଇହୁଦୀ ବ୍ୟକ୍ତି ମଦିନାକୁ ଆସିଲା ଏବଂ ସେ ଆପଣ ସ.ଅଙ୍କ ପାଖକୁ ଆସି ଯୁକ୍ତି ତର୍କ କରିବା ଆରମ୍ଭ କରିଦେଲା । ଯୁକ୍ତି ତର୍କ ସମୟରେ ସେ ବାରମ୍ବାର ଏହା କହୁଥିଲା ଯେ, ହେ ମୁହମ୍ମଦ୍ ସ.ଅ ! କଥାଟା ଏହିପରି ଅଟେ । ହେ ମୁହମ୍ମଦ୍ ସ.ଅ ! କଥାଟା ଏହିପରି ଅଟେ । ରସୁଲ୍ କରୀମ୍ ସ.ଅ ନିରାଶ ଓ ନିରୁତ୍ସାହିତ ନହୋଇ ତା' କଥାର ଉତ୍ତର ଦେଇ ଦେଉଥିଲେ। କିନ୍ତୁ ସାହାବାମାନେ ତା'ର ଏହି ଘୃଷ୍ଟାତକୁ ଦେଖି ଉତ୍ତେଜିତ ହୋଇ ଉଠୁଥିଲେ । ପରିଶେଷରେ ଜଣେ ସାହାବି ଆଉ ଥୟ ଧରି ରହି ପାରିଲେ ନାହିଁ । ସେ ଇହୁଦୀକୁ କହିଲେ, ହେ ଇହୁଦୀ ବ୍ୟକ୍ତି ! ସାବଧାନ, ତୁମେ ଆଁହଜରତ ସ.ଅଙ୍କ ନାଁ ଧରି କଥା ହୁଅ ନାହିଁ । ତୁମେ ଯଦି ରସୁଲୁଲ୍ଲାଃ ସ.ଅ କହି ପାରିବ ନାହିଁ ତେବେ ଅନ୍ତତଃ ଅବୁଲ୍ କାସିମ୍ କହିଦିଅ । ଇହୁଦୀ ବ୍ୟକ୍ତି ଜଣକ କହିଲା, ମୁଁ ତ' ସେହି ନାମ ଧରିବି (ଉଚ୍ଚାରଣ) କରିବି ଯେଉଁ ନାମ ତାଙ୍କ ପିତା ରଖିଥିଲେ । ରସୁଲୁଲ୍ଲାଃ ସ.ଅ ସ୍ମିତହାସ୍ୟ ପ୍ରକାଶ କଲେ ଏବଂ ସାହାବାମାନଙ୍କୁ କହିଲେ, ହେ ସାହାବାମାନେ ! ଦେଖ ସେ ଯାହା କହୁଛି ତାକୁ କ ହିବାକୁ ଦିଅ ! ସେ ଠିକ୍ କହୁଛି । ମୋର ମାତାପିତାମାନେ ମୋ ନାଁ ମୁହମ୍ମଦ୍ ସ.ଅ ରଖିଥିଲେ । ତେଣୁ ସେ ଯେଉଁ ନାମ ଉଚ୍ଚାରଣ କରିବାକୁ ଚାହୁଁଛି ତାକୁ ଉଚ୍ଚାରିତ କରିବାକୁ ଦିଅ । ତା' ପ୍ରତି କ୍ରୋଧାଭାବ ପ୍ରକାଶ କର ନାହିଁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ ସ.ଅଙ୍କ ଧୈର୍ଯ୍ୟ ଓ ସହିଷ୍ଣୁତାଭାବର ଏହି ଅବସ୍ଥା ଥିଲା ଯେ, ବେଳେବେଳେ ଆପଣ ସ.ଅ ଯେତେବେଳେ କୌଣସି କାର୍ଯ୍ୟ ନିମନ୍ତେ ବାହାରକୁ ବାହାରୁଥିଲେ ସେତେବେଳେ କେତେକ ଲୋକମାନେ ଆପଣ ସ.ଅଙ୍କର ମାର୍ଗ ଅଟକାଇ ଛିଡ଼ା ହୋଇଯାଉଥିଲେ ଏବଂ ନିଜର ଅବଶ୍ୟକତା ଓ ଅଭାବ ସଂପର୍କରେ କହିବା ଆରମ୍ଭ କରି ଦେଉଥିଲେ । ଯେତେବେଳ ପର୍ଯ୍ୟନ୍ତ ସେମାନେ ନିଜର ନୈବେଦ୍ୟ, ଗୁହାରି, ସମସ୍ୟା ଆପଣ ସ.ଅଙ୍କ ସମ୍ମୁଖରେ ଉପସ୍ଥାପିତ କରି ଦେଉ ନଥିଲେ ସେପର୍ଯ୍ୟନ୍ତ ଆପଣ ସ.ଅ ଛିଡ଼ା ହୋଇ ସେମାନଙ୍କର ସମସ୍ୟା ଓ ଅସୁବିଧା ଶୁଣୁଥିଲେ । ପୁନଶ୍ଚ କେତେକ ଲୋକମାନଙ୍କର ଏହି ଅଭ୍ୟାସ ହେଉଥିଲା ଯେ, ସେମାନେ ଯେତେବେଳେ ଆଁହଜରତ୍ ସ.ଅଙ୍କ ସହିତ ହାତ ମିଳାଉଥିଲେ ସେତବେଳେ ସେମାନେ ଅଧିକ ସମୟ ପର୍ଯ୍ୟନ୍ତ ଆପଣ ସ.ଅଙ୍କର ହାତକୁ ଧରି ରଖୁଥିଲେ । ଅତଏବ୍ ଆଁହଜରତ ସ.ଅ ମଧ୍ୟ ସେମାନଙ୍କର ହାତକୁ ଅଧିକ ସମୟ ପର୍ଯ୍ୟନ୍ତ ଧରି ରଖୁଥିଲେ । ଯଦିଓ ଏହା କୌଣସି ପ୍ରତୀକର ପନ୍ଥା ନଥିଲା କିନ୍ତୁ ତଥାପି ଆପଣ ସ.ଅ କେବେ ବି ସେମାନଙ୍କର ହାତରୁ ନିଜର ହାତକୁ ଛଡ଼ାଉ ନଥିଲେ। **(ଦିବାଚା ତଫ୍‌ସିରୁଲ୍ କୁରଆନ୍, ଅନ୍‌ୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-20, ପୃ-394-395ରୁ ଉଦ୍ଧୃତ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପ୍ରତ୍ୟେକ ପ୍ରକାରର ଲୋକମାନେ ନିଜର ଅଭାବ ଓ ଅସୁବିଧା ଆଁହଜରତ ସ.ଅଙ୍କ ସମ୍ମୁଖରେ ଉପସ୍ଥାପିତ କୁରଥିଲେ ହୁଜୁର ଅନ୍‌ୱର୍ ଅ.ବ କହିଲେ, ବେଳେବେଳେ ଆଁହଜରତ୍ ସ.ଅ ପ୍ରଶ୍ନକାରୀକୁ (ମାଗୁଥିବା ବ୍ୟକ୍ତି) ତା'ର ଆବଶ୍ୟକତା ଅନୁଯାୟୀ କିଛି ଦେଇ ଦେଉଥିଲ ତ' ସେମାନେ ନିଜର ଲୋଭର ବଶବର୍ତ୍ତୀ ହୋଇ ଆହୁରି ଅଧିକ ମାଗୁଥିଲେ ଏବଂ ଆପଣ ସ.ଅ ସେମାନଙ୍କର ସେହି ଇଚ୍ଛା ଓ କାମନାକୁ ମଧ୍ୟ ପୂରଣ କରି ଦେଉଥିଲେ । ବେଳେବେଳେ ଲୋକମାନେ ଆପଣ ସ.ଅଙ୍କୁ ମାଗି ଚାଲୁଥିଲେ ଏବଂ ଆପଣ ସ.ଅ ସେମାନଙ୍କୁ ପ୍ରତ୍ୟେକ ଥର କିଛି ନା କିଛି ଦେଇ ଚାଲିଥିଲେ ଏବଂ ପ୍ରଶ୍ନକର୍ତ୍ତା ବ୍ୟକ୍ତି ବିଶେଷ କରି ଏପରି ପରିସ୍ଥିତିରେ ଯଦି ନିଷ୍ଠାପର ଦୃଶ୍ୟମାନ ହେଉଥିଲା ସେତେବେଳେ ଆପଣ ସ.ଅ ତା'ର ନିଷ୍ଠାପରତା ଅନୁଯାୟୀ କିଛି ଜିନିଷ ଦେବା ପରେ କେବଳ ଏତିକି କହି ଦେଉଥିଲେ ଯେ, ହେ ପ୍ରଶ୍ନକର୍ତ୍ତା (ହେ ଅଭାବି ଓ ମାଗିଲାବାଲା ବ୍ୟକ୍ତି) ତୁମେ ଯଦି ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖି ଥାଆନ୍ତ ତେବେ ଏହା ତୁମ ପକ୍ଷେ ଉତ୍ତମ ହୁଅନ୍ତା । ସୁତରାଂ ଏକଦା ଜଣେ

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନଙ୍କୁ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି କି ଆମମାନଙ୍କୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହା ଉଚିତ ହେବ କି ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family,
Jamat Ahmadiya Kerang,
Darul Barkat (Odisha)

ସାହାବି ଅହରହ ଜିଦ୍ କରି ଆପଣ ସ.ଅଙ୍କ ଠାରୁ ଅନେକ ଥର ନିଜର ଆବଶ୍ୟକତା ନିମନ୍ତେ ଟଙ୍କା ମାଗିଲା । ଆପଣ ସ.ଅ ତା'ର ମନସ୍କାମାନାକୁ ପୂରଣ କରିଦେଲେ । କିନ୍ତୁ ଶେଷରେ କହିଲେ, ବସ୍ ! ସର୍ବୋତ୍ତମ ମର୍ଯ୍ୟାଦା ଏହା ହିଁ ଯେ, ମନୁଷ୍ୟ ଈଶ୍ୱରଙ୍କ ଉପରେ ବିଶ୍ୱାସ ସ୍ଥାପନ କରୁ । ସେହି ସାହାବି ମଧ୍ୟରେ ନିଷ୍ଠା ରହିଥିଲା ଏବଂ ଶିଷ୍ଟତା ମଧ୍ୟ ଥିଲା । ସେ ଯାହା କିଛି ଗ୍ରହଣ କରି ସାରିଥିଲା ତାହାକୁ ସେ ଫେରସ୍ତ ତ' କରିଲା ନାହିଁ । କିନ୍ତୁ ଭବିଷ୍ୟତ ସଂପର୍କରେ ସେ ଏହା ହିଁ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଏହା ମୋର ଶେଷ କଥା ଅଟେ । ବର୍ତ୍ତମାନ ମୁଁ ଭବିଷ୍ୟତରେ କୌଣସି ପରିସ୍ଥିତିରେ ମଧ୍ୟ କାହାକୁ କିଛି ମାଗିବି ନାହିଁ । ହୁଜୁର ଅନ୍ୱର୍ ଅ.ବ କହିଲେ, ସେହି ସାହାବିଙ୍କ ସଂପର୍କରେ ଏକ ଘଟଣାଟି ବର୍ଣ୍ଣିତ ହୋଇଛି ଯେ, ଏକଦା ଯୁଦ୍ଧ ଚାଲିଥିଲା। ଯୁଦ୍ଧର ଅତି ଭୟଙ୍କର ସ୍ଥିତି ରହିତଥିଲା । ଯୁଦ୍ଧ ଭୂମିରେ ବର୍ଛା ଫିଙ୍ଗା ଯାଉଥିଲା, ଖଡ଼ଗ ଚାଲୁଥିଲା, ତୀର ଚାଳନା ହେଉଥିଲା । ସିପାହୀ ସିପାହୀମାନେ ଘମାଘୋଟ ଯୁଦ୍ଧ ଲଢୁଥିଲେ ଏବଂ ସ୍କନ୍ଧଚ୍ୟୁତ ହେଉଥିଲା । ଠିକ୍ ସେତିକିବେଳେ ଯେତେବେଳେ ସେହି ସାହାବି ଶତ୍ରୁଙ୍କ ଦ୍ୱାରା ଘେରି ହୋଇଯାଇଥିଲେ । ତାଙ୍କର ଏକ ଚାବୁକ ହାତରୁ ଖସି ପଡ଼ିଲା । ଜଣେ ସହସାଥୀ ମୁସଲମାନ ଯେକି ପଦାତିକ ଥିଲା ସେ ଏହା ଭାବିଲା ଯେ, ଅଫିସର ତଳକୁ ଓହ୍ଲାଇବେ । ତେଣୁ ଏପରି ନହେଉ ଯେ, ଅଫିସରଙ୍କୁ କ୍ଷତି ପହଞ୍ଚିଯିବ । ସେହି ପଦାତିକ ସୈନିକ ଜଣକ ସେହି ଚାବୁକ ଗୋଟାଇ ଉକ୍ତ ସାହାବିଙ୍କ ହତାରେ ଧରାଇ ଦେବାକୁ ଚାହିଁଲା । ସେହି ସାହାବିଙ୍କ ଦୃଷ୍ଟି ଯେତେବେଳେ ସେହି ସିପାହୀ ଉପରେ ପଡ଼ିଲା ଏବଂ ସେ କହିଲା କି ହେ ମୋର ସୈନିକ ଭାଇ ! ମୁଁ ତୋତେ ଈଶ୍ୱରଙ୍କ ଶପଥ ଦେଉଛି ! ତୁମେ ଉକ୍ତ ଚାବୁକକୁ ସ୍ପର୍ଶ କରିବ ନାହିଁ । ଏହା କହି ସେହି ସାହାବି ଜଣକ ଅଶ୍ୱ ଉପରୁ ଡେଇଁ ପଡ଼ିଲେ ଏବଂ ଚାବୁକ୍ ଗୋଟାଇ ନେଲେ । ପୁନଶ୍ଚ ସେହି ସାହାବି କହିଲେ, ମୁଁ ରସୁଲ୍ କରୀମ୍ ସ.ଅଙ୍କୁ କଥା ଦେଇଥିଲି ଯେ, ମୁଁ କାହା ଠାରୁ କିଛି ମାଗିବି ନାହିଁ । ଯଦି ମୁଁ ତୁମକୁ ଚାବୁକ୍ ଉଠାଇବାକୁ ଦେଇଥାଆନ୍ତି ତେବେ ମୁଁ ପାଟିରୁ ତୁମ ଠାରୁ କିଛି ବି ମାଗି ନଥିଲି । କିନ୍ତୁ ତହିଁରେ କୌଣସି ସନ୍ଦେହ ନଥିଲା ଯେ, ତୁଣ୍ଡରୁ ଏହା ମାଗିବା ହୋଇଯାଇଥାଆନ୍ତା । ଏପରି କରିବା ଦ୍ୱାରା ମୁଁ ପ୍ରତିଶ୍ରୁତି ଖିଲାଫକାରୀ ହୋଇ ଯାଇଥାଆନ୍ତି । ଅର୍ଥାତ୍ ଏ ହେଉଛି ଯୁଦ୍ଧ ଭୂମି କିନ୍ତୁ ମୁଁ ନିଜର କାମ ନିଜେ କରିପାରିବି । ଅତଏବ୍ ଏଭଳି ଭୟଙ୍କର ପରିସ୍ଥିତି ମଧ୍ୟ ତାଙ୍କୁ ନିଜର ପ୍ରତିଶ୍ରୁତି ମନେ ରହିଥିଲା । **(ଦିବାଚା ତଫ୍‌ସିରୁଲ୍ କୁରଆନ୍, ଅନ୍ୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-20, ପୃ-395-396ରୁ ଉଦ୍ଧୃତ)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଅତଏବ୍ ଆଁହଜରତ୍ ସ.ଅଙ୍କ ଜୀବନୀର ଏପରି ଆହୁରି ଅନେକ କଥା ରହିଛି । ଆପଣ ସ.ଅଙ୍କ ନ୍ୟାୟ ସଂପର୍କରେ, ଅନ୍ୟର ଭାବାବେଗକୁ ସମ୍ମାନ ଜଣାଇବା ସଂପର୍କରେ, ଅଭାବିମାନଙ୍କର ପ୍ରତି ଯତ୍ନବାନ ଥିଲେ। ଏହିସବୁ ସୁଗୁଣାବଳୀ ଆମମାନଙ୍କ ନିମନ୍ତେ ଆଦର୍ଶ ଅଟନ୍ତି । ଦୀନ ଦରିଦ୍ରମାନଙ୍କ ଧନର ସୁରକ୍ଷା ସଂପର୍କରେ, ମହିଳାମାନଙ୍କ ପ୍ରତି ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା । ଯେପରିକି ମୁଁ ପୂର୍ବେ ମଧ୍ୟ ଚର୍ଚ୍ଚା କରିଛି ଯେ, ଆଁହଜରତ୍ ସ.ଅ ନିଜ ଘରେ ପତ୍ନିମାନଙ୍କ ସହିତ ଏବଂ ସାଧାରଣ ମହିଳାମାନଙ୍କ ସହିତ ମଧ୍ୟ ଉତ୍ତମ ବ୍ୟବହାର ପ୍ରଦର୍ଶନ କରୁଥିଲେ। ଆପଣ ସ.ଅ ମାନବ ଜାତିର ସେବା କରିବା ନିମନ୍ତେ, ପଡ଼ୋଶୀମାନଙ୍କ ସହିତ ଉତ୍ତମ ବ୍ୟବହାର ପ୍ରଦର୍ଶନ ଓ ସଂପର୍କୀୟମାନଙ୍କ ସହିତ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ସଂପର୍କରେ ଅସଂଖ୍ୟ କଥା ରହିଛି । ଏହସବୁ ଅସଂଖ୍ୟ କଥା ଆପଣ ସ.ଅଙ୍କ ଆଦର୍ଶରୁ ହିଁ ଆମମାନଙ୍କୁ ମିଳିଥାଏ । ଲୋକମାନଙ୍କର ଧନର ସୁରକ୍ଷା ନିମନ୍ତେ ଆପଣ କି ଉଦ୍ୟମ କରୁଥିଲେ ? ଅନ୍ୟମାନଙ୍କର ଦୋଷ ଦୁର୍ବଳତାକୁ ଲୁଚାଇବା ସଂପର୍କରେ ଆପଣ ସ.ଅଙ୍କ କେଉଁ ପ୍ରୟାସ ରହୁଥିଲା, ପରସ୍ପର ମଧ୍ୟରେ ସାହାଯ୍ୟ ଓ ସହଯୋଗ ସଂକ୍ରାନ୍ତରେ ଆପଣ ସ.ଅ କ'ଣ କହୁଥିଲେ ଓ ଆପଣ ସ.ଅଙ୍କର କ'ଣ ଆଚରଣ କିପରି ଥିଲା, ଆପଣ ସ.ଅ କିପରି ଆଖି ବନ୍ଦ୍ କରି ଦେଉଥିଲେ ? ଅର୍ଥାତ୍ ଅଣଦେଖା କରି ଦେଉଥିଲେ । ଅର୍ଥାତ୍ ପରର ଦୋଷକୁ ଦେଖି ଆପଣ କଥାକୁ ଗୁପ୍ତ ରଖୁଥିଲେ । ସତ୍ୟ ସଂପର୍କରେ ଆପଣ ସ.ଅ କେଉଁ କେଉଁ ଉପଦେଶ ରହିଥିଲା ? କୁଧାରଣାରୁ ବର୍ତ୍ତିବା ନିମନ୍ତେ ଆପଣ ସ.ଅ କ'ଣ କହିଥିଲେ, ପରର ଦୋଷ ଖୋଜିବା ସଂପର୍କରେ ଆପଣ ସ.ଅ କେଉଁ ଆଦେଶ ଦେଇଥିଲେ, ନୈରାଶ୍ୟତାରୁ ବର୍ତ୍ତିବା ସଂପର୍କରେ ଆପଣ ସ.ଅ କ'ଣ କହିଥିଲେ ? ଏପର୍ଯ୍ୟନ୍ତକି ଜୀବମାନଙ୍କ ସହିତ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ପାଇଁ ମଧ୍ୟ ଆପଣ ସ.ଅ କହିଥିଲେ ଏବଂ ଧାର୍ମିକ ସହିଷ୍ଣୁତା ଭାବ ସଂକ୍ରାନ୍ତରେ ମଧ୍ୟ ଆପଣ ସ.ଅ ଉପଦେଶ ଦେଇଛନ୍ତି । ଏହି ସମସ୍ତ କଥା ଏପରି ଅଟନ୍ତି ଯେ ଏହା ଆମମାନଙ୍କ ନିମନ୍ତେ ଉଦାହରଣ ଅଟନ୍ତି । ଯେପରିକି ମୁଁ ପୂର୍ବେ ମଧ୍ୟ କହିଛି ଯେ, ଆସନ୍ତା ଖୁତ୍‌ବାମାନଙ୍କରେ **ଇନ୍‌ଶାଅଲ୍ଲାଃ** ସୁଯୋଗ ଦୃଷ୍ଟିରୁ ମୁଁ ଏହିସବୁ କଥା ବର୍ଣ୍ଣନା କରୁଥିବି । ବର୍ତ୍ତମାନ ମୁଁ ଏଠାରେ ଉପରୋକ୍ତ କଥାକୁ ସମାପ୍ତ କରୁଛି ଏବଂ ହ. ମସିହ୍ ମଉଦ୍ ଅ.ସଙ୍କ ଆଲେଖ୍ୟ ପାଠ କରିଦେଉଛି ।

ହୁଜୁର ଅନ୍ୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ସେହି ବ୍ୟକ୍ତି ଯିଏ ନିଜର ଅସ୍ତିତ୍ୱ ଦ୍ୱାରା, ନିଜର ବିଶିଷ୍ଟ ସୁଗୁଣାବଳୀ ଦ୍ୱାରା, ନିଜର କର୍ମ ଦ୍ୱାରା ଏବଂ ନିଜର ଅଧ୍ୟାତ୍ମିକ କର୍ମ ତଥା କାର୍ଯ୍ୟ ଦ୍ୱାରା ଏବଂ ନିଜର ଆଧ୍ୟାତ୍ମିକ ଏବଂ ପବିତ୍ର ଶକ୍ତିର ବଳିଷ୍ଠ ନଇରୁ ବ୍ୟବହାରିକ ରୂପେ, ଶୈକ୍ଷିକ ତଥା ସତ୍ୟନିଷ୍ଠତାର ସହିତ ଅନନ୍ୟ ପୂର୍ଣ୍ଣତାର ଉଦାହରଣ ପ୍ରଦର୍ଶନ କଲେ ଓ ପୂର୍ଣ୍ଣ ମନୁଷ୍ୟ ରୂପେ ବିବେଚିତ ହେଲେ । ସେହି ପବିତ୍ରାବତାର ହ. ଖାତମୁଲ୍ ଅମ୍ବିୟା (ଅବତାରମାନଙ୍କର ମୋହର), ପବିତ୍ର ଧର୍ମାତ୍ମା, ସନ୍ଥାତ୍ମା, ପ୍ରେରିତ ଅବତାରମାନଙ୍କର ମୋହର, ଅବତାରମାନଙ୍କର ଗୌରବ ମହାମାନ୍ୟ ମୁହମ୍ମଦ ମୁସ୍ତଫା ସ.ଅ ଅଟନ୍ତି । ହେ ପ୍ରିୟ ପରମେଶ୍ୱର ! ତୁମ୍ଭେ ସେହି ପ୍ରିୟ ମହାବତାରଙ୍କ ପ୍ରତି ଏପରି ଶାନ୍ତି ଅବତୀର୍ଣ୍ଣ କର ଯେଉଁ ଶାନ୍ତି ସଂସାର ପୂର୍ବରୁ ତୁମ୍ଭେ ଅନ୍ୟ କାହା ଉପରେ ଅବତୀର୍ଣ୍ଣ କରି ନାହଁ ।"

**(ଅତ୍‌ମାମୁଲ୍ ହୁଜତ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-8, ପୃ-308)**

ହୁଜୁର ଅନ୍ୱର୍ ଅ.ବ କହିଲେ, ଅତଏବ୍ ଏଥି ନିମନ୍ତେ ଅଲ୍ଲାଃତାଲା ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମେମାନେ ଆପଣ ସ.ଅଙ୍କ ଆଦର୍ଶକୁ କାର୍ଯ୍ୟକାରୀ କରାଇବା ସଙ୍ଗେସଙ୍ଗେ ପ୍ରକୃତ ମୁସଲମାନ ହେବା ନିମନ୍ତେ ଉଦ୍ୟମ କରିବା ଉଚିତ୍ ଓ ଆପଣ ସ.ଅଙ୍କ ଏହି ସନ୍ଦେଶକୁ ସଂସାରରେ ପରିବ୍ୟାପ୍ତକାରୀ ବ୍ୟକ୍ତି ରୂପେ ପରିଗଣିତ ହୋଇ ଆମମାନଙ୍କୁ ସାମର୍ଥ୍ୟ ପ୍ରାପ୍ତ ହେଉ । କାରଣ ସଂସାରକୁ ମଧ୍ୟ ଆଁହଜରତ ସ.ଅଙ୍କ ଧ୍ୱଜା ତଳେ ଆଣିବାକୁ ଅଲ୍ଲାଃତାଲା ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** । اللّٰھم صلّ علی محمّدٍ وعلیٰ اٰل محمّدٍ و بارِك وسلِّم انّك حمیدٌ مجیدٌ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ନମାଜ୍ ଜୁମା ପରେ ମୁଁ ନମାଜ ଯନାଜାଃ ପାଠ କରାଇବି । ହୁଜୁର୍ ଅନ୍ୱର୍ ଅ.ବ ବ୍ୟବସ୍ଥାପିକାଙ୍କୁ ପଚାରିଲେ, ଆଛା ଯନଜାଃ ଆସି ଯାଇଛି କି ? ଏତଦ୍‌ପରେ ହୁଜୁର ଅନ୍ୱର୍ ଅ.ବ କହିଲେ,ଏକ ଯନାଜାଃ ହାଜିର ରହିଛି । ସେହି ଯନାଜାଃ ହେଲା ସ୍ୱର୍ଗତ ଲଇକ୍ ଅହମଦ୍ ତାହିର୍ ସାହେବଙ୍କର । ଆପଣ ୟୁ.କେର ମୁବଲ୍ଲିଗ୍ ସିଲସିଲା ଥିଲେ । ବିଗତ ଦିନ 83 ବର୍ଷ ବୟସରେ ଆପଣଙ୍କର ପରଲୋକ ହୋଇଯାଇଛି । انا للہ وانا الیہ راجعون । ସ୍ୱର୍ଗତ ଲଇକ୍ ତାହିର୍ ସାହେବ ଓସିୟତ୍ କରିଥିଲେ । ଶୋକ ସନ୍ତପ୍ତ ପରିବାରବର୍ଗଙ୍କ ମଧ୍ୟରେ ଗୋଟିଏ କନ୍ୟା ସନ୍ତାନ ଏବଂ ତିନୋଟି ପୁତ୍ର ସନ୍ତାନ ଅନ୍ତର୍ଭୁକ୍ତ ଅଛନ୍ତି ।

ସ୍ୱର୍ଗତ ଲଇକ୍ ଅହମଦ ତାହିର୍ ସାହେବ ହ. ମସିହ୍ ମଉଦ୍ ଅ.ସଙ୍କ ସାହାବି ହ. ସେଖ୍ ଫଜଲ୍ ଅହମଦ ସାହେବ ବଟାଲ୍‌ୱୀ ର.ଅଙ୍କ ଘରେ କାଦିୟାନ୍ ଠାରେ ଜନ୍ମଗ୍ରଣ କରିଥିଲେ । ତାଙ୍କ ପିତା 1907 ମସିହାରେ ହ. ମସିହ୍ ମଉଦ୍ ଅ.ସଙ୍କ ହସ୍ତରେ ବୈଅତ୍ କରିଥିଲେ । ମ୍ୟାଟ୍ରିକ୍ ପର୍ଯ୍ୟନ୍ତ ଶିକ୍ଷା ପ୍ରାପ୍ତ କରିବା ପେର 1959 ମସିହାରେ ସ୍ୱର୍ଗତ ଲଇକ୍ ତାହିର୍ ସାହେବ ନିଜର ଜୀବନକୁ ୱକଫ୍ (ଉତ୍ସର୍ଗୀକୃତ) କରି ଦେଇଥିଲେ ଓ ଯାମିୟା ଅହମଦିୟା ରବ୍‌ୱା ଠାରେ ନାମ ଲେଖାଇଥିଲେ । 1966 ମସିହାରେ ଯାମିୟା ଅହମଦିୟାରୁ ଶିକ୍ଷା ସମାପ୍ତ କରିଥିଲେ ଏବଂ ଯାମିୟାରେ ହିଁ ଶିକ୍ଷା ପ୍ରାପ୍ତ କରିବା ସମୟରେ ସେ ଏଫ୍.ଏ (+2) ମଧ୍ୟ କଲେ । ଆପଣ ସ୍ନାତକ, ଆରବୀ ଭାଷାରେ ସ୍ନାତକ ମଧ୍ୟ ଥିଲେ । ଯାମିୟା ଅହମଦିୟାରୁ ଶିକ୍ଷା ସମାପ୍ତ କରିବା ପରେ ପଞ୍ଜାବ ବିଶ୍ୱବିଦ୍ୟାଳୟରୁ ଆପଣ ବି.ଏ ଡିଗ୍ରୀ ପ୍ରାପ୍ତ ମଧ୍ୟ କଲେ । ଜୁଲାଇ 1967 ମସିହାରେ ଆପଣଙ୍କୁ ଇଂଲଣ୍ଡର ମୁବଲ୍ଲିଗ୍ ରୂପେ ସେବା କରିବା ନମନ୍ତେ ପ୍ରେରଣ କରାଗଲା । ଏଠାରେ ଅର୍ଥାତ୍ ଲଣ୍ଡନରେ ତାଙ୍କୁ ମସଜିଦ୍ ଫଜଲ୍ ଲଣ୍ଡନର ନାଏବ୍ ଇମାମ୍ ରୂପେ ସେବା କରିବାକୁ ସାମର୍ଥ୍ୟ ପ୍ରାପ୍ତ ହୋଇଥିଲା । ପୁନଶ୍ଚ 1970 ମସିହାରେ ଆପଣ ପାକିସ୍ତାନ ଫେରିଗଲେ । ଇସ୍‌ଲାହ୍ ଓ ଇର୍ଶାଦ୍ ଅଧୀନ ନାନା ସ୍ଥାନରେ ଆପଣ ମୁବଲ୍ଲିଗ୍ ରୂପେ କାର୍ଯ୍ୟ କରିଥିଲେ । ପୁନଶ୍ଚର ଏହାପରେ ତାଙ୍କର ବଦଳି ତସ୍‌ନିଫ୍ ବିଭାଗରେ ହୋଇଗଲା । ଆପଣ ମୌଲାନା ଅବୁଲ୍ ମୁନୀର୍ ନୁରୁଲ୍ ହକ୍ ସାହେବଙ୍କ ଦ୍ୱାଇଁ ଥିଲେ । ପୁନଶ୍ଚ ଏହିପରି ତାଙ୍କୁ ସେଠାରେ ସେବା କରିବା ସମୟରେ ଯାମିୟା ଅହମଦିୟାର ଶିକ୍ଷକ ରୂପେ ନିଯୁକ୍ତ କରାଗଲା ଏବଂ ପ୍ରାୟ 10 ବର୍ଷ କାଳ ଆପଣ ଅଧ୍ୟାପନାର ଦାୟିତ୍ୱ ତଥା କର୍ତ୍ତବ୍ୟ ସମ୍ପାଦନ କିରଥିଲେ । ପୁନଶ୍ଚ 1962 ମସିହାରେ ଆପଣଙ୍କୁ ୱକାଲତ୍ ତବ୍‌ଶୀର୍ ଠାରେ ନିଯୁକ୍ତ କରାଗଲା ଏବଂ ଆପଣ ନାଏବ୍ ୱକାଲତ୍ ତବ୍‌ଶୀର ରୂପେ ନିଯୁକ୍ତ ହେଲେ । ସେହିପରି ଯାମିୟା ଅହମଦିୟାରେ ପାଠ ପଢିବା ସମୟରେ ମଧ୍ୟ ଆପଣ ଖୁଦ୍ଦାମୁଲ୍ ଅହମଦିୟା ଏବଂ ଅଧୀନସ୍ତ ଗୋଷ୍ଠୀମାନଙ୍କରେ ମଧ୍ୟ ସେବା କରୁଥିଲେ । ପୁନଶ୍ଚ 1986 ମସିହାରେ ତାଙ୍କୁ ଆମେରିକାର ମୁବଲ୍ଲିଗ୍ ରୂପେ ମଧ୍ୟ ପ୍ରେରଣ କରାଗଲା । ପୁନଶ୍ଚ 1986

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** اَلَیۡسَ اللّٰہُ بِکَافٍ عَبۡدَہٗ

(ଅଜ୍ ଜୁମର: 36)

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

**ତାଲିବେ ଦୁଆ:** Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"

**(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )**

**ତାଲିବେ ଦୁଆ:** Shenaz Begum, W/o- Sheikh Ghulam Ahmed & Family, Jamat Ahmadiya Bhadrak (Odisha)

ମସିହାରେ ହିଁ ହ. ଖଲିଫତୁଲ୍ ମସିହ୍ ରାବେ ର.ଅ ଏଠାକୁ ଡକାଇ ଗ୍ଲାସ୍‌ଗୋ ଠାରେ ତାଙ୍କୁ ନିଯୁକ୍ତି କରିଥିଲେ । ସେଠାରେ ଆପଣଙ୍କୁ ମୁବଲ୍ଲିଗ୍ ସିଲ୍‌ସିଲା ଭାବରେ ସେବା କରିବାକୁ ସମାର୍ଥ୍ୟ ପ୍ରାପ୍ତ ହୋଇଥିଲା । 2005 ମସିହାରେ ଯେତେବେଳେ ଯାମିୟା ଅହମଦିୟା ଖୋଲିଲା ସେତେବେଳେ ଆପଣ ଯାମିୟା ଅହମଦିୟା ୟୁ.କେର ପ୍ରିଂସିପାଲ ରୂପେ ନିଯୁକ୍ତ ହୋଇଥିଲେ । ସ୍ୱର୍ଗତଙ୍କ ସେବା କରିବାର କାର୍ଯ୍ୟକାଳ 59 ବର୍ଷ ଅଟେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ମସ୍‌ଜିଦ୍ ଫଜଲ୍ ଲଣ୍ଡନର ଇମାମ୍ ସାହେବ ଅତାଉଲ୍ ମୁଜିବ୍ ରାଶିଦ୍ ସାହେବ କୁହନ୍ତି ଯେ, ସ୍ୱର୍ଗତ ଲଇକ୍ ତାହିର୍ ସାହେବ ଇସ୍‌ଲାମ୍ ଧର୍ମର ପ୍ରାଣୋତ୍ସର୍ଗୀ, ଖିଲାଫତ୍ ପାଇଁ ନିଜର ପ୍ରାଣକୁ ଉତ୍ସର୍ଗକାରୀ ସେବକ, ଉତ୍ସର୍ଗୀକୃତ ଜୀବନର ସମସ୍ତ ସର୍ତ୍ତକୁ ଭଲ ଭାବରେ ସମ୍ପାଦନକାରୀ ବ୍ୟକ୍ତି ଏବଂ ଜଣେ ସଫଳ ମୁବଲ୍ଲିଗ୍ ଥିଲେ । ଆପଣ ଦୀର୍ଘକାଳ ପର୍ଯ୍ୟନ୍ତ ପ୍ରାଣୋତ୍ସର୍ଗୀକତାର ସହିତ ଧର୍ମସେବା କରିବା ନିମନ୍ତେ ସାମର୍ଥ୍ୟ ପ୍ରାପ୍ତ କିରଥିଲେ । ଆପଣ ଅତ୍ୟନ୍ତ ସୁନ୍ଦର କଣ୍ଠରେ ଏବଂ ପ୍ରଭାବଶାଳୀ ଢଙ୍ଗରେ ପବିତ୍ର କୁରଆନ୍ କରୀମ୍‌ର ତିଲାୱତ୍ କରୁଥିଲେ । ହୃଦୟାସନ୍ନିତ ଶୈଳୀରେ ସାଂସ୍କାରିକ ପ୍ରସଙ୍ଗ ଆଡ଼କୁ ଧ୍ୟାନ ଆକର୍ଷଣ କରୁଥିଲେ । ଯେଉଁ ଯେଉଁ ଜମାଅତ୍‌ମାନଙ୍କରେ ଆପଣଙ୍କୁ ସେବା କରିବାକୁ ସାମର୍ଥ୍ୟ ଲାଭ ହୋଇଥିଲା ସେଠାରେ ଆପଣ ଅନେକ ପୁଣ୍ୟ ସ୍ମୃତି ମଧ୍ୟ ଛାଡ଼ିଛନ୍ତି । ସ୍ୱର୍ଗତ ଲଇକ୍ ତାହିର୍ ସାହେବ ଜମାଅତ୍ ଅହମଦିୟାର ସଦସ୍ୟବୃନ୍ଦଙ୍କୁ ବହୁତ ଭଲ ପାଉଥିଲେ ଜଣେ ଲୋକପ୍ରିୟ ସେବକ ମଧ୍ୟ ଥିଲେ । ଲେଖନୀ କ୍ଷେତ୍ରରେ ମଧ୍ୟ ଆପଣଙ୍କୁ ଅନେକ ସେବା କରିବା ନିମନ୍ତେ ସାମର୍ଥ୍ୟ ପ୍ରାପ୍ତ ହୋଇଥିଲା । ଆପଣ ଦୁଆ ଉପରେ ବିଶେଷ ଗୁରୁତ୍ୱାରୋପ କରୁଥିଲେ। ଆପଣ ନିଜ ଘରର କାନ୍ଥରେ ମଧ୍ୟ ଦୁଆ ସମ୍ବଳିତ କୁରଆନୀୟ ବାକ୍ୟକୁ ସଜାଇଥିଲେ। ଏହିପରି ଭାବରେ ଆପଣ ଅନେକ ସୁଗୁଣାବଳୀର ଅଧିକାରୀ ଥିଲେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ମୁବାରକ୍ ସିଦ୍ଦିକି ସାହେବ କୁହନ୍ତି ଯେ, ରବ୍‌ୱାରେ ରହିବା କାଳରୁ ମୁଁ ସ୍ୱର୍ଗତଙ୍କୁ ଜାଣିଛି । ଆପଣ ଅତ୍ୟନ୍ତ ମିଷ୍ଟଭାଷୀ ଓ ଜଣେ ଶିଷ୍ଟ ବ୍ୟକ୍ତି ଥିଲେ । ଆପଣଙ୍କ ସ୍ୱଭାବରେ ଶିଷ୍ଟତା ଥିଲା । ଆପଣ ଖିଲାଫତ୍ ଏବଂ ଜମାଅତ୍ ପ୍ରତି ଅତ୍ୟନ୍ତ ଆନ୍ତରୀକତା ପୂର୍ଣ୍ଣ ସଂପର୍କ ରଖିଥିଲେ । ଆପଣ ସାକ୍ଷାତ୍‌କାରୀମାନଙ୍କୁ ମଧ୍ୟରୁ ଉପଦେଶ ଦେଉଥିଲେ ଯେ, ସେମାନେ ଉପସ୍ଥିତ ଖଲିଫାଙ୍କର ପୂର୍ଣ୍ଣ ରୂପେ ଆଜ୍ଞା ପାଳନ କରିବା ଉଚିତ୍ । ସେହିପରି ଆପଣଙ୍କ ପକେଟ୍‌ରେ ସବୁବେଳେ ଏକ ଛୋଟିଆ ନୋଟ୍‌ବୁକ୍ ରହୁଥିଲା । ତେଣୁ ଯେତେବେଳେ କୌଣସି ଆପଣ କୌଣସି ସ୍ଥାନରେ ଭଲ କଥା ଦେଖୁଥିଲେ କିମ୍ବା ଶୁଣୁଥିଲେ ସେତେବେଳେ ଆପଣ ତୁରନ୍ତ ସେହି କଥାକୁ ସେହି ନୋଟ୍‌ବୁକରେ ଲେଖି ନେଉଥିଲେ । ଆପଣ କେବଳ କୌଣସି ବିଶେଷ ବ୍ୟକ୍ତିଙ୍କ ସହିତ ସାକ୍ଷାତ୍ କରି ସେହି କ୍ଷୁଦ୍ର ନୋଟ୍ ବୁକରେ ଭଲ କଥା ଲେଖି ନେଉଥିଲେ ତାହା ନୁହେଁ ବରଂ ଆପଣ ଛାତ୍ର ଜୀବନ କାଳରୁ ହିଁ ଜମାଅତ୍‌ର ବରିଷ୍ଠ ବ୍ୟକ୍ତିମାନଙ୍କର ସାହଚର୍ଯ୍ୟତ୍ୱରେ ବସିବା ନିଜର ଅଭ୍ୟାସ କରି ନେଇଥିଲେ । ସୁତରାଂ ହ. ହାଫିଜ୍ ମୁଖ୍‌ତାର ଅହମଦ୍ ସାହେବ ଶାହାଜାନ୍‌ପୁରୀ ର.ଅଙ୍କ ଅନେକ କଥା ଆପଣଙ୍କୁ ମନେଥିଲା ଏବଂ ନିଜର ସଭାରେ ସେହି କଥାକୁ ଆପଣ ଶୁଣାଉଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତ ଲଇକ୍ ତାହେର୍ ସାହେବଙ୍କର ସୁପୁତ୍ରୀ କୁର୍‌ରତୁଲ୍ ଐନ୍ ସାହେବା କୁହନ୍ତି ଯେ, ମୁଁ ସ୍ୱର୍ଗତ ପିତାଶ୍ରୀଙ୍କର ଯେଉଁ ଗୋଟିଏ ପାର୍ଶ୍ୱ ଅନନ୍ୟ ରୂପେ ଦେଖିଛି ତାହା ଥିଲା ପିତାଶ୍ରୀଙ୍କ ଦୁଆ କରିବାର ଶୈଳୀ । ପିତଶ୍ରୀ ଦୁଆ କରିବା ସମୟରେ କାକୁତି ମିନତୀ, ବିନୀତତା ଏବଂ ଅଲ୍ଲାଃତାଲାଙ୍କୁ ଗେହ୍ଲେଇକି ମାଗୁଥିଲେ । ବଡ଼ ବିଚିତ୍ର ମାଗିବାର ଶୈଳୀ ଥିଲା । ବେଳେବେଳେ ଏପରି ଲାଗୁଥିଲା ଯେ, ଯେପର୍ଯ୍ୟନ୍ତ ଅଲ୍ଲାଃତାଲା ପିତାଶ୍ରୀକୁ ଉତ୍ତର ଦେଇ ଦେଇ ନାହାନ୍ତି ସେପର୍ଯ୍ୟନ୍ତ ସେ ଦୁଆ କରିବା ଛାଡ଼ିବେ ନାହିଁ । ଅଲ୍ଲାଃତାଲାଙ୍କର ସଂପର୍କ ମଧ୍ୟ ପିତାଶ୍ରୀଙ୍କ ସହିତ ଏହିପରି ଥିଲା ଯେ, ଅଲ୍ଲାଃତାଲା ସମୟ ପୂର୍ବରୁ ହିଁ ଅନେକ ଘଟଣା ସଂପର୍କରେ ସ୍ୱୟଂ ପିତାଶ୍ରୀଙ୍କୁ ସୂଚନା ଦେଇ ଦେଉଥିଲେ । ପିତାଶ୍ରୀ ଆମମାନଙ୍କୁ ଦୁଆ ସଂପର୍କରେ ଏହା କହୁଥିଲେ ଯେ, ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସ ଏହା କହିଛନ୍ତି ଯେ, ଦୁଆ କରୁଥିବା ବ୍ୟକ୍ତିର ଏହି ଅବସ୍ଥା ହେବା ଉଚିତ୍ ଯେ, جو منگے سو مر رہے۔ مرے سو منگن جا ଅର୍ଥାତ୍ ପ୍ରକୃତ ପ୍ରସଙ୍ଗ ଏହିକି ଯେ, ମାଗିଲା ବାଲା ବ୍ୟକ୍ତିର ଏପରି ଅବସ୍ଥା ହେବା ଉଚିତ୍ ଯେପରିକି ସେ ମରି ଯାଇଛି ଏବଂ ସେହି ଅବସ୍ଥାରେ ଯେତେବେଳେ ତୁମେ ମାଗିବ ସେତେବେଳେ ଅଲ୍ଲାଃତାଲା ମଧ୍ୟ ତୁମ କଥା ଶୁଣିଥାଆନ୍ତି । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ସ୍ୱର୍ଗତଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । ତାଙ୍କର ଯନାଜାଃ ହେଉଛି ଯନାଜାଃ ହାଜିର୍ । ବର୍ତ୍ତମାନ ମୁଁ ନମାଜ୍ ଜୁମା ପରେ ବାହାରକୁ ଯାଇ ସ୍ୱର୍ଗତଙ୍କର ନମାଜ୍ ଯନାଜାଃ ପାଠ କରାଇବି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଦ୍ୱିତୀୟ ଯନାଜାଃ ହେଲା ମାଲିର ସିଗୋ ଅଞ୍ଚଳର ନାଏବ୍ ସଦର୍ ଶ୍ରୀଯୁକ୍ତ ସିଗାଜାଲୋ ସାହେବଙ୍କର । ଆପଣ ମାଲିର ଅଧିବାସୀ ଥିଲେ। ତାଙ୍କର ମଧ୍ୟ ବିଗତ ଦିନରେ ବିୟୋଗ ହୋଇଯାଇଛି । اناللہ وانا الیہ راجعون । ସ୍ୱର୍ଗତ ସିଗା ଜାଲୋ ସାହେବ ମଧ୍ୟ ଓସିୟତ୍ କରିଥିଲେ । ତାସିର୍ ସାହେବ ନାମକ ଜଣେ ମୁବଲ୍ଲିଗ୍ ସାହେବ ଉଲ୍ଲେଖ କରନ୍ତି ଯେ, ସ୍ୱର୍ଗତଙ୍କ ରେଡ଼ିଓ ପ୍ରୋଗ୍ରାମ ଶୁଣି ମୋତେ 2016 ମସିହାରେ ଅହମଦିୟତ୍ ସ୍ୱୀକାର କରିବାକୁ ସାମର୍ଥ୍ୟ ପ୍ରାପ୍ତ ହୋଇଥିଲା ଏବଂ ପୁନଶ୍ଚ ନିଜର ବିଶ୍ୱାସରେ ସେ ବେଶ୍ ଉନ୍ନତି କଲେ । ଆପଣ ପ୍ରେଣୋତ୍ସର୍ଗୀ ଏବଂ ଜଣେ ସକ୍ରିୟ ଅହମଦି ବ୍ୟକ୍ତି ଥିଲେ । ଜମାଅତୀୟ କାର୍ଯ୍ୟକ୍ରମରେ, ଚାନ୍ଦାରେ ଆପଣ ପ୍ରତିସ୍ୱର୍ଦ୍ଧିତ ରୂପେ ଅଂଶ ଗ୍ରହଣ କରୁଥିଲେ । ଆପଣ ପ୍ରତ୍ୟେକ ଦିନ ଫଜର୍ ନମାଜ୍ ଏବଂ ମଗ୍‌ରିବ୍ ନମାଜ୍ ଓ ଇଶା ନମାଜ୍ ଦୂରରୁ ଆସି ମସ୍‌ଜିଦ୍‌ରେ ପାଠ କରୁଥିଲେ। ଖିଲାଫତ୍ ସହିତ ଆପଣଙ୍କର ଅତି ନିବିଡ଼ ଓ ଘନିଷ୍ଠ ସଂପର୍କ ରହିଥିଲା । 2018 ମସିହାରେ ଓସିୟତ୍ ବ୍ୟବସ୍ଥାରେ ସାମିଲ୍ ହେବା ନିମନ୍ତେ ଆପଣଙ୍କୁ ସାମର୍ଥ୍ୟ ପ୍ରାପ୍ତ ହୋଇଥିଲା ଏବଂ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତ୍ୟେକ ମାସର ପ୍ରାରମ୍ଭରେ ନିଜର ଦରମାରୁ ଓସିୟତ୍‌ର ଚାନ୍ଦା ପୈଠ କରୁଥିଲେ । ଏକଦା କୌଣସି କାରଣରୁ ତାଙ୍କୁ 6 ମାସ ପର୍ଯ୍ୟନ୍ତ ଦରମା ପତ୍ର ମିଳିଲା ନାହିଁ । ଆଫ୍ରିକାରେ ଏପରି ପରିସ୍ଥିତି ମଧ୍ୟ ହୋଇଥାଏ । ତେବେ ସେ ନିଜର ଚାନ୍ଦା ଦେଇ ପାରିଲେ ନାହିଁ । ବହୁତ ଚିନ୍ତିତ ଥିଲେ । ପରିଶେଷରେ ଅଲ୍ଲାଃତାଲା ନିଜର କୃପାବତୀର୍ଣ୍ଣ କଲେ ଏବଂ ଦରମା ମିଳିବା ମାତ୍ରେ ଆପଣ ପ୍ରଥମ କାମ ଏହା କଲେ ଯେ, ଆପଣ ଓସିୟତ୍‌ର ଚାନ୍ଦା ଏବଂ ନିଜର ଅବଶିଷ୍ଟ ଚାନ୍ଦା ପୈଠ କରିଦେଲେ । ସ୍ୱର୍ଗତଙ୍କର ଶୋକ ସନ୍ତପ୍ତ ପରିବାର ବର୍ଗରେ ପତ୍ନିଙ୍କ ବ୍ୟତୀତ ତିନି ଜଣ ପୁତ୍ର ସନ୍ତାନ ଅଛନ୍ତି । ସେ ନିଜର ସ୍ତ୍ରୀ ଓ ପୁତ୍ରମାନଙ୍କୁ ତବ୍‌ଲିଗ୍ ମଧ୍ୟ କରୁଥିଲେ। ତବଲିଗ୍ ଯୋଗୁଁ ତାଙ୍କର ଦୁଇ ପୁତ୍ର ଅହମଦି ମଧ୍ୟ ହୋଇଗଲେ । କିନ୍ତୁ ତାଙ୍କର ପତ୍ନି ଓ ଆଉ ଜଣେ ପୁତ୍ର ଅହମଦିୟତ୍ ସ୍ୱୀକାର କଲେ ନାହିଁ । ସେଇଁଥି ପାଇଁ ସେ ବହୁତ୍ ଚିନ୍ତିତ ଥିଲେ । ଅହମଦିୟତ୍ ଉପରେ ତାଙ୍କର ଅଗାଧ ବିଶ୍ୱାସ ଓ ଅବିଚଳ ବିଶ୍ୱାସ ରହିଥିଲା । ଅଣଅହମଦି ଏବଂ ମୌଲବୀମାନଙ୍କ ସଂପର୍କରେ ଆପଣଙ୍କ ମତାମତ ଖୁବ୍ ସ୍ପଷ୍ଟ ଥିଲା । ଆପଣ କହୁଥିଲେ ଯେ, ଯଦି ଏହି ମୌଲବୀମାନେ ହ. ମସିହ୍ ମଉଦ୍ ଅ.ସଙ୍କୁ ସ୍ୱକୀରା କରିବେ ନାହିଁ ତେବେ ଏମାନେ ସଫଳ ହୋଇ ପାରିବେ ନାହିଁ। ଆପଣ ଜଣେ ସକ୍ରିୟ ତବ୍‌ଲିଗକାରୀ ବ୍ୟକ୍ତି ମଧ୍ୟ ଥିଲେ ଏବଂ ଜମାଅତ୍‌ର ଜଣେ ଉତ୍ତମ ସେବକ ମଧ୍ୟ ଥିଲେ । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ସ୍ୱର୍ଗତଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । **(ଅଲ୍ ଫଜଲ୍ ଇଣ୍ଟର୍‌ନେସ୍‌ନାଲ୍, 2025 ମସିହା ଜାନୁୟାରୀ ମାସ 09 ତାରିଖ, ପୃ-1-8)** ☆--☆--☆

## ବିଗତ ସଂଖ୍ୟା-4, ପୃ-12ରେ ବର୍ଣ୍ଣିତ ସିରତ୍ (ଆଁହଜରତ୍ ସ.ଅଙ୍କ ଜୀବନୀ)ର ଅବଶିଷ୍ଟାଂଶ....

### ପ୍ରଥମ- ଅରବ୍ ଆରବା:

ଅର୍ଥାତ୍ ଦେଶରେ ପ୍ରାଚୀନ ତଥା ମୂଳ ଏବଂ ପ୍ରକୃତ ବାସୀନ୍ଦାମାନେ ଯେଉଁମାନଙ୍କୁ ପୁନଶ୍ଚ ଦୁଇ ଭାଗରେ ବିଭକ୍ତ କରାଯାଇଛି । ଯଥା- **(କ)** ଆରବର ସେହି ପ୍ରାଚୀନ ଅଧିବାସୀ ଯେଉଁମାନେ ଇସ୍‌ଲାମ୍ ଧର୍ମର ଅନେକ ବର୍ଷ ପୂର୍ବେ ନିଶ୍ଚିହ୍ନ ହୋଇ ସାରିଥିଲେ । ଯୁଗ ବିତିଯିବା ଯୋଗୁଁ ଆମେମାନେ ସେମାନଙ୍କର ସବିଶେଷ ଅବସ୍ଥା ସଂପର୍କରେ ଅବଗତ ନାହୁଁ । କିନ୍ତୁ ଏତିକି ଜଣାପଡ଼େ ଯେ, ସେମାନେ ବହୁ ସଂପ୍ରଦାୟବିଶିଷ୍ଟ ଥିଲେ ଏବଂ ଦେଶରେ ନାନା ଭାଗରେ ବାସ କରୁଥିଲେ । ତନ୍ମଧ୍ୟରୁ କେତେକ ସଂପ୍ରଦାୟର ଭଲ ଭଲ ଏବଂ ବଳିଷ୍ଠ ସଭ୍ୟ ରାଜ୍ୟଗୁଡ଼ିକ ମଧ୍ୟ ରହିଥିଲା। ଆଦ୍, ସମୁଦ୍, ତିସମ୍, ଜୁଦେସ୍, ଜୁରହ୍‌ମୁଲ୍ ଉଲାମ୍ ଇତ୍ୟାଦି ସଂପ୍ରଦାୟ ସେହି ସଂପ୍ରଦାୟମାନଙ୍କ ମଧ୍ୟରୁ କେତେକ ପ୍ରମୁଖ ସଂପ୍ରଦାୟର ନାମ ଅଟେ । ଆଦ୍‌ଙ୍କ ମାତୃଭୂମି ଅହ୍‌କାଫ୍ ଥିଲା । ସମୁଦ୍‌ଙ୍କର ମାତୃଭୂମି ହିଜାଜ୍‌ର ଉତ୍ତର ଦିଗରେ ଅବସ୍ଥିତ ଥିଲା । ସେହି ପ୍ରାଚୀନ ସଂପ୍ରଦାୟକୁ ସେମାନଙ୍କର ନିଶ୍ଚିହ୍ନ ହୋଇଯିବା ଯୋଗୁଁ ଆରବ ଲୋକମାନେ ବାଏଦା ବୋଲି କୁହନ୍ତି ।

ଆରବର ଉତ୍ତର ଦିହ୍ ଠାରେ ଇରାନ୍ ଏବଂ ରୋମ୍ ସହିତ ସଂଲଗ୍ନ ତଥା କ୍ରମାନୁଯାୟୀ ହୈରାହ୍ ଏବ ଗସ୍ସାନ୍ ଇତ୍ୟାଦି 2ଟି ରାଜ୍ୟ ରହିଥିଲା । ସେଠିକାର ଅଧିବାସୀମାନେ ମଧ୍ୟ ବନୁ କହ୍‌ତାନ୍ ସଂପ୍ରଦାୟର ଲୋକ ଥିଲେ । ଇସ୍‌ଲାମ୍ ଧର୍ମ ଆବିର୍ଭୂତ ହେବା ସମୟରେ ଏମାନେ ଚାରିଆଡ଼େ ବ୍ୟାପୀ ଯାଇଥିଲେ ଏବଂ ଦେଶରେ ଏମାନଙ୍କର କ୍ଷମତାଶାଳୀ ଥିଲେ । ଦେଶର ଏକ ବୃହତ୍ ଭୂଖଣ୍ଡରେ ଏମାନଙ୍କର ଜନସଂଖ୍ୟା ପରିବ୍ୟାପ୍ତ ଥିଲା । ମଦିନାର ୱସ୍ ଏବଂ ଖଜ୍‌ରଜ୍ ସଂପ୍ରଦାୟ ମଧ୍ୟ ବନୁ କହ୍‌ତାନରୁ ଅନ୍ୟତମ ସଂପ୍ରଦାୟ ଥିଲେ ।

**(ସିରତ୍ ଖାତମୁନ୍ ନବୀୟିନ୍, ପୃ-46-48, କାଦିୟାନ୍-2006 ମସିହା)**

ପାଣିପାଗ: ଭୂଗୋଳବିତ୍‌ମାନେ ଜାଣନ୍ତି ଯେ, ଆରବରେ ବାହ୍ୟ ପବନ ଦୁଇ ପାର୍ଶ୍ୱରୁ ପହଞ୍ଚି ପାରିବ । ଅର୍ଥାତ୍ ଉତ୍ତର ପୂର୍ବ ଦିଗରୁ ଓ ଦକ୍ଷିଣ ପଶ୍ଚିମ ଦିଗରୁ । କିନ୍ତୁ ଆରବର ଉଭୟ ପାର୍ଶ୍ୱରେ ଶୁଷ୍କ ସ୍ଥଳଭାଗ ରହିଛି । ସେଇଥି ପାଇଁ ବାୟୁ ମଧ୍ୟ ପ୍ରାୟତଃ ଶୁଷ୍କ ହିଁ ରହିଥାଏ । ଏହି କାରଣରୁ ଦେଶରେ ପ୍ରାୟତଃ ବର୍ଷାଭାବ ରହିଛି। ହିଁ ପାର୍ବତ୍ୟାଞ୍ଚଳରେ ସ୍ୱଳ୍ପ ବୃଷ୍ଟି ଏହି ବାୟୁକୁ ଶୋଷି ନେଇଥାଏ ।

ଅତେବ୍ ଏହିପରି ଭାବରେ ଏହି ଅଞ୍ଚଳମାନଙ୍କରେ କିଛି ବୃଷ୍ଟିପାତ ହୋଇଯାଇଥାଏ। କର୍କଟ ରେଖା ବା କର୍କଟ କ୍ରାନ୍ତି ଦେଶର ମଧ୍ୟଦେଇ ଅତିକ୍ରାନ୍ତ କରିବା ମଧ୍ୟ ସେହି ମରୁଭୂମି ଅବସ୍ଥା ଏବଂ ସ୍ୱଳ୍ପ ବୃଷ୍ଟିର କାରଣ ଦର୍ଶାଉଛି । ଯେପରିକି ଭୂଗୋଳବିତ୍‌ମାନଙ୍କ ଠାରୁ ଗୁପ୍ତ ନୁହେଁ ଯେ, ଏପରି ଅଞ୍ଚଳ ସାର୍ବକାଳୀ ବାୟୁ ଦୃଷ୍ଟିରୁ ଶାନ୍ତିର କାଳ୍ପିନିକ ରେଖା ହୋଇଥାଏ । ଅତଏବ୍ ସାଧାରଣତଃ ଏହା ହିଁ କୁହାଯିବ ଯେ, ଆରବ ଦେଶ ଶୁଷ୍କ ପ୍ରବଣ ଦେଶ ଅଟେ । ଏହାର ଭୌଗୋଳିକ ଅବସ୍ଥିତି ଦୃଷ୍ଟିରୁ ଏହା ଏକ ଉତ୍ତପ୍ତ ଦେଶ ଅଟେ । ସେଇଥି ପାଇଁ ଏହାର ପାଣିପାଗ ସାମଗ୍ରିକ ରୂପେ ଉଷ୍ଣ ଏବଂ ଶୁଷ୍କ ରୂପେ ବିବେଚିତ ହେବ ।

ଆରବରେ ଦିନ ରାତିର ତାପମାତ୍ରାରେ ବେଶ୍ ତାରତମ୍ୟତା ଦେଖିବାକୁ ମିଳେ। ଯଦ୍ଦ୍ୱାରାକି ବାଲିର ଆଧିକ୍ୟତା ରହିଛି । ଅର୍ଥାତ୍ ଦିନବେଳା ବାଲି ବହୁତ୍ ଉତ୍ତପ୍ତ ହୋଇଯାଇଥାଏ ଏବଂ ରାତ୍ର ସମୟରେ ଖୁବ୍ ଶୀଘ୍ର ଶୀତଳ ହୋଇଯାଇଥାଏ। ସେଇଥି ପାଇଁ ସେଠାରେ କାକର ପରିମାଣ ଅଧିକ ରହିଛି । ଆରବରେ ବେଳେବେଳେ ଏକ

ପ୍ରକାରର ବିଶେଷ ଗ୍ରୀଷ୍ମ ପବନ ମଧ୍ୟ ବହିଥାଏ ସେହି ପବନକୁ ସମୁମ୍ କୁହନ୍ତି । ଯେତେବେଳେ ଏହି ପବନ ବହେ ସେତେବେଳେ ଏହା ଆକାଶକୁ ସଂପୂର୍ଣ୍ଣ ରୂପେ ଅନ୍ଧକାର କରି ଦେଇଥାଏ ଏବଂ ଉକ୍ତ ପବନରେ ଏତେ ମାତ୍ରାରେ ବାଲି ଉଡ଼ିଥାଏ ଯେ, ବେଳେବେଳେ ଏହି ପବନ ଦ୍ୱାରା ଧନ ଜୀବନ ମଧ୍ୟ କ୍ଷତି ଘଟିଥାଏ । ଶୀତ ଋତୁରେ ଦେଶରେ କେତେକ ଭାଗରେ ହାଡ଼ଭଙ୍ଗା ଶୀତ ମଧ୍ୟ ଅନୁଭୂତ ହୋଇଥାଏ। ସୁତରାଂ ଯେଉଁ ଋତୁରେ ଆଁହଜରତ ସ.ଅ ଖନ୍ଦକ୍ ଯୁଦ୍ଧ କରିଥିଲେ ସେହି ଋତୁରେ ମଦିନାରେ ଭୀଷଣ ଶୀତ ପଡ଼ିଥିଲା ଯେ, ଲୋକମାନେ ଜାଡ଼ରୁ କାଠେଇ ଯାଉଥିଲେ ଏବଂ ରାତିରୁ ଶେଯରୁ ବାହାରିବା ଅସାଧାରଣ ସାହସ ଲୋଡ଼ା ପଡୁଥିଲା । କିନ୍ତୁ ଏହା ଅଞ୍ଚଳ ଗ୍ରୀଷ୍ମ ଋତୁରେ ଇଟାଭାଟି ପରି ଉତ୍ତପ୍ତ ହେଉଥିଲା ।

**(ଅବଶିଷ୍ଟାଂଶ....ପରବର୍ତ୍ତୀ ସଂଖ୍ୟାରେ)**

## ପୃ-2ର ବର୍ଣ୍ଣିତ ସଂପାଦକୀୟର ଅବଶିଷ୍ଟାଂଶ.....

ଦେଶମାନଙ୍କରେ ଉତ୍ସର୍ଗୀକୃତ  ଜୀବନମାନଙ୍କର ସୈନ୍ୟବାହିନୀ ଇସ୍‌ଲାମ୍ ଧର୍ମର ଶାନ୍ତିଦାୟକ ସନ୍ଦେଶ ପରିବ୍ୟାପ୍ତ କରିବା ନିମନ୍ତେ ପହଞ୍ଚି ସାରିଛି ଏବଂ ଧନି ଦରିଦ୍ର ନିର୍ବିଶେଷରେ ପ୍ରତ୍ୟେକ ଅହମଦି ଏକ ପକ୍ଷରେ ୱକ୍‌ଫେ ଜିନ୍ଦିଗୀ (ଉତ୍ସର୍ଗୀକୃତ ଜୀବନ)ର ଜିହାଦ୍‌ରେ ସାମିଲ୍ ହୋଇଗଲା ଏବଂ ଅନ୍ୟ ପାର୍ଶ୍ୱରେ ଆର୍ଥିକ ବଳିଦାନର ଜିହାଦ୍‌ରେ ଅବତୀର୍ଣ୍ଣ ହେଲା । ଆଜି ଏହି ସ୍ଥିତି ରହିଛି ଯେ, ହ. ମୁସଲେହ୍ ମଉଦ୍ ର.ଅଙ୍କ କଲ୍ୟାଣମୟ ଆହ୍ୱାନ ଯଦି ସଂସାରର ଦେଶମାନଙ୍କର ଇସ୍‌ଲାମ୍ ଧର୍ମର ତବ୍‌ଲିଗ୍ କାର୍ଯ୍ୟରେ ବ୍ୟସ୍ତ ରହିଛି ତେବେ ଅନ୍ୟ ପାର୍ଶ୍ୱରେ ୱକ୍‌ଫେ ଜଦିଦ୍ ମାଧ୍ୟମରେ ସଂସାର ବ୍ୟାପୀ ଗ୍ରାମାଞ୍ଚଳମାନଙ୍କର ତବ୍‌ଲିଗ୍‌ଏ ବଂ ସଂସ୍କାରର ଜାଲ ବିଛାଇ ଦିଆଯାଇଛି ଏବଂ ଅହମଦିୟତ୍ ମାଧ୍ୟମରେ ଇସ୍‌ଲାମ୍ ଧର୍ମର ସନ୍ଦେଶ ପୃଥିବୀର 216ଟି ଦେଶରେ ପରିବ୍ୟାପ୍ତ ହୋଇ ସାରିଛି ।

କ'ଣ ଏସବୁ କାର୍ଯ୍ୟ ଈଶ୍ୱରଙ୍କ ସାହାଯ୍ୟ ଓ ତାହାଙ୍କ ସମର୍ଥନ ବିନା ସମ୍ଭାବିତ ହେଉଛି ? କ'ଣ ଏହି ମହାନ୍ ସଫଳତା ଉକ୍ତ କଥାର ପ୍ରତ୍ୟକ୍ଷ ପ୍ରମାଣ ନୁହେଁ ଯେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କୁ ହ. ମୁସଲେହ୍ ମଉଦ୍ ର.ଅଙ୍କ ସଂପର୍କରେ ଯେଉଁ ଐଶୀବାଣୀ ହୋଇଥିଲା ଯେ, ହେ ପ୍ରତିଶ୍ରୁତ ମସିହ୍ ! ଆମ୍ଭେ ତୁମ୍ଭର ସେହି ସଂଶୋଧନକାରୀ ପୁତ୍ରକୁ ପୃଥିବୀର ପ୍ରାନ୍ତ ପର୍ଯ୍ୟନ୍ତ ଖ୍ୟାତି ଓ ପ୍ରସିଦ୍ଧି ପ୍ରଦାନ କରିବୁ ଏବଂ ନାନା ଜାତି ତଥା ରାଷ୍ଟ୍ରମାନେ ସେହି ମୁସ୍‌ଲେହ୍‌ଙ୍କ ଠାରୁ (ସୁଧାରକ ତଥା ସଂଶୋଧନକାରୀ)ଙ୍କ ଠାରୁ କଲ୍ୟାଣ ପ୍ରାପ୍ତ କରିବେ ।

ଉକ୍ତ ଐଶୀବାଣୀ ସେହି ଶାଶ୍ୱତ ଈଶ୍ୱରଙ୍କ ତରଫରୁ ଥିଲା ଯିଏ ଆଁହଜରତ ସ.ଅଙ୍କୁ ପ୍ରେରଣ କଲେ ଏବଂ ତାହାଙ୍କ  ଭବିଷ୍ୟବାଣୀ ଅନୁଯାୟୀ ପୁଣ୍ୟଶ୍ଳୋକ ହ. ମିର୍ଜା ଗୁଲାମ୍ ଅହମଦ କାଦିୟାନି ଅ.ସ ଆସିଲେ ଏବଂ ସେହି ପ୍ରତିଶ୍ରୁତ ମସିହ୍ ଅର୍ଥାତ୍ ହ. ମସିହ୍ ମଉଦ୍ ଅ.ସ ହ. ମୁସଲେହ୍ ମଉଦ୍ ର.ଅଙ୍କ ଆଗମନର ଐଶୀବାଣୀର ଖବର ଦେଲେ ଓ ଈଶ୍ୱର ସେହି  ସୂଚନା (ଖବର)କୁ ଅକ୍ଷରେ ଅକ୍ଷରେ ସତ ପ୍ରମାଣିତ କରି ଦେଖାଇଦେଲେ । فالحمد اللہ علیٰ ذٰلك ।☆--☆--☆

## ଉର୍ଦ୍ଦୁ ନଜମ୍ ହ. ମୁସଲେହ୍ ମଉଦ୍ ର.ଅ

اپنے کرم سے بخش دے میرے خدا مجھے
بیمار عشق ہوں دے تو شِفا مجھے

جب تک دم میں دم ہے اسی دین پر ہُوں
اِسلام پر ہی آئے جب آئے قضا مجھے

بے کَس نواز ذات ہے تیری ہی اے خُدا
آتا نظر نہیں کوئی تیرے سِوا مجھے

مِنجمُلہ تیرے فَضل و کَرَم کے ہے
یہ بھی ایک عیسیٰ مسیح سا ہے دیار ہنما مجھے

تیری رَضا کا ہُوں میں طلَبْ گار ہر گھڑی
گر یہ ملے تو جانوں کہ سب کُچھ مِلا مجھے

ہاں ہاں نگاہِ رحم ذرا اِس طرف بھی ہو
بحرِ گُنہ میں ڈوب رہا ہوں بچا مجھے

مُوسیٰ کیساتھ سے رہی تیر لَن ترَانیاں
زِنہار میں نہ مانوں گا چہرہ دِکھا تو مجھے

اِحساں نہ تیرا بھُولوں گا تازِیست اے مسیح
پہنچادے گر تُو یار کے در پر ذرا مجھے

ڈوب رہا ہوں بحرِ عشق الٰہی میں شاد میں
کیا دیگا خاک فائدہ بقا مجھے

## ଏମ୍.ଟି.ଏ ଇଣ୍ଟରନ୍ୟାସ୍‌ନଲ୍ ଇଣ୍ଡିୟା ଷ୍ଟୁଡ଼ିଓ ପକ୍ଷରୁ ଏକ ବିଶେଷ ଉପସ୍ଥାପନ "ଐତିହାସିକ କାର୍ଯ୍ୟକ୍ରମ"

ଜମାଅତ୍ ଅହମଦିୟାର ସ୍ୱର୍ଣ୍ଣିମ ଇତିହାସ ଉପରେ ଆଧାରିତ କାର୍ଯ୍ୟକ୍ରମ! ଏମ୍.ଟି.ଏ ଇଣ୍ଟରନ୍ୟାସନଲ୍ ଇଣ୍ଡିୟା ଷ୍ଟୁଡ଼ିଆ ପକ୍ଷରୁ ଏକ ବିଶେଷ ସିରିଜ୍ ଉପସ୍ଥାପିତ କରାଯାଉଅଛି । ଯହିଁରେ ଜମାଅତ୍ ଅହମଦିୟାର ଇତିହାସରେ ଘଟିଥିବା ମୁଖ୍ୟ ଘଟଣାବଳୀର ବିବରଣୀମାନ ଉପସ୍ଥାପିତ କରାଯାଇଛି । ଯେଉଁଠି ଉକ୍ତ ଘଟଣାବଳୀ ଘଟିଛି ଏହି କାର୍ଯ୍ୟକ୍ରମ ମୁଖ୍ୟତଃ ସେହି ଐତିହାସିକ ସ୍ଥାନକୁ ସେନ୍ଦ୍ର କରି ଉକ୍ତ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ତହିଁରେ ସଂକ୍ଷିପ୍ତ ଡକ୍ୟୁମେଣ୍ଟାରୀ (ପ୍ରାମାଣିକ ଭିଡ଼ିଓମାନ) ଇତ୍ୟାଦି ମଧ୍ୟ ଅନ୍ତର୍ଭୁକ୍ତ ରହିଛି । କାରଣ ଦର୍ଶକମାନେ ଏହା ଜାଣନ୍ତୁ ଯେ, ଏହି ସ୍ଥାନଗୁଡ଼ିକର ନାମ କ'ଣ, କେଉଁଠି ଏହି ସ୍ଥାନଗୁଡ଼ିକ ଅବସ୍ଥିତ ଅଟନ୍ତି ? ଉକ୍ତ କାର୍ଯ୍ୟକ୍ରମ ବେଳେବେଳେ ଏମ୍.ଟି.ଏରେ ପ୍ରସାରଣ କରାଯାଇଥାଏ । ତତ୍‌ସହିତ ଏମ୍.ଟି.ଏ ଭାରତର ୟୁଟ୍ୟୁବ ଚ୍ୟାନେଲ୍‌ରେ ମଧ୍ୟ ଏହି କାର୍ଯ୍ୟକ୍ରମ ଉପଲବ୍ଧ ରହିଛି। ତେଣୁ ଜମାଅତ୍‌ର ସଦସ୍ୟବୃନ୍ଦ ନିଜର ସୁବିଧା ମୁତାବକ ଏହି କାର୍ଯ୍ୟକ୍ରମଗୁଡ଼ିକରୁ ଉପକୃତ ହୁଅନ୍ତୁ ଏବଂ ଜମାଅତ୍‌ର ଇତିହାସ ସହିତ ଅବଗତ ହୁଅନ୍ତୁ । ଏମ୍.ଟି.ଏର ଅଫିସିୟାଲ ୟୁଟ୍ୟୁବ୍ ଚ୍ୟାନେଲ୍‌କୁ ସବସ୍କ୍ରାଇବ କରନ୍ତୁ ଓ ହ୍ୱାଟସ୍ ଅପ୍ ଚ୍ୟାନେଲ୍‌କୁ ଫଲୋ କରନ୍ତୁ । କାରଣ ଆପଣମାନଙ୍କୁ ପ୍ରତ୍ୟେକ ନୂତନ କାର୍ଯ୍ୟକ୍ରମ ସଂପର୍କରେ ଯଥା ସମୟରେ ସୂଚନା ମିଳିପାରିବ ।

| ଏମ୍.ଟି.ଏ ର ଅଫିସିୟାଲ୍ Youtube ଚ୍ୟାନେଲ୍ | ଏମ୍.ଟି.ଏ ର ଅଫିସିୟାଲ୍ Whatsappp ଚ୍ୟାନେଲ୍ |
|---|---|

## ଏମ୍.ଟି.ଏ ଇଣ୍ଟରନ୍ୟାସ୍‌ନଲ୍ ଇଣ୍ଡିୟା ଷ୍ଟୁଡ଼ିଓ ପକ୍ଷରୁ ଏକ ଅନନ୍ୟ ଉପସ୍ଥାପନ "ପୁସ୍ତକ ପରିଚୟ"

ରୁହାନୀ ଖଜାଏନ୍ ଏବଂ ଅନ୍‌ୱାରୁଲ୍ ଉଲୁମ୍‌ର ସାମଗ୍ରିକି ସମୀକ୍ଷା ଏମ୍.ଟି.ଏ ଇଣ୍ଟରନ୍ୟାସ୍‌ନଲ୍ ଇଣ୍ଡିୟା ଷ୍ଟୁଡ଼ିଆ ପକ୍ଷରୁ "**ପୁସ୍ତକ ପରିଚୟ**" ଉପରେ ଆଧାରିତ ଏକ ନୂତନ ତଥ୍ୟଭିତ୍ତିକ ସିରିଜ୍ ଉପସ୍ଥାପିତ କରାଯାଉଅଛି । ଯହିଁରେ ରୁହାନୀ ଖଜାଏନ୍, ଅନୁୱାରୁଲ୍ ଉଲୁମ ଗ୍ରନ୍ଥର ପୁସ୍ତକ ପରିଚୟ ଉପସ୍ଥାପିତ କରାଯାଇଥାଏ। ଏହି କାର୍ଯ୍ୟକ୍ରମଗୁଡ଼ିକ ମୁଖ୍ୟତଃ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ନିମନ୍ତେ ଜ୍ଞାନଭିତ୍ତିକ, ଆଧାତ୍ମିକ ଓ ସାଂସ୍କାରିକ ଦୃଷ୍ଟିରୁ ଅତ୍ୟନ୍ତ ଉପାଦେୟ ଅଟନ୍ତି । ଉକ୍ତ କାର୍ଯ୍ୟକ୍ରମ ସାହାଯ୍ୟରେ ପୁସ୍ତକଗୁଡ଼ିକୁ ବୁଝିବାରେ ବେଶ୍ ସହାୟକ ଏବଂ ପୁସ୍ତକ ଅଧ୍ୟୟନ କରିବା ପ୍ରତି ସଦସ୍ୟବୃନ୍ଦଙ୍କ ମଧ୍ୟରେ ଆଗ୍ରହ ତଥା ରୁଚି ସୃଷ୍ଟି ହୋଇଥାଏ । ତେଣୁ ଉକ୍ତ କାର୍ଯ୍ୟକ୍ରମ ବେଳେବେଳେ ଏମ୍.ଟି.ଏରେ ପ୍ରସାରଣ କରାଯାଇଥାଏ ଏବଂ ତତ୍‌ସହିତ ଏମ୍.ଟି.ଏ ଭାରତର ୟୁଟ୍ୟୁବ୍ ଚ୍ୟାନେଲ୍ (MTA International India Studios)ରେ ମଧ୍ୟ ଏହି କାର୍ଯ୍ୟକ୍ରମ ଉପଲବ୍ଧ ରହିଛି । ତେଣୁ ଜମାଅତ୍‌ର ସଦସ୍ୟବୃନ୍ଦ ନିଜର ସୁବିଧା ଅନୁଯାୟୀ ଏହି କାର୍ଯ୍ୟକ୍ରମଗୁଡ଼ିକରୁ ଉପକୃତ ହୋଇପାରିବେ । ଏମ୍.ଟି.ଏର ଅଫିସିୟାଲ୍ ୟୁଟ୍ୟୁବ୍ ଚ୍ୟାନେଲ୍‌କୁ ସବସ୍କ୍ରାଇବ କରନ୍ତୁ ଓ ହ୍ୱାଟସ୍ ଅପ୍ ଚ୍ୟାନେଲ୍‌କୁ ଫଲୋ କରନ୍ତୁ । କାରଣ ଆପଣମାନଙ୍କୁ ପ୍ରତ୍ୟେକ ନୂତନ କାର୍ଯ୍ୟକ୍ରମ ସଂପର୍କରେ ଯଥା ସମୟରେ ସୂଚନା ମିଳିପାରିବ ।

| ଏମ୍.ଟି.ଏ ର ଅଫିସିୟାଲ୍ Youtube ଚ୍ୟାନେଲ୍ | ଏମ୍.ଟି.ଏ ର ଅଫିସିୟାଲ୍ Whatsappp ଚ୍ୟାନେଲ୍ |
|---|---|

# ପେଶ୍‌ଗୋଇ ମୁସ୍‌ଲେହ୍ ମଉଦ୍ ର.ଅର ପୃଷ୍ଠଭୂମି

ଲେଖକ-ସଲିକ୍ ଅହମଦ ନାଏକ୍, ମୁବଲ୍ଲିଗ୍ ସିଲ୍‌ସିଲା କାଦିୟାନ୍

ଏହି ଉପଦ୍ରବପୂର୍ଣ୍ଣ ଯୁଗରେ ଇସ୍‌ଲାମ୍ ଧର୍ମ ଏବଂ ହ. ମୁହମ୍ମଦ୍ ସ.ଅଙ୍କ ସତ୍ୟତାର ପରିପ୍ରକାଶ ନିମନ୍ତେ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କୁ ଅଲ୍ଲାଃତାଲା ଅସଂଖ୍ୟ ଅସଂଖ୍ୟ ନିଦର୍ଶନ୍ ପ୍ରଦାନ କରିଛନ୍ତି । ସେହିସବୁ ନିଦର୍ଶନଗୁଡ଼ିକ ମଧ୍ୟରୁ ଏକ ଭବ୍ୟ ଏବଂ ଅସାଧାରଣ ନିଦର୍ଶନ ହେଉଛି ପେଶ୍‌ଗୋଇ ମୁସ୍‌ଲେହ୍ ମଉଦ (ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ସଂପର୍କିତ ଭବିଷ୍ୟବାଣୀ)ର ଭବିଷ୍ୟବାଣୀ । ଉକ୍ତ ଭବିଷ୍ୟବାଣୀ ଏଭଳି ପରିସ୍ଥିତିରେ କରାଗଲା ଯେତେବେଳେ ଇସ୍‌ଲାମ୍ ଧର୍ମର ଆସ୍ଥା ଉପରେ ଆକ୍ରମଣ କରାଯାଉଥିଲା ଏବଂ ମୁସଲାମାନ ସଂପ୍ରଦାୟ ଦୁର୍ବଳ ଏବଂ ବିକ୍ଷିପ୍ତତାର ଶିକାର ଥିଲା । ସେହି ଭବିଷ୍ୟବାଣୀର ପୃଷ୍ଠିଭୂମି, ତା'ର ଅସାଧାରଣ ମହତ୍ତ୍ୱ ଏବଂ ମର୍ଯ୍ୟାଦା, ତହିଁରୁ ଯଥାର୍ଥ କେଉଁ ଅସ୍ତିତ୍ୱ ଅଟେ । ଏହି ସମସ୍ତ ପ୍ରସଙ୍ଗର ସମଷ୍ଟିଗତ ସ୍ୱଷ୍ଟୀକରଣ ଏବଂ ବ୍ୟାଖ୍ୟା ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ନିଜସ୍ୱ ଲେଖନୀରେ ଅତ୍ୟନ୍ତ ମର୍ମସ୍ୱର୍ଶୀ ଭାବରେ ବର୍ଣ୍ଣନା କରାଯାଇଛି । ଏହାର ବିବରଣୀ ହ. ମସିହ୍ ମଉଦ୍ ଅ.ସଙ୍କ ଲେଖନୀରେ ବିଦ୍ୟମାନ ରହିଛି ।

ପୁଣ୍ୟଶ୍ଳୋକୋ ହ. ମସିହ୍ ମଉଦ୍ ଅ.ସଙ୍କ ଭବ୍ୟ ଲେଖନୀ ବା ପୁସ୍ତକ "**ବରାହିନେ ଅହମଦିୟା**" ଯେତେବେଳେ ଲୋକ ଲୋଚନକୁ ଆସିଲା ସେତେବେଳେ ଏକ ପକ୍ଷରେ ଇସ୍‌ଲାମ୍ ଜଗତରେ ଆନନ୍ଦ, ଉଲ୍ଲାସ ଏବଂ ତୃପ୍ତିର ଲହରୀ ଖେଳି ଯାଇଥିଲା । କାରଣ ଏହି ପୁସ୍ତକ ଇସ୍‌ଲାମ୍ ଧର୍ମର ସତ୍ୟତା ନିମନ୍ତେ ଏକ ସୁଦୃଢ଼ ଶକ୍ତି ପରୀକ୍ଷା ଥିଲା । ଅପରପକ୍ଷେ ଇସ୍‌ଲାମ୍ ଧର୍ମର ବିରୋଧୀମାନଙ୍କ ମେଳୀରେ ଅତ୍ୟନ୍ତ ବ୍ୟାକୁଳତା ଓ ହଡ଼ବଡ଼ ସୃଷ୍ଟି ହୋଇଗଲା । ସେହି ଐତିହାସିକ ପୁସ୍ତକରେ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ସଂସାରବାସୀଙ୍କୁ ସମ୍ବୋଧିତ କରି ଏକ ମହାନ ଓ ଭବ୍ୟ ଶୁଭ ସୂଚନାର ଘୋଷଣା କଲେ: "ଅତଏବ୍ ଈଶ୍ୱ ସେହି ବିନୀତ ଏବଂ ଅଧମ ପ୍ରତିଶୃତ ମସିହ୍ ଅ.ସଙ୍କୁ ଜନ୍ମ ଦେଇ ଶତାଧିକ ଆକାଶୀୟ ଏବଂ ଆଦୃଷ୍ଟ, ଅଧ୍ୟାତ୍ମ ପରିଚୟ ସମ୍ବଳିତ ସତ୍ୟତା ପ୍ରଦାନ କଲେ । ସେ ଶତାଧିକ ବୌଦ୍ଧିକ ବଳିଷ୍ଠ ପ୍ରାମାଣ୍ୟ ପ୍ରଦାନ କରି ଏହା ଚାହିଁଲେ ଯେ, ପବିତ୍ର କୁରଆନୀୟ ଶିକ୍ଷାକୁ ପ୍ରତ୍ୟେକ ଜାତି ଏବଂ ପ୍ରତ୍ୟେକ ଦେଶରେ ପ୍ରକାଶ ଓ ପ୍ରଚଳନ କରିଦେବେ ତଥା ନିଜ ନିଜର ଐଶ୍ୱରିକମୂଳକ ନିଦର୍ଶନ ଓ ଈଶ୍ୱରତ୍ୱକୁ ସିଦ୍ଧ କରିଦେବେ.......ପ୍ରତ୍ୟେକ ବିରୋଧୀ ନିଜକୁ ପରାଜିତ ଏବଂ ନିରୁତ୍ତର ହେବାର ନିଜେ ସାକ୍ଷ୍ୟ ପ୍ରଦାନ କରିବ ।" **(ବରାହିନେ ଅହମଦିୟା, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-1, ପୃ-596-597ର ବି.ଦ୍ର)**

ଏହି ଶୁଭ ସୂଚନାର ଘୋଷଣା ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କେବଳ ଭାରତବର୍ଷ ପର୍ଯ୍ୟନ୍ତ ସୀମିତ ରଖିଲେ ନାହିଁ । ବରଂ ନିଜର ଲେଖନୀ ମାଧ୍ୟମରେ ଭାରତ ବାହାରେ ମଧ୍ୟ ଉକ୍ତ ସନ୍ଦେଶକୁ ପହଞ୍ଚାଇଲେ । ଆପଣ ଅ.ସ ନିଜର ସାମର୍ଥ୍ୟାନୁଯାୟୀ ଯଥାସାଧ୍ୟ ଏବଂ ଯଥାସମ୍ଭବ ବିରୋଧୀମାନଙ୍କ ଉପରେ ସତ୍ୟକୁ ସିଦ୍ଧ କଲେ । ସୁତରାଂ ଯେତେବେଳେ ଇସ୍‌ଲାମ୍ ଧର୍ମର ସତ୍ୟତା ଏବଂ ବାସ୍ତବତାର ଜୀବନ୍ତ ନିଦର୍ଶନର ଚର୍ଚ୍ଚା ବିଶ୍ୱର ଚତୁର୍ଦ୍ଦିଗରେ ପରିବ୍ୟାପ୍ତ ହେବାକୁ ଲାଗିଲା ଏବଂ ବିରୋଧୀମାନଙ୍କୁ ଏହିସବୁ ନିଦର୍ଶନଗୁଡ଼ିକୁ ଦେଖିବା ନିମନ୍ତେ ସାଧାରଣ ନିମନ୍ତ୍ରଣ ମଧ୍ୟ ଦିଆଯାଉଥିଲା, ଇତି ମଧ୍ୟରେ 1885 ମସିହାରେ କାଦିୟାନ୍‌ର କେତେକ ସାହୁକାର ଏବଂ ଅନ୍ୟାନ୍ୟ ହିନ୍ଦୁ ପ୍ରମୁଖ ବ୍ୟକ୍ତିବିଶେଷମାନଙ୍କ ପକ୍ଷରୁ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ସେବାରେ ଏକ ପତ୍ର ପ୍ରାପ୍ତ ହେଲା ଯହିଁରେ ଏହି ଦାବି ଉପସ୍ଥାପିତ କରାଯାଇଥିଲା ଯେ, "ଯେଉଁ ଅବସ୍ଥାରେ ଆପଣ (ହ. ମସିହ୍ ମଉଦ୍ ଅ.ସ) ଲଣ୍ଡନ ଏବଂ ଆମେରିକା ପର୍ଯ୍ୟନ୍ତ ଉକ୍ତ ବିଷୟବସ୍ତୁର ପଞ୍ଜିକୃତ ପତ୍ରମାନ ପ୍ରେରଣ କିରଛନ୍ତି । ଅର୍ଥାତ୍ ଯେଉଁ ବ୍ୟକ୍ତି ସତ୍ୟାନ୍ୱେଷୀ ଅଟେ ଏବଂ ଏକ ବର୍ଷ ପର୍ଯ୍ୟନ୍ତ ମୋ (ହ. ମସିହ୍ ମଉଦ୍ ଅ.ସ)ଙ୍କ ପାଖରେ ଆସି କାଦିୟାନରେ ଅବସ୍ଥାନ କରେ ତେବେ ଈଶ୍ୱର ସେହି ବ୍ୟକ୍ତିକୁ ଇସ୍‌ଲାମ୍ ଧର୍ମର ପ୍ରାମାଣ୍ୟଭିତ୍ତିକ ଏପରି ନିଦର୍ଶନ ଦେଖାଇବେ ଯେ, ତାହା ମାନବୀୟ ସାମର୍ଥ୍ୟ ଠାରୁ ବହିର୍ଭୂତ ହୋଇଥିବ । ତେଣୁ କାଦିୟାନ୍‌ର ସେହି ପ୍ରତିପକ୍ଷ ବିରୋଧୀ ହିନ୍ଦୁମାନେ ହ. ମସିହ୍ ମଉଦ୍ ଅ.ସଙ୍କୁ କହିଲେ, ମହୋଦୟ ! ଆପଣ ଲଣ୍ଡନ୍, ଆମେରିକାବାସୀଙ୍କ ଅପେକ୍ଷା ଆପଣଙ୍କର ନିକଟବର୍ତ୍ତୀ ଓ ପଡ଼ୋଶୀ ଅଟୁ । ତେଣୁ ଆମେମାନେ ଲଣ୍ଡନ ଓ ଆମେରିକାବାସୀମାନଙ୍କ ଅପେକ୍ଷା ଅଧିକ ନିଦର୍ଶନ ଦେଖିବାର ଅଧିକାରୀ ଅଟୁ.........କିନ୍ତୁ ଆମେମାନେ ଏପରି ନଦର୍ଶନକୁ ଯଥେଷ୍ଟ ଓ ପର୍ଯ୍ୟାପ୍ତ ବୋଲି ମନେକରିବୁ ଯେଉଁ ନିଦର୍ଶନଗୁଡ଼ିକ ମଧ୍ୟରେ ଆକାଶ ଓ ପାତଳକୁ ଉପର ତଳ କରିବାର ଆବଶ୍ୟକତା ନାହିଁ ଓ ନା ହିଁ ପ୍ରକୃତିର ନିୟମକୁ ଭଙ୍ଗ କରିବାର କିଛି ଆବଶ୍ୟକତା ରହିଛି । ହଁ ଆମେମାନେ ଏପରି ନିଦର୍ଶନର ଅଭିଳାଷୀ ଯାହା ମାନବୀୟ ସାମର୍ଥ୍ୟ ଠାରୁ ବହିର୍ଭୂତ ଅଟନ୍ତି । ସେହି ନିଦର୍ଶନଗୁଡ଼ିକରୁ ଏହା ଜ୍ଞାତ (ଜଣା ପଡ଼ିବ) ହୋଇପାରିବ ଯେ, ସେହି ସତ୍ୟ ଓ ପବିତ୍ର ପରମେଶ୍ୱର ନିଜର ଧାର୍ମିକ ସତ୍ୟବାଦୀତା ଯୋଗୁଁ ପ୍ରେମ ଏବଂ କୃପା ମାର୍ଗ ଦ୍ୱାରା ଆପଣଙ୍କ (ହ. ମସିହ୍ ମଉଦ୍ ଅ.ସଙ୍କ) ଦୁଆକୁ ସ୍ୱୀକାର କରିନେଇଥାଆନ୍ତି ଏବଂ ଦୁଆ ସ୍ୱୀକୃତ ହେବା ପୂର୍ବରୁ ଘଟଣା ଘଟିବା ସଂପର୍କରେ ସୂଚନା ପ୍ରଦାନ କରିଦେଇଥାଆନ୍ତି କିମ୍ବା ଆପଣଙ୍କୁ ନିଜର ଆଦୃଷ୍ଟ ପ୍ରସଙ୍ଗ (କଥା) ସଂପର୍କରେ ଅବଗତ କରିଥାଆନ୍ତି ଏବଂ ଭବିଷ୍ୟବାଣୀ ସ୍ୱରୂପ ସେହି ଗୁପ୍ତ ରହସ୍ୟ ସଂପର୍କରେ ଆପଣଙ୍କୁ ଅବଗତ କରି ଦେଇଥାଆନ୍ତି ଅବା ଏପରି ଅଦ୍ଭୁତ ତଥା ବିଚିତ୍ର ରୂପେ ଆପଣଙ୍କୁ ସାହାଯ୍ୟ ଓ ସମର୍ଥନ କରିଥାଆନ୍ତି ଯେପରିକି ସେ ଆବାହମାନ କାଳରୁ ନିଜର ମନୋନୀତ, ସାମୀପ୍ୟତା ପ୍ରାପ୍ତକାରୀ ଭକ୍ତ ଏବଂ ବିଶେଷ ଭକ୍ତମାନଙ୍କ ସହିତ କଥାବାର୍ତ୍ତା କରିଥାଆନ୍ତି.... ଏବଂ ଯେଉଁ ନିଦର୍ଶନ ପ୍ରଦର୍ଶନ କରିବା ନିମନ୍ତେ ଧାର୍ଯ୍ୟ କରାଯାଇଛି ତାହା 1885 ମସିହା ସେପ୍ଟେମ୍ବର ମାସର ପ୍ରାରମ୍ଭରୁ ଗଣ୍ୟ କରାଯିବ । ଏହି ନିଦର୍ଶନ ଗଣ୍ୟର ସମୟକାଳ ପରିସମାପ୍ତି ସେପ୍ଟେମ୍ବର 1886 ମସିହାରେ ଶେଷ ହୋଇଯିବ ।"

**(ମଜ୍‌ମୁଆ ଇସ୍ତେହାରାତ୍, ଗ୍ରନ୍ଥଖଣ୍ଡ-1, ପୃ-92-94)**

ଉକ୍ତ ପତ୍ରର ଶେଷ ଭାଗରେ 10 ଜଣ ହିନ୍ଦୁ ବ୍ୟକ୍ତିଙ୍କର ନାମ ଉଲ୍ଲେଖ କରିଛନ୍ତି । ଉକ୍ତ ପତ୍ରର ପ୍ରତ୍ୟୁତ୍ତରରେ ବିରୋଧୀମାନେ ମସିହି ମଉଦ୍ ଅ.ସଙ୍କୁ ଏକ ପତ୍ର ଲେଖିଲେ ସେହି ପତ୍ର ମସିହ୍ ମଉଦ୍ ଅ.ସଙ୍କୁ ଯେତେବେଳେ ହେଲା ସେତେବେଳେ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ପ୍ରତ୍ୟୁତ୍ତରରେ ସେମାନଙ୍କୁ ଉତ୍ତର ଲେଖିଲେ: "..............ମୋତେ ପତ୍ର ପ୍ରେରଣ କରି ଚମତ୍କାର ଅବଲୋକନ କରିବା ନିମନ୍ତେ ନିବେଦନ କରିଥିବା ହେ ହିନ୍ଦୁ ସାହେବମାନେ ! ଆପଣମାନଙ୍କର ପତ୍ର ଯହିଁରେ ଆପଣମାନେ ଆକାଶୀୟ ନିଦର୍ଶନ ଅବଲୋକନ କରିବା ନିମିନ୍ତେ ମୋତେ ନିବେଦନ କରିଛନ୍ତି ତାହା ମୋତେ ହସ୍ତଗତ ହୋଇଅଛି । ଯେହେତୁ ଉକ୍ତ ପତ୍ରଟି ସଂପୂର୍ଣ୍ଣ ରୂପେ ନ୍ୟାୟ ଓ ସତ୍ୟାଧାରିତ ଏବଂ ଏକ 10 ସଦସ୍ୟ ବିଶିଷ୍ଟ ସତ୍ୟାନ୍ୱେଷୀ ସଂପ୍ରଦାୟ (ଗୋଷ୍ଠୀ) ଉକ୍ତ ପତ୍ର ଉଲ୍ଲେଖ କରିଛି । ତେଣୁ ମୁଁ ସେମାନଙ୍କ କୃତଜ୍ଞତା ଜଣାଇ ସେମାନଙ୍କ ଦ୍ୱାରା ବର୍ଣ୍ଣିତ ପ୍ରସଙ୍ଗ ଅର୍ଥାତ୍ ନିଦର୍ଶନ ଦେଖାଇବା ପ୍ରସଙ୍ଗକୁ ମୁଁ ସ୍ୱୀକାର କରୁଛି ଏବଂ ଆପଣ ଅ.ସଙ୍କ ସହିତ ଏହି ଅଙ୍ଗୀକାର କରୁଛି ଯେ, ଆପଣମାନେ ପତ୍ରରେ ଯେଉଁ ପ୍ରସଙ୍ଗ ଉଲ୍ଲେଖ କରିଛନ୍ତି ଏବଂ ଯେଉଁ ଅଙ୍ଗୀକାର ଆପଣ ପତ୍ରରେ ଉଲ୍ଲେଖ କରିଛନ୍ତି ସେହି ଅଙ୍ଗୀକାରକୁ ପାଳନ କରିବେ । ଅତଏବ୍ ସର୍ବଶକ୍ତିମାନ ଈଶ୍ୱରଙ୍କ ସାହାଯ୍ୟ ଓ ସମର୍ଥନ ଅବଶ୍ୟ ଏକ ବର୍ଷ କାଳ ପର୍ଯ୍ୟନ୍ତ କୌଣସି ନା କୌଣସି ନିଦର୍ଶନ ଆପଣଙ୍କୁ ଦେଖାଇ ଦିଆଯିବ । ସେହି ଚମତ୍କାରିକ ନିଦର୍ଶନ ମାନବୀୟ ସମାର୍ଥ୍ୟ ଓ ମାନବୀୟ ଶକ୍ତି ବହିର୍ଭୂତ ଅଟେ । ଆପଣମାନେ ମୋର ପତ୍ରକୁ ନ୍ୟାୟପରାୟଣ ହୋଇ ପାଠ କରିଥିବାରୁ ଏହି ବିନୀତ ଅତ୍ୟନ୍ତ ପ୍ରସନ୍ନ ହେଲା....... ।"

**(ମଜ୍‌ମୁଆ ଇସ୍ତେହାରାତ୍, ଗ୍ରନ୍ଥଖଣ୍ଡ-1, ପୃ-95)**

ଯେପରିକି ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ସେହି ଇସ୍ତହାର୍‌ରୁ ସ୍ୱଷ୍ଟ ଭାବରେ ଏହା ପ୍ରତିଭାତ ହେଉଛି ଯେ, ଆପଣ ଅ.ସ ହିନ୍ଦୁ ସାହେବମାନଙ୍କର ସେହି ପତ୍ରକୁ ପାଠ କରି ହ. ମସିହ୍ ମଉଦ୍ ଅ.ସ ଆନନ୍ଦିତ ହୋଇଥିଲେ । ହିନ୍ଦୁମାନଙ୍କର ସେହି ପତ୍ରରେ ଇସ୍‌ଲାମ୍ ଧର୍ମର ସତ୍ୟତା ସପକ୍ଷରେ ଏକ ନଦର୍ଶନ ପ୍ରାଦୁର୍ଭୂତ ହେବା ନିମନ୍ତେ ଦାବି କରାଯାଇଥିଲା । ସୁତରାଂ ହୁଜୁର୍ ଅ.ସ ଉକ୍ତ ଦାବିକୁ ସ୍ୱୀକାର କରି ସେହି ଏକେଶ୍ୱର ତଥା ଅଦ୍ୱିତୀୟ ଈଶ୍ୱରଙ୍କ ଆଡ଼କୁ ସଂପୂର୍ଣ୍ଣ ଧ୍ୟାନ, ମନଯୋଗ ଏବଂ ପୂର୍ଣ୍ଣ ବିଶ୍ୱାସର ସହିତ ପ୍ରତ୍ୟାବର୍ତ୍ତନ କଲେ । କାରଣ ସେହି ଈଶ୍ୱରଙ୍କ ନିଃସନ୍ଦେହାତ୍ମକ ସାହାଯ୍ୟ ଓ ସମର୍ଥନର ପ୍ରତିଶୃତି ସହିତ ଅବଗତ ହୋଇ ଆପଣ ସ.ଅ ଉକ୍ତ ଅଙ୍ଗୀକାରରେ ଇସ୍‌ଲାମ୍ ଧର୍ମର ସତ୍ୟତାର ଘୋଷଣା କରିଥିଲେ ।

ହୁଜୁର ଅ.ସ ଅତ୍ୟନ୍ତ ରୋଦନମୟ, କାକୁତି ମିନତୀ, ବିନୀତତା ଓ ଆର୍ତ୍ତ ଚିତ୍କାର ସହିତ ସେହି ନିଦର୍ଶନ ନିମନ୍ତେ ପ୍ରାର୍ଥନା କଲେ । ପ୍ରାର୍ଥନାରେ କୌଣସି ପ୍ରକାରର ବାଧା ବିଘ୍ନତାରୁ ସୁରକ୍ଷିତ ରହିବା ଏବଂ ଅତିରିକ୍ତ ମନଯୋଗ ଏବଂ ନିମଗ୍ନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆପଣ ଅ.ସ ଏକାନ୍ତବାସ ଅବଲମ୍ବନ କରିବା ନିମନ୍ତେ ଇଚ୍ଛା ପ୍ରକାଶ କଲେ । ସେହି ଅଭିପ୍ରାୟ ଅନୁଯାୟୀ ଆପଣ ଅ.ସ ନିଜର ଘର ବାଡ଼ି ଏବଂ ନିଜର ପ୍ରିୟଜନ, ଆତ୍ମୀୟ ସ୍ୱଜନମାନଙ୍କ ଠାରୁ ପୃଥକ୍ ହୋଇ ହୋଶିୟାର୍‌ପୁର ଅଭିମୁଖେ ଗମନ କଲେ ଏବଂ ସେଠାର ସଂପୂର୍ଣ୍ଣ ରୂପେ ଈଶ୍ୱରଙ୍କ ଆଡ଼କୁ ମନଯୋଗ କରିବା, ସଂସାରରୁ ସଂପର୍କକୁ ଛିନ୍ନ କରିବା ଓ ନିଷ୍ଠାର ସହିତ ଅଲ୍ଲାଃତାଲାଙ୍କ ସମ୍ମୁଖରେ ମଥାନତ (ସିଜ୍‌ଦା କରି) ଦୁଆରେ ନିମଗ୍ନ ରହିଲେ । ଅଶେଷ ଦୟାବାନ୍ ଓ ସଦା କରୁଣାମୟ ଆପଣ ଅ.ସଙ୍କ ସେହି ହୃଦୟଦ୍ରାବୀ, ବ୍ୟାକୁଳତା ଏବଂ ଇସ୍‌ଲାମ୍ ଧର୍ମର ସତ୍ୟତା ନିମନ୍ତେ ବ୍ୟାକୁଳତତା ସ୍ୱୀକାର କଲେ ଏବଂ ଆପଣ ଅ.ସଙ୍କୁ ଅଶ୍ୱାସନା ପ୍ରଦାନ କରି ଆପଣ ଅ.ସଙ୍କ ଦୁଆ (ପ୍ରାର୍ଥନା)କୁ ସ୍ୱୀକାର କଲେ । ସେହିପରି ଅଲ୍ଲାଃତାଲା ଆପଣ ଅ.ସଙ୍କୁ ଏକ ଭବ୍ୟ ଓ ମହାନ୍ ଭବିଷ୍ୟବାଣୀର ଶୁଭ ସୂଚନା ପ୍ରଦାନ କଲେ । ସେହି ଶୁଭ ସୂଚନା ସଂପର୍କରେ ଘୋଷଣା କରି ହୁଜୁର୍ ଅ.ସ ନିଜର ଇସ୍ତହାର 1886 ମସିହା ଫେବୃୟାରୀ ମାସ 20 ତାରିଖରେ କହିଲେ: "ହେ ପ୍ରତିଶୃତ ମସିହ୍ ! ଯେଉଁ ନିଦର୍ଶନ ତୁମ୍ଭେ ଆମ୍ଭ ଠାରୁ ଭିକ୍ଷା କରିଥିଲ ଆମ୍ଭେ ତୁମ୍ଭକୁ ଏକ ଦୟା ଓ କରୁଣାର ନିଦର୍ଶନ ପ୍ରଦାନ କରୁଛୁ । ମୁଁ ତୁମ୍ଭର କାକୁତି ମିନତୀକୁ ଶୁଣିଲି ଏବଂ ତୁମ୍ଭର ପ୍ରାର୍ଥନାକୁ ନିଜର କୃପା ଦ୍ୱାରା ସ୍ୱୀକାର କଲି ଏବଂ ତୁମ୍ଭର ଯାତ୍ରାକୁ (ଯାହା ହୋଶିୟାର୍‌ପୁର ଏବଂ ଲୁଧିୟାନାର ଯାତ୍ରା ଅଟେ) ତୁମ୍ଭ ନିମନ୍ତେ କଲ୍ୟାଣମୟ କରିଦେଲି । ତେଣୁ ଶକ୍ତି, କରୁଣା ଓ ସାମୀପ୍ୟତାର ନିଦର୍ଶନ ତୁମ୍ଭକୁ ପ୍ରଦାନ କରାଯାଉଅଛି, କୃପା, କରୁଣା ଓ ଉପକାର ତୁମ୍ଭକୁ ପ୍ରଦାନ କରାଯାଉଛି, ବିଜୟ ଓ ସଫଳତାର କୁଞ୍ଜିକା (ଚାବି) ତୁମ୍ଭକୁ ପ୍ରାପ୍ତ ହେବ । ହେ ବିଜୟୀ ପ୍ରତିଶୃତ ମସିହ୍ ତୁମ୍ଭ ଉପରେ ଶାନ୍ତି ଅବତୀର୍ଣ୍ଣ ହେଉ, ତୁମ୍ଭକୁ ଶତ ଶତ ନମସ୍କାର! ଈଶ୍ୱର ଏକଥା ଏଇଥି ପାଇଁ କହିଲେ ଯେ, ଯେଉଁମାନେ ଜୀବନର ଅଭିଳାଷୀ ଅଟନ୍ତି ସେମାନଙ୍କୁ ମୃତ୍ୟୁର ପଞ୍ଝାରୁ ମୁକ୍ତି ପ୍ରାପ୍ତ ହେଉ ଏବଂ ଯେଉଁମାନେ କବର ତଳେ ପୋତି ହୋଇଯାଇଛନ୍ତି ସେମାନେ କବରରୁ ବାହାରକୁ

ଚାଲି ଆସନ୍ତୁ । କାରଣ ଇସଲାମ୍ ଧର୍ମର ମର୍ଯ୍ୟାଦା ଏବଂ ଈଶ୍ୱରଙ୍କ ବାଣୀର ମର୍ଯ୍ୟାଦା ଲୋକମାନଙ୍କ ଉପରେ ପରିପ୍ରକାଶିତ ହେଉ ଏବଂ ସତ୍ୟ ନିଜର ସମସ୍ତ କଲ୍ୟାଣ ସହିତ ଚାଲି ଆସୁ ଓ ମିଥ୍ୟା ନିଜର ସମସ୍ତ ଅମଙ୍ଗଳ, କୁଲକ୍ଷଣତାର ସହିତ ପଳାୟନ କରୁ । ଲୋକମାନେ ଏହା ମନେକରନ୍ତୁ ଯେ, ମୁଁ ସକ୍ଷମ, ସମର୍ଥ ଓ ସର୍ବଶକ୍ତିମାନ ଅଟେ । ମୁଁ ଯାହା ଚାହେଁ ତାହା ମୁଁ କରିଥାଏ । କାରଣ ସେମାନେ ବିଶ୍ୱାସ ଆଣନ୍ତୁ, ମୁଁ ତୁମ୍ଭ ସହିତ ଅଛି ଏବଂ ଯେଉଁମାନେ ଈଶ୍ୱରଙ୍କ ଅସ୍ତିତ୍ୱ ଉପରେ ବିଶ୍ୱାସ ଆଣନ୍ତି ନାହିଁ ଏବଂ ଈଶ୍ୱରଙ୍କ ଏବଂ ଈଶ୍ୱରଙ୍କ ଧର୍ମ, ତାହାଙ୍କ ପୁସ୍ତକ, ତାହାଙ୍କ ପବିତ୍ରାବତାର ମୁହମ୍ମଦ୍ ମୁସ୍ତଫା ସ.ଅଙ୍କୁ ଅସ୍ୱୀକାର କରନ୍ତି ଓ ପ୍ରତ୍ୟାଖ୍ୟାନ ଦୃଷ୍ଟିରେ ଦେଖନ୍ତି ସେହି ଲୋକମାନଙ୍କୁ ହିଁ ଏକ ଜ୍ୱଳନ୍ତ ନିଦର୍ଶନ ମିଳିବ ଏବଂ ଦୋଷୀ ଓ ଅପରାଧୀମାନଙ୍କର ମାର୍ଗଟି ପ୍ରକଟିତ (ସ୍ପଷ୍ଟ) ହୋଇଯାଉ । ଅତଏବ୍ ହେ ପ୍ରତିଶ୍ରୁତ ମସିହ୍ ! ଆମ୍ଭେ ତୁମ୍ଭକୁ ଏକ ଶୁଭ ସୂଚନା ପ୍ରଦାନ କରୁଛୁ ଯେ, ଏକ ସୁନ୍ଦର ଏବଂ ପବିତ୍ର ପୁତ୍ର ସନ୍ତାନ ତୁମ୍ଭକୁ ପ୍ରଦାନ କରାଯିବ । ଏକ ପବିତ୍ର ସନ୍ତାନ ତୁମ୍ଭକୁ ପ୍ରାପ୍ତ ହେବ, ସେ ତୁମ୍ଭରି ଔରସରୁ ତୁମ୍ଭରି ସନ୍ତାନ ଏବଂ ତୁମ୍ଭରି ବଂଶର ହେବ । ଏକ ସୁନ୍ଦର ବାଳକ ତୁମ୍ଭର ଅତିଥି ହୋଇ ଆସିବ ଏବଂ ତା'ର ନାମ ଅମ୍ୱାଇଲ୍ ଏବଂ ବଶୀର୍ ମଧ୍ୟ ଅଟେ । ସେହି ବାଳକକୁ ପବିତ୍ରାତ୍ମା ପ୍ରଦାନ କରାଯାଇଛି ଏବଂ ସେ ସମସ୍ତ ଅପବିତ୍ରତା ଠାରୁ ପବିତ୍ର ଅଟେ ଏବଂ ସେ ଅଲ୍ଲାଃତାଲାଙ୍କର ଜ୍ୟୋତି ଅଟେ । ସେହି ବାଳକଟି କଲ୍ୟାଣମୟ ଅଟେ। କାରଣ ସେ ଆକାଶଲୋକ ଅର୍ଥାତ୍ ଈଶ୍ୱରଙ୍କ ତରଫରୁ ଆଗତ । ତା' ସହିତ କୃପା ରହିଛି । ତା'ର ଆସିବା ଦ୍ୱାରା ସେହି କୃପା ମଧ୍ୟ ତା' ସହିତ ଆସିବ । ସେ ବିଭବଶାଳୀ, ମହାନ୍, ମର୍ଯ୍ୟାଦା ସଂପନ୍ନ ଓ ଧନାଢ୍ୟ ବ୍ୟକ୍ତି ହେବ । ସେ ସଂସାରକୁ ଆସିବ ଏବଂ ନିଜର ମସିହ୍‌ଙ୍କ ଆତ୍ମା ତଥା ସତ୍ୟାତ୍ମାଙ୍କ କଲ୍ୟାଣରୁ ଅସଂଖ୍ୟ ଲୋକଙ୍କୁ ରୋଗମୁକ୍ତ କରିବ । ସେ ଈଶ୍ୱରଙ୍କ ବାଣୀ ଅଟେ । କାରଣ ଈଶ୍ୱରଙ୍କ କରୁଣା ଏବଂ ତାହାଙ୍କ ସ୍ୱଭିମାନ ତା'କୁ ଯଶୋଗାନମୂଳକ ବାଣୀର ସ୍ତୁତି କରିବା ନିମନ୍ତେ ପ୍ରେରଣ କରିଛି । ସେ ଅତ୍ୟନ୍ତ ବୁଦ୍ଧିମାନ, ବିଚକ୍ଷଣ ସମ୍ପନ୍ନ ବାଳକ ହେବ, ସେ ଅତ୍ୟନ୍ତ କୋମଳ, ଦୟାଳୁ ଏବଂ ପ୍ରକାଶ୍ୟ ଓ ଅପ୍ରକାଶ୍ୟ ଜ୍ଞାନ ଦ୍ୱାରା ପରିପୂର୍ଣ୍ଣ ହେବ । ସେ 3କୁ 4 କରିବ (ହ. ମସିହ୍ ମଉଦ୍ ଅ.ସ କହିଲେ, ଏହାର ଅର୍ଥ ବୁଝି ହେଲା ନାହିଁ) ସୋମବାର ଦିନଟି ଅତି ପବିତ୍ର ଦିନ ଅଟେ । ସେହି ପୁତ୍ର ସନ୍ତାନଟି ମୋର ସୁଯୋଗ୍ୟ, ପ୍ରତିଷ୍ଠିତ, ସମ୍ମାନିତ ସନ୍ତାନ ଅଟେ ।مظهر الاول والآخر، مظهر الحق والعلاء كَاَنَّ اللّٰهَ نَزَلَ مِنَ السَّمَاۗءِ ଅର୍ଥାତ୍ ଈଶ୍ୱରଙ୍କ ସେହି ସଂସ୍କାରକ ଅର୍ଥାତ୍ ମୁସ୍‌ଲେହ୍ ଯେକି ଈଶ୍ୱରଙ୍କ ମହିମାକୁ ପ୍ରାରମ୍ଭରେ ଓ ଶେଷରେ ମଧ୍ୟ ପରିପ୍ରକାଶ କରିବେ, ସେ ସତ୍ୟ ଓ ସର୍ବୋଚ୍ଚ ଈଶ୍ୱରଙ୍କ ଦ୍ୱାରା ଏପରି ପ୍ରେରିତ ଯେପରିକି ଈଶ୍ୱର ସାକ୍ଷାତ୍ ଆକାଶ ଲୋକରୁ ଧରାପୃଷ୍ଠକୁ ଓହ୍ଲାଇ ଆସିଛନ୍ତି। ସେହି ପବିତ୍ର ସନ୍ତାନର ଅବତୀର୍ଣ୍ଣ ଅତ୍ୟନ୍ତ କଲ୍ୟାଣମୟ ଏବଂ ଈଶ୍ୱରଙ୍କ ପ୍ରତାପର ଆବିର୍ଭାବର କାରଣ ହେବ। ଆଲୋକ ଆସୁଅଛି ଆଲୋକ । ସେହି ଆଲୋକ ଅର୍ଥାତ୍ ସନ୍ତାନକୁ ଈଶ୍ୱର ନିଜର ପ୍ରସନ୍ନତାର ସୁଗନ୍ଧ ଦ୍ୱାରା ସୁଗନ୍ଧିତ କରିଛନ୍ତି । ଆମ୍ଭେ (ଅଲ୍ଲାଃତାଲା) ତହିଁରେ ନିଜର ଆତ୍ମା ପ୍ରବିଷ୍ଟ କରିବୁ ଏବଂ ଈଶ୍ୱରଙ୍କ ଛତ୍ରଛାୟା (ଆଶୀର୍ବାଦ) ସେହି ସନ୍ତାନ ଉପରେ ସର୍ବଦୈବ ରହିବ । ସେ ଶୀଘ୍ର ଶୀଘ୍ର ବଢ଼ ହେବ ଏବଂ କାରାବରଣ ଦଣ୍ଡ ଭୋଗୁଥିବା ବ୍ୟକ୍ତିମାନଙ୍କର କାରମୁକ୍ତର କାରଣ ହେବ । ସେ ଭୂପୃଷ୍ଠର ପ୍ରାନ୍ତ ପର୍ଯ୍ୟନ୍ତ ଖ୍ୟାତି ଅର୍ଜନ କରିବ ଏବଂ ବିଭିନ୍ନ ଜାତି ସେହି ପ୍ରତିଶ୍ରୁତ ଭବ୍ୟ ସନ୍ତାନ ଠାରୁ କଲ୍ୟାଣ ପ୍ରାପ୍ତ କରିବେ । ତତ୍ପରେ ଏହି ପ୍ରତିଶ୍ରୁତ ସୁପୁତ୍ରକୁ ଈଶ୍ୱର ନିଜ ଆଡ଼କୁ ଡାକିନେବେ (ଅର୍ଥାତ୍ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ବିୟୋଗ ହେବ)। وَ كَانَ أَمْرًا مَّقْضِيًّا ଏହ ଈଶ୍ୱରଙ୍କ ବିଧାନ ଓ ଚିରନ୍ତନ ସତ୍ୟ ଅଟେ । ଅର୍ଥାତ୍ ଯେକେହି ଏହି ମର୍ତ୍ତ୍ୟମଣ୍ଡଳରେ ଜନ୍ମଗ୍ରହଣ କରିଛି ସେ ଦିନେ ନା ଦିନେ ଅବଶ୍ୟ ମୃତ୍ୟୁବରଣ କରିବ।"**(ମଜ୍‌ମୁଆ ଇସ୍ତେହାରାତ୍, ଗ୍ରନ୍ଥଖଣ୍ଡ-1, ପୃ-100-102)**

ସେହି ଇସ୍ତହାରରେ ହୁଜୁର ଅ.ସ ନିଜର ବଂଶଧର ଏବଂ ପରିବାର ପରିବ୍ୟାପ୍ତ ହେବା ନିମନ୍ତେ ଅଲ୍ଲାଃତାଲାଙ୍କ ପ୍ରତିଶ୍ରୁତିର ଚର୍ଚ୍ଚା କରି କହିଲେ: "ପୁନଶ୍ଚ ଅଶେଷ ଦୟାବାନ୍ ଓ ସଦା କରୁଣାମୟ ପ୍ରଭୁ ମୋତେ ଶୁଭ ସୂଚନା ପ୍ରଦାନ କରି କହିଲେ, ହେ ପ୍ରତିଶ୍ରୁତ ମସିହ୍ ! ମୁଁ ତୁମ୍ଭର ଗୃହକୁ କଲ୍ୟାଣ ଦ୍ୱାରା ପୂର୍ଣ୍ଣ କରିଦେବି ଏବଂ ମୁଁ ନିଜର ପୁରସ୍କାରକୁ ତୁମ୍ଭ ଉପରେ ହିଁ ସଂପୂର୍ଣ୍ଣ କରିଦେବି । ତୁମ୍ଭ ପରିବାରର ପବିତ୍ର ମହିଳାମାନଙ୍କ ମଧ୍ୟରୁ କେତେକ ମହିଳାମାନଙ୍କୁ ତୁମ୍ଭେ ଏପରି ପାଇବ ଯେଉଁ ମହିଳାମାନେ ତୁମ୍ଭ ବଂଶଧରର ହେବେ ଓ ତୁମ୍ଭ ପିଢୀ ଅସଂଖ୍ୟ ହେବେ ଏବଂ ମୁଁ ତୁମ୍ଭ ସନ୍ତାନ ସଂଖ୍ୟାକୁ ବୃଦ୍ଧି କରିବି ଏବଂ କଲ୍ୟାଣ ପ୍ରଦାନ କରିବି । କିନ୍ତୁ ସେହି ସନ୍ତାନମାନଙ୍କ ମଧ୍ୟରୁ କେତେକ ସନ୍ତାନ ସ୍ୱଳ୍ପାୟୁ ହୋଇ ମୃତ୍ୟୁବରଣ ମଧ୍ୟ କରିବେ। କିନ୍ତୁ ତୁମ୍ଭର ବଂଶ ବିପୁଳ ସଂଖ୍ୟାରେ ଦେଶବିଦେଶରେ ପରିବ୍ୟାପ୍ତ ହୋଇଯିବ ଏବଂ ପ୍ରତ୍ୟେକ ଶାଖା ତୁମ୍ଭ ଜେଜଙ୍କ ସନ୍ତାନଙ୍କର ପୁତ୍ର ଅର୍ଥାତ୍ ତୁମ ଚଚାଙ୍କ ପୁତ୍ର ଅର୍ଥାତ୍ ଭାଇମାନଙ୍କର ବଂଶ ପରମ୍ପରାକୁ ସମାପ୍ତ କରି ଦିଆଯିବ । ଯଦି ସେମାନେ କ୍ଷମାଯାଚନା ନକରନ୍ତି ତେବେ ସେମାନେ ଶୀଘ୍ର ଶୀଘ୍ର ସମାପ୍ତ ହୋଇଯିବେ । ଈଶ୍ୱର ସେମାନଙ୍କ ଉପରେ ବିପତ୍ତି ପରେ ବିପତ୍ତି ଅବତୀର୍ଣ୍ଣ କରିବେ । ଏପର୍ଯ୍ୟନ୍ତକି ସେମାନେ ଧ୍ୱଂସ ହୋଇଯିବେ, ସେମାନଙ୍କର ପରିବାର ବିଧବା ମହିଳାମାନଙ୍କ ଦ୍ୱାରା ପରିପୂର୍ଣ୍ଣ ହୋଇଯିବ । ସେମାନଙ୍କ ପ୍ରାଚୀର (କାନ୍ଥ) ଉପରେ କୋପ ଅବତୀର୍ଣ୍ଣ ହେବ । କିନ୍ତୁ ସେମାନେ ଯଦି ପ୍ରତ୍ୟାବର୍ତ୍ତନ କରି ନିଅନ୍ତି ତେବେ ଅଶେଷ ଦୟାବାନ୍ ଓ ସଦା କରୁଣାମୟ ଈଶ୍ୱର ସେମାନଙ୍କ ଆଡ଼କୁ ପ୍ରତ୍ୟାବର୍ତ୍ତନ କରିବେ । ଈଶ୍ୱର ତୁମ୍ଭର କଲ୍ୟାଣକୁ ଆଖ ପାଖରେ ପରିବ୍ୟାପ୍ତ କରିବେ ଏବଂ ଏକ ବିକ୍ଷିପ୍ତ ଘର (ପରିବାର) ତୁମ୍ଭ ଦ୍ୱାରା ପୁନଃ ବସତି ସ୍ଥାପିତ ହେବ ଏବଂ ଭୟଙ୍କର ଘରକୁ ତୁମ୍ଭେ କଲ୍ୟାଣ ଦ୍ୱାରା ପରିପୂର୍ଣ୍ଣ କରିଦେବ । ତୁମ୍ଭର ସନ୍ତାନ କେବେ ବି ସମାପ୍ତ ହେବ ନାହିଁ ଏବଂ ଶେଷ ଦିବସ ପର୍ଯ୍ୟନ୍ତ ସବୁଜିମା ହୋଇ ରହିବ । ଯେଉଁ ଦିନ ଏହି ସଂସାର ସମାପ୍ତ ହୋଇଯିବ ସେହି ଦିନ ପର୍ଯ୍ୟନ୍ତ ଈଶ୍ୱର ତୁମ୍ଭର ନାମକୁ ସମ୍ମାନର ସହିତ ଅକ୍ଷୁର୍ଣ୍ଣ ଓ ବଳବତ୍ତର ରଖିବେ । ସେ ତୁମ୍ଭର ପ୍ରଚାରକୁ ପୃଥିବୀର ପ୍ରାନ୍ତ ପର୍ଯ୍ୟନ୍ତ ପହଞ୍ଚାଇଦେବେ । ମୁଁ ତୁମ୍ଭକୁ ଉଠାଇ ନେବି ଏବଂ ନିଜ ଆଡ଼କୁ ଡକାଇନେବି (ମୃତ୍ୟୁ ପ୍ରଦାନ କରିବି) । କିନ୍ତୁ ତୁମ୍ଭର ନାମ ଭୂପୃଷ୍ଠରୁ କେବେ ବି ନିଶ୍ଚିହ୍ନ ହେବ ନାହିଁ ଏବଂ ଯେଉଁ ଲୋକମାନେ ତୁମ୍ଭକୁ ତିରସ୍କୃତ କରିବାରେ ସର୍ବଦା ଚିନ୍ତିତ ଥାଆନ୍ତି, ତୁମ୍ଭେ ଅସଫଳ ରୁହ ବୋଲି ସେମାନେ ଚେଷ୍ଟା କରିଥାଆନ୍ତି ଓ ତୁମ୍ଭକୁ ଧ୍ୱଂସ କରିବା ନିମନ୍ତେ ଚିନ୍ତା କରିଥାଆନ୍ତି ସେମାନେ ସ୍ୱୟଂ ଅକୃତକାର୍ଯ୍ୟ ରହିବେ। ସେମାନେ ଅକୃତକାର୍ଯ୍ୟ ଏବଂ ଅସଫଳ ହୋଇ ମୃତ୍ୟୁବରଣ କରିବେ । କିନ୍ତୁ ଈଶ୍ୱର ତୁମ୍ଭକୁ ସଂପୂର୍ଣ୍ଣ ରୂପେ ସାଫଲ୍ୟମଣ୍ଡିତ କରିବେ ଏବଂ ତୁମ୍ଭର ସମସ୍ତ ମନସ୍କାମନାକୁ ତୁମ୍ଭକୁ ପ୍ରଦାନ କରିବେ ଅର୍ଥାତ୍ ପୂରଣ କରିବେ । ମୁଁ ତୁମ୍ଭର ନୈଷ୍ଠିକ ଏବଂ ତୁମ୍ଭ ପ୍ରତି ଅନୁରାଗ ତଥ ଆନ୍ତରୀକତା ପ୍ରଦର୍ଶନକାରୀ ଗୋଷ୍ଠୀ ସଂଖ୍ୟାକୁ ଅଭିବୃଦ୍ଧି କରିବି । ମୁଁ ସେମାନଙ୍କର ଆତ୍ମା ଏବଂ ସେମାନଙ୍କର ଧନରେ ଅଜସ୍ର କଲ୍ୟାଣ ପ୍ରଦାନ କରିବି ଓ ସେମାନଙ୍କ ଧନ ଓ ଜୀବନରେ ପ୍ରାଚୁର୍ଯ୍ୟତା ପ୍ରଦାନ କରିବି । ସେହି ଲୋକମାନେ ମୁସଲମାନମାନଙ୍କର ଅନ୍ୟ ଗୋଷ୍ଠୀମାନଙ୍କ ଉପରେ ପ୍ରଳୟ ଦିବସ ପର୍ଯ୍ୟନ୍ତ ବିଜୟ ପ୍ରାପ୍ତ କରିବେ । ବିଦ୍ୱେଷ, ଈର୍ଷାଳୁ ଓ ଶତ୍ରୁମାନଙ୍କର ଯେଉଁ ଗୋଷ୍ଠୀ ରହିଛି ଈଶ୍ୱର ସେମାନଙ୍କୁ ସ୍ୱୀକାର କରିବେ ନାହିଁ ଓ ସେମାନଙ୍କୁ କେବେ ବି ପାସୋରି ଦେବେ ନାହିଁ । ସେମାନେ ନିଜର ସତ୍ୟନିଷ୍ଠତା ଅନୁଯାୟୀ ପ୍ରତିଫଳ ପ୍ରାପ୍ତ କରିବେ । ହେ ପ୍ରତିଶ୍ରୁତ ମସିହ୍ ! ଯେପରି ବନି ଇସ୍ରାଇଲ୍‌ର ଅବତାରମାନେ ଥିଲେ (ଅର୍ଥାତ୍ ଛାୟୀ ବା ପ୍ରତିବିମ୍ବ ରୂପେ ତୁମ୍ଭେ ସେମାନଙ୍କ ସହିତ ସାମଞ୍ଜସ୍ୟତା ରଖୁଛ) ତୁମ୍ଭେ ମୋ ପାଇଁ ସେହିପରି ଅଟ । ଯେପରି ମୋର ଏକେଶ୍ୱରବାଦ ରହିଛି ଠିକ୍ ସେହିପରି ତୁମ୍ଭେ ମୋ ପାଇଁ ଅଟେ । ତୁମ୍ଭେ ମୋ ଦ୍ୱାରା ଏବଂ ମୁଁ ତୁମ୍ଭ ଦ୍ୱାରା ଅଟେ । ବେଳ ଆସୁଅଛି ବରଂ ସେହି ବେଳଟି ଖୁବ୍ ନିକଟବର୍ତ୍ତୀ ଯେତେବେଳେ ଈଶ୍ୱର ସମ୍ରାଟ୍ ଏବଂ ଅମୀରମାନଙ୍କ ମନରେ ମୁଁ ତୁମ୍ଭର ପ୍ରେମକୁ ପ୍ରବିଷ୍ଟ କରିଦେବି । ଏପର୍ଯ୍ୟନ୍ତକି ସେମାନେ ତୁମ୍ଭର ବସ୍ତ୍ରରୁ କଲ୍ୟାଣ ସନ୍ଧାନ (ଅନ୍ୱେଷଣ) କରିବେ । ହେ ପ୍ରତ୍ୟାଖ୍ୟାନକାରୀ ଏବଂ ହେ ସତ୍ୟର ବିରୋଧୀମାନେ ! ତୁମ୍ଭେମାନେ ଯଦି ମୋର ଭକ୍ତ ସଂପର୍କରେ ସନ୍ଦେହରେ ରହିଛ (ସନ୍ଦେହ ପ୍ରକାଶ କରୁଛ) ଅର୍ଥାତ୍ ଆମ୍ଭେ ଯେଉଁ ଉପକାର ଏବଂ କୃପା ନିଜ ଭକ୍ତ ଉପରେ କରିଛୁ ସେହି କୃପା ଓ ଉପକାର ସଂପର୍କରେ ତୁମ୍ଭେମାନେ ଯଦି ସନ୍ଦେହ ପ୍ରକାଶ କର ତେବେ ସେପରିପ୍ରେକ୍ଷୀରେ ତୁମ୍ଭେମାନେ ଏହି କୃପା ତଥା ଦୟାମୂଳକ ନିଦର୍ଶନ ପରି ନିଜ ତରଫରୁ ସତ୍ୟାତ୍ମକ ନିଦର୍ଶନ ଉପସ୍ଥାପିତ କର । ହେ ବିରୋଧୀମାନେ ଓ ହେ ପ୍ରତ୍ୟାଖ୍ୟାନକାରୀମାନେ ତୁମ୍ଭେମାନେ ଯଦି ସତ୍ୟବାଦୀ ତେବେ ତୁମ୍ଭେମାନେ ସତ୍ୟାତ୍ମକ ନିଦର୍ଶନ ଉପସ୍ଥାପିତ କର । ଆଉ ଯଦି ତୁମ୍ଭେମାନେ ନିଦର୍ଶନ ଉପସ୍ଥାପିତ କରିପାରିବ ନାହିଁ ତେବେ ମନେରଖ ଯେ, ତୁମ୍ଭେମାନେ କଦାପି ସତ୍ୟାତ୍ମକ ନିଦର୍ଶନ ଉପସ୍ଥାପିତ କରିପାରିବ ନାହିଁ । ଯଦି ତୁମ୍ଭେମାନେ ସତ୍ୟାତ୍ମକ ନିଦର୍ଶ ଉପସ୍ଥାପିତ କରି ନପାର ତେବେ ତୁମ୍ଭେମାନେ ସେହି ଅଗ୍ନି ଠାରୁ ଭୟ କର (ଡ଼ର) ଯେଉଁ ଅଗ୍ନି ଅବଜ୍ଞାକାରୀମାନଙ୍କୁ ଏବଂ ମିଥ୍ୟାବାଦୀମାନଙ୍କୁ ଓ ସୀମା ଲଂଘନକାରୀମାନଙ୍କ ନିମନ୍ତେ ପ୍ରସ୍ତୁତ କରାଯାଇଛି । (ଇତି ଆପଣମାନଙ୍କର ବିନୀତ ମିର୍ଜା ଗୁଲାମ୍ ଅହମଦ୍[ଅ.ସ]) ସମାପ୍ତ ।" ଅତଏବ୍ ଉକ୍ତ ଇସ୍ତହାରର ପରବର୍ତ୍ତୀ ମାସରେ ହୁଜୁର୍ ଅ.ସ ଏକ ଇସ୍ତହାର 22 ମାର୍ଚ୍ଚ 1886 ମସିହାରେ ଉକ୍ତ ଭବିଷ୍ୟବାଣୀ ସଂପର୍କରେ ଅଲ୍ଲାଃତାଲାଙ୍କ ଆଉ ଏକ ପ୍ରତିଶ୍ରୁତି ତଥା ଅଙ୍ଗୀକାରର ଚର୍ଚ୍ଚା କରି ଆପଣ ଅ.ସ କହିଲେ: "ଏପରି ପୁତ୍ର ଈଶ୍ୱରଙ୍କ ଅଙ୍ଗୀକାର ତଥା ପ୍ରତିଶ୍ରୁତି ଯୋଗୁଁ 9 ବର୍ଷ କାଳ ମଧ୍ୟରେ ଅବଶ୍ୟ ଜନ୍ମଗ୍ରହଣ କରିବ । ସେ ପଛେ ଶୀଘ୍ର ଜନ୍ମ ଗ୍ରହଣ କରୁ ଅବା ବିଳମ୍ବରେ ଜନ୍ମଗ୍ରହଣ କରୁ । କିନ୍ତୁ ସେ ଯାହା ହେଉ ସେହି ଅବଧି ମଧ୍ୟରେ ସେହି ଅଙ୍ଗୀକୃତ ସନ୍ତାନ ଜନ୍ମଗ୍ରହଣ କରିବ।"**(ମଜ୍‌ମୁଆ ଇସ୍ତେହାରାତ୍, ଗ୍ରନ୍ଥଖଣ୍ଡ-1, ପୃ-113)**☆--☆--☆

## ଉର୍ଦ୍ଦୁ ନଜମ୍ ହ. ମୁସଲେହ୍ ମଉଦ୍ [ର.ଅ]

یُوں اندھیری رات میں اے چاند تو چمکا نہ کر — حَشر اک سیمیں بدن کی یاد میں برپا نہ کر

کیا لبِ دریا میری بے تبیاں کافی نہیں — تُو جگر کو چاک کر کے اپنے یُوں تڑپا نہ کر

دُور رہنا اپنے عاشق سے نہیں دیتا ہے زیب — آسماں پر بیٹھ کر تُو یُوں مجھے دیکھا نہ کر

عکس تیرا چاند میں دیکھ یُوں کیا عیب ہے — آگے آگے چاند کی مانند تُو بھاگا نہ کر

اے شُعاعِ نُور یُوں ظاہر نہ کر میرے عُیوب — غیر ہیں چاروں طرف ان میں مُجھے رُسوا نہ کر

ہے محبّت ایک پاکیزہ اَمَانت اے عزیز — عِشق کی عزّت ہے واجب عِشق سے کھیلا نہ کر

ہے عمل میں کامیابی موت میں ہے زندگی — جالپٹ جا لہر سے دریا کی کچھ پروا نہ کر

☆ ☆ ☆

## ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ମର୍ଯ୍ୟାଦା ପେଶ୍‌ଗୋଇ(ଭବିଷ୍ୟବାଣୀ)ର ପ୍ରକାଶରେ

ଲେଖକ- ଇନାୟତୁଲ୍ଲାଃ ସାହେବ, ଅତିରିକ୍ତ ନାଜିର୍ ଇସ୍‌ଲାହ୍ ଓ ଇର୍ଶାଦ, ତଥା ତାଲିମୁଲ୍ କୁରଆନ୍ ଓ ୱକ୍‌ଫେ ଆର୍ଜି କାଦିୟାନ୍

ଅଲ୍ଲାଃତାଲାଙ୍କର ଏହି ପରମ୍ପରା ରହିଛି ଯେ, ସେ ଭବିଷ୍ୟତରେ ପ୍ରେରିତ ଅବତାରମାନଙ୍କର, ବାର୍ତ୍ତାବହମାନଙ୍କର ଓ ସେମାନଙ୍କର ଉତ୍ତରାଧିକାରୀମାନଙ୍କ ସଂକ୍ରାନ୍ତରେ ପୂର୍ବରୁ ହିଁ ଭବିଷ୍ୟବାଣୀ ମାଧ୍ୟମରେ ଏହି ସୂଚନା ଦେଇ ଦେଇଥାଆନ୍ତି। ସେହି ଅବତାରମାନଙ୍କର ବିଶିଷ୍ଟ ଗୁଣାବଳୀ ଏବଂ ସେମାନଙ୍କର ପରିସ୍ଥିତି ସଂପର୍କରେ ଅବଗତ କରାଇ ବହୁ ପୂର୍ବରୁ ହିଁ ସେମାନଙ୍କର ମର୍ଯ୍ୟାଦାର ପରିପ୍ରକାଶ କରିଦେଇ ଥାଆନ୍ତି । ସୁତରାଂ ଆଁହଜରତ ସ.ଅ ଯାହାଙ୍କୁ ଅଲ୍ଲାଃତାଲା ଖାତମୁନ୍ ନବୀୟିନ୍ (ଅବତାରମାନଙ୍କର ମୋହର) ଏବଂ ରହମତୁଲ୍ ଲିଲ୍ ଆଲମିନ୍ (ସକଳ ଜଗତ ନିମନ୍ତେ ଦୟାବାନ) କରି ପ୍ରେରଣ କିରଥିଲେ ଏବଂ ଯାହାଙ୍କ ସଂକ୍ରାନ୍ତରେ ପବିତ୍ର ହଦିସ୍‌ରେ ଉଲ୍ଲିଖିତ ହୋଇଛି ଯେ, لولاك لما خلقت الافلاق । ଅର୍ଥାତ୍ ହେ ମୁହମ୍ମଦ୍ ଅମ୍ଭେ ଯଦି ତୁମ୍ଭକୁ ସୃଷ୍ଟି କରି ନଥାଆନ୍ତୁ ତେବେ ଆମ୍ଭେ ଏହି ଜଗତକୁ ସୃଷ୍ଟି କରି ନଥାଆନ୍ତୁ। ଅତଏବ୍ ଆଁହଜରତ ସ.ଅଙ୍କ ଦାସତ୍ୱରେ ପ୍ରେରିତ ଇମାମ୍ ମେହ୍‌ଦୀଙ୍କୁ ମଧ୍ୟ ସୂଚନା ପ୍ରଦାନ କରି ଦିଆଯାଇଥିଲା । ସୁତରାଂ ପବିତ୍ର କୁରଆନ୍ କରୀମ୍‌ରେ ଏହି ଭବ୍ୟ ଭବିଷ୍ୟବାଣୀର ଚର୍ଚ୍ଚା କରି ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି:" هُوَ الَّذِىْ بَعَثَ فِى الْاُمِّيّٖنَ رَسُوْلًا مِّنْهُمْ يَتْلُوْا عَلَيْهِمْ اٰيٰتِهٖ وَيُزَكِّيْهِمْ وَيُعَلِّمُهُمُ الْكِتٰبَ وَالْحِكْمَةَ ۗ وَاِنْ كَانُوْا مِنْ قَبْلُ لَفِىْ ضَلٰلٍ مُّبِيْنٍ ۙ وَّاٰخَرِيْنَ مِنْهُمْ لَمَّا يَلْحَقُوْا بِهِمْ ۗ وَهُوَ الْعَزِيْزُ الْحَكِيْمُ"

**ଅନୁବାଦ:** ଅର୍ଥାତ୍ ସେ ଅଲ୍ଲାଃ ହିଁ ଏକ ନିରକ୍ଷର ସଂପ୍ରଦାୟ ପ୍ରତି ତାହାରି ମଧ୍ୟରୁ ଜଣେ ବ୍ୟକ୍ତିଙ୍କୁ ରସୁଲ୍ ଭାବରେ ପ୍ରେରଣ କରିଛନ୍ତି । ସେ ନିରକ୍ଷର ହେବା ସତ୍ତ୍ୱେ ସେମାନଙ୍କୁ ଅଲ୍ଲାଃଙ୍କ ଆଦେଶାବଳୀକୁ ପାଠ କରି ଶୁଣାଉଛନ୍ତି ଏବଂ ସେମାନଙ୍କୁ ପବିତ୍ର କରାଉଛନ୍ତି ଓ ସେମାନଙ୍କୁ ଧର୍ମ ଗ୍ରନ୍ଥ ଓ ତତ୍ତ୍ୱଶିକ୍ଷା ଦେଉଛନ୍ତି । ଅଥଚ ସେମାନେ ଏଥି ପୂର୍ବରୁ ସ୍ପଷ୍ଟ ବିଭ୍ରାନ୍ତ ମଧ୍ୟରେ ରହିଥିଲେ ଏବଂ ସେମାନଙ୍କ ବ୍ୟତୀତ ଅନ୍ୟ ଏକ ସଂପ୍ରଦାୟରେ ମଧ୍ୟ ସେ ତାହାଙ୍କୁ ପ୍ରେରଣ କରିବେ ଯେଉଁମାନେ ଅଦ୍ୟାବଧି ସେମାନଙ୍କ ସହିତ ଯୋଗଦାନ କରି ନାହାନ୍ତି । ବାସ୍ତବରେ ସେ (ଅଲ୍ଲାଃତାଲା) ହିଁ ପରାକ୍ରମୀ ଓ ତତ୍ତ୍ୱଜ୍ଞ ଅଟନ୍ତି ।

ପୁଣ୍ୟଶ୍ଳୋକ ସୟେଦିନା ହ. ମସିହ୍ ମଉଦ୍ ଅ.ସ ଚର୍ଚ୍ଚିତ ଆୟତ୍‌ର ବ୍ୟାଖ୍ୟା କରି କୁହନ୍ତି: "ଉକ୍ତ ଆୟତ୍‌ର ସାରମର୍ମ ଏହିକି ଯେ, ଈଶ୍ୱର ହେଉଛନ୍ତି ସେହି ସତ୍ତା ଯିଏ ଏପରି (ସନ୍ଧିକ୍ଷଣ) ମୁହୂର୍ତ୍ତରେ ନିଜର ବାର୍ତ୍ତାବହଙ୍କୁ ପ୍ରେରଣ କଲେ ଯେ, ଲୋକମାନେ ଜ୍ଞାନ, ସତ୍‌ଶିକ୍ଷା ଓ ତତ୍ତ୍ୱ ଶୂନ୍ୟ ହୋଇଯାଇଥିଲେ ଏବଂ ତତ୍ତ୍ୱଜ୍ଞମୂଳକ ଶିକ୍ଷା ଓ ଧାର୍ମିକ ଶିକ୍ଷା ଯହିଁରୁ ଆତ୍ମା ସଂପୂର୍ଣ୍ଣ ହେଲା ଏବଂ ମାନବାତ୍ମା ଶୈକ୍ଷିକ ଓ ବ୍ୟବହାରିକ ପୂର୍ଣ୍ଣତ୍ୱରେ ଉପନୀତ ହେଲା, ତାହା ହ୍ରାସ ପାଇଥିଲା ଏବଂ ଲୋକମାନେ ମାର୍ଗଭ୍ରଷ୍ଟତାମୂଳକ (ବବିଭ୍ରାନ୍ତମୂଳକ) କାର୍ଯ୍ୟରେ ଲିପ୍ତ ଥିଲେ । ସେତେବେଳେ ଏପରି ସମୟରେ ଈଶ୍ୱର ନିଜର ନିରକ୍ଷର ବାର୍ତ୍ତାବହ ହ. ମୁହମ୍ମଦ୍ ସ.ଅଙ୍କୁ ପ୍ରେରଣ କଲେ । ସେହି ବାର୍ତ୍ତାବହ ସେହି ମାର୍ଗଭ୍ରଷ୍ଟ ଲୋକମାନଙ୍କୁ ପବିତ୍ର କଲେ ଏବଂ ସେମାନଙ୍କୁ ଧର୍ମଗ୍ରନ୍ଥ ଶିକ୍ଷା ଓ ତାତ୍ତ୍ୱିକ ଶିକ୍ଷା ପ୍ରଦାନ କଲେ । ପୁନଶ୍ଚ ଅଲ୍ଲାଃତାଲା କହିଲେ, ଏପରି ଏକ ଗୋଷ୍ଠୀ ରହିଛି ଯିଏ ଶେଷ ଯୁଗରେ ଆବିର୍ଭୂତ ହେବେ । ସେମାନେ ମଧ୍ୟ ପ୍ରଥମେ ଅନ୍ଧକାର ଏବଂ ମାର୍ଗଭ୍ରଷ୍ଟତାରେ ଲିପ୍ତ ହେବେ ଏବଂ ଜ୍ଞାନ, ବିଶ୍ୱାସ ଓ ତତ୍ତ୍ୱ ଠାରୁ ବହୁ ଦୂରରରେ ଥିବେ। ସେତେବେଳେ ଈଶ୍ୱର ସେମାନଙ୍କୁ ମଧ୍ୟ ସାହାବାମାନଙ୍କ ପରି ଘିନି ଆଣିବେ। ଅର୍ଥାତ୍ ସାହାବାମାନେ ଯାହା କିଛି ଦେଖିଲେ ତାହା ସେମାନଙ୍କୁ ମଧ୍ୟ ଦେଖାଇ ଦିଆଯିବ । ଏପର୍ଯ୍ୟନ୍ତକି ସେମାନଙ୍କର ସତ୍ୟନିଷ୍ଠତା ଏବଂ ବିଶ୍ୱାସ ମଧ୍ୟ ସାହାବାମାନଙ୍କ ସତ୍ୟନିଷ୍ଠତା ଏବଂ ବିଶ୍ୱାସ ପରି ହେବ । ସେହିପରି ସଠିକ୍ ହଦିସ୍‌ରେ ଏହା ମଧ୍ୟ ବର୍ଣ୍ଣିତ ହୋଇଛି ଯେ, ଆଁହଜରତ ସ.ଅ ସେହି ଆୟତ୍‌ର ବ୍ୟାଖ୍ୟା କରିବା ସମୟରେ ହ. ସଲ୍‌ମାନ୍ ଫାର୍ସି ର.ଅଙ୍କ କାନ୍ଧ ଉପରେ ହାତ ରଖି କହିଲେ, "لو كان الايمان معلقاً بالثريا لناله رجل من فارس ଅର୍ଥାତ୍ ବିଶ୍ୱାସ ଯଦି କୃତିକା ତାରକାକୁ ଉଠିଯିବ (ଚାଲିଯିବ) ସେତେବେଳେ ମଧ୍ୟ ପାରସ୍ୟ ଲୋକଙ୍କ ମଧ୍ୟରୁ ଜଣେ ପାରସ୍ୟ ବଂଶୋଭବ ବ୍ୟକ୍ତି ଜନ୍ମ ଗ୍ରହଣ କରିବ ଯେକି ସେହି ବିଶ୍ୱାସକୁ ପୁନଃ ଧରାପୃଷ୍ଠରେ ସ୍ଥାପିତ କରିଦେବ । ଅତଏବ୍ ସେହି କାଳ ସଂପର୍କରେ ହଦିସ୍‌ରେ ଉଲ୍ଲିଖିତ ହୋଇଛି ଯେ, ସେହି ଶେଷ ଯୁଗରେ ପବିତ୍ର କୁରଆନ୍ କରୀମ୍ ଆକାଶ ଉପରକୁ ଉଠାଇ ନିଆଯିବ । ସେହି କାଳ ହେଉଛି ପ୍ରତିଶ୍ରୁତ ମସିହ୍‌ଙ୍କ କାଳ ଅଟେ ଏବଂ ଏହି ପାରସ୍ୟ ବଂଶୋଭବ ବ୍ୟକ୍ତି ଯାହାଙ୍କର ନାମ ମସିହ୍ ମଉଦ୍ ଅଟେ । **(ଅୟ୍ୟାମୁସ୍ ସୁଲାହ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-14, ପୃ-305-306)**

ହକିକତୁଲ୍ ପୁସ୍ତକରେ ଆପଣ ଅ.ସ କହିଲେ, اٰخَرِيْنَ مِنْهُمْ لَمَّا يَلْحَقُوْا بِهِمْ ଅର୍ଥାତ୍ ମୁହମ୍ମଦ୍ ସ.ଅଙ୍କ ଧର୍ମରେ ଆଉ ଏକ ସଂପ୍ରଦାୟ ମଧ୍ୟ ରହିଛି ଯିଏ ପରେ ଶେଷ ଯୁଗରେ ଆସିବ । ହଦିସ୍‌ରେ ମଧ୍ୟ ବର୍ଣ୍ଣିତ ହୋଇଛି ଯେ, ସେହି ଆୟତ୍ ସମୟରେ ଆଁହଜରତ ସ.ଅ ନିଜର ହାତ ହ. ସଲ୍‌ମାନ୍ ଫାର୍ସି ର.ଅଙ୍କ ପିଠି ଉପରେ ସ୍ପର୍ଶ କରି କହିଲେ, لو كان الايمان معلقاً بالثريا لناله رجل من ।

ହୁଜୁର୍ ଅ.ସ କହିଲେ, ଏହି ଭବିଷ୍ୟବାଣୀ ମୋ ସଂକ୍ରାନ୍ତରେ ଥିଲା । ଯେପରିକି ଈଶ୍ୱର ବରାହିନେ ଅହମଦିୟାରେ ଉକ୍ତ ଭବିଷ୍ୟବାଣୀର ପୁଷ୍ଟି ନିମନ୍ତେ ସେହି ହଦିସ୍‌କୁ ଐଶୀବାଣୀ ସ୍ୱରୂପ ମୋ ଉପରେ ଅବତୀର୍ଣ୍ଣ କଲେ ଏବଂ ଐଶୀବାଣୀ ଦୃଷ୍ଟିରୁ ମୋ ପୂର୍ବରୁ ଉକ୍ତ ଭବିଷ୍ୟବାଣୀର କେହି ଚରିତାର୍ଥ ନଥିଲା ଏବଂ ଈଶ୍ୱରଙ୍କ ଐଶୀବାଣୀ ମୋତେ ନିର୍ଦ୍ଦିଷ୍ଟ କରିଦେଲା । **ଫଲ୍ ହମ୍‌ଦୁ ଲିଲ୍ଲାଃ ।**

**(ହକିକତୁଲ୍ ୱହି, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-22, ପୃ-407, ବି.ଦ୍ର)**

ମୁସ୍‌ଲିମ୍ ନାମକ ହଦିସ୍ ଗ୍ରନ୍ଥର କିତାବ୍ ଫଜାଇଲୁସ୍ ସାହାବାର ଅଧ୍ୟାୟ ରଜୁଲୁ ଫାରିସ୍‌ରେ ଦର୍ଜ ଥିବା ଚର୍ଚ୍ଚିତ ହଦିସ୍‌ର رجل ଶବ୍ଦଟି ବର୍ଣ୍ଣିତ ହୋଇଛି । ସେହି ଶବ୍ଦରେ ଏହି ଆଡ଼କୁ ଇଙ୍ଗିତ ରହିଛି ଯେ, ସୁରାଃ ଜୁମାର ଆୟତ୍ وَّاٰخَرِيْنَ مِنْهُمْ ରେ ମୁସଲମାନ ଜାତିରେ ଆଁହଜରତଙ୍କ ଦାସତ୍ୱରେ ପ୍ରେରିତ ମହାନ୍ ଅସ୍ତିତ୍ୱ ଅର୍ଥାତ୍ ଇମାମ୍ ମେହ୍‌ଦୀ ତଥା ମସିହ୍ ମଉଦ୍ ଅ.ସଙ୍କ ସୂଚନା ପ୍ରଦାନ କରାଯାଇଛି । ତାହାଙ୍କ ପରେ ତାଙ୍କର ମିଶନକୁ ଆଗକୁ ସଂପ୍ରସାରିତ କରିବା ନିମନ୍ତେ ତାଙ୍କରି ଜମାଅତ୍ ତଥା ତାହାଙ୍କ ବଂଶ ମଧ୍ୟରୁ ଆହୁରି ମହାନ୍ ଅସ୍ତିତ୍ୱକୁ ଅଲ୍ଲାଃତାଲା ସୃଷ୍ଟି କରିବେ । ସେହି ମହାନ୍ ଅସ୍ତିତ୍ୱଙ୍କ ମାଧ୍ୟମରେ ଅଲ୍ଲାଃତାଲା ନିଜ ଦ୍ୱାରା ସ୍ଥାପିତ ସଂପ୍ରଦାୟକୁ ସମଗ୍ର ସଂସାରରେ ପରିବ୍ୟାପ୍ତ କରି ତାହାକୁ ଜୟଯୁକ୍ତ ପ୍ରଦାନ କରିବେ । ସୁତରାଂ ହଦିସ୍‌ର ପୁସ୍ତକ ମିଶ୍‌କାତ୍‌ରେ ଉଲ୍ଲିଖିତ ହଦିସ୍ ରହିଛି ଯାହାର ବର୍ଣ୍ଣନକାରୀ ହ. ଅବ୍‌ଦୁଲ୍ଲାଃ ବିନ୍ ଉମର୍ ର.ଅ ଅଟନ୍ତି । ଆଁହଜରତ୍ ସ.ଅ କୁହନ୍ତି, ينزيل عيسىٰ بن مريم الى الارض يتزوج ويولد له ଅର୍ଥାତ୍ ହ. ଇସା ଅ.ସ ସଂସାରକୁ ଆସିବେ ଏବଂ ସେ ବିବାହ କରିବେ ଓ ତାଙ୍କର ସନ୍ତାନ ଜାତ ହେବ ।

**(ମିଶ୍‌କାତ୍, ମୁଜ୍‌ତବାଇ, ପୃ-480, ବାବ୍-ନୁଜୁଲୁ ଇସା ଅ.ସ)**

ଚର୍ଚ୍ଚିତ ହଦିସ୍‌ରେ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "قد اخبر رسول الله صلى الله عليه وسلم ان المسيح الموعود يتزوج ويولد له ففى هذا اشارة الى ان الله يعطيه ولدا صالحا يشابه اباه ولا يا باه ويكون من عباد الله المكرمين ଅର୍ଥାତ୍ ଆଁହଜରତ୍ ସ.ଅଙ୍କ ଠାରୁ ସୂଚନା ପାଇବା ପରେ ଆପଣ ଅ.ସ କହିଲେ, ମସିହ୍ ମଉଦ୍ ବିବାହ କରିବେ ଓ ତାଙ୍କର ସନ୍ତାନ ଜାତ ହେବ । ତହିଁରେ ଉକ୍ତ ପ୍ରସଙ୍ଗ ପ୍ରତି ଇଙ୍ଗିତ ରହିଛି ଯେ, ଅଲ୍ଲାଃତାଲା ତାଙ୍କୁ (ପ୍ରତିଶ୍ରୁତ ମସିହ୍ ଅ.ସଙ୍କୁ) ଏପରି ଏକ ପୁଣ୍ୟ ଓ ପବିତ୍ର ସନ୍ତାନ ପ୍ରଦାନ କରିବେ ଯିଏ ପୁଣ୍ୟ ଦୃଷ୍ଟିରୁ ନିଜ ପିତାଙ୍କ ସମକକ୍ଷ ହେବେ । ସେହି ସନ୍ତାନ ବିରୋଧୀ ଏବଂ ଅଲ୍ଲାଃତାଲାଙ୍କ ସମ୍ମାନସ୍ପଦ ବ୍ୟକ୍ତିମାନଙ୍କ ମଧ୍ୟରୁ ହୋଇ ନଥିବ ।"

**(ଆଇନା କମାଲାତେ ଇସ୍‌ଲାମ୍, ପୃ-528)**

ଆଉ ଏକ ସ୍ଥାନରେ ମିଶ୍‌କାତ୍ ନାମକ ହଦିସ୍ ଗ୍ରନ୍ଥରେ ଚର୍ଚ୍ଚିତ ହଦିସ୍ ଉପରେ ଆଲୋକପାତ କରି ହ. ମସିହ୍ ମଉଦ୍ ଅ.ସ ଉଲ୍ଲେଖ କରନ୍ତି: "ଉକ୍ତ ଭବିଷ୍ୟବାଣୀରେ ଏହା ଉଲ୍ଲେଖ ରହିଥିଲା ଯେ, ମସିହ୍ ମଉଦଙ୍କ ସନ୍ତାନ ହେବ । ଏହି ଭବିଷ୍ୟବାଣୀ ସେହି ପ୍ରସଙ୍ଗ ଆଡ଼କୁ ଇଙ୍ଗିତ କରୁଛି ଯେ, ଈଶ୍ୱର ତାହାଙ୍କ ବଂଶଧର ଅର୍ଥାତ୍ ପ୍ରତିଶ୍ରୁତ ମସିହ୍‌ଙ୍କ ବଂଶଧରଙ୍କ ମଧ୍ୟରୁ ଜଣେ ବ୍ୟକ୍ତିଙ୍କୁ ସୃଷ୍ଟି କରିବେ ଯିଏ ସେହି ପ୍ରତିଶ୍ରୁତ ମସିହ୍‌ଙ୍କର ଉତ୍ତରାଧିକାରୀ ହେବ ଏବଂ ସେ ଇସ୍‌ଲାମ୍ ଧର୍ମର ସମର୍ଥନ କରିବ । ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଯେପରିକି ମୋର କେତେକ ଭବିଷ୍ୟବାଣୀମାନଙ୍କରେ ସୂଚନା ମିଳି ସାରିଛି ।" **(ହକିକତୁଲ୍ ୱହି, ପୃ-312)**

ପ୍ରତିଶ୍ରୁତ ମସିହ୍‌ଙ୍କ ଆଗମନ ଏବଂ ତାଙ୍କ ବଂଶରୁ ଜାତ ହେବାକୁ ଥିବା ପ୍ରତିଶ୍ରୁତ ଖଲିଫାଙ୍କ ସଂକ୍ରାନ୍ତରେ ପୁଣ୍ୟଶ୍ଳୋକ ତଥା ମହାବତାର ହ. ମୁହମ୍ମଦ ସ.ଅଙ୍କ ଭବିଷ୍ୟବାଣୀର ସମର୍ଥନରେ ପ୍ରାଚୀନ ଆଧ୍ୟାତ୍ମିକ ଗ୍ରନ୍ଥମାନଙ୍କରେ ଅନେକ ଭବିଷ୍ୟବାଣୀ ଉଲ୍ଲେଖ ଥିବାର ଦେଖିବାକୁ ମିଳେ । ସୁତରାଂ ଇହୁଦୀମାନଙ୍କର ଧର୍ମବିଧାନର ମୂଳ ଗ୍ରନ୍ଥ ତାଲିମୁଦ୍‌ରେ ଉଲ୍ଲିଖିତ ରହିଛି ଯେ, "ସେହି ମସିହ୍ ମୃତ୍ୟୁବରଣ କରିବ ଏବଂ ତା'ର ସାମ୍ରାଜ୍ୟ ତା'ର ପୁତ୍ର ଓ ପୌତ୍ରକୁ ମିଳିବ । ଏହି ମତର ସମର୍ଥନରେ ୟସଇୟାହ୍ ବାବ୍-42, ଆୟତ୍-4କୁ ଉପସ୍ଥାପିତ କରାଯାଇଥାଏ। ତହିଁରେ ଏହା କୁହାଯାଇଛି ଯେ, ପ୍ରତିଶ୍ରୁତ ମସିହ୍‌ଙ୍କ ସୁଯୋଗ୍ୟ ସନ୍ତାନ ଭୂପୃଷ୍ଠରେ ନ୍ୟାୟକୁ ସ୍ଥାପିତ କରିଦେଇ ନାହିଁ ସେପର୍ଯ୍ୟନ୍ତ ସେ କ୍ଳାନ୍ତ, ନିଷ୍ପ୍ରଭ ହେବ ନାହିଁ ଏବଂ ସେ ଧୈର୍ଯ୍ୟହରା ହେବ ନାହିଁ ।" **(ତାଲିମୁଦ୍, ଯୋଜଫଙ୍କ ମର୍ଯ୍ୟାଦା, ବର୍ କଲେ, ବାବ୍-5, ପ୍ରକାଶନ ସ୍ଥାନ-ଲଣ୍ଡନ୍, 1878 ମସିହା)**

ଜର୍ଟସ୍ତ ଧର୍ମର ଧର୍ମଗ୍ରନ୍ଥ ଦସାତିର୍‌ରେ ଜର୍ଟସ୍ତ ଧର୍ମର ଧର୍ମ ସଂସ୍କାରକ ସାସାନ୍ ପ୍ରଥମଙ୍କ ଦ୍ୱାରା ଉଲ୍ଲିଖିତ ଭବିଷ୍ୟବାଣୀ ଯାହା ପେହ୍‌ଲୁଇ ଭାଷାରା ଲିଖିତ ଯାହାକୁ ଜର୍ଟସ୍ତି ଲୋକମାନେ ଫାର୍ସି ଭାଷାରେ ରୂପାନ୍ତରିତ କରିଛନ୍ତି । (ଏହାର ଉର୍ଦ୍ଦୁ ଅନୁବାଦ ଏହିପରି) ଆରବ୍ୟ ଧର୍ମ ବିଧାନକୁ ଏକ ସହସ୍ର (1000) ବର୍ଷ ଅତିବାହିତ ହୋଇଯିବ ତେବେ ମତପାର୍ଥକ୍ୟତା ଯୋଗୁଁ ଧର୍ମ ଏପରି ହୋଇଯିବ ଯେପରିକି ଯଦି ଧର୍ମବିଧାନକୁ ମୁହମ୍ମଦ୍ ସ.ଅଙ୍କ ସମ୍ମୁଖରେ ଉପସ୍ଥାପିତ କରାଯାଏ ତେବେ ସେ ମଧ୍ୟ ତାକୁ ଚିହ୍ନି ପାରିବେ ନାହିଁ.......ସେମାନଙ୍କ ମଧ୍ୟରେ ମତାନ୍ତର, ମତଭେଦ ଓ ମନୋମାଳିନ୍ୟତା ସୃଷ୍ଟି ହୋଇଯିବ ଏବଂ ଦିନକୁ ଦିନ ଲୋକେ ମତଭେଦ ଏବଂ ପାରସ୍ପାରିକ ବିଦ୍ୱେଷରେ ବୃଦ୍ଧି କରିବେ.........ଯେତେବେଳେ ଏପରି ହେବ ସେତେବେଳେ ତୁମମାନଙ୍କୁ ମୁଁ ଶୁଭ ସୂଚନା ଦେଉଛି ଯେ, ଯଦି ଯୁଗରେ ଗୋଟିଏ ଦିନ ବି ବାକି ଥିବ ତେବେ ତୋର ଲୋକମାନଙ୍କ ମଧ୍ୟରୁ (ଫାର୍ସିଉଲ୍ ଅସଲ୍ ଅର୍ଥାତ୍ ପାରସ୍ୟ ବଂଶୋଭବ ବ୍ୟକ୍ତି) ଜଣେ ବ୍ୟକ୍ତିଙ୍କୁ ଛିଡ଼ା କରିବି ଯିଏ ତୁମର ହଜି ଯାଇଥିବା ସେହି ସମ୍ମାନ ଏବଂ ଯଶକୁ ଫେରାଇ ଆଣିବ ଓ ସେହି ମର୍ଯ୍ୟାଦା ତଥା ଖ୍ୟାତିକୁ ସେ ପୁନଃ ସ୍ଥାପିତ କରିଦେବ। ମୁଁ ତୁମ୍ଭର ବଂଶରୁ ଅବତାରତ୍ୱ ଏବଂ ଖିଲାଫତ୍‌କୁ ଅପସାରଣ କରିବି ନାହିଁ । ଉପରୋକ୍ତ ଲିଖିତ ଭବିଷ୍ୟବାଣୀର ଶେଷ ପଂକ୍ତି ଅବତାରତ୍ୱ ଏବଂ ଖିଲାଫତ୍ ତୁମ୍ଭ ବଂଶରୁ ଅପସାରଣ କରିବି ନାହିଁ । ତହିଁରେ ଏହା ଇଙ୍ଗିତ ରହିଛି ଯେ, ଶେଷ ଯୁଗର ପ୍ରତିଶ୍ରୁତ

ମସିହ୍ ଯେତେବେଳେ ଆସିବ ସେତେବେଳେ ତା'ର ଅର୍ଥାତ୍ ସେହି ପ୍ରତିଶୃତ ମସିହ୍‌ର ସନ୍ତାନ ମଧ୍ୟରୁ ଗୋଟିଏ ସନ୍ତାନ ତା'ର ଉତ୍ତରାଧିକାରୀ ହେବ ।

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: " ଦୟାବତାର୍ଣ୍ଣର ଦ୍ୱିତୀୟ ପନ୍ଥା ହେଲା ଅବତାର, ବାର୍ତ୍ତାବହ ଏବଂ ଧର୍ମାଧ୍ୟକ୍ଷ, ସାଧୁ ସନ୍ଥ ଓ ଖଲିଫାମାନଙ୍କୁ ପ୍ରେରଣା କାରଣ ଲୋକମାନେ ଏମାନଙ୍କ ମାର୍ଗ ଅନୁସରଣ କରି ତଥା ଏମାନଙ୍କ ମର୍ଗଦର୍ଶନ କ୍ରମେ ସତ୍‌ମାର୍ଗକୁ ଚାଲି ଆସିବେ ଏବଂ ଏମାନଙ୍କ ଆଦର୍ଶକୁ ନିଜ ନିମନ୍ତେ ପ୍ରୟୋଗ କରି ମୋକ୍ଷ ପ୍ରାପ୍ତ କରିବେ । ତେଣୁ ଈଶ୍ୱର ଏହା ଚାହିଁଲେ ଯେ, ଏହି ବିନୀତର ସନ୍ତାନ ମାଧ୍ୟମରେ ଉଭୟ ଭାଗ ପ୍ରାଦୁର୍ଭୂତ ହେଉ ।"

**(ସବ୍‌ଜ୍ ଇସ୍ତହାର, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-2)**

ଆଁହଜରତ୍ ସ.ଅଙ୍କ ସଂପ୍ରଦାୟରେ ହ. ଶାହ୍ ନେମତୁଲ୍ଲାଃ ସାହେବ ନାମକ ଜଣେ ସତ୍ୟ ସ୍ୱପ୍ନଦର୍ଶୀ ସନ୍ଥ ଅତିକ୍ରାନ୍ତ ହୋଇଛନ୍ତି । ସେ ମସିହ୍‌ଙ୍କ ଦ୍ୱିତୀୟ ଆଗମନ ଏବଂ ମସିହ୍‌ଙ୍କ ଘରେ ଏକ ମହାନ ସୁପୁତ୍ର ଜନ୍ମ ଗ୍ରହଣ କରିବା ସଂକ୍ରାନ୍ତରେ ଏକ ଭବିଷ୍ୟବାଣୀ କରିଛନ୍ତି । ସେହି ଭବିଷ୍ୟବାଣୀଟି ଫାର୍ସି କବିତାରରେ ପ୍ରତିଶୃତ ମସିହ୍‌ଙ୍କ ଆଗମନ ପୂର୍ବେ ବିପ୍ଳବର ଏକ ନକ୍ସା ଅଙ୍କନ କରି ମସିହ୍ ମଉଦ୍ ଅ.ସଙ୍କ କାଳ ଏବଂ ନିର୍ଦ୍ଦିଷ୍ଟ ନାମ ନାମିତ କରି ଏକ ମହାନ ସ୍ମରଣୀୟ ପୁତ୍ର ସନ୍ତାନର ଶୁଭ ସମାଚାର ନିମ୍ନରେ ପ୍ରଦାନ କରିଛନ୍ତି:

اح م و دال ے خوانم نام آں نامدار ے بینم
دور او چوں شود تمام بکام پسرش یاد گار ے بینم

ଅନୁବାଦ୍: ଯେତେବେଳେ ସେହି ପ୍ରତିସୃତ ମସିହ୍‌ଙ୍କ ଯୁଗ ସଫଳତାର ସହିତ ଅତିକ୍ରାନ୍ତ ହୋଇଯିବ ସେତେବେଳେ ସେହି ପ୍ରତିଶୃତ ମସିହ୍‌ଙ୍କ ସନ୍ତାନ ସ୍ମୃତି ସ୍ୱରୂପ ଦୃଶ୍ୟମାନ ହେବ ।

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ନିଜର ଲେଖନୀ ନିଶାନେ ଅସ୍ମାମାନୀରେ ଚର୍ଚ୍ଚିତ ଭବିଷ୍ୟବାଣୀର ଶେଷ କବିତାର ବ୍ୟାଖ୍ୟା କରି କୁହନ୍ତି: "ଅର୍ଥାତ୍ ହେ ବିଚାରକମାନେ ! ଈଶ୍ୱର ସେହି ପ୍ରତିଶୃତ ମସିହ୍‌ଙ୍କୁ ଏକ ପବିତ୍ର ପୁତ୍ର ସନ୍ତାନ ପ୍ରଦାନ କରିବେ ଯିଏ ସେହି ପ୍ରତିଶୃତ ମସିହ୍‌ଙ୍କ ପରି ତାହାଙ୍କ ଆଦର୍ଶ ଏବଂ ତାହାଙ୍କ ରଙ୍ଗରେ ରଙ୍ଗୀନ ହୋଇଯିବ ଏବଂ ତା' ପରେ ତାହାଙ୍କର ଏକ ସ୍ମରଣୀୟ ସନ୍ତାନ ହେବ । ଏହା ବାସ୍ତବରେ ଏହି ବିନୀତର ଭବିଷ୍ୟବାଣୀ ଅନୁଯାୟୀ ଅଟେ । ଅର୍ଥାତ୍ ଏକ ପୁତ୍ର ସନ୍ତାନ ସଂକ୍ରାନ୍ତରେ ଯେଉଁ ଭବିଷ୍ୟବାଣୀ କରାଯାଇଛି ତଦନୁଯାୟୀ (ସେହି ଭବିଷ୍ୟବାଣୀ ଅନୁଯାୟୀ) ମୋର ଏକ ପୁତ୍ର ସନ୍ତାନ ଜାତ ହେବ ।"

**(ନିଶାନେ ଆସ୍ମାନୀ, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-4, ପୃ-373)**

ଜମାଅତ୍ ଅହମଦିୟା ମୁସ୍‌ଲିମା ଉକ୍ତ କଥା ଉପରେ ପୂର୍ଣ୍ଣ ବିଶ୍ୱାସ ରଖେ ଏବଂ ଜମାଅତ୍ ଅହମଦିୟାର 136 ବର୍ଷୀୟ ଇତିହାସ ତା'ର ଦିବାରାତ୍ର ଏବଂ ପ୍ରତ୍ୟେକ ମୁହୂର୍ତ୍ତ ଉକ୍ତ କଥାର ସାକ୍ଷ୍ୟ ଯେ, ସାଂପ୍ରତିକ ଯୁଗ ସଂପର୍କରେ ପ୍ରାଚୀନ ପବିତ୍ର ଧର୍ମଗ୍ରନ୍ଥମାନଙ୍କରେ ଉଲ୍ଲିଖିତ ଭବିଷ୍ୟବାଣୀ ଅନୁଯାୟୀ ଅବତାରମାନଙ୍କର ଅଧିପତି, ନବୀ ଶିରୋମଣି, ଅବତାରମାନଙ୍କର ମୋହର ମହାବତାର ହ. ମୁହମ୍ମଦ୍ ମୁସ୍ତଫା ସ.ଅଙ୍କ ଦାସତ୍ୱରେ ଆପଣ ସ.ଅଙ୍କର ଯେଉଁ ପୂର୍ଣ୍ଣ ଛାୟାବତାର ତଥା ଆଧାତ୍ମିକ ସୁପୁତ୍ର ପ୍ରକଟିତ ହେବାର ଥିଲା ତା'ର ଚରିତାର୍ଥ ଜମାଅତ୍ ଅହମଦିୟାର ସଂସ୍ଥାପକ ମିର୍ଜା ଗୁଲାମ୍ ଅହମଦ କାଦିୟାନୀ ପ୍ରତିଶୃତ ମସିହ୍ ଓ ଅଙ୍ଗୀକୃତ ମେହ୍‌ଦୀ ଅ.ସଙ୍କ କଲ୍ୟାଣମୟ ଅସ୍ତିତ୍ୱ ଅଟେ ।

ଈଶ୍ୱର ପ୍ରାଚୀନ ପବିତ୍ର ଗ୍ରନ୍ଥମାନଙ୍କର ଭବିଷ୍ୟବାଣୀ ଅନୁଯାୟୀ ଆପଣ ସ.ଅଙ୍କ ସତ୍ୟତାର ପ୍ରମାଣ ସ୍ୱରୂପ ଯେଉଁଠି ସହସ୍ର ସହସ୍ର ନୁହେଁ ବରଂ ଲକ୍ଷାଧିକ ନିଦର୍ଶନ ଏବଂ ଚମତ୍କାରମାନ ଆପଣ ଅ.ସଙ୍କୁ ପ୍ରଦାନ କଲେ ସେଠାରେ ଏକ ବିଶେଷ ମର୍ଯ୍ୟାଦା ଏବଂ ମହତ୍ତ୍ୱ ନିଦର୍ଶନ ପୁଣ୍ୟ ସନ୍ତାନ ଆପଣ ଅ.ସଙ୍କ ଉତ୍ତରାଧିକାରୀ ସ୍ୱରୂପେ ଆପଣ ଅ.ସଙ୍କୁ ପ୍ରଦାନ କରାଯିବାର ଭବ୍ୟ ଓ ମହାନ୍ ଭବିଷ୍ୟବାଣୀ ମଧ୍ୟ ରହିଛି । ସୟେଦିନା ହ. ମିର୍ଜା ଗୁଲାମ୍ ଅହମଦ୍ କାଦିୟାନୀ ପ୍ରତିଶୃତ ମସିହ୍ ଓ ଅଙ୍ଗୀକୃତ ମେହ୍‌ଦୀ ଅ.ସଙ୍କୁ ସନ୍ତାନ ସଂପର୍କରେ ଯେଉଁ ଶୁଭ ସୂଚନା ପ୍ରଦାନ ଗଲା ତନ୍ମଧ୍ୟରେ ପେଶ୍‌ଗୋଇ ମୁସ୍‌ଲେହ୍ ମଉଦ୍ ର.ଅ ଏକ ବିଶେଷ ମର୍ଯ୍ୟାଦାର ଅଧିକାରୀ ଅଟେ । ସୁତରାଂ ପେଶ୍‌ଗୋଇ ମୁସ୍‌ଲେହ୍ ମଉଦ୍ ସଂକ୍ରାନ୍ତରେ ଯେତେବେଳେ ପଣ୍ଡିତ ଲେଖ୍‌ରାମ ଓ କେତେକ ଖ୍ରୀଷ୍ଟ ପାଦ୍ରୀ ଏବଂ ଅନ୍ୟମାନେ ଯେଉଁମାନେ ନିଜକୁ ମୁସଲମାନ ବୋଲାଉଥିଲେ ସେମାନେ ଯେତେବେଳେ ଗାଳି ଗୁଲଚ କଲେ ସେତେବେଳେ ସେହି ଗାଳି ଗୁଲଚକୁ ଆପଣ ଅ.ସ ଶୁଣି ଏକ ଇସ୍ତହାର ପ୍ରକାଶିତ କଲେ । ଯହିଁରେ ପେଶ୍‌ଗୋଇ ମୁସ୍‌ଲେହ୍ ମଉଦ୍ ର.ଅଙ୍କ ମର୍ଯ୍ୟାଦା ଓ ମହତ୍ତ୍ୱ ସଂପର୍କରେ ଆପଣ ଅ.ସ କହିଲେ: "ଆଖି ଖୋଲି ସମସ୍ତଙ୍କୁ ଦେଖି ନେବା ଉଚିତ୍ ଯେ, ଏହା କେବଳ ପେଶ୍‌ଗୋଇ ନୁହେଁ ବରଂ ଏକ ଭବ୍ୟ ଆକାଶୀୟ ନିଦର୍ଶନ ଅଟେ । ଏହି ନିଦର୍ଶନକୁ ଅଶେଷ ଦୟାବାନ୍ ଓ ସଦା କରୁଣାମୟ ପ୍ରଭୁ ନିଜ ପ୍ରିୟାବତାର ନବୀ କରୀମ୍ ଏବଂ ଦୟାବାନ ମହାବତାର ହ. ମୁହମ୍ମଦ୍ ମୁସ୍ତଫା ସ.ଅଙ୍କ ସତ୍ୟତା ଓ ତାହାଙ୍କ ମର୍ଯ୍ୟାଦା ପରିପ୍ରକାଶ କରିବା ନିମନ୍ତେ ପ୍ରକାଶ କରିଛନ୍ତି ।"

ଏହି ଦୃଷ୍ଟିରୁ ପେଶଗୋଇ ମୁସ୍‌ଲେହ୍ ମଉଦ୍ ମଧ୍ୟ ଏକ ଭବ୍ୟ ଓ ମହାନ୍ ଭବିଷ୍ୟବାଣୀ ଅଟେ । କାରଣ ହ. ମିର୍ଜା ବଶୀରୁଦ୍ଦୀନ୍ ମହ୍‌ମୁଦ୍ ଅହମଦ ତଥା ଅଲ୍ ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଉପରେ ଅଲ୍ଲାଃତାଲା ଜାନୁୟାରୀ ମାସ 1944 ମସିହାରେ ଲାହୋର ଠାରେ ଅବସ୍ଥାନ କାଳରେ ଏକ ମହାନ ସ୍ୱପ୍ନ ମାଧ୍ୟମରେ ପରିପ୍ରକାଶିତ କଲେ ଯେ, ହ. ମସିହ୍ ମଉଦ୍ ଅ.ସ 20 ଫେବୃୟାରୀ 1886 ମସିହାରେ ଯେଉଁ ପ୍ରତିଶୃତ ପୁତ୍ର ସନ୍ତାନର ଜନ୍ମ ହେବା ସଂକ୍ରାନ୍ତରେ ଘୋଷଣା ହୋଶିୟାରପୁରର ଭୂମିରୁ ଘୋଷଣା କରିଥିଲେ। ସେହି ପ୍ରତିଶୃତ ମୁସ୍‌ଲେହ୍ ମଉଦ୍‌ଙ୍କ ସଂକ୍ରାନ୍ତରେ ହ. ମସିହ୍ ମଉଦ୍ ଅ.ସ ନିଜର ଭବିଷ୍ୟବାଣୀରେ ଉଲ୍ଲେଖ କରିଥିଲେ ଯେ, ସେହି ପ୍ରତିଶୃତ ମୁସ୍‌ଲେହ୍ ମଉଦ୍ ମସିହି ନଫସ୍ ହେବ । ଅର୍ଥାତ୍ ମସିହ୍ (ହ. ମସିହ୍ ମଉଦ୍ ଅ.ସଙ୍କ) ଔରସରୁ ଜାତ ହେବ। ଅର୍ଥାତ୍ ସେହି ପ୍ରତିଶୃତ ସନ୍ତାନ ହ. ମସିହ୍ ମଉଦ୍ ଅ.ସଙ୍କ ସନ୍ତାନ ହେବ । ସେ ଶୀଘ୍ର ଶୀଘ୍ର ବଡ଼ ହେବ । ସେ ପ୍ରକାଶ୍ୟ ଜ୍ଞାନ ଏବଂ ଅପ୍ରକାଶ୍ୟ ଜ୍ଞାନ ଦ୍ୱାରା ପରିପୂର୍ଣ୍ଣ ହେବ। ଅର୍ଥାତ୍ ସେହି ପ୍ରତିଶୃତ ସନ୍ତାନକୁ ଉଭୟ ପ୍ରକାରର ଜ୍ଞାନ ପ୍ରଦାନ କରାଯିବ। ସେ ଭୂପୃଷ୍ଠର ପ୍ରାନ୍ତ ପର୍ଯ୍ୟନ୍ତ ଖ୍ୟାତି ଅର୍ଜନ କରିବ । ନାନ ଜାତିମାନେ ତାହାଙ୍କ ଠାରୁ କଲ୍ୟାଣ ପ୍ରାପ୍ତ କରିବେ । ଇତ୍ୟାଦି । ଅତଏବ୍ ହ. ମସିହ୍ ମଉଦ୍ ଅ.ସଙ୍କ ଦ୍ୱାରା କରାଯାଇଥିବା ଭବିଷ୍ୟବାଣୀର ଚରିତାର୍ଥ ଓ ପୁଷ୍ଟିକର୍ତ୍ତା ଆପଣ ର.ଅ (ହ. ମୁସ୍‌ଲେହ୍ ମଉଦ୍ ଅର୍ଥାତ ହ. ମିର୍ଜା ବଶୀରୁଦ୍ଦୀନ୍ ମହ୍‌ମୁଦ୍ ର.ଅ) ହିଁ ଅଟନ୍ତି ।

ସୁତରାଂ ଆକାଶ ଲୋକର ପ୍ରଭୁଙ୍କ ପକ୍ଷରୁ ଜଣା ହେବା ପରେ ହ. ମୁସ୍‌ଲେହ୍ ମଉଦ୍ ର.ଅ 1944 ମସିହା ଜାନୁୟାରୀ ମାସ 28ସ ତାରିଖ ଦିନ ମସ୍‌ଜିଦ୍ ଅକ୍‌ସା କାଦିୟାନ୍ ଠାରେ ଏକ ଭବ୍ୟ ଘୋଷଣା କଲେ ଯେ, ମୁଁ ହିଁ ମୁସ୍‌ଲେହ୍ ମଉଦ୍ ଭବିଷ୍ୟବାଣୀର ଚରିତାର୍ଥ ଓ ପୁଷ୍ଟିକର୍ତ୍ତା ଅଟେ । ଆପଣ ର.ଅ କହିଲେ, ଯେ, ସ୍ୱପ୍ନରେ ମୋତେ ଯାହା ଦୃଶ୍ୟମାନ ହୋଇଥିଲା ସେହି ସମୟ ମଧ୍ୟରେ ମୋ ତୁଣ୍ଡରେ ଯେଉଁ ବାକ୍ୟଟି ଜାରି ତଥା ନିଃସୃତ ହୋଇଥିଲା ତାହାଏହା ଥିଲା ଯେ, **وانا المسیح الموعود مثیله و خلیفه** ଅର୍ଥାତ୍ ମୁଁ ମଧ ପ୍ରତିଶୃତ ମସିହ୍ ଅଟେ । ଅର୍ଥାତ୍ ମୁଁ ସେହି ପ୍ରତିଶୃତ ମସିହ୍‌ଙ୍କ ପରି ତାହାଙ୍କର ଖଲିଫା (ଉତ୍ତରାଧିକାରୀ) ଅଟେ । **(ତାରିଖେ ଅହମଦିୟତ୍, ଗ୍ରନ୍ଥଖଣ୍ଡ-8, ପୃ-512-519, ମାସିକ ପତ୍ରିକା ଅହମଦିୟା ଗେଜେଟ୍, କାନାଡ଼ା, 2015 ମସିହା ଫେବୃୟାରୀ ମାସରୁ ଉଦ୍ଧୃତ)**

ପୁଣ୍ୟଶ୍ଳୋକ ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ନିଜର ଖିଲାଫତ୍ ସଂକ୍ରାନ୍ତରେ କୁହନ୍ତି, ମୁଁ କେବଳ ଖଲିଫା ନୁହେଁ ବରଂ ମୁଁ ସେହି ପ୍ରତିଶୃତ ଖଲିଫା ଅଟେ । ମୋତେ ଈଶ୍ୱରଙ୍କ ତରଫରୁ ନିଯୁକ୍ତ କରାଯାଇ ନାହିଁ କିନ୍ତୁ ମୋର ସ୍ୱର ଈଶ୍ୱରଙ୍କ ସ୍ୱର ଅଟେ । ଈଶ୍ୱର ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ମାଧ୍ୟମରେ ଏଥି ସଂକ୍ରାନ୍ତରେ ସୂଚନା ପ୍ରଦାନ କିରଥିଲେ । ଅର୍ଥାତ୍ ସେହି ଖିଲାଫତ୍‌ର ମର୍ଯ୍ୟାଦା ମାମୁରିୟତ୍ (ଈଶ୍ୱରଙ୍କ ତରଫରୁ ନିଯୁକ୍ତ) ଏବଂ ଖିଲାଫତ୍‌ର ମଧ୍ୟବର୍ତ୍ତୀ ମର୍ଯ୍ୟାଦା ଅଟେ । ଏହା ଏପରି ଅବସର ନୁହେଁ ଯେ, ଜମାଅତ୍ ଅହମଦିୟା ସେହି ଅବସରକୁ ନଷ୍ଟ ତଥା ଅପଚୟ କରିଦେବ ଓ ଅଲ୍ଲାଃତାଲାଙ୍କ ସମ୍ମୁଖରେ ସାଫଲ୍ୟମଣ୍ଡିତ ହୋଇ ଛିଡ଼ା ହୋଇଯିବ । ଯେପରି ଏକଥା ସତ୍ୟ ଯେ, ଅବତାରମାନେ ପ୍ରତ୍ୟେକ ଦିନ ଆସନ୍ତି ନାହିଁ । ଠିକ୍ ସେହିପିର ଏକଥା ମଧ୍ୟ ସତ୍ୟ ଯେ, ପ୍ରତିଶୃତ ଖଲିଫାମାନେ ମଧ୍ୟ ପ୍ରତ୍ୟେକ ଦିନ ଆସନ୍ତି ନାହିଁ । **(ରିପୋର୍ଟ୍ ମଜ୍‌ଲିସେ ମୁଶାୱିରତ୍ 1936 ମସିହା)**

یاد آکے بناتے ہیں ہر روح کو دیوانہ — اے فضل عمر تیرے اوصاف کریمانہ
یہ گردش روزانہ یہ گردش دورانہ — ہر روز تو تجھ جیسے انسان نہیں لاتی
ملت کے اس فدا ئی پہ رحمت خدا کرے — اک وقت آئے گا کہ کہیں گے تمام لوگ

☆--☆--☆

## ଉର୍ଦ୍ଦୁ ନଜମ୍ ହ. ମୁସଲେହ୍ ମଉଦ୍ ର.ଅ

اِیمان مجھ کو دے دے عرفان مجھ کو دے دے
قُرباں جاؤں تیرے قُرآن مجھ کو دے دے
دِل پاک کر دے میرا دنیا کی چاہتوں سے
سبوحیت سے حصّہ سُبحان مجھ کو دے دے
دِل جل رہا ہے میرا فُرقت سے ہر دَم
جامِ وصال اپنا اے جان مجھ کو دے دے
کر دے جو حق و باطل میں امتیازِ کامِل
اے میرے پیارے ایسا فُرقان مجھ کو دے دے
ہم کو تیری رِفاقت حاصل رہے ہمیشہ
ایسا نہ ہو کہ دھوکہ شیطان مجھ کو دے دے
وہ دلِ مجھے عطا کر جو ہو نثارِ جاناں
جو ہو فدائے دِلبر وہ جان مجھ کو دے دے
دنیائے کُفر و بِدعَت کو اس میں غَرق کر دوں
طُوفانِ نوح سا اِک طُوفان مجھ کو دے دے

☆--☆--☆
☆--☆--☆

(ଖୁତ୍‌ବା ଜୁମା)

"ରସୁଲୁଲ୍ଲାଃ ସ.ଅ ଜଣେ ଅସ୍ତିତ୍ୱ (ଅଲ୍ଲାଃତାଲାଙ୍କ ଅସ୍ତିତ୍ୱ)କୁ ପାଗଳଙ୍କ ପରି ଏତେ ଭଲ ପାଇ ତାହା ପ୍ରାପ୍ତ କଲେ ଯାହା ସଂସାରରେ ଅନ୍ୟ କାହାରିକୁ କେବେ ପ୍ରାପ୍ତ ହୋଇ ନାହିଁ । ଆପଣ ସ.ଅ ଅଲ୍ଲାଃତାଲାଙ୍କୁ ଏତେ ଭଲ ପାଉଥିଲେ ଯେ, ସାଧାରଣ ଲୋକମାନେ ମଧ୍ୟ ଏହା କହୁଥିଲେ ଯେ, عَشِقَ مُحَمَّدٌ عَلٰی رَبِّہٖ ଅର୍ଥାତ୍ ମୁହମ୍ମଦ୍ ସ.ଅ ନିଜର ପାଳନକର୍ତ୍ତାଙ୍କ ସକାଶେ ପ୍ରେମିକ ପାଲଟି ଯାଇଛନ୍ତି ।"

(ହଜରତ୍ ମସିହ ମଉଦ୍ ଅ.ସ)

ଏକ ପକ୍ଷରେ ଆଁହଜରତ୍ ସ.ଅଙ୍କ ମନରେ ଅଲ୍ଲାଃତାଲାଙ୍କ ପ୍ରତି ପ୍ରେମର ବେଦନା ରହିଥିଲା ଏବଂ ଅନ୍ୟ ପକ୍ଷରେ ଅଲ୍ଲାଃତାଲାଙ୍କ ପ୍ରାଣୀମାନଙ୍କ ପ୍ରତି ଅନ୍ତରୀକତାମୂଳକ ପ୍ରେମର ସମବେଦନା ଓ ସେମାନଙ୍କୁ ବିନାଶରୁ ରକ୍ଷା କରିବାର କାମନା ମଧ୍ୟ ରହିଥିଲା ।"

ଆମମାନଙ୍କୁ ଅଲ୍ଲାଃତାଲାଙ୍କ ସହିତ ପ୍ରେମ ପ୍ରାପ୍ତ କରିବାର ପନ୍ଥା ମଧ୍ୟ ଆପଣ ସ.ଅଙ୍କ ଆଦର୍ଶରୁ ହିଁ ଶିକ୍ଷା କରିବାକୁ ହେବ ।
ଆପଣ ସ.ଅ ନିଜ ଈଶ୍ୱରଙ୍କ ଠାରୁ ପ୍ରେମ ପ୍ରାପ୍ତ ହେବା ନିମନ୍ତେ କାମନା କରି ଅଲ୍ଲାତାଲାଙ୍କ ନିକଟରେ ଏହି ଦୁଆ (ପ୍ରାର୍ଥନା) କରୁଥିଲେ ଯେ,
اَللّٰهُمَّ إِنِّيْ أَسْأَلُكَ حُبَّكَ وَحُبَّ مَنْ يُّحِبُّكَ وَالْعَمَلَ الَّذِيْ يُبَلِّغُنِيْ حُبَّكَ. اَللّٰهُمَّ اجْعَلْ حُبَّكَ أَحَبَّ إِلَيَّ مِنْ نَفْسِيْ وَأَهْلِيْ وَمِنَ الْمَاءِ الْبَارِدِ۔
ଅର୍ଥାତ୍ ହେ ଅଲ୍ଲାଃ ! ତୁମ୍ଭେ ନିଜର ପ୍ରେମ ମୋର ଅସ୍ତିତ୍ୱ, ମୋର ପରିବାର ଓ ଶୀତଳ ଜଳ ଠାରୁ ବି ଅଧିକ ପ୍ରିୟତମ କରିଦିଅ ।
ଅତଏବ୍ ଏ ହେଉଛି ସେହି ଦୁଆ ଯାହାକୁ ଆଜି ପ୍ରତ୍ୟେକ ବ୍ୟକ୍ତି ଆଜିକା ଯୁଗରେ କରିବା ଉଚିତ୍ । ଅତଏବ୍ ଯେଉଁ ବ୍ୟକ୍ତି ଆଁହଜରତ୍ ସ.ଅଙ୍କୁ ଭଲ ପାଇବାର ଦାବି କରୁଛି ଏବଂ ଯେଉଁ ବ୍ୟକ୍ତି ଏହା ଚାହୁଁଛି ଯେ, ସେ ମଧ୍ୟ ଅଲ୍ଲାଃତାଲାଙ୍କ ପ୍ରତି ପ୍ରେମ ଓ ଅନ୍ତରୀକତା ପ୍ରକାଶ କରୁ, ତେବେ ସେ ଅଲ୍ଲାଃତାଲାଙ୍କର ପ୍ରିୟ ଭକ୍ତ ହେଉ ଓ ଅଲ୍ଲାଃତାଲା ତା' ଉପରେ ନିଜର କୃପାବତୀର୍ଣ୍ଣ କରନ୍ତୁ । ଆମିନ୍ ।

ଆଁହଜରତ ସ.ଅ ସମଗ୍ର ଜୀବନ ଈଶ୍ୱର ପ୍ରେମରେ ନିମଜ୍ଜିତ ଥିଲେ । ସେହି ଈଶ୍ୱର ପ୍ରେମର ଦୃଶ୍ୟଗୁଡ଼ିକୁ ଦେଖି ମକ୍କାର ଲୋକମାନେ ଏହା ହିଁ କହୁଥିଲେ ଯେ, اِنَّ مُحَمَّدًا عَشِقَ رَبَّہٗ ଅର୍ଥାତ୍ ମୁହମ୍ମଦ୍ ସ.ଅ ତ' ନିଜ ପାଳନକର୍ତ୍ତାର ପ୍ରେମିକ ହୋଇଯାଇଛନ୍ତି ।

ମୋ ହୃଦୟର ଫଳ ଅଲ୍ଲାଃତାଲାଙ୍କ ଚର୍ଚ୍ଚା ଅଟେ ଏବଂ ମୋର ରୁଚି ମୋ ପାଳନକର୍ତ୍ତାଙ୍କ ମଧ୍ୟରେ ରହିଛି । (ଆଁହଜରତ୍ ସ.ଅଙ୍କ ବାଣୀ)
ସାହାବା ର.ଅ ସେହି ସତ୍ୟବାଦୀ ପୁରୁଷଙ୍କ ମୁଖକୁ ଦେଖିଥିଲେ । ଅଲ୍ଲାଃତାଲାଙ୍କର ପ୍ରେମିକ ହେବାର ସାକ୍ଷ୍ୟ ସଂପର୍କରେ ଯେଉଁ ଅବଜ୍ଞାକାରୀ କୁରୈଶ୍‌ମାନେ ଦେଇଥିଲେ । ସେହିମାନଙ୍କ ତୁଣ୍ଡରୁ ଆଁହଜରତ ସ.ଅଙ୍କ ଈଶ୍ୱର ପ୍ରେମର ସାକ୍ଷ୍ୟ ସହସା ନିସୃତ ହୋଇଥିଲା । ସେହି ଅବଜ୍ଞାକାରୀ କୁରୈଶ୍‌ମାନେ ଦୈନନ୍ଦିନର ନୈବେଦ୍ୟ ଏବଂ ପ୍ରେମର ସଜ୍‌ଦା (ମଥାନତ ଅବସ୍ଥା)କୁ ଦେଖି, ଆଜ୍ଞାନୁବର୍ତ୍ତୀତାର ଅବସ୍ଥା, ପୂର୍ଣ୍ଣ ଆନ୍ତରୀକତା, ପ୍ରେମର ଉଜ୍ଜ୍ୱଳ ନିଦର୍ଶନ ମୁଖମଣ୍ଡଳ ଉପରେ ପରିସ୍ଫୁଟିତ (ଦୃଶ୍ୟମାନ) ହେଉଥିଲା ଓ ସେହି ପବିତ୍ର ମୁଖ ଉପରେ ଐଶୀ ଆଲୋକନ ବୃଷ୍ଟି ହେଉଥିବାର ଅବଲୋକନ କରି ମକ୍କାର ଅବଜ୍ଞାକାରୀ କୁରୈଶ୍‌ମାନେ ଏହା କହୁଥିଲେ ଯେ, عَشِقَ مُحَمَّدٌ عَلٰی رَبِّہٖ ଅର୍ଥାତ୍ ମୁହମ୍ମଦ୍ ସ.ଅ ନିଜ ପାଳନକର୍ତ୍ତା (ଈଶ୍ୱର ଅର୍ଥାତ୍ ଅଲ୍ଲାଃତାଲାଙ୍କ)ର ପାଗଳ ପ୍ରେମିକ ପାଲଟି ଯାଇଛନ୍ତି । (ହଜରତ୍ ମସିହ ମଉଦ୍ ଅ.ସ)

ଆଁହଜରତ୍ ସ.ଅଙ୍କ ଏହି ସର୍ବୋଚ୍ଚ ଆଦର୍ଶ ଅଲ୍ଲାଃତାଲାଙ୍କ ପ୍ରେମର ଉଦାହରଣ ଥିଲା । ସେହି ଉଦାହରଣର ପ୍ରଭାବ ଏହା ଥିଲା ଯେ, ସାହାବା ର.ଅଙ୍କ ମଧ୍ୟରେ ଏକ ଅଭୂତପୂର୍ବ ବିପ୍ଲବ ସୃଷ୍ଟି ହେଲା ଏବଂ ସେମାନେ ସେହି ମର୍ଯ୍ୟାଦା ପ୍ରାପ୍ତକଲେ ଯେଉଁ ମର୍ଯ୍ୟାଦା ସଂପର୍କରେ କଳ୍ପନା ମଧ୍ୟ କରାଯାଇ ପାରି ନାହିଁ । ଏହା ହିଁ ସେହି ପୂର୍ଣ୍ଣାଙ୍ଗ ଶିକ୍ଷା ଯେଉଁ ଶିକ୍ଷାକୁ ଆପଣଙ୍କର ସତ୍ୟବାଦୀ ଦାସ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ମଧ୍ୟ ଅବଲମ୍ବନ କରିଛନ୍ତି । ଆମେମାନେ ଆଜି ଯେଉଁ ଦାବି କରୁଛି ଯେ, ଆମେମାନେ ଆଁହଜରତ ସ.ଅଙ୍କ ପ୍ରକୃତ ଅନୁଗାମୀ ଅଟୁ, ଆମେମାନେ ଆପଣ ସ.ଅଙ୍କ ସତ୍ୟବାଦୀ ଦାସ ହସ୍ତରେ ବୈଅତ୍ କରି ନୂତନ ରୂପେ ଏହି ପ୍ରତିଜ୍ଞା କରିଛୁ ଯେ, ଯଦି ଆମେମାନେ ଭବିଷ୍ୟତରେ ନିଜର ଜୀବନକୁ ଈଶ୍ୱରଙ୍କ ଆଦେଶାବଳୀ ଅନୁଯାୟୀ ପରିଚାଳିତ କରିବା ନିମନ୍ତେ ଉଦ୍ୟମ କରିବୁ ତେବେ ଆମେମାନଙ୍କୁ ଏଥି ପ୍ରତି ମଧ୍ୟ ଧ୍ୟାନ ଦେବା ଉଚିତ୍ ଯେ, ଆମେମାନେ ପ୍ରତ୍ୟେକ କାର୍ଯ୍ୟ ନିଷ୍ଠାପର ମନୋଭାବ ରଖି ଅଲ୍ଲାଃତାଲାଙ୍କ ନିମନ୍ତେ ସମ୍ପାଦନ କରିବୁ ଓ ତାହାଙ୍କ ଅର୍ଥାତ୍ ଈଶ୍ୱର ପ୍ରେମରେ ଆମେମାନେ ଅଗ୍ରସର ହେବା ନିମନ୍ତେ ଉଦ୍ୟମ କରିବୁ। ଯଦି ଆମେମାନେ ଏପରି କରିବୁ ତେବେ ଯାଇ ଆମେମାନେ ଅଲ୍ଲାଃତାଲାଙ୍କ କୃପାର ପାତ୍ର ହୋଇ ପାରିବୁ । ଆଁହଜରତ ସ.ଅଙ୍କ ଧର୍ମରେ ଦୀକ୍ଷିତ ହେବାର ସଠିକ୍ କର୍ତ୍ତବ୍ୟ ନିର୍ବାହ କରିପାରିବୁ ଏବଂ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ବୈଅତ୍‌ରେ ପ୍ରବିଷ୍ଟ ହେବାର କର୍ତ୍ତବ୍ୟ ମଧ୍ୟ ନିର୍ବାହ କରି ପାରିବୁ ଓ ଆପଣ ଅ.ସଙ୍କ ପ୍ରକୃତ ଅନୁଗାମୀମାନଙ୍କ ମଧ୍ୟରେ ଗଣ୍ୟ (ପରିଗଣିତ) ହୋଇ ପାରିବୁ ।

ପାକିସ୍ତାନ୍‌ର ଅହମଦି ଏବଂ ସଂସାରର ନିକ୍ଷେପିତ ଏବଂ ଅତ୍ୟାଚାରିତମାନଙ୍କ ନିମନ୍ତେ ଦୁଆ (ପ୍ରାର୍ଥନା) କରିବା ନିମନ୍ତେ ହୁଜୁର ଅନୱର୍ ଅ.ବଙ୍କ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଆହ୍ୱାନ ।

ସଦର୍ ଅଞ୍ଜୁମନ ଅହମଦିୟାର ସଭାପତି, ତେହ୍‌ରିକେ ଜଦିଦ୍ ଅଞ୍ଜୁମନ୍ ଅହମଦିୟା, କାଦିୟାନ୍‌ର ସଦର ମଜ୍‌ଲିସ୍ ସମ୍ମାନିତ ଶ୍ରୀଯୁକ୍ତ ଜଲାଲୁଦ୍ଦୀନ୍ ନୈୟେର୍ ସାହେବ ବିୟୋଗ ଏବଂ ତାଙ୍କର ଉତ୍ତମ ଚର୍ଚ୍ଚା ଓ ନମାଜ ଯନାଜାଃ ଗାଏବ୍ ।

ଆଁହଜରତ ସ.ଅଙ୍କ ଈଶ୍ୱର ପ୍ରେମ ।

**26 December 2025 ମସିହା ଅନୁଯାୟୀ ୨୬ ଫତହ୍ ୧୪୦୪ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସଜିଦ୍ ମୁବାରକ୍ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ୍ (ସରେ) ୟୁ.କେ ।**
ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ۔ مٰلِكِ يَوْمِ الدِّيْنِ۔ اِيَّاكَ نَعْبُدُ وَاِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ۔ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ, ବିଗତ ଖୁତ୍‌ବାରେ ମୁଁ ଆଁହଜରତ ସ.ଅଙ୍କ ଜୀବନୀ ସଂପର୍କରେ କେତେକ କଥା ଉପସ୍ଥାପିତ କରିଥିଲି । ଆଜି ମୁଁ ଆଁହଜରତ ସ.ଅଙ୍କ ଈଶ୍ୱର ପ୍ରେମ ସଂକ୍ରାନ୍ତରେ ଆପଣ ସ.ଅଙ୍କ ଜୀବନୀର କେତେକ ଦିଗ ତଥା କେତେକ ପକ୍ଷ ସଂପର୍କରେ ଆଲୋଚନା କରିବି । ସମ୍ଭବତଃ କେତେକ କଥା ସଂକ୍ଷିପ୍ତ ରୂପେ ମୁଁ ପୂର୍ବେ ବର୍ଣ୍ଣନା ମଧ୍ୟ କରି ସାରିଛି । କିନ୍ତୁ ସେହି ସବୁ ଘଟଣାବଳୀର ସବିଶେଷ ବିବରଣୀ ଏଠାରେ କେତେକ ସ୍ଥାନରେ ବର୍ଣ୍ଣନା କରିବି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆମେମାନେ ଏହା ଦେଖୁ ଯେ, ଆପଣ ସ.ଅଙ୍କ ଜୀବନୀର ସେହି ପକ୍ଷ ମଧ୍ୟରୁ ଅଲ୍ଲାଃତାଲାଙ୍କ ସହିତ ଥିବା ପ୍ରେମର ପରିପ୍ରକାଶ ହୋଇଥାଏ । କେବଳ ଆପଣ ସ.ଅ ଅଲ୍ଲାଃତାଲାଙ୍କୁ ଭଲ ପାଉ ନଥିଲେ ବରଂ ଅଲ୍ଲାଃତାଲା ମଧ୍ୟ ଆପଣ ସ.ଅଙ୍କୁ ଭଲ ପାଉଥିଲେ । ପୁନଶ୍ଚ ଏହାର ପରିପ୍ରକାଶ ଅଲ୍ଲାଃତାଲା ଏପରି କଲେ ଯେ, ଅଲ୍ଲାଃତାଲା ଆପଣ ସ.ଅଙ୍କ ମାର୍ଗଦର୍ଶନ କଲେ

ଏବଂ ପୁନଶ୍ଚ କିଭଳି ସେହି ପ୍ରେମରେ କିପରି ଉନ୍ନତି କରି ଆପଣ ସ.ଅ ନିଜର ଧର୍ମାବଲମ୍ବୀମାନଙ୍କର ସଂସ୍କାର କଲେ ଏବଂ ଧର୍ମାବଲମ୍ବୀମାନଙ୍କର ମାର୍ଗଦର୍ଶନ ମଧ କଲେ ।

ଯେଉଁ ଶିକ୍ଷା ଅଲ୍ଲାଃତାଲା ଆପଣ ସ.ଅଙ୍କ ଉପରେ ଅବତୀର୍ଣ୍ଣ କଲେ ଆପଣ ସ.ଅ ତାହାକୁ ନିଜର ଧର୍ମାବଲମ୍ବୀମାନଙ୍କ ପର୍ଯ୍ୟନ୍ତ କିପରି ପହଞ୍ଚାଇଥିଲେ ଏବଂ ସେମାନଙ୍କର କିପରି ଆପଣ ସ.ଅ ମାର୍ଗଦର୍ଶନ କରିଥିବେ ? ଏଥି ନିମନ୍ତେ ଆପଣ ସ.ଅଙ୍କ ମନରେ କେବଳ ବେଦନା ଥିଲା ତାହା ନୁହେଁ ବରଂ ଏହି ବେଦନା ମଧ ରହିଥିଲା ଯଦ୍ଦ୍ୱାରାକି ଅଲ୍ଲାଃତାଲା ଆପଣ ସ.ଅଙ୍କର ମାର୍ଗଦର୍ଶନ କରି କହିଲେ, ହେ ମୁହମ୍ମଦ୍ ସ.ଅ ତୁମେ ନିଜ ଧର୍ମାବଲମ୍ବୀମାନଙ୍କର ମଧ ମାର୍ଗଦର୍ଶନ କରିବ କିମ୍ବା ଏପରି କହିବା ଉଚିତ୍ ଯେ, ଏକ ପାର୍ଶ୍ୱରେ ଆପଣ ସ.ଅଙ୍କ ହୃଦୟରେ ଅଲ୍ଲାଃତାଲାଙ୍କ ପ୍ରେମର ବେଦନା ରହିଥିବା ବେଳେ ଅନ୍ୟ ପାର୍ଶ୍ୱରେ ଅଲ୍ଲାଃତାଲାଙ୍କ ଦ୍ୱାରା ସୃଷ୍ଟି ପ୍ରାଣୀମାନଙ୍କ ପ୍ରତି ବେଦନା ମଧ ରହିଥିଲା । ଆପଣ ସ.ଅ ସେମାନଙ୍କୁ ବିନାଶରୁ ବଞ୍ଚାଇବାକୁ ଚାହୁଁଥିଲେ ।

ସୁତରାଂ ଏଥି ସଂକ୍ରାନ୍ତରେ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ର ସୁରତୁଜ୍ ଜୁହାରେ କୁହନ୍ତି, وَوَجَدَكَ ضَآلًّا فَهَدٰى **(ଅଜ୍ ଜୁହା:8)** ଏବଂ ଯେତେବେଳେ ସେ ତୁମ୍ଭଙ୍କୁ ନିଜ ଜାତି ପ୍ରେମରେ ନିମଜ୍ଜିତ ଥିବାରେ ଦେଖିଲେ ସେ ତେବେଳେ ସେମାନଙ୍କ ସଂସ୍କାର ନିମନ୍ତେ ତୁମ୍ଭଙ୍କୁ ଉପଯୁକ୍ତ ମାର୍ଗ ପ୍ରଦର୍ଶନ କଲେ । ଅଲ୍ଲାଃତାଲାଙ୍କ ପ୍ରେମ ଦୃଷ୍ଟିରୁ ଉକ୍ତ ଆୟତ୍‌ରେ ଏହି ଅର୍ଥ ହେବ ଯେ, ଅଲ୍ଲାଃତାଲା କୁହନ୍ତି ଯେ, ଆମେମାନେ ତୁମ୍ଭକୁ ଆମ୍ଭର ପ୍ରେମ ଓ ଆନ୍ତରୀକତା ଯୋଗୁଁ ଆପଣ ସ.ଅଙ୍କୁ ମର୍ମାହତ ଥିବାର ଦେଖିଲୁ ଏବଂ ପରିଶେଷରେ ଆମ୍ଭେ ତୁମ୍ଭକୁ ସେହି ମାର୍ଗ ସଂପର୍କରେ କହିଦେଲୁ ଯେଉଁ ମାର୍ଗ ଉପରେ ଅଗ୍ରସର ହୋଇ ତୁମ୍ଭେ ଆମ୍ଭ ପର୍ଯ୍ୟନ୍ତ ପହଞ୍ଚି ଗଲ ।

ହୁଜୁର ଅନ୍‌ୱର୍ ଅ.ବ୍ କହିଲେ, ଇମାମ୍ ରାଜିଙ୍କ ତଫ୍‌ସିର୍ କବିର୍‌ରେ ସୁରତୁଜ୍ ଜୁହାର ଆୟତ୍ وَوَجَدَكَ ضَآلًّا فَهَدٰى ର ବ୍ୟାଖ୍ୟାରେ ଉଲ୍ଲେଖ କରନ୍ତି ଯେ," ضَلَال ଶବ୍ଦର ଗୋଟିଏ ଅର୍ଥ ହେଲା ପ୍ରେମ । ଯେପରିକି ଅଲ୍ଲାଃତାଲାଙ୍କ ଆଦେଶ ରହିଛି ଯେ, اِنَّكَ لَفِيْ ضَلٰلِكَ الْقَدِيْمِ ରେ ଜଲାଲ୍‌ର ଅର୍ଥ ନିଜର ପ୍ରେମ ରହିଛି । ଅତଏବ୍ ଭାବାର୍ଥ ଏହା ହେବ ଯେ, ତୁମ୍ଭେ ଅତି ପ୍ରିୟ ଅଟ । ତେଣୁ ମୁଁ ଏପରି ମାର୍ଗ ମାଧମରେ ତୁମ୍ଭର ମାର୍ଗଦର୍ଶନ କଲି ଯେ, ସେହି ମାର୍ଗ ଦ୍ୱାରା ତୁମ୍ଭେ ନିଜର ପ୍ରିୟତମଙ୍କ ସେବା କରି ସାନ୍ନିଧ ଓ ସାମୀପ୍ୟର ମାର୍ଗକୁ ଅତିକ୍ରମ କରିପାରିବ ।"**(ମଫାତିହୁଲ୍ ଗୈବ୍, ଅତ୍‌ତଫ୍‌ସିରୁଲ୍ କବିର୍, ଗ୍ରନ୍ଥଖଣ୍ଡ-16, ପୃ-197, ତଫ୍‌ସିର୍ ସୁରତୁଜ୍ ଜୁହା, ଆୟତ୍-7, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍, 2004 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ତହିଁରେ ଅଲ୍ଲାଃତାଲା ଏହି ପ୍ରମାଣ ପ୍ରଦାନ କଲେ ଯେ, ହେ ମୁହମ୍ମଦ୍ ସ.ଅ ! ତୁମ୍ଭେ ଅଲ୍ଲାଃତାଲାଙ୍କ ପ୍ରେମରେ ନିମଜ୍ଜିତ ଅଟ । ସେହି ପ୍ରେମର ପରିପ୍ରକାଶ ଆମ୍ଭେ ନାନା ବର୍ଣ୍ଣନାରେ ଦେଖିବାକୁ ପାଇଥାଉ ଯେଉଁ ପ୍ରେମ ଅଲ୍ଲାଃତାଲା ଆପଣ ସ.ଅଙ୍କ ସହିତ ପ୍ରଦର୍ଶନ କରିଥିଲେ ଏବଂ ଯେଉଁ ପ୍ରେମ ଆପଣ ସ.ଅଙ୍କୁ ଅଲଲାଃତାଲାଙ୍କ ସହିତ ଥିଲା । ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସ ଏକ ସ୍ଥାନରେ କୁହନ୍ତି: "ଯେଉଁ ବ୍ୟକ୍ତି ପବିତ୍ର କୁରଆନ୍ କରୀମ୍‌ର କଥନ ଶୈଳୀ ସହିତ ଭଲ ଭାବରେ ପରିଚିତ ତା' ସମ୍ମୁଖରେ କୌଣସି କଥା ଗୁପ୍ତ ନୁହେଁ । କାରଣ ବେଳେବେଳେ ସେହି ବ୍ୟକ୍ତି ପବିତ୍ର କୁରଆନ୍ କରୀମ୍ ନିଜର ବିଶେଷ ଭକ୍ତ ନିମନ୍ତେ ଏପରି ଶବ୍ଦ ପ୍ରୟୋଗ କରିଦେଇଥାଆନ୍ତି ଯେ, ପ୍ରକାଶ୍ୟ ରୂପେ ତାହା ଅସୁନ୍ଦର ହୋଇଥାଏ । କିନ୍ତୁ ଅର୍ଥଗତ ଦୃଷ୍ଟିରୁ ତାହା ଅତ୍ୟନ୍ତ ପ୍ରଶଂସିତ ବାଣୀ ବା ଶବ୍ଦ ହୋଇଥାଏ । ପ୍ରକାଶ୍ୟ ରୂପେ ଯଦି ସେହି ଶବ୍ଦକୁ ସାଧାରଣ ଭାବରେ ବ୍ୟବହୃତ ହୋଇଥିବାର ଦେଖୁ ତେବେ ଏହା ଲାଗେ ଯେ, ଏହା ସଠିକ୍ ନୁହେଁ । କାରଣ ଜାଲ୍ଲନ୍‌ର ଅର୍ଥ ମାର୍ଗଭ୍ରଷ୍ଟତା ଅଟେ । କିନ୍ତୁ ତାହା ନୁହେଁ ! ଯେତେବେଳେ ଅଲ୍ଲାଃତାଲା ନିଜର ବିଶିଷ୍ଟ ଭକ୍ତମାନଙ୍କ ନିମନ୍ତେ ବିଶେଷ ଅବସରରେ ସେହି ଶବ୍ଦକୁ ପ୍ରୟୋଗ କରନ୍ତି ସେତେବେଳେ ତାହାର ଅର୍ଥ ବଦଳି ଯାଇଥାଏ । ଯେପରିକି ଅଲ୍ଲାଃତାଲା ନିଜର ପ୍ରିୟାବତାର ହ. ମୁହମ୍ମଦ୍ ସ.ଅଙ୍କ ସପକ୍ଷରେ କହିଲେ, وَوَجَدَكَ ضَآلًّا فَهَدٰى **(ଅଜ୍ ଜୁହା:8)** । ବର୍ତ୍ତମାନ ଏହା ସ୍ପଷ୍ଟ ଯେ, ضَالّ ଅର୍ଥ ବିଖ୍ୟାତ ଏବଂ ସୁପରିଚିତ ଅଭିଧାନ ସଂକଳମାନଙ୍କ ତୁଣ୍ଡରେ ମାର୍ଗଭ୍ରଷ୍ଟତା ଅଟେ । ତେଣୁ ସେହି ଦୃଷ୍ଟିରୁ ଏହାର ଅର୍ଥ ଏହା ହେବ ଯେ, ହେ ମୁହମ୍ମଦ୍ ସ.ଅ ! ଆମ୍ଭେ ତୁମ୍ଭକୁ ମାର୍ଗଭ୍ରଷ୍ଟତାରେ ଯେତେବେଳେ ପାଇଲୁ ସେତେବେଳେ ଆମ୍ଭେ ତୁମ୍ଭକୁ ସତ୍‌ମାର୍ଗ ପ୍ରଦାନ କଲୁ । ଅର୍ଥାତ୍ ସାଧାରଣ ଲୋକମାନେ ଯେଉଁ ଅର୍ଥ କରିଥାଆନ୍ତି, ସେମାନେ କୁହନ୍ତି ଯେ, ଆଁହଜରତ ସ.ଅ କେବେ ବି ମାର୍ଗଭ୍ରଷ୍ଟ ହୋଇ ନାହାନ୍ତି । ଯେଉଁ ବ୍ୟକ୍ତି ମୁସଲମାନ ହୋଇ ଏହି ବିଶ୍ୱାସ ରଖେ କି ଆଁହଜରତ୍ ସ.ଅ ନିଜ ବୟସରେ ମାର୍ଗଭ୍ରଷ୍ଟତ୍ୱ କୃତ୍ୟ କରିଥିଲେ ତେବେ ସେହି ବ୍ୟକ୍ତି ଅବିଶ୍ୱାସକାରୀ ଅଟେ। ସେହି ବ୍ୟକ୍ତି ବିଧର୍ମୀ ଓ ଦଣ୍ଡ ପାଇବା ଯୋଗ୍ୟ ଅଟେ । କେବଳ ସେତିକି ନୁହଁ ବରଂ ଉପରୋକ୍ତ ଆୟତ୍‌ର ଏଠାରେ ଏହା ନେବା ଉଚିତ୍ ଯାହାକି ପରବର୍ତ୍ତୀ ଆଗ ପଛ ଆୟତ୍ ସହିତ ମେଳ ଖାଉଥିବ । ଅତଏବ୍ ସେହି ଅର୍ଥ ଏହା ଯେ, ଅଲ୍ଲାଃତାଲା ପ୍ରଥମେ ଆଁହଜରତ୍ ସ.ଅଙ୍କ ସଂପର୍କରେ କହିଲେ, اَلَمْ يَجِدْكَ يَتِيْمًا فَاٰوٰى۔ وَوَجَدَكَ ضَآلًّا فَهَدٰى۔ وَوَجَدَكَ عَآئِلًا فَاَغْنٰى **(ଅଜ୍ ଜୁହା: 7-9)** ଅର୍ଥାତ୍ କ'ଣ ଏହି ଜୀବଦ୍ଦଶାରେ ତୁମ୍ଭ ପ୍ରତି ତାହାଙ୍କର ବ୍ୟବହାର ଅସାଧାରଣ ନୁହେଁ ଏବଂ ସେ ତୁମ୍ଭଙ୍କୁ ଅନାଥ ପାଇ ନିଜ ବାହୁ ଛାୟା ତଳେ ଆଶ୍ରୟ ଦେଇ ନାହାନ୍ତି ? ଏବଂ ଯେତେବେଳେ ସେ ତୁମ୍ଭଙ୍କୁ ନିଜ ଜାତି ପ୍ରେମରେ ନିମଜ୍ଜିତ ଥିବାରେ ଦେଖିଲେ ସେତେବେଳେ ସେମାନଙ୍କ ସଂସ୍କାର ନିମନ୍ତେ ତୁମ୍ଭଙ୍କୁ ଉପଯୁକ୍ତ ମାର୍ଗ ପ୍ରଦର୍ଶନ କଲେ ।" ଅର୍ଥାତ୍ ଅଲ୍ଲାଃତାଲା ଯେତେବେଳେ ଦେଖିଲେ ଯେ, ଆଁହଜରତ୍ ସ.ଅ ଅଲ୍ଲାଃତାଲାଙ୍କୁ ଭଲ ପାଉଛନ୍ତି ସେତେବେଳେ ଅଲ୍ଲାଃତାଲା ଆଁହଜରତ୍ ସ.ଅଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିନେଲେ ଏବଂ ଆଁହଜରତ୍ ସ.ଅଙ୍କୁ ଯେତେବେଳେ ନିର୍ଦ୍ଧନ ଥିବାର ପାଇଲେ ସେତେବେଳେ ସେ ଆଁହଜରତ୍ ସ.ଅଙ୍କୁ ନିଃସ୍ପୃହ ଓ ଧନାଢ୍ୟ କରିଦେଲେ । **(ଆଇନା କମାଲାତେ ଇସ୍‌ଲାମ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-5, ପୃ-170-171ରୁ ଉଦ୍ଧୃତ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଯେହେତୁ ଆଁହଜରତ ସ.ଅ ନିଜର ପବିତ୍ର ଆଭ୍ୟନ୍ତର ମୁକ୍ତ ଏବଂ ପ୍ରଶସ୍ତ ହୃଦୟ, ପବିତ୍ରତା, ସତୀତ୍ୱତା, ସତ୍ୟବାଦୀତା, ଈଶ୍ୱର ବିଶ୍ୱାସ, ବିଶ୍ୱସ୍ତତା ଏବଂ ଈଶ୍ୱର ପ୍ରେମର ସମସ୍ତ ଗୁଣ ଅନ୍ୟ ସମସ୍ତ ଅବତାରମାନଙ୍କ ଅପେକ୍ଷା (ତୁଳନାରେ) ଆପଣ ସ.ଅ ହିଁ ସର୍ବୋତ୍କୃଷ୍ଟ, ସର୍ବୋତ୍ତମ, ସର୍ବ ସମ୍ପନ୍ନ, ସର୍ବ ପବିତ୍ର ଥିଲେ ସେଇଥି ପାଇଁ ପରମେଶ୍ୱର ତାଙ୍କୁ ବିଶେଷ ପୂର୍ଣ୍ଣତ୍ୱମୂଳକ ସୁଗନ୍ଧ ଦ୍ୱାରା ଅଧିକ ସୁଗନ୍ଧିତ କଲେ । ଯେଉଁ ହୃଦୟ ସମସ୍ତ ପୂର୍ବବର୍ତ୍ତୀ ଏବଂ ପରବର୍ତ୍ତୀ ଅବତାରମାନଙ୍କର ଐଶୀବାଣୀ ଅପେକ୍ଷା ଅଧିକ ଶକ୍ତିଶାଳୀ ଏବଂ ସର୍ବାଧିକ ସଂପୂର୍ଣ୍ଣ ଅଟେ । ଅର୍ଥାତ୍ ଅତ୍ୟନ୍ତ ଦୃଢ଼, ସଂପୂର୍ଣ୍ଣ, ସର୍ବୋଚ୍ଚ, ସାର୍ବଙ୍ଗୀନ ସମ୍ପନ୍ନ ତାହା ପୂର୍ଣ୍ଣ ହୋଇ ଈଶ୍ୱରଙ୍କ ବିଭବ ତଥା ତାହାଙ୍କର ବୈଶିଷ୍ଟ୍ୟତାକୁ ପ୍ରଦର୍ଶନ କରିବା ନିମନ୍ତେ ଅତ୍ୟନ୍ତ ସ୍ୱଚ୍ଛ ଏବଂ ପ୍ରଶସ୍ତ ଦର୍ପଣ ହେବା ଉଚିତ୍ । ସେହି ଦର୍ପଣରେ ଅଲ୍ଲାଃତାଲାଙ୍କ ବୈଶିଷ୍ଟ୍ୟତାକୁ ମଧ ଆମେମାନେ ଅବଲୋକନ କରିଥାଉ ଏବଂ ଅଲ୍ଲାଃତାଲାଙ୍କ ଅସ୍ତିତ୍ୱର ପ୍ରତ୍ୟେକ ପାର୍ଶ୍ୱ ଆମମାନଙ୍କୁ ଆଁହଜରତ୍ ସ.ଅଙ୍କ ଅସ୍ତିତ୍ୱରେ ଓ ଆପଣ ସ.ଅଙ୍କ ଶିକ୍ଷାରେ ଆମମାନଙ୍କୁ ଦୃଶ୍ୟମାନ ହୋଇଥାଏ ।"

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ତେଣୁ ଏହି କାରଣ ରହିଛି ଯେ, ପବିତ୍ର କୁରଆନ୍ କରୀମ୍ ଏପରି ସର୍ବୋଚ୍ଚ ଗୁଣର ଅଧିକାରୀ ଯାହାକି ତା'ର ପ୍ରଖର କିରଣ ସମ୍ମୁଖରେ ସମସ୍ତ ପୂର୍ବ ଧର୍ମଗ୍ରନ୍ଥର ଉଜ୍ଜ୍ୱଳତା ନିଷ୍ପ୍ରଭ ଓ ଶୂନ୍ୟ ହୋଇଯାଇଥାଏ । ଅର୍ଥାତ୍ ସମସ୍ତ ପୂର୍ବ ଧର୍ମଗ୍ରନ୍ଥ ଏବଂ ସେହି ଗ୍ରନ୍ଥମାନଙ୍କର ଔଜଲ୍ୟ ବାଣୀର ଉଜ୍ଜ୍ୱଳତା ପବିତ୍ର କୁରଆନ୍ କରୀମ୍ ସମ୍ମୁଖରେ କିଛି ବି ନୁହେଁ । ଏପରି କୌଣସି କଥା ନୁହେଁ ଯାହା ସଂସାରର ମନୁଷ୍ୟ ସୃଷ୍ଟି କରିପାରିବ ନାହିଁ କିମ୍ବା ନିଃସୃତ କରି ପାରିବ ନାହିଁ ଓ ସେହି କଥା ପବିତ୍ର କୁରଆନ୍ କରୀମ୍‌ରେ ବିଦ୍ୟମାନ ନଥିବ । ହଁ ବୁଝିବାର ଆବଶ୍ୟକତା ରହିଛି। କୌଣସି ବ୍ୟକ୍ତିର ଚିନ୍ତା ଏପରି ବୌଦ୍ଧିକ ପ୍ରମାଣ ଉପସ୍ଥାପିତ କରି ପାରିବ ନାହିଁ ଯାହା ପୂର୍ବେ ସେ ଉପସ୍ଥାପିତ କରି ନଥିବ । ଏପରି କୌଣସି ଭାଷଣ ନାହିଁ ଯାହା ହୃଦୟ ଉପରେ ଶକ୍ତିଶାଳୀ ପ୍ରଭାବ ପକାଇ ପାରିବ । ଯେପରିକି ଶକ୍ତିଶାଳୀ ଜିନିଷ ଲକ୍ଷ ଲକ୍ଷ ଲୋକମାନଙ୍କ ମନରେ ପ୍ରଭାବ ପକାଇଥାଏ । ଅର୍ଥାତ୍ ପବିତ୍ର କୁରଆନ୍ କରୀମ୍ ନିଃସନ୍ଦେହ ରୂପେ ଅଲ୍ଲାଃତାଲାଙ୍କ ବିଶିଷ୍ଟ ଗୁଣାବଳୀର (ବୈଶିଷ୍ଟ୍ୟତା) ଏକ ସ୍ୱଚ୍ଛ ଦର୍ପଣ ଅଟେ । ତହିଁରେ ସବୁ କିଛି ମିଳେ ଯାହାକି ଜଣେ ଈଶ୍ୱରଙ୍କ ସାନ୍ନିଧ ଏବଂ ତାହାଙ୍କ ସାମୀପ୍ୟତା ଲୋଡ଼ୁଥିବା ବ୍ୟକ୍ତିକୁ ଅଧ୍ୟାତ୍ମର ସର୍ବୋଚ୍ଚ ସ୍ତର ପର୍ଯ୍ୟନ୍ତ ପହଞ୍ଚାଇବା ନିମନ୍ତେ ଆବଶ୍ୟକ ଅଟେ ।" **(ସୁର୍ମା ଚଶ୍‌ମା ଆର୍ଯ୍ୟ, ରୁହାନୀ ଖଜାଏନ୍, ଗ୍ରନ୍ଥ ଖଣ୍ଡ-2, ପୃ-71-72, ପାଦ ଟୀକା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ବର୍ତ୍ତମାନ ଆଁହଜରତ୍ ସ.ଅଙ୍କ ଉପରେ ଯେଉଁ ଶିକ୍ଷା ଅବତୀର୍ଣ୍ଣ ହେଲା ତାହା ମଧ ଏପରି ପବିତ୍ର ଶିକ୍ଷା ଥିଲା ଯାହା ଅନ୍ୟମାନଙ୍କ ଅପେକ୍ଷା ସର୍ବୋଚ୍ଚ ଥିଲା । ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷା ଅନ୍ୟ ସମସ୍ତ ଧର୍ମଗ୍ରନ୍ଥମାନଙ୍କରେ ବର୍ଣ୍ଣିତ ଶିକ୍ଷା ଅପେକ୍ଷା ଅଧିକ ଉଚ୍ଚ, ପୂର୍ଣ୍ଣ ଶିକ୍ଷା ଅଟେ । ତେଣୁ ଆପଣ ସ.ଅଙ୍କ ଅସ୍ତିତ୍ୱ ମଧ ସେହି ଶିକ୍ଷାକୁ ବହନ କଲା । ଅର୍ଥାତ୍ ପବିତ୍ର କୁରଆନ୍ କରୀମ୍‌ର ପୂର୍ଣ୍ଣାଙ୍ଗ ଶିକ୍ଷାକୁ ଗ୍ରହଣ କଲା । ଆପଣ ସ.ଅ ଏହା ସିଦ୍ଧ କରିଦେଲେ ଯେ, ଆପଣ ସ.ଅଙ୍କ ଉପରେ ଯେଉଁ ଶିକ୍ଷା ଅବତୀର୍ଣ୍ଣ ହେଲା ତାହା ଏହି କାରଣରୁ ଅବତୀର୍ଣ୍ଣ ହେଲା ଯେ, ଆପଣ ସ.ଅଙ୍କର ଅସ୍ତିତ୍ୱ ସମସ୍ତ ମନୁଷ୍ୟମାନଙ୍କ ଅପେକ୍ଷା ସର୍ବାଧିକ ସଂପୂର୍ଣ୍ଣ ଅଟେ ଏବଂ ଆପଣ ସ.ଅ ହିଁ ସେହି ପୂର୍ଣ୍ଣ ପୁରୁଷ ଅଟନ୍ତି ଯାହାଙ୍କ ମର୍ଯ୍ୟାଦା ପର୍ଯ୍ୟନ୍ତ କେହି ବି ପହଞ୍ଚି ପାରିବ ନାହିଁ । ହଁ ! ଅଲ୍ଲାଃତାଲା ଏହା କହିଲେ ଯେ, ହେ ବିଶ୍ୱାସକାରୀମାନେ ଏହି ମୁହମ୍ମଦ୍ ସ.ଅ ତୁମମାନଙ୍କ ନିମନ୍ତେ ଆଦର୍ଶ ଅଟନ୍ତି, ତାହାଙ୍କୁ ତୁମେ ଅନୁସରଣ କରିବା ନିମନ୍ତେ ଉଦ୍ୟମ କର । ଏହି କାରଣରୁ ଅଲ୍ଲାଃତାଲା ଆପଣ ସ.ଅଙ୍କ ମାଧମରେ ମଧ ଏହି ଘୋଷଣା ମଧ କରାଇଲେ ଯେ, قُلْ اِنْ كُنْتُمْ تُحِبُّوْنَ اللّٰهَ فَاتَّبِعُوْنِيْ يُحْبِبْكُمُ اللّٰهُ وَيَغْفِرْ لَكُمْ ذُنُوْبَكُمْ وَاللّٰهُ غَفُوْرٌ رَّحِيْمٌ **(ଆଲେ ଇମ୍ରାନ୍: 32)** ଅର୍ଥାତ୍ ହେ ମୁହମ୍ମଦ୍ ସ.ଅ ! ତୁମ୍ଭେ କୁହ କି ହେ ଲୋକମାନେ ! ଯଦି ତୁମେମାନେ ଅଲ୍ଲାଃତାଲାଙ୍କୁ ପ୍ରେମ କରୁଥାଅ ତେବେ ଆମ୍ଭଙ୍କୁ ଅନୁସରଣ କର । ତାହାହାଲେ ଅଲ୍ଲାଃତାଲା ତୁମମାନଙ୍କୁ ପ୍ରେମ କରିବେ ଏବଂ ତୁମମାନଙ୍କର ଦୋଷକୁ କ୍ଷମା କରିଦେବେ । ବାସ୍ତବରେ ଅଲ୍ଲାଃତାଲା ଅତ୍ୟନ୍ତ କ୍ଷମାଶାଳୀ ଓ ସଦା କରୁଣାମୟ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଅଲ୍ଲାଃତାଲାଙ୍କ ସହିତ ପ୍ରେମ ପ୍ରାପ୍ତ କରିବାକୁ ହେଲେ ଆପଣ ସ.ଅଙ୍କ ଆଦର୍ଶ ଅନୁସରଣ କରିବାକୁ ହେବ । ଅଲ୍ଲାଃତାଲାଙ୍କ ସହିତ ଆଁହଜରତ ସ.ଅଙ୍କ ଅତୁଟ ପ୍ରେମର ଯେଉଁ ଦୃଶ୍ୟ ଆମେମାନେ ଦେଖିବାକୁ ପାଉ ସେଥି ସଂକ୍ରାନ୍ତରେ ହଦିସ୍‌ରେ ଅନେକ ବର୍ଣ୍ଣନାମାନ ଦେଖିବାକୁ ମିଳିଥାଏ । ଆପଣ ସ.ଅ ନିଜ ଈଶ୍ୱରଙ୍କ ଠାରୁ ପ୍ରେମ ପ୍ରାପ୍ତ ହେବା ନିମନ୍ତେ କାମନା କରି ଅଲ୍ଲାତାଲାଙ୍କ ନିକଟରେ ଏହି ଦୁଆ (ପ୍ରାର୍ଥନା) କରୁଥିଲେ ଯେ, اَللّٰهُمَّ اِنِّيْ اَسْاَلُكَ حُبَّكَ وَحُبَّ مَنْ يُّحِبُّكَ وَالْعَمَلَ الَّذِيْ يُبَلِّغُنِيْ حُبَّكَ اَللّٰهُمَّ اجْعَلْ حُبَّكَ اَحَبَّ اِلَيَّ مِنْ نَفْسِيْ وَاَهْلِيْ وَمِنَ الْمَاءِ الْبَارِدِ ଅର୍ଥାତ୍ ହେ ଅଲ୍ଲାଃ ! ତୁମ୍ଭେ ନିଜର ପ୍ରେମ ମୋର ଅସ୍ତିତ୍ୱ, ମୋର ପରିବାର ଓ

ଶୀତଳ ଜଳ ଠାରୁ ବି ଅଧିକ ପ୍ରିୟତମ କରିଦିଅ । ଅତଏବ୍ ଏ ହେଉଛି ସେହି ଦୁଆ ଯାହାକୁ ଆଜି ପ୍ରତ୍ୟେକ ବ୍ୟକ୍ତି ଆଜିକା ଯୁଗରେ କରିବା ଉଚିତ୍ । ଅତଏବ୍ ଯେଉଁ ବ୍ୟକ୍ତି ଆଁହଜରତ୍ ସ.ଅଙ୍କୁ ଭଲ ପାଇବାର ଦମ୍ଭୋକ୍ତି ପ୍ରକାଶ କରୁଛି ଏବଂ ଯେଉଁ ବ୍ୟକ୍ତି ଏହା ଚାହୁଁଛି ଯେ, ସେ ମଧ୍ୟ ଅଲ୍ଲାଃତାଲାଙ୍କ ପ୍ରତି ପ୍ରେମ ଓ ଅନ୍ତରୀକତା ପ୍ରକାଶ କରୁ, ସେ ଅଲ୍ଲାଃତାଲାଙ୍କର ପ୍ରିୟ ଭକ୍ତ ହେଉ ଓ ଅଲ୍ଲାଃତାଲା ତା' ଉପରେ ନିଜର କୃପାବତୀର୍ଣ୍ଣ କରନ୍ତୁ । **ଆମିନ୍ ।**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହ. ଅବ୍‌ଦୁଲ୍ଲାଃ ବିନ୍ ୟଜିଦ୍ ଖତ୍‌ମି ଅନ୍‌ସାରୀ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ ଏହି ଦୁଆ କରୁଥିଲେ ଯେ, ହେ ଅଲ୍ଲାଃ ! ତୁମ୍ଭେ ମୋତେ ନିଜର (ଅଲ୍ଲାଃତାଲାଙ୍କର) ପ୍ରେମ ପ୍ରଦାନ କର ଏବଂ ମୋତେ ସେହି ପ୍ରେମ ପ୍ରଦାନ କର ଯେଉଁ ପ୍ରେମ ମୋତେ ତୁମ୍ଭ ନିକଟରେ ଲାଭ ପ୍ରଦାନ କରିବ । ହେ ଅଲ୍ଲାଃ ! ମୋର ପ୍ରିୟ ବସ୍ତୁ ଯାହା ତୁମ୍ଭେ ମୋତେ ପ୍ରଦାନ କର ସେହି ବସ୍ତୁକୁ ନିଜର ପ୍ରିୟତମ ବସ୍ତୁର ପ୍ରାପ୍ତି ନିମନ୍ତେ ମୋର ଶକ୍ତିର ମାଧ୍ୟମ କରିଦିଅ ଏବଂ ମୋର ସେହି ପ୍ରିୟତମ ବସ୍ତୁ ଯାହାକୁ ତୁମ୍ଭେ ମୋ ଠାରୁ ପୃଥକ୍ (ଛଡ଼ାଇ ନିଅ) କରିଦିଅ ତେବେ ସେଗୁଡ଼ିକୁ ମୋ ନିମନ୍ତେ ସେହି ବସ୍ତୁର ପ୍ରାପ୍ତି ନିମନ୍ତେ ଶକ୍ତିର ମାଧ୍ୟମ କରିଦିଅ ଯାହାକୁ ତୁମ୍ଭେ ପ୍ରିୟ (ଉଚିତ୍) ବୋଲି ମନେକର । **(ଜାମେ ତିର୍ମିଜି, କିତାବୁଦ୍ ଦାୱାତ୍, ବାବ୍-ଦୁଆ, اللّٰهم ارزقی حبك وحب من ينفعي حبه عندك, ହଦିସ୍ ନଂ-3491)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଆପଣ ସ.ଅ ଏହା ହିଁ ଏହି ଦୁଆ କଲେ, ଅର୍ଥାତ୍ ଆପଣ ସ.ଅ କହିଲେ, ହେ ଅଲ୍ଲାଃ ! ମୋର ଯେଉଁ ପ୍ରିୟ ବସ୍ତୁ ରହିଛି ଯାହା ତୁମ୍ଭେ ମୋତେ ପ୍ରଦାନ କରିଥାଅ ତାହାକୁ ତୁମ୍ଭେ ନିଜର ପ୍ରିୟ ବସ୍ତୁ ସକାଶେ ମଧ୍ୟ ମୋର ଶକ୍ତିର ମାଧ୍ୟମ କରିଦିଅ, ମୋତେ ଅତିରିକ୍ତ ଶକ୍ତି ପ୍ରଦାନ କର । ମୁଁ ଅତିରିକ୍ତ ଭାବରେ ସେହିସବୁ ବସ୍ତୁକୁ ପ୍ରାପ୍ତ କରିପାରିବି ଯେଉଁଗୁଡ଼ିକ ତୁମ୍ଭର ପ୍ରିୟତମ ଅଟନ୍ତି ଏବଂ ସେହି ବସ୍ତୁ ମାଧ୍ୟମରେ ମୁଁ ତୁମ୍ଭର ଅତିରିକ୍ତ ପ୍ରେମ ପ୍ରାପ୍ତକାରୀ ବ୍ୟକ୍ତି ରୂପେ ପରିଗଣିତ ହୋଇପାରିବି ଓ ସେହି ସବୁ ବସ୍ତୁକୁ ପ୍ରାପ୍ତକାରୀ ବ୍ୟକ୍ତି ରୂପେ ପରିଗଣିତ ହେବି ଯେଉଁ ସବୁ ବସ୍ତୁ ବା କଥାକୁ ତୁମ୍ଭେ ପସନ୍ଦ କରିଥାଅ । ଯେଉଁସବୁ ବସ୍ତୁ ତୁମ୍ଭର ପ୍ରିୟ ଅଟନ୍ତି କିମ୍ବା ମୋର ପ୍ରିୟଜନ ଅଟନ୍ତି । କିନ୍ତୁ ତୁମ୍ଭେ ମୋତେ ସେମାନଙ୍କ ଠାରୁ ପୃଥକ୍ କରିଦେଇଥାଅ । ତେଣୁ ତୁମ୍ଭେ ଯେଉଁମାନଙ୍କୁ ଭଲ ପାଅ ସେହି ସବୁ ବସ୍ତୁକୁ ମୋ ନିମନ୍ତେ ସେହି କଥାର ମର୍ମ ପ୍ରାପ୍ତି ନିମନ୍ତେ ଶକ୍ତିର ମାଧ୍ୟମ କରିଦିଅ । ଯେଉଁ ବସ୍ତୁ ମୋ ଠାରୁ ପୃଥକ୍ ହୋଇଯାଇଛି ସେହି ବସ୍ତୁ ଯୋଗୁଁ ନିରାଶ ହେବା ଉଚିତ୍ ନୁହଁ। ବରଂ ମୋ ଠାରୁ ପୃଥକ୍ ହେବା ପରେ ମଧ୍ୟ ପୁନଃ ମୋତେ ଶକ୍ତି ପ୍ରାପ୍ତ ହେଉ। କାରଣ ଯେଉଁ ବସ୍ତୁକୁ ଅଲ୍ଲାଃତାଲା ପସନ୍ଦ୍ କରୁ ନଥିଲେ ତାହାକୁ ସେ ମୋ ଠାରୁ ପୃଥକ୍ କରିଦେଲେ କିମ୍ବା ଅଲ୍ଲାଃତାଲାଙ୍କର ଏହି ଇଚ୍ଛା ଥିଲା । ଏହା ହିଁ ପ୍ରସନ୍ନତା ଥିଲା ଯେଉଁ ଜିନିଷ ଅଲ୍ଲାଃତାଲାଙ୍କର ପ୍ରିୟ ଅଟନ୍ତି ତାହା ମୋତେ ମିଳିଯାଉ । ଯେଉଁ ଜିନିଷ ଅଲ୍ଲାଃତାଲାଙ୍କୁ ପସନ୍ଦ ନାହିଁ ସେହି ସବୁ ଜିନିଷ ଅଲ୍ଲାଃତାଲା ମୋ ଠାରୁ ନେଇ ଯାଆନ୍ତୁ। ହେ ଅଲ୍ଲାଃ ! ଯେଉଁ ବସ୍ତୁଗୁଡ଼ିକ ତୁମ୍ଭର ପ୍ରିୟ ଅଟନ୍ତି ତାହାକୁ ପ୍ରାପ୍ତ କରିବା ନିମନ୍ତେ ତୁମ୍ଭେ ମୋତେ ସାମର୍ଥ୍ୟ ପ୍ରଦାନ କର । ଅତଏବ୍ ଏହା ଥିଲା ଆଁହଜରତ୍ ସ.ଅଙ୍କର ଅଲ୍ଲାଃତାଲାଙ୍କ ସହିତ ପ୍ରେମର ପରିପ୍ରକାଶ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ହ. ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, اِذَا جَآءَ نَصْرُ اللّٰهِ وَالْفَتْحُ ଅବୀତର୍ଣ୍ଣ ହେବା ପରେ ନବୀ କରୀମ୍ ସ.ଅ କୌଣସି ନମାଜ୍ ପାଠ କଲେ ନାହିଁ । କିନ୍ତୁ ଆପଣ ସ.ଅ ସ.ଅ ଏହା କହୁଥିଲେ ଯେ, سُبْحَانَكَ رَبَّنَا وَبِحَمْدِكَ اللّٰهُمَّ اغْفِرْ لِيْ۔ سُبْحَانَكَ رَبَّنَا وَبِحَمْدِكَ اللّٰهُمَّ اغْفِرْ لِيْ۔ ଅର୍ଥାତ୍ ହେ ଆମ୍ଭର ପାଳନକର୍ତ୍ତା ! ତୁମ୍ଭେ ନିଜର ପ୍ରଶଂସା ସହିତ ପବିତ୍ର ଅଟ । ହେ ଅଲ୍ଲାଃ ! ତୁମ୍ଭେ ମୋତେ କ୍ଷମା କରିଦିଅ ଓ ମୋତେ ମୁକ୍ତି ପ୍ରାପ୍ତି ପ୍ରଦାନ କର । **(ସହିହୁଲ୍ ବୁଖାରୀ, କିତାବୁତ୍ ତଫ୍‌ସିର୍/ଇଜା ଯାଆ ନସ୍ରୁଲ୍ଲାଃହି........ବାବ୍-ସୁରାଃ ଇଜା ଯାଆ ନସ୍ରୁଲ୍ଲାଃହି, ହଦିସ୍ ନଂ-4967)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ୍ ସ.ଅଙ୍କ ଅଲ୍ଲାଃତାଲାଙ୍କ ଏକ ପ୍ରେମ ସଂପର୍କିତ ଘଟଣାର ଚର୍ଚ୍ଚା କରି ହ. ଆଏଶା ର.ଅ ଏହିପରି ବର୍ଣ୍ଣନା କରିଛନ୍ତି ଯେ, ଏକଦା ମୁଁ ରସୁଲ୍ କରୀମ୍ ସ.ଅଙ୍କ ପାର୍ଶ୍ୱରେ ଶୋଇଥିଲି । ତେଣୁ ମୁଁ ନିଦରୁ ଯେତେବେଳେ ଉଠିଲି ସେତେବେଳେ ମୁଁ ଆଁହଜରତ୍ ସ.ଅଙ୍କୁ ମୋ ପାର୍ଶ୍ୱରେ ପାଇଲି ନାହିଁ । ମୁଁ ରାତ୍ରର ଅନ୍ଧକାରରେ ଆପଣ ସ.ଅଙ୍କୁ ଯେତେବେଳେ ଖୋଜିଲି ସେତେବେଳେ ମୋର ହାତ ଆପଣ ସ.ଅଙ୍କ ପାଦରେ ବାଜିଲା । ଆପଣ ସ.ଅ ସଜ୍‌ଦାରେ ଥିଲେ ଓ ଅଲ୍ଲାଃତାଲାଙ୍କ ନିକଟରେ ଏହି ପ୍ରାର୍ଥନା କରୁଥିଲେ ଯେ, ହେ ଅଲ୍ଲାଃ ! ମୁଁ ତୁମ୍ଭ ପ୍ରସନ୍ନତାର ଶରଣରେ ଆସୁଛି । ହେ ଅଲ୍ଲାଃ ! ମୁଁ ତୁମ୍ଭର ରୁଷ୍ଟତା ଏବଂ ତୁମ୍ଭର ଦୟା, କ୍ଷମାର ଓ ତୁମ୍ଭ ଶାସ୍ତି ଠାରୁ ଶରଣ ଭିକ୍ଷା କରୁଛି । ହେ ଅଲ୍ଲାଃ ! ମୁଁ ତୁମ୍ଭର ପ୍ରଶଂସାକୁ ଗଣି ପାରିବି ନାହିଁ । ତୁମ୍ଭେ ସେହିପରି ଅଟ ଯେପରି ତୁମ୍ଭେ ନିଜର ପ୍ରଶଂସା କରିଛ । **(ସହି ମୁସ୍‌ଲିମ୍, ଉର୍ଦ୍ଦୁ ଅନୁବାଦ, ଗ୍ରନ୍ଥଖଣ୍ଡ-2, ପୃ-240, ବାବ୍- ମା ୟୁକାଲୁ ଫିର୍ ରୁକୁଇ ୱସ୍ ସୁଜୁଦ୍, ହଦିସ୍ ନଂ-743, ନୁର୍ ଫାଉଣ୍ଡେସନ୍, ରବ୍‌ୱା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ଅନ୍ୟ ଏକ ସ୍ଥାନରେ ହ. ଆଏଶା ର.ଅ କୁହନ୍ତି ଯେ, ଦିନେ ଆଁହଜରତ୍ ସ.ଅଙ୍କର ମୋ ଘରେ ପାଳିଥିଲା । ମୁଁ ଶୋଇ ପଡ଼ିଲି । ତେବେ ଆପଣ ସ.ଅ ନିରବତାର ସହିତ ବାହାରକୁ ଚାଲିଗଲେ । ମୁଁ ଏହା ଭାବିଲି ଯେ, ବୋଧେ ଆପଣ ସ.ଅ ନିଜର ଅନ୍ୟ ପତ୍ନିଙ୍କ ଘରକୁ ଚାଲି ଯାଇଛନ୍ତି । ମୁଁ ସ୍ୱାଭିମାନ ଜର୍ଜରିତ ହୋଇ ବାହାରକୁ ଯେତେବେଳେ ବାହାରିଲି ସେତେବେଳେ ମୁଁ ଏହା ଦେଖିଲି ଯେ, ଆପଣ ସ.ଅ ଏକ ବସ୍ତ୍ରର ପୁଟୁଳି ପରି ଭୂପୃଷ୍ଠରେ ସଜ୍‌ଦା ଆବସ୍ଥାରେ ପଡ଼ିଛନ୍ତି । ମୁଁ ଆପଣ ସ.ଅଙ୍କୁ ଏହା କହୁଥିବାର ଶୁଣିଲି: سَجَدَ لَكَ سَوَادِيْ وَخَيَالِيْ وَآمَنَ بِكَ فُؤَادِيْ رَبِّ هٰذِهٖ يَدَايَ وَمَا جَنَيْتُ عَلٰى نَفْسِيْ يَا عَظِيْمُ تُرْجٰى لِكُلِّ عَظِيْمٍ فَاغْفِرِ الذَّنْبَ الْعَظِيْمَ ଅର୍ଥାତ୍ ହେ ଅଲ୍ଲାଃ ! ତୁମ୍ଭ ନିମନ୍ତେ ମୋର ପ୍ରାଣ ଓ ମୋର ଶରୀର ସଜ୍‌ଦା (ମଥାନତ) କରୁଛି ଓ ମୋ ହୃଦୟ ତୁମ୍ଭ ଉପରେ ବିଶ୍ୱାସ ଆଣୁଛି । ହେ ମୋର ପାଳନକର୍ତ୍ତା ! ଏ ହେଉଛି ମୋର ଦୁଇ ବାହୁ ଯାହାକୁ ମୁଁ ତୁମ୍ଭ ଆଗରେ ପ୍ରସାରିତ (ମେଲେଇ ଦେଇଛି) କରି ଦେଇଛି । ମୁଁ ଯାହାକିଛି ଏହି ବାହୁ ମାଧ୍ୟମରେ ମୋ ପ୍ରାଣ ଉପରେ ଅତ୍ୟାଚାର କରିଛି ତାହା ମଧ୍ୟ ତୁମ୍ଭ ସମ୍ମୁଖରେ ରହିଛି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, "ବର୍ତ୍ତମାନ ଆଁହଜରତ ସ.ଅ ତ' ଏପରି ପୁରୁଷୋତ୍ତମ ମନୁଷ୍ୟ ଥିଲେ ଯେ, ଆପଣ ସ.ଅଙ୍କୁ ପୁଣ୍ୟ ବ୍ୟତୀତ ଅନ୍ୟ କୌଣସି ବସ୍ତୁ ଦେଖା ଯାଉନଥିଲା । କିନ୍ତୁ ଆପଣ ସ.ଅ ମଧ୍ୟ ଏହା କୁହନ୍ତି ଯେ, ହେ ପ୍ରଭୁ ! ମୁଁ ନିଜର ଜୀବନ ଉପରେ ଯେଉଁ ଅତ୍ୟାଚାର କରିଛି ତାହା ତୁମ୍ଭ ସମ୍ମୁଖରେ ରହିଛି। ହେ ପ୍ରତାପୀ ଏହା ମହା ଈଶ୍ୱର ! ତୁମ୍ଭ ଠାରୁ ପ୍ରତ୍ୟେକ ଗୁରୁତ୍ୱପୂର୍ଣ୍ଣ କଥାର ଆଶା କରାଯାଇଥାଏ । ତୁମ୍ଭେ ମୋର ସମସ୍ତ ଛୋଟ ବଡ଼ ପାପକୁ କ୍ଷମା କରିଦିଅ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ଆପଣ ସ.ଅ ପୁନଶ୍ଚ ନିଜର ପବିତ୍ର ମସ୍ତକ ଉପରକୁ ଉଠାଇଲେ ଏବଂ ମୋତେ ଦେଖିନେଲେ। ଆପଣ ସ.ଅ ମୋତେ ଦେଖି କହିଲେ, ହେ ଆଏଶା ! ତୁମକୁ କେଉଁ କଥା ବାହାରକୁ ବାହାରିବାକୁ ବାଧ୍ୟ କଲା ? ତୁମେ କାହିଁକି ବାହାରକୁ ଆସିଲ, ତୁମେ ଶୋଇଥିଲ ପରା? ସେ କହିଲେ, ମୁଁ ଏଇଥି ପାଇଁ ବାହାରକୁ ଆସିଲି ଯେ, ମୁଁ ଯେତେବେଳେ ଶେଯରେ ଆପଣ ସ.ଅଙ୍କୁ ପାଇଲି ନାହିଁ ସେତେବେଳେ ମୋ ମନରେ ଏହି ଧାରଣା ଆସିଲା କି ଆପଣ ସ.ଅ ସମ୍ଭବତଃ ଅନ୍ୟ ପତ୍ନୀଙ୍କ ଘରକୁ ଚାଲି ଯାଇଛନ୍ତି । ଆପଣ ସ.ଅ କହିଲେ, ନିଃସନ୍ଦେହ ରୂପେ ତୁମ ମନରେ ଏହି ଧାରଣା ସୃଷ୍ଟି ହେବ । କିନ୍ତୁ ହେ ଆଏଶା ! କ'ଣ ତୁମ ମନରେ ମୋ ପ୍ରତି ସନ୍ଦେହ ସୃଷ୍ଟି ହେଉଛି କି ? ଏହା ତ' ପାପ ଅଟେ । ଯେପରି ହ. ଆଏଶା ର.ଅ କହିଥିଲେ ଯେ, ମୋ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା ଯେ, ଆପଣ ସ.ଅ ଅନ୍ୟ ପତ୍ନିଙ୍କ ଘରୁ ଚାଲି ଯାଇଥିବେ । ଅତଏବ୍ ଆପଣ ସ.ଅ କହିଲେ, ହେ ଆଏଶା ! ବେଳେବେଳେ ମନୁଷ୍ୟ ଅନ୍ୟ ପ୍ରତି ଯେଉଁ ଧାରଣା ପୋଷଣ କରେ ତେବେ ତାହା ପାପ ହୋଇଯାଇଥାଏ । ତେଣୁ ହେ ଆଏଶା! ତୁମେ ଅଲ୍ଲାଃତାଲାଙ୍କ ନିକଟରେ କ୍ଷମା ପ୍ରାର୍ଥନା କର ! କୁଧାରଣାରୁ ବର୍ତ୍ତିବା ନିମନ୍ତେ ଅଲ୍ଲାଃତାଲାଙ୍କ ଠାରୁ କ୍ଷମା ଯାଚନା କରିବା ଓ ଇସ୍ତିଗ୍‌ଫାର କରିବା ନିତାନ୍ତ ଜରୁରୀର ଅଟେ । ଆପଣ ସ.ଅ ପୁନଃ ହ. ଆଏଶା ର.ଅଙ୍କୁ କହିଲେ, ହେ ଆଏଶା ! କଥାଟା ଏହିପରି ଯେ, ହ. ଜିବ୍ରାଇଲ୍ ଅ.ସ ମୋ ପାଖକୁ ଆସିଲେ ଏବଂ ସେ ମୋତେ ଏହି ଶବ୍ଦ ପାଠ କରିବା ନିମନ୍ତେ କହିଥିଲେ । ତେଣୁ ହେ ଆଏଶା ! ତୁମେ ମଧ୍ୟ ନିଜ ନମାଜ୍‌ରେ ଅର୍ଥାତ୍ ସଜ୍‌ଦାବେଳେ ଏହି ଦୁଆକୁ ପାଠ କର । ବର୍ତ୍ତମାନ ତୁମେ ଦୁଆକୁ ଶୁଣି ନେଇଛ । ତେଣୁ ତୁମେ ମଧ୍ୟ ଏହି ଦୁଆକୁ ପାଠ କର । ଯେଉଁ ବ୍ୟକ୍ତି ଏହି ବାକ୍ୟ ପାଠ କରିବ ସଜ୍‌ଦାରୁ ମୁଣ୍ଡ ଉଠାଇବା ପୂର୍ବରୁ ହିଁ ତା'କୁ କ୍ଷମା କରିଦିଆଯିବ । **(ମଜ୍‌ମାଅଜ୍ ଜୱାଇଦ୍, କିତାବୁସ୍ ସଲାତ୍, ବାବ୍- ମା ୟକୁଲୁ ଫି ରୁକୁଇହି, ହଦିସ୍ ନଂ-2775, ଗ୍ରନ୍ଥଖମଣ୍ଡ-2, ପୃ-259, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-2001 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହଁ ଏହି ସର୍ତ୍ତ ମଧ୍ୟ ରହିଛି ସେ ଅର୍ଥାତ୍ ବ୍ୟକ୍ତି ପୂର୍ଣ୍ଣ ରୂପେ ଅଲ୍ଲାଃତାଲାଙ୍କ ଉପରେ ବିଶ୍ୱାସା ଆଣିବା ଉଚିତ୍ । ଅର୍ଥାତ୍ ପୂର୍ଣ୍ଣ ବିଶ୍ୱାସକାରୀ ବ୍ୟକ୍ତି ହେବା ଉଚିତ୍ । ଅଲ୍ଲାଃତାଲାଙ୍କ ଉପରେ ତା'ର ବିଶ୍ୱାସ ପୂର୍ଣ୍ଣ ହେବା ଉଚିତ୍ ଏବଂ ଅନ୍ୟ ପୁଣ୍ୟ କର୍ମ ସମ୍ପାଦନ ମଧ୍ୟ କରୁଥିବା ଉଚିତ୍ । ତେଣୁ ଆପଣ ସ.ଅ ହ. ଆଏଶା ର.ଅଙ୍କୁ ଏପରି କହିଲେ । ତେଣୁ ଯେହେତୁ ଆଁହଜରତ୍ ସ.ଅଙ୍କୁ ଏହା ଜ୍ଞାତ ଥିଲା କି ହ. ଆଏଶା ର.ଅଙ୍କ ସ୍ତର କ'ଣ ଅଟେ ? କିନ୍ତୁ ଯେଉଁ ବ୍ୟକ୍ତି ଅନ୍ୟାନ୍ୟ ପୁଣ୍ୟାବଳୀ ସମ୍ପାଦନ କରି କେବଳ ଏତିକି ହିଁ ଦୁଆ ପାଠ କରିନେବ ତେବେ ସେହି ବ୍ୟକ୍ତିକୁ କ୍ଷମା ପ୍ରଦାନ କରିଦିଆଯିବ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ବିସ୍ତୃତ ଭାବରେ ଉକ୍ତ ପ୍ରସଙ୍ଗଟି ବର୍ଣ୍ଣିତ ହୋଇଛି । ଅତଏବ୍ ସେହି ବର୍ଣ୍ଣନାଟି ଏହିପରି ଯେ, ହ. ଆଏଶା ର.ଅ ବର୍ଣ୍ଣନା କଲେ ଯେ, ଏକଦା ରାତ୍ର ସମୟରେ ନବୀ କରୀମ୍ ସ.ଅ ମୋ ଘରେ ଥିଲେ । ଆପଣ ସ.ଅ ଘରକୁ ଫେରି ନିଜର ଚଦର ରଖିଦେଲେ, ଜୋତା ଓହ୍ଲାଇଦେଲେ ଏବଂ ନିଜର ପାଦ ପାଖରେ ଜୋତା ରଖିଦେଲେ ଏବଂ ନିଜ ଉପରର ଚଦରର ଏକ ପାର୍ଶ୍ୱକୁ ଶେଯ ଉପରେ ବିଛାଇ ଦେଲେ ଏବଂ ଶୋଇ ପଡ଼ିଲେ । ଆପଣ ସ.ଅ କିଛି ସମୟ ବିଳମ୍ବ ଅର୍ଥାତ ଅପେକ୍ଷା କଲେ ଯେ, ମୁଁ ଶୋଇଗଲେ ଆପଣ ସ.ଅ ବାହାରକୁ ବାହାରି ଯିବେ । ତେଣୁ ଆଁହଜରତ ସ.ଅ ଏହା ଭାବିଲେ ଯେ, ମୁଁ ଶୋଇଯାଇଛି । ଆପଣ ସ.ଅ ଧୀରେ ଧୀରେ ନିଜର ଚଦର ନେଲେ ଏବଂ ନିଜର ଜୋତା ପିନ୍ଧି କବାଟ ଖୋଲିଲେ ଓ ବାହାରକୁ ଚାଲିଗଲେ । ଏହାପରେ ଆପଣ ସ.ଅ କବାଟକୁ ଧୀରେ ବନ୍ଦ କରିଦେଲେ । ମୁଁ ନିଜର ଓଢଣା ଉପରର ଚଦର ନେଲି ଏବଂ ଆପଣ ସ.ଅଙ୍କ ପଛେ ପଛେ ବାହାରି ପଡ଼ିଲି । ଏପର୍ଯ୍ୟନ୍ତକି ଆପଣ ସ.ଅ ଜନ୍ନତୁଲ୍ ବକି ଠାରେ ପହଞ୍ଚିଗଲେ । ଆପଣ ସ.ଅ ଛିଡ଼ା ହେଲେ ଏବଂ ଦୀର୍ଘ ସମୟ ପର୍ଯ୍ୟନ୍ତ ଜନ୍ନତୁଲ୍ ବକି ଠାରେ ଛିଡ଼ା ହୋଇ ନିଜର ସାହାବାମାନଙ୍କ ନିମନ୍ତେ ଦୁଆ କଲେ । ଆପଣ ସ.ଅ ତିନିଥର ଉଭୟ

ହାତକୁ ଉପରକୁ ଉଠାଇଲେ । ପୁନଶ୍ଚ ଆପଣ ସ.ଅ ପଛକୁ ବୁଲିଲେ ଏବଂ ମୁଁ ମଧ୍ଧ ପଛକୁ ବୁଲିଲି । ଆପଣ ସ.ଅ ଶୀଘ୍ର ଚାଲିବାକୁ ଲାଗିଲେ । ମୁଁ ମଧ୍ଧ ଶୀଘ୍ର ଚାଲିବାକୁ ଲାଗିଲି । ଆଁହଜରତ ସ.ଅ ଯେତେବେଳେ ନିଜର ଗତିକୁ ବୃଦ୍ଧି କଲେ ସେତେବେଳେ ମୁଁ ମଧ୍ଧ ନିଜର ଗତିକୁ ବୃଦ୍ଧି କରିଦେଲି । ଆପଣ ସ.ଅ ଆହୁରି ଦ୍ରୁତ ଗତିରେ ଚାଲିବାକୁ ଲାଗିଲେ । ମୁଁ ମଧ୍ଧ ଦ୍ରୁତ ଗତିରେ ଚାଲିବାକୁ ଲାଗିଲି। ଏହାପରେ ଆପଣ ସ.ଅ ଘରକୁ ଚାଲି ଆସିଲେ ଏବଂ ମୁଁ ଆପଣ ସ.ଅଙ୍କ ପୂର୍ବରୁ ଘର ଭିତରକୁ ପ୍ରବେଶ କଲି ଏବଂ ଶୋଇ ପଡ଼ିଲି । ଆପଣ ସ.ଅ ଯେତେବେଳେ ଗୃହ ଭିତରକୁ ପ୍ରେବଶ କଲେ ସେତବେଳେ ଆପଣ ସ.ଅ କହିଲେ, ହେ ଆଏଶା ! ତୁମକୁ କ'ଣ ହୋଇ ଯାଇଛି, ତୁମର ନିଃଶ୍ୱାସ କାହିଁକି ଏତେ ଫୁଲୁଛି ? ହ. ଆଏଶା ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଦ୍ରୁତ ଗତିରେ ଚାଲିବା ହେତୁ ମୋର ନିଃଶ୍ୱାସ ଫୁଲି ଯାଇଛି । ଆଁହଜରତ୍ ସ.ଅ ଶୁଣିନେଲେ ଏବଂ ଅନୁଭବ ମଧ୍ଧ କରିନେଲେ ଯେ, ହ. ଆଏଶା ର.ଅଙ୍କ ନିଃଶ୍ୱାସ ଫୁଲି ଯାଇଛି । ଆଁହଜରତ୍ ସ.ଅ କହିଲେ, ହେ ଆଏଶା! ତୁମେ ଅବଶ୍ୟ ମୋ ଠାରୁ କିଛି କଥା ଲୁଚାଉଛ ? ତୁମେ ମୋତେ ସତ ସତ କହିଦିଅ। ଅନ୍ୟଥା ମୋର ଅଶେଷ ଦୟାବାନ୍, ସୂକ୍ଷ୍ମଦର୍ଶୀ, ସୂଚନା ପ୍ରଦାନକାରୀ ଓ ଅନ୍ତର୍ଯାମୀ ପରମେଶ୍ୱର ମୋତେ ସବୁ କଥା କହିଦେବେ । ହ. ଆଏଶା ର.ଅ କହିଲେ, ମୁଁ କହିଲି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋର ମାତାପିତା ଆପଣ ସ.ଅଙ୍କ ଉପରେ ଉତ୍ସର୍ଗ ହୋଇଯାଆନ୍ତୁ ! ତତ୍ପରେ ଆପଣ ଅର୍ଥାତ୍ ହ. ଆଏଶା ର.ଅ ଆଁଜରତ୍ ସ.ଅଙ୍କୁ ସମସ୍ତ ବୃତ୍ତାନ୍ତ (କଥା) କହିଲେ । ଅର୍ଥାତ୍ ସେ କହିଲେ, ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋ ମନରେ ଏହା ଧାରଣା ଅର୍ଥାତ୍ ସନ୍ଦେହ ସୃଷ୍ଟି ହୋଇଯାଇଥିଲା ଯେ, ଆପଣ ସ.ଅ ଏତେ ରାତିରେ ଉଠି ଅନ୍ୟ ସ୍ତ୍ରୀଙ୍କ ପାଖକୁ ଯାଉଛନ୍ତି । ତେଣୁ ଏହି ଧାରଣାକୁ କେନ୍ଦ୍ର କରି ମୁଁ ଆପଣ ସ.ଅଙ୍କ ପଛେ ପଛେ ଯାଇଥିଲି । ଆପଣ ସ.ଅ କହିଲେ, ଆଚ୍ଛା ସେହି ଛାୟୀ ତାହାହେଲେ ତୁମର ଥିଲା ଯେଉଁ ଛାୟୀକୁ ମୁଁ ନିଜ ସମ୍ମୁଖରେ (ଆଗରେ) ଦେଖିଥିଲି ? ମୁଁ (ହ. ଆଏଶା ର.ଅ) କହିଲି, ଆଜ୍ଞା ହଁ । ଆପଣ ସ.ଅ  ମୋ ଛାତିରେ ହାତ ସ୍ପର୍ଶ କଲେ । ମୁଁ ସେହି ସ୍ପର୍ଶକୁ ଅନୁଭବ କଲି । ଆପଣ ସ. କହିଲେ,  ହେ ଆଏଶା ! ତୁମର କେଉଁ ଧାରଣା ରହିଥିଲା ଯେ, ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହ ସ.ଅ ତୁମର ଅଧିକାରକୁ କ୍ଷୁର୍ଣ୍ଣ କରିଦେବେ? ପ୍ରତ୍ୟୁତ୍ତରରେ ହ. ଆଏଶା ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଲୋକମାନେ ନିଜ ହୃଦୟ ମଧ୍ଧରେ ଯାହା କିଛି ଲୁଚାଇ ଥାଆନ୍ତି ତାହାକୁ ଅନ୍ତର୍ଯାମୀ ପରମେଶ୍ୱର ଜାଣନ୍ତି । ନିଃସନ୍ଦେହ ରୂପେ ଅଲ୍ଲାଃତାଲା ତ' ଜାଣନ୍ତି । ଅଲ୍ଲାଃତାଲା ଆପଣ ସ.ଅଙ୍କ ନିକଟରେ ପ୍ରକାଶ କରି ଦେଇଥାଆନ୍ତେ । ହେଲେ ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ହିଁ ଆପଣ ସ.ଅଙ୍କୁ ସବୁ ସତ କଥା କହି ଦେଉଛି ।  ମୋ ମନ ଭିତରେ ଯାହା ରହିଥିଲା ତାହା ମୁଁ କହିଦେଲି । ଆପଣ ସ.ଅ କହିଲେ, ହେ ଆଏଶା ! ହ. ଜିବ୍ରାଇଲ୍ ଅ.ସ ମୋ ପାଖକୁ ଆସିଥିଲେ । ସେ ଯେତେବେଳେ ମୋତେ ଡାକିଲେ ସେତେବେଳେ ତୁମ ଏସବୁ ଦେଖିଲ । ଯେତେବେଳେ ତୁମେ ଦେଖିଲ ସେତେବେଳେ ମୁଁ ବାହାରକୁ ଗଲି। ମୁଁ ବାହାରକୁ ଏଇଥି ପାଇଁ ଯାଇଥିଲି ଯେ, ହ. ଜିବ୍ରାଇଲ୍ ଅ.ସ ମୋତେ ବାହାରକୁଁ ଡାକିଥିଲେ । ଯେହେତୁ ସେ ତୁମ ଠାରୁ ଏକଥା ଗୁପ୍ତ ରଖିଥିଲେ ସେଇଥି ପାଇଁ ମୁଁ ତାଙ୍କର କଥାକୁ ସ୍ୱୀକାର କଲି ଏବଂ ସେହି କଥାକୁ ମୁଁ ତୁମ ଠାରୁ ଲୁଚାଇଲି । ସେହି କାରଣରୁ ମୁଁ ତୁମକୁ କିଛି କହି ନଥିଲି ଏବଂ ହ. ଜିବ୍ରାଇଲ୍ ଅ.ସଙ୍କ ସହିତ ଚାଲିଗଲି। ମୋର ଏହି ଧାରଣା ରହିଥିଲା ଯେ, ତୁମେ (ହ. ଆଏଶା ର.ଅ) ସୋଇ ସାରିଥିବ । ତେଣୁ ମୁଁ ଏକଥାକୁ ନାପସନ୍ଦ କଲି ଯେ, ମୁଁ ତୁମକୁ ନିଦରୁ ଉଠାଇବି । ଆଁହଜରତ୍ ସ.ଅ ଏହା ମଧ୍ଧ କହିଦେଲେ ଯେ, ଯେହେତୁ ମୁଁ ଏହି ଆଶଙ୍କା କଲି ଯେ, ମୁଁ ଯଦି ତୁମକୁ ସବୁ କଥା କହିଦେବି ତେବେ ତୁମେ ଏକୁଟିଆ ଅନୁଭବ କରିବ । ମୁଁ ଯଦି ତୁମକୁ ଏହା କହି କି ଯାଇଥାଆନ୍ତି ଯେ, ମୁଁ ବାହାରକୁ ଯାଉଛି ତେବେ ତୁମେ କହିଥାଆନ୍ତି ଯେ, ମୁଁ ଆଜି ଘରେ ଏକୁଟିଆ ଅଛି ଆପଣ ସ.ଅ ବାହାରକୁ ଯାଉଛନ୍ତି ? ସୁତରାଂ ହ. ଜିବ୍ରାଇଲ୍ ଅ.ସ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅଙ୍କ ପାଳନକର୍ତ୍ତା ଆଦେଶ ଦିଅନ୍ତି ଯେ, ଆପଣ ସ.ଅ ଜନ୍ନତୁଲ୍ ବକିର କବରବାସୀଙ୍କ ନିକଟକୁ ଯାଆନ୍ତୁ ଏବଂ ସେମାନଙ୍କ ନିମନ୍ତେ ଈଶ୍ୱରଙ୍କ ଠାରୁ କ୍ଷମା ଯାଚନା କରନ୍ତୁ। ହ. ଆଏଶା ର.ଅ କୁହନ୍ତି ଯେ, ମୁଁ କହିଲି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ କ'ଣ ମୁଁ ବି ଏହି ପୁଣ୍ୟରେ ପ୍ରବିଷ୍ଟ ହୋଇପାରିବି (ସାମିଲ୍) ହୋଇପାରିବି କି ? ମୁଁ ସେହି କବରବାସୀଙ୍କ ନିମନ୍ତେ କିପରି ଦୁଆ କରିବି ? ଆପଣ ସ.ଅ ତ' ଦୁଆ କରି ନେଇଛନ୍ତି, ବର୍ତ୍ତମାନ ମୁଁ ମଧ୍ଧ ସେଠାକୁ ଯାଇକି ଆସିଛି, ତେବେ ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ କି ଦୁଆ କରିବି ସେଠାକୁ ଯାଇ? ଆପଣ ସ.ଅ କହିଲେ, ହେ ଆଏଶା ର.ଅ ! ତୁମେ ଏହା କୁହ କି "ବିଶ୍ୱାସକାରୀ ଏବଂ ମୁସଲମାନମାନଙ୍କୁ ମଧ୍ଧରୁ ସେହି ଘରର ଲୋକମାନଙ୍କ ଉପେରେ ଶାନ୍ତି ଅବତୀର୍ଣ୍ଣ ହେଉ ଏବଂ ଅଲ୍ଲାଃତାଲା ଆମମାନଙ୍କ ମଧ୍ଧରୁ ପୂର୍ବେ ଗମନ କରିଥିବା ଲୋକମାନଙ୍କୁ (ଅର୍ଥାତ୍ ପୂର୍ବେ ମୃତ୍ୟୁବରଣ କରିଥିବା ଲୋକ) ଏବଂ ପରବର୍ତ୍ତୀ ଗମନକାରୀ (ପରବର୍ତ୍ତୀ ସମୟରେ ଯେଉଁମାନେ ମୃତ୍ୟୁବରଣ କରିବେ)ଙ୍କ ଉପରେ ଦୟାବତୀର୍ଣ୍ଣ କରନ୍ତୁ ଏବଂ ଯଦି ଅଲ୍ଲାଃତାଲା ଚାହାନ୍ତି ତେବେ ଆମେମାନେ ମଧ୍ଧ ତୁମମାନଙ୍କ ସହିତ ଖୁବ୍ ଶୀଘ୍ର ଭେଟ ହେବୁ ।" **(ସହି ମୁସ୍‌ଲିମର ଉର୍ଦ୍ଦୁ ଅନୁବାଦକ, ଗ୍ରନ୍ଥଖଣ୍ଡ140-138-, କିତାବୁଲ୍ ଯନାଏଜ୍, ବାବ୍- ମା ୟୁକାଲୁ ଇନ୍ଦଲ୍ କୁବୁରି ୱଦ୍ ଦୁଆଇ, ଲିଅହଲିହା, ହଦିସ୍ ନଂ1607-, ନୁର୍ ଫାଉଣ୍ଡେସନ୍, ରବ୍‌ୱା)**

ହୁଜୁର ଅନୱର୍ ଅ.ବ କହିଲେ, ଆଁହଜରତ୍ ସ.ଅ ଉପରୋକ୍ତ ଦୁଆ ଶିଖାଇଲେ । ସେହିପରି ଆପଣ ସ.ଅଙ୍କ ଈଶ୍ୱର ପ୍ରେମ ସଂପର୍କରେ ଏକ ବର୍ଣ୍ଣନା ଏହିପରି ବର୍ଣ୍ଣିତ ରହିଛି ଯେ, ଅତା ବର୍ଣ୍ଣନା କରନ୍ତି ଯେ, ହ. ଅବ୍‌ଦୁଲ୍ଲାଃ ବିନ୍ ଉମର୍ ର.ଅ ଏବଂ ଉବୈଦ୍ ବିନ୍ ଉମୈର୍ ର.ଅ ହ. ଆଏଶା ର.ଅଙ୍କ ସେବାରେ ଉପସ୍ଥିତ ହେଲେ । ହ. ଇବ୍‌ନେ ଉମର୍ ର.ଅ କହିଲେ, ହେ ଉମ୍ମୁଲ୍ ମୁମିନିନ୍ ! ଆପଣ ଆଁହଜରତ୍ ସ.ଅଙ୍କର ଯେଉଁ ସୁନ୍ଦର ଏବଂ ବିଚିତ୍ର କଥା ଦେଖିଛନ୍ତି ତାହା ମୋତେ ଟିକେ ଦୟାକରି କୁହନ୍ତୁ। ବର୍ଣ୍ଣନାକାରୀ କୁହନ୍ତି ଯେ, ଏକଥା ଶୁଣି ହ. ଆଏଶା ର.ଅ କାନ୍ଦି ପକାଇଲେ ଏବଂ କହିଲେ, ଆପଣ ସ.ଅଙ୍କ ପ୍ରତ୍ୟେକ ପ୍ରସଙ୍ଗ ଅତ୍ୟନ୍ତ ସୁନ୍ଦର ଓ ବିଚିତ୍ର ଥିଲା । ତତ୍ପରେ ଆପଣ ର.ଅ କହିଲେ, ଯେ, ଏକଦା  ଆଁହଜରତ୍ ସ.ଅଙ୍କ ମୋ ଘରେ ପାଳି ଥିଲା । ଆପଣ ସ.ଅ ରାତ୍ର ସମୟରେ ମୋ ପାଖକୁ ଆସିଲେ । ଯେତେବେଳେ ଆପଣ ସ.ଅ ମୋ ସହିତ କମ୍ବଳ ଭିତରେ ପ୍ରବେଶ କଲେ ଏବଂ ନିଜର ଶରୀରକୁ ମୋ ଶରୀର ସହିତ ସ୍ପର୍ଶ କରାଇଲେ ସେତେବେଳେ ମୁଁ ଆପଣ ସ.ଅଙ୍କ ଶରୀରର ସ୍ପର୍ଶକୁ ଅନୁଭବ କଲି । ଅତଏବ୍ ଆପଣ ସ.ଅ କହିଲେ, ହେ ଆଏଶା ! ଯଦି ତୁମେ ମୋତେ ଅନୁମତି ପ୍ରଦାନ କରନ୍ତ ତେବେ ଆଜିର ଅବଶିଷ୍ଟ ରାତି ମୁଁ ନିଜର ପାଳନକର୍ତ୍ତାଙ୍କ ଉପାସନା କରିବି । ମୁଁ କହିଲି,  ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋତେ ଆପଣ ସ.ଅଙ୍କ ସାମୀପ୍ୟତା ଏବଂ ଆପଣ ସ.ଅଙ୍କ ସଦିଚ୍ଛା ଉଭୟ ଅତି ପ୍ରିୟ ଅଟେ । ମୋତେ ଆପଣ ସ.ଅଙ୍କ ସାମୀପ୍ୟତା ଅତି ପ୍ରିୟ ଅଟେ । ମୁଁ ଆପଣ ସ.ଅଙ୍କ କାମନାକୁ ସମ୍ମାନ ଜଣାଉଛି । ମୋତେ ସବୁଠୁ ଭଲ କଥା ଏହା ଲାଗେ ଯେ, ଆପଣ ସ.ଅଙ୍କ ସମସ୍ତ ମନସ୍କାମନା ପୂର୍ଣ୍ଣ ହେଉ । ଠିକ୍ ଅଛି ଆପଣ ସ.ଅଙ୍କର ଯଦି ଏହି ମନନସ୍କାମନା ରହିଛି ଯେ, ଆପଣ ଆଜି ରାତିରେ ପ୍ରଭୁଙ୍କ ଉପାସନା କରିବେ ତେବେ ନିଃଶଙ୍କୋଚ ଆପଣ ଉପାସନା କରନ୍ତୁ । ଏହାପରେ ଆପଣ ସ.ଅ ଘରେ ଥିବା ଏକ ଜଳ ଥଳୀ ଆଡ଼କୁ ଗଲେ ଏବଂ ତହିଁରୁ ଜଳ ଢାଳି  ଆପଣ ସ.ଅ ୱଜୁ କଲେ । ଆପଣ ସ.ଅ ଅଧିକ ଜଳ ଢାଳିଲେ ନାହିଁ । ପୁନଶ୍ଚ ଆପଣ ସ.ଅ ଛିଡ଼ା ହେଲେ ଏବଂ ପବିତ୍ର କୁରଆନ୍ କରୀମ୍ ପାଠ କରିବାକୁ ଲାଗିଲେ ଏବଂ କାନ୍ଦିବାକୁ ଲାଗିଲେ । ଏପର୍ଯ୍ୟନ୍ତକି ମୁଁ ଦେଖିଲି ଯେ, ଲୁହ ଆପଣ ସ.ଅଙ୍କ କାନି ପର୍ଯ୍ୟନ୍ତ ପହଞ୍ଚିଗଲା । ଏତଦ୍‌ପେର ଆପଣ ସ.ଅ ନିଜର ଡାହାଣ ପାର୍ଶ୍ୱରେ ଆଉଜି ହୋଇ ବସିଲେ ଏବଂ ନିଜର ଡାହାଣ ହାତକୁ ନିଜର ଗାଲ ତଳେ ରଖିଲେ ଓ ପୁଣି ଆପଣ ସ.ଅ କାନ୍ଦିଲେ । ଏପର୍ଯ୍ୟନ୍ତକି ମୁଁ ଦେଖିଲି ଯେ, ଲୁହ ଭୂମି ପର୍ଯ୍ୟନ୍ତ ପହଞ୍ଚି ଯାଇଛି । ହ. ଆଏଶା ର.ଅ କୁହନ୍ତି  ଯେ, ଏହାପରେ ସକାଳ ନମାଜ ସମୟ ଯେତେବେଳେ ହୋଇଗଲା ସେତେବେଳେ ହ. ବିଲାଲ୍ ର.ଅ ଆପଣ ସ.ଅଙ୍କୁ ଫଜର୍ ନମାଜ୍‌ର ସୂଚନା ଦେବା ନିମନ୍ତେ ଆସିଲେ । ଯେତେବେଳେ ସେ ଅର୍ଥାତ୍ ହ. ବିଲାଲ୍ ର.ଅ ଆପଣ ସ.ଅଙ୍କୁ ରୋଦନ (କାନ୍ଦୁଥିବା) କରିଥିବାର ଦେଖିେଲେ ସେତେବେଳେ ସେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ କାନ୍ଦୁଛନ୍ତି, ଅଥଚ ଅଲ୍ଲାଃତାଲା ଆପଣ ସ.ଅଙ୍କ ସମସ୍ତ ପୂର୍ବାପର ପାପକୁ କ୍ଷମା କରି ଦେଇଛନ୍ତି ? ଆପଣ ସ.ଅ କହିଲେ, ହେ ବିଲାଲ୍ ! କ'ଣ ମୁଁ ପ୍ରଭୁଙ୍କ କୃତଜ୍ଞ ଜ୍ଞାପନକାରୀ ଭକ୍ତି ହେବି ନାହିଁ କି ? **(ଇଖ୍‌ଲାକିନ୍ ନବୀ ସ.ଅ ଓ ଆଦାବହୁ, ପୃ-408-409, ଜିକ୍ରୁ ଫିଇଲିହି ଫି ଲୈଲତିହି ୱ ଫିରାଶତିହି.......ହଦିସ୍ ନଂ-553, ଦାରୁଲ୍ ଲୁଲୁୱତୁ, କାହିରା-2016 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ୍ ସ.ଅଙ୍କ କୃତଜ୍ଞତାର ଏକ ଘଟଣା ବିଗତ ଖୁତ୍‌ବାରେ ମଧ୍ଧ ମୁଁ ବର୍ଣ୍ଣନା କରିଥିଲି । ଏହାର ସବିଶେଷ ବିବରଣୀ ମଧ୍ଧ ରହିଛି । ଅତଏବ୍ ଅନ୍ୟ ଏକ ବର୍ଣ୍ଣନାରେ ହ. ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, "ଆଁହଜରତ୍ ସ.ଅ ଯେତେବେଳେ ଆକାଶରେ ବାଦଲ୍ କିମ୍ବା ଝଡ଼ ପବନ ଦେଖୁଥିଲେ ସେତେବେଳେ ଆପଣ ସ.ଅଙ୍କ ମୁଖମଣ୍ଡଳ (ଚେହେରାରୁ)ରୁ ହିଁ ଜ୍ଞାତ (ଜଣା ପଡ଼ି ଯାଉଥିଲା) ହୋଇ ଯାଉଥିଲା ଯେ, ଆପଣ ସ.ଅ ଚିନ୍ତିତ ଅଟନ୍ତି । ହ. ଆଏଶା ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଲୋକମାନେ ଯେତେବେଳେ ଆକାଶରେ ବାଦଲ୍ ଦେଖନ୍ତି ସେତେବେଳେ ସେମାନେ ଏହା ଆଶା କରି ପ୍ରସନ୍ନ ହୁଅନ୍ତି ଯେ, ସେହି ବାଦଲରୁ ବର୍ଷା ହେବ । କିନ୍ତୁ ମୁଁ ଦେଖୁଛି ଯେ, ଆପଣ ସ.ଅ ଯେତେବେଳେ ଆକାଶାରେ କୌଣସି ବାଦଲ୍ ବା ମେଘମାଳ ଦେଖନ୍ତି ସେତେବେଳେ ଆପଣ ସ.ଅଙ୍କ ମୁଖମଣ୍ଡଳ ବିବର୍ଣ୍ଣ (ପରିବର୍ତ୍ତନ) ଓ ଚିନ୍ତିତ ହେବାର ଲକ୍ଷ୍ୟ ଦୃଶ୍ୟମାନ ହୋଇଥାଏ। ଆପଣ ସ.ଅ କହିଲେ, ହେ ଆଏଶା ର.ଅ ! ମୋତେ ବା କେଉଁ କଥା ଆଶ୍ୱାସନା ଦେଇପାରିବ ଓ ସନ୍ତୁଷ୍ଟ କରି ପାରିବ ଯେ, ସେହି ବାଦଲ୍‌ରେ ଝଡ଼ ତୋଫାନର ଶାସ୍ତି ରହି ନଥିବ ଯେଉଁ ଶାସ୍ତି ପୂର୍ବ ଜାତିମାଙ୍କେ ଉପରେ ଅବତୀର୍ଣ୍ଣ ହୋଇଥିଲା । ପବିତ୍ର କୁରଆନ୍ କରୀମ୍‌ରେ ଉଲ୍ଲିଖିତ ଅଛି ଯେ, ପୂର୍ବ କାଳରେ ଏକ ଜାତି ଉପରେ ପ୍ରଭୁଙ୍କ କୋପ ଶାସ୍ତି ଅବତୀର୍ଣ୍ଣ ହୋଇଥିଲା ସେହି ଜାତି ଅଲ୍ଲାଃତାଲାଙ୍କ ଶାସ୍ତିକୁ ଦେଖି ଏହା କହିବାକୁ ଲାଗିଲା ଯେ, ହଁ ମ' ଏଇଟା ଗୋଟେ ଖାଲି ବାଦଲ୍ ଅଟେ । ଏହି ବାଦଲ୍ ଆମମାନଙ୍କ ଉପରେ ବର୍ଷିବ ନାହିଁ । କିନ୍ତୁ ସେମାନଙ୍କ ଉପରେ ପ୍ରଭୁଙ୍କର ଏହି ବାଦଲ୍ କୋପଶାସ୍ତି ଆକାରରେ ଅବତୀର୍ଣ୍ଣ ହୋଇଥିଲା ତେଣୁ ମୋତେ କ'ଣ ବା ଜଣା ଯେ, ଏହି ବାଦଲରେ କ'ଣ ରହିଛି ଏବଂ କ'ଣ ନାହିଁ । ତେଣୁ ମୋ ହୃଦୟରେ ଅଲ୍ଲାଃତାଲାଙ୍କର ଯେଉଁ ଭୟ ଏବଂ ପ୍ରେମ ରହିଛି ସେହି ଭୟ ଓ ପ୍ରେମକୁ ଦେଖି ମୁଁ ଭୟଭୀତ ହୋଇଯାଇଥାଏ ।" **(ସହିହୁଲ୍ ବୁଖାରୀର ଉର୍ଦ୍ଦୁ ଅନୁବାଦ, ଗ୍ରନ୍ଥଖଣ୍ଡ-12, ପୃ-68-69, କିତାବୁତ୍ ତଫ୍‌ସିର୍/ଅଲ୍ ଅହକାଫ୍, ବାବ୍- ଫଲମ୍ମା ରାଅଔ ଆରିଜନ୍ ମୁସ୍ତକିବିଲା ଔଦିୟତହୁମ୍.......ହଦିସ୍ ନଂ-4829, ନଜାରତ୍ ଇଶାଅତ୍ ରବ୍‌ୱା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଉ ଏକ ସ୍ଥାନରେ ହ. ଆଏଶା ର.ଅଙ୍କ ଏହି ବର୍ଣ୍ଣନା ଏହିପରି ବର୍ଣ୍ଣିତ ହୋଇଛି ଯେ, ନବୀ କରୀମ୍ ସ.ଅ ଯେତେବେଳେ ଆକାଶରେ

ମେଘ ଅର୍ଥାତ୍ କଳା ବାଦଲ ଦେଖୁଥିଲେ ସେତେବେଳେ ଆପଣ ସ.ଅ ଏଣେତେଣେ ବାହାର ଭିତର ଯିବା ଆସିବା କରୁଥିଲେ ଏବଂ ଆପଣ ସ.ଅଙ୍କ ଚେହେରା ପରିବର୍ତ୍ତିତ ହୋଇଯାଉଥିଲା ଏବଂ ଯେତେବେଳେ ବାଦଲ୍ ବର୍ଷିବା ଆରମ୍ଭ ହୋଇଯାଉଥିଲା ସେତେବେଳେ ଆପଣ ସ.ଅ ବିବ୍ରତ ଏବଂ ଘାବରେଇବା କ୍ରମଶ ଦୂରୀଭୂତ ହ୍ରାସ ପାଉଥିଲା । ଅର୍ଥାତ୍ ବାଦଲ୍ ଯେତେବେଳେ ନର୍ମାଲ୍ ବର୍ଷିଥାଏ । ହ. ଆଏଶା ର.ଅ ଆପଣ ସ.ଅଙ୍କ ଠାରୁ ଏହି ଅବସ୍ଥାର କାରଣ ସଂପର୍କରେ ଯେତେବେଳେ ପଚାରିଲେ ସେତେବେଳେ ନବୀ କରୀମ୍ ସ.ଅ କହିଲେ, ହେ ଆଏଶା ! ମୁଁ ଜାଣି ନାହିଁ ଯେ, ଏପରି ବାଦଲ୍ ଅନ୍ୟ କେଉଁଠି ଅଛନ୍ତି ଅବା ନୁହେଁ ? ଅର୍ଥାତ୍ ସୁତରତୁଲ୍ ଅହକାଫ୍‌ରେ ହ. ଆଦ୍ ଅ.ସଙ୍କ ଜାତି ହ. ଆଦ୍ ଅ.ସଙ୍କୁ ବାଦଲ୍ ଦେଖି ଏହା କହିଥିଲା ଯେ, ହେ ଆଦ୍ ଏଇଟା ଗୋଟିଏ ଖାଲି ବାଦଲ୍ ଅଟେ ଯାହା ଆମମାନଙ୍କ ଉପରେ ବୃଷ୍ଟିପାତ କରିବା ନିମନ୍ତେ ଆସୁଛି । କିନ୍ତୁ ତାହା ସେମାନଙ୍କ ଉପରେ କୋପଶାସ୍ତି ଅବତୀର୍ଣ୍ଣ କରିଥିଲା । ଅର୍ଥାତ୍ କୋପଶାସ୍ତିର ବୃଷ୍ଟିପାତ କରିଥିଲା । **(ସହିହୁଲ୍ ବୁଖାରୀର ଉର୍ଦ୍ଦୁ ଅନୁବାଦ, ଗ୍ରନ୍ଥଖଣ୍ଡ-6, ପୃ-29-30, କିତାବ୍ ବଦ୍‌ଅଲ୍ ଖଲକି, ବାବ୍- ମା ଯାଆ ଫି କୌଲିହି ଓହୁଅଲ୍‌ଲଜି ଅରସଲର୍ ରିୟାହା ବୁଶ୍‌ରନ୍ ବୈନା ୟଦୈ ରହ୍‌ମତିହି, ହଦିସ୍ ନଂ- 3206, ନଜାରତ୍ ଇଶାଅତ୍, ରବୱା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ଏବଂ ଆପଣ ସ.ଅଙ୍କ ସହାବାମାନେ ବାଦଲ୍ ବର୍ଷିବାର ପ୍ରଥମ ଟୋପା ନିମନ୍ତେ ନିଜର ମସ୍ତକକୁ ଫୁଙ୍ଗୁଳା କରି ଦେଉଥିଲେ ଏବଂ ରସୁଲୁଲ୍ଲାଃ ସ.ଅ କହୁଥିଲେ ଯେ, ଆମ୍ଭର ପରମେଶ୍ୱରଙ୍କ ତରଫରୁ ଉକ୍ତ ଅବଦାନ ଆସିଅଛି ଏବଂ ଏହା ସର୍ବାଧିକ କଲ୍ୟାଣମୟ ଟୋପା ଅଟେ। ଯେତେବେଳେ ନର୍ମାଲ୍ ଅର୍ଥାତ୍ ସାଧାରଣ ବର୍ଷା ହେଉଥିଲା ସେତେବେଳେ ତହିଁରେ ମଧ୍ୟ ଆପଣ ସ.ଅଙ୍କର ଏହି ପନ୍ଥା ହେଉଥିଲା । **(କନ୍‌ଜୁଲ୍ ଉମ୍ମାଲ୍, ଗ୍ରନ୍ଥଖଣ୍ଡ-1, ଭାଗ-2, ପୃ-267, କିତାବୁଲ୍ ଅଜ୍‌କାର୍/କିସ୍‌ମୁଲ୍ ଅଫ୍‌ଆଲି, ଔକାତୁଲ୍ ଇଜାବତା, ହଦିସ୍ ନଂ-4936, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍-2004 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ଉର୍‌ୱା ବିନ୍ ଜୁବୈର୍ ର.ଅଙ୍କ ଏକ ବର୍ଣ୍ଣନା ରହିଛି ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ କୁହନ୍ତି ଯେ, ମୁଁ ହ. ଅବଦୁଲ୍ଲାଃ ବିନ୍ ଅମ୍ର ବିନ୍ ଅଲ୍ ଆସି ର.ଅଙ୍କୁ ପଚାରିଲି ଯେ, ମୋତେ ଅବିଶ୍ୱାସକାରୀଙ୍କ ସବୁଠୁ ନିନ୍ଦନୀୟ ତଥା ଅସଦ୍‌ବ୍ୟବହାର ସଂପର୍କରେ କୁହନ୍ତୁ ଯେଉଁ ଅସଦ୍‌ବ୍ୟବହାର ଅବିଶ୍ୱାସକାରୀମାନେ ନବୀ କରୀମ୍ ସ.ଅଙ୍କ ପ୍ରତି ପ୍ରଦର୍ଶନ କରିଥିଲେ । ସେ କହିଲେ, ଏକଦା ନବୀ କରୀମ୍ ସ.ଅ କାଆବା ସ୍ଥିତ ହତିମ୍ ଠାରେ ନମାଜ୍ ପାଠ କରୁଥିଲେ କି ଉକ୍‌ବା ବିନ୍ ଅବି ମୁଇତ୍ ଆସିଲା ଏବଂ ସେ ନିଜର ବସ୍ତ୍ର ଆପଣ ସ.ଅଙ୍କ ବେକରେ ପକାଇ ଆପଣ ସ.ଅଙ୍କ ବେକକୁ ଖୁବ୍ ଜୋରରେ ଭିଡ଼ିବା ଆରମ୍ଭ କରିଦେଲା । ଠିକ୍ ସେତିକିବେଳେ ହ. ଅବୁ ବକ୍କର୍ ର.ଅ ସେଠାରେ ପହଞ୍ଚିଗଲେ ଏବଂ ସେ ଉକ୍‌ବାର କାନ୍ଧକୁ ଧରି ତାକୁ ଠେଲିଦେଲେ ଏବଂ ନବୀ କରୀମ୍ ସ.ଅଙ୍କ ଠାରୁ ଉକ୍‌ବାକୁ ହଟାଇ ଦେଲେ । ଆପଣ ର.ଅ କହିଲେ: ହେ ଉକ୍‌ବା ତୁମେ ଏପରି ବ୍ୟକ୍ତିକୁ ମାରୁଛ (ହତ୍ୟା କରୁଛ) ଯିଏ କେବଳ ଏହା କହେ କି ମୋର ପାଳନକର୍ତ୍ତା ଅଲ୍ଲାଃତାଲା ଅଟନ୍ତି । **(ସହିହୁଲ୍ ବୁଖାରୀର ଉର୍ଦ୍ଦୁ ଅନୁବାଦ, ଗ୍ରନ୍ଥଖଣ୍ଡ-7, ପୃ-332, କିତାବୁଲ୍ ମନାକିବିଲ୍ ଅନ୍‌ସାର୍, ବାବ୍- ମା ଲକିୟନ୍ ନବୀ ସ.ଅ ୱ ଅସ୍‌ହାବିହି ମିନଲ୍ ମୁଶ୍ରିକିନା ବିମକ୍କତିହି, ହଦିସ୍ ନଂ-3856, ନଜାରତ୍ ଇଶାଅତ୍, ରବ୍‌ୱା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ଅବୁ ବକ୍କର୍ ର.ଅ କହିଲେ, ଏ (ମୁହମ୍ମଦ୍ ସ.ଅ) ତ' କେବଳ ଅଲ୍ଲାଃତାଲାଙ୍କ ପ୍ରେମରେ ନିମଜ୍ଜିତ ରହିଛନ୍ତି ଏବଂ ତାହାଙ୍କ ଉପାସନା କରୁଛି । ଆଉ ତୁମେ ଏହି ଉପାସକ (ମୁହମ୍ମଦ୍ ସ.ଅଙ୍କୁ) ମାରିବାକୁ ଉଦ୍ୟମ କରୁଛ? ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ ସ.ଅ ସମଗ୍ର ଜୀବନ ଈଶ୍ୱର ପ୍ରେମରେ ନିମଜ୍ଜିତ ଥିଲେ । ସେହି ଈଶ୍ୱର ପ୍ରେମର ଦୃଶ୍ୟଗୁଡ଼ିକୁ ଦେଖି ମକ୍କାର ଲୋକମାନେ ଏହା ହିଁ କହୁଥିଲେ ଯେ, عَشِقَ مُحَمَّدٌ عَلٰى رَبِّهٖ ଅର୍ଥାତ୍ ମୁହମ୍ମଦ୍ ସ.ଅ ତ' ନିଜ ପାଳନକର୍ତ୍ତାର ପ୍ରେମିକ ହୋଇଯାଇଛନ୍ତି । **(ଅଲ୍ ମୁନ୍‌କିଜୁ ମିନଜ୍ ଜଲାଲି, ଲେଖକ-ଇମାମ୍ ଗଜାଲି, ପୃ-107, ତବଉଲନ୍ ନବୀ ସ.ଅ, ବିହିରାଅ, ଦଲିଲୁଲ୍ ଇନ୍‌କିତାଆ ଇଲଲ୍ଲାଃହି ତାଆଲା, ଦାରୁଲ୍ ମିନ୍‌ହାଜ୍-2015)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ରସୁଲୁଲ୍ଲାଃ ସ.ଅ ଜଣେ ଅସ୍ତିତ୍ୱ (ଅଲ୍ଲାଃତାଲାଙ୍କ ଅସ୍ତିତ୍ୱ)କୁ ପାଗଳଙ୍କ ପରି ଏତେ ଭଲ ପାଇ ତାହା ପ୍ରାପ୍ତ କଲେ ଯାହା ସଂସାରରେ ଅନ୍ୟ କାହାରିକୁ କେବେ ପ୍ରାପ୍ତ ହୋଇ ନାହିଁ । ଆପଣ ସ.ଅ ଅଲ୍ଲାଃତାଲାଙ୍କୁ ଏତେ ଭଲ ପାଉଥିଲେ ଯେ, ସାଧାରଣ ଲୋକମାନେ ମଧ୍ୟ ଏହା କହୁଥିଲେ ଯେ, عَشِقَ مُحَمَّدٌ عَلٰى رَبِّهٖ ଅର୍ଥାତ୍ ମୁହମ୍ମଦ୍ ସ.ଅ ନିଜର ପାଳନକର୍ତ୍ତାଙ୍କ ସକାଶେ ପ୍ରେମିକ ପାଲଟି ଯାଇଛନ୍ତି ।"

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-6, ପୃ-6, ସଂସ୍କରଣ ବର୍ଷ-2022 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସାହାବା ର.ଅ ସେହି ସତ୍ୟବାଦୀ ପୁରୁଷଙ୍କ ମୁଖକୁ ଦେଖିଥିଲେ । ଅଲ୍ଲାଃତାଲାଙ୍କର ପ୍ରେମିକ ହେବାର ସାକ୍ଷ୍ୟ ସଂପର୍କରେ ଯେଉଁ ଅବଜ୍ଞାକାରୀ କୁରୈଶ୍‌ମାନେ ଦେଇଥିଲେ । ସେହିମାନଙ୍କ ତୁଣ୍ଡରୁ ଆଁହଜରତ ସ.ଅଙ୍କ ଈଶ୍ୱର ପ୍ରେମର ସାକ୍ଷ୍ୟ ସହସା ନିସୃତ ହୋଇଥିଲା । ସେହି ଅବଜ୍ଞାକାରୀ କୁରୈଶ୍‌ମାନେ ଦୈନନ୍ଦିନର ନୈବେଦ୍ୟ ଏବଂ ପ୍ରେମର ସଜ୍‌ଦା (ମଥାନତ ଅବସ୍ଥା) କୁ ଦେଖି, ଆଜ୍ଞାନୁବର୍ତ୍ତୀତା, ଆଜ୍ଞାବହତ୍ୱତାର ଅବସ୍ଥା, ପୂର୍ଣ୍ଣ ଆନ୍ତରୀକତା, ପ୍ରେମର ଉଜ୍ଜ୍ୱଳ ନିଦର୍ଶନ ମୁଖମଣ୍ଡଳ ଉପରେ ପରିସ୍ଫୁଟିତ (ଦୃଶ୍ୟମାନ) ହେଉଥିଲା ଓ ସେହି ପବିତ୍ର ମୁଖ ଉପରେ ଐଶୀ ଆଲୋକ ବୃଷ୍ଟି ହେଉଥିବାର ଅବଲୋକନ କରି ମକ୍କାର ଅବଜ୍ଞାକାରୀ କୁରୈଶ୍‌ମାନେ ଏହା କହୁଥିଲେ ଯେ, عَشِقَ مُحَمَّدٌ عَلٰى رَبِّهٖ ଅର୍ଥାତ୍ ମୁହମ୍ମଦ୍ ସ.ଅ ନିଜ ପାଳନକର୍ତ୍ତା (ଈଶ୍ୱର ଅର୍ଥାତ୍ ଅଲ୍ଲାଃତାଲାଙ୍କ)ର ପାଗଳ ପ୍ରେମିକ ପାଲଟି ଯାଇଛି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ସାହାବାମାନେ କେବଳ ସେହି ସତ୍ୟନିଷ୍ଠତା, ଆନ୍ତରୀକତାମୂଳକ ପ୍ରେମ ପ୍ରଦର୍ଶନ କଲେ ନାହିଁ । ବରଂ ସେମାନେ (ସାହାବାମାନେ) ପ୍ରେମ ବିପରୀତ ଯେଉଁ ପ୍ରେମ ଆମର ପ୍ରିୟାବତାର ମୁହମ୍ମଦ୍ ସ.ଅଙ୍କ ହୃଦୟରୁ ଏକ ସ୍ରୋତସ୍ୱତି ନଈ ପରି ତରଙ୍ଗାୟିତ ହେଉଥିଲା, ଈଶ୍ୱରଙ୍କ ପ୍ରେମକୁ ମଧ୍ୟ ସାହାଯ୍ୟ ଓ ଚମତ୍କାରିକ ସମର୍ଥନ ଆକାରରେ ଯେତେବେଳେ ଅବଲୋକନ କଲେ ସେତେବେଳେ ସେହି ସାହାବାମାନଙ୍କୁ ଜ୍ଞାତ ହୋଇଗଲା ଯେ, ଈଶ୍ୱର ଅଛନ୍ତି ଏବଂ ସେମାନଙ୍କ ହୃଦୟ ଏହା କହି ଉଠିଲା ଯେ, ସେହି ଈଶ୍ୱର ଏହି ପୁରୁଷଙ୍କ ସହିତ ଅଛନ୍ତି । ସେମାନେ ଅର୍ଥାତ୍ ସାହାବାମାନେ ଏପରି ଐଶୀ ଚମତ୍କାର ଦେଖିଲେ, ଏପରି ଆକାଶୀୟ ନିଦର୍ଶନମାନ ଅବଲୋକନ କଲେ ଯେ, ସେମାନେ ଆଉ ଉକ୍ତ କଥା ଉପରେ ସନ୍ଦେହ ପ୍ରକାଶ କଲେ ନାହିଁ ଯେ, ବାସ୍ତବରେ ଜଣେ ସର୍ବୋଚ୍ଚ ଅସ୍ତିତ୍ୱ ଅଛନ୍ତି ଯାହାଙ୍କ ନାମ ଅଲ୍ଲାଃ ଅଟେ, ଯାହାଙ୍କ ହାତ ମୁଠାରେ ପ୍ରତ୍ୟେକ ପ୍ରସଙ୍ଗ ରହିଛି ଏବଂ ଯାହାଙ୍କ ସମ୍ମୁଖରେ କୌଣସି କଥା ଅଘଟଣୀୟ ଅର୍ଥାତ୍ ଅସମ୍ଭବ ନୁହେଁ । ସେହି କାରଣରୁ ସେମାନେ ଅର୍ଥାତ୍ ସାହାବାମାନେ ସେହି କାର୍ଯ୍ୟ ସତ୍ୟନିଷ୍ଠତା ଏବଂ ପବିତ୍ରତା ପ୍ରଦର୍ଶନ କଲେ । ସେମାନେ ଏପରି ଆପ୍ରାଣ ଉଦ୍ୟମ କଲେ ଯେ, ମନୁଷ୍ୟ କେବେ ବି ଏପରି ଉଦ୍ୟମ କରି ପାରିବ ନାହିଁ । ଅର୍ଥାତ୍ ଯେପର୍ଯ୍ୟନ୍ତ ମନୁଷ୍ୟର ସମସ୍ତ ସନ୍ଦେହ ଓ ସଂଶୟ ଦୂରୀଭୂତ ହୋଇଯାଇ ନାହିଁ ସେପର୍ଯ୍ୟନ୍ତ ମନୁଷ୍ୟ କେବେ ବି ଏପରି ଉଦ୍ୟମ କରି ପାରିବ ନାହିଁ। ସେହି ସାହାବାମାନେ ସ୍ୱଚକ୍ଷୁରେ ଦେଖିନେଲେ ଯେ, ସେହି ପବିତ୍ର ଅସ୍ତିତ୍ୱ ସେହି କଥାରେ ହିଁ ପ୍ରସନ୍ନ ଅଟନ୍ତି ଯେ, ମନୁଷ୍ୟ ଇସ୍‌ଲାମ୍ ଧର୍ମରେ ପ୍ରବିଷ୍ଟ ହୋଇଯାଉ ଏବଂ ତାହାଙ୍କ ବାର୍ତ୍ତାବହ ସ.ଅଙ୍କର ମନ ଓ ପ୍ରାଣର ସହିତ ଆଜ୍ଞାପାଳନ କରୁ ଓ ତାହାଙ୍କ ଆଦର୍ଶକୁ ଅନୁକରଣ କରୁ । ଅତଏବ୍ ଏହି ସତ୍ୟତାମୂଳକ ବିଶ୍ୱାସ ଯାହାକୁ ସେହି ସାହାବାମାନେ ଆପଣ ସ.ଅଙ୍କ ପ୍ରତି ଅନୁକରଣତ୍ୱ ଏବଂ ଆଜ୍ଞାନୁବର୍ତ୍ତୀତା ପ୍ରଦର୍ଶନ କଲେ ଏବଂ ଉତ୍ସାହର ସହିତ ସେମାନେ ଆପଣ ସ.ଅଙ୍କ ଆଜ୍ଞାବହତ୍ୱତାକୁ ବିନିଯୋଗ କଲେ । ଏହିପରି ଭାବରେ ସେହି ସାହାବାମାନେ ନିଜର ପ୍ରାଣକୁ ନିଜର ପବିତ୍ର ମହାବତାର ଓ ମାର୍ଗଦର୍ଶକଙ୍କ ସମ୍ମୁଖରେ ଫିଙ୍ଗି ଦେଲେ ।"

**(ଶାହାଦତୁଲ୍ କୁରଆନ୍ ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-6, ପୃ-346)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉପରୋକ୍ତ କଥା ସେପର୍ଯ୍ୟନ୍ତ ସମ୍ଭବପର ନୁହେଁ ଯେପର୍ଯ୍ୟନ୍ତ ମନୁଷ୍ୟ ଅନୁଭବ ଓ ଅଭିଜ୍ଞତା ପ୍ରାପ୍ତ କରିନେଇ ନାହିଁ । ହ. ଅଲୀ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ରସୁଲ୍ କରୀମ୍ ସ.ଅଙ୍କ ଠାରୁ ଆପଣ ସ.ଅଙ୍କ ପନ୍ଥା ସଂପର୍କରେ ପଚାରିଲି ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅଙ୍କ କେଉଁ ପନ୍ଥା ରହିଛି ? ପ୍ରତ୍ୟୁତ୍ତରରେ ରସୁଲ୍ କରୀମ୍ ସ.ଅ କହିଲେ, ଅଧ୍ୟାତ୍ମ ମୋର ଗଚ୍ଛିତଧନ (ଉପାର୍ଜିତ ଧନ) ଅଟେ । ଅର୍ଥାତ୍ ଜୀବନର କ'ଣ କ'ଣ ପକ୍ଷ ରହିଛି କିମ୍ବା କେଉଁ ପନ୍ଥାମାନ ରହିଛି ଯେଉଁ ପନ୍ଥା ତଥା ପକ୍ଷ ଉପରେ ଆପଣ ସ.ଅଙ୍କ ଜୀବନ ନିର୍ଭରଶୀଳ ଅଟେ? ହୁଜୁର୍ ସ.ଅ କହିଲେ: "ଅଧ୍ୟାତ୍ମ ମୋର ଗଚ୍ଛିତଧନ ଅର୍ଥାତ୍ ଉପାର୍ଜିତ ଧନ ଅଟେ । ବୁଦ୍ଧି ମୋ ଧର୍ମର ମୂଳଦୁଆ ଅଟେ । ଅଲ୍ଲାଃତାଲା ମୋତେ ଅଧ୍ୟାତ୍ମ ପ୍ରଦାନ କରିଛନ୍ତି। ଏହା ମୋର ଉପାର୍ଜିତ ଧନ ଅଟେ ଏବଂ ମୋର ସମ୍ପତ୍ତି ଅଟେ । ଅଲ୍ଲାଃତାଲା ମୋତେ ବୁଦ୍ଧି ପ୍ରଦାନ କରିଛନ୍ତି ଏବଂ ମୁଁ ସେହି ବୁଦ୍ଧିକୁ ଅଲ୍ଲାଃତାଲାଙ୍କ ପ୍ରେମରେ ବ୍ୟବହାର କରିଥାଏ ଓ ତାହାଙ୍କ ନିର୍ଦ୍ଦେଶିତ ନୀତି ନିୟମ ଉପରେ ପରିଚାଳିତ ହୋଇ ମୁଁ ସେହି ବୁଦ୍ଧିକୁ ବିନିଯୋଗ କରିଥାଏ । ଏହା ହିଁ ଅର୍ଥାତ୍ ବୁଦ୍ଧି ଓ ବିବେକ ହିଁ ମୋ ଧର୍ମର ମୂଳଦୁଆ ଅଟେ । ଅଲ୍ଲାଃତାଲାଙ୍କ ପ୍ରେମ ହିଁ ମୋ ଜୀବନର ମୂଳଦୁଆ ଅଟେ । ଈଶ୍ୱରଙ୍କ ମାର୍ଗରେ ଅଗ୍ରସର ହେବାର ଆଗ୍ରହ ମୋର ବାହନ ଅଟେ । ମୁଁ ଈଶ୍ୱରଙ୍କ ମାର୍ଗରେ ଏବଂ ତାହାଙ୍କ ପ୍ରେମରେ ଆଗକୁ ଅଗ୍ରସର ହୋଇ ଚାଲିବି ଏବଂ ଚେଷ୍ଟା କରି ଚାଲିଥିବି। ଅଲ୍ଲାଃତାଲାଙ୍କ ଚର୍ଚ୍ଚା ମୋର ବନ୍ଧୁ ଏବଂ ସନ୍ତପ୍ତ ଅଟେ । ମୋର ବନ୍ଧୁ ସନ୍ତପ୍ତ (ଶୋକ ବ୍ୟକ୍ତିକାରୀ)କାରୀ ଅଟେ ଏବଂ ଈଶ୍ୱର ଚର୍ଚ୍ଚା ମୋତେ ଆଶ୍ୱାସନା ପ୍ରଦାନକାରୀ ଅସ୍ତିତ୍ୱ ଅଟେ । ସେ କେବଳ ଈଶ୍ୱରଙ୍କ ସ୍ମୃତି, ତାହାଙ୍କର ଚର୍ଚ୍ଚା ଏବଂ ତାହାଙ୍କ ପ୍ରାର୍ଥନା ରହିଛି । ଈଶ୍ୱରଙ୍କ ଉପରେ ବିଶ୍ୱାସ କରିବା ମୋର ନିଧି ଅଟେ । ମୁଁ କେବଳ ଈଶ୍ୱରଙ୍କ ଉପରେ ହିଁ ଭରସା କରିଥାଏ । ଏହି ଈଶ୍ୱର ହିଁ ମୋର ନିଧି (କୋଷ) ଅଟନ୍ତି । ତୁମେମାନେ ଯେଉଁ ପନ୍ଥା ସଂପର୍କରେ ପଚାରୁଛ ସେହି ପନ୍ଥାକୁ ତୁମେମାନେ ମନେରଖ ଯେ, ଦୁଃଖ ଏବଂ ଶୋକ ମୋର ଦରଦୀ ବନ୍ଧୁ ଅଟନ୍ତି । ଯଦି ମୋତେ କୌଣସି ଦୁଃଖ କିମ୍ବା ଆଘାତ୍ ପହଞ୍ଚେ ସେତେବେଳେ ଏମାନେ ମୋର ସାଥି ଅଟନ୍ତି ଏବଂ ଏମାନେ ମୋ ଜୀବନର ଅଙ୍ଗ ଅଟନ୍ତି । ମୁଁ ଏମାନଙ୍କ ପ୍ରତି ଆଦୌ ଭ୍ରୂକ୍ଷେପ କରୁ ନାହିଁ । କାରଣ ଅଲ୍ଲାଃତାଲା ମୋ ସହିତ ଅଟନ୍ତି ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜର୍ତ ସ.ଅ ପୁନଃ କହିଲେ, ଜ୍ଞାନ ମୋର ଅସ୍ତ୍ର ଅଟେ । ଅଲ୍ଲାଃତାଲା ଏହି ଆଦେଶ ଦେଇଛନ୍ତି ଯେ, ତୁମେମାନେ ଜ୍ଞାନ ପ୍ରାପ୍ତ କର । କାରଣ ଜ୍ଞାନ ଆହରଣ କରିବା ଦ୍ୱାରା ବୁଦ୍ଧି ପ୍ରଖର ପ୍ରାପ୍ତ ହୋଇଥାଏ ଏବଂ ଔଜଲ୍ୟତା ତଥା ଔଜସ୍ୱୀତା ପ୍ରାପ୍ତ ହୋଇଥାଏ ଓ ଅଲ୍ଲାଃତାଲାଙ୍କର ଅତିରିକ୍ତ ପରିଚୟ ପ୍ରାପ୍ତ ହୋଇଥାଏ । ଅଲ୍ଲାଃତାଲା ମୋତେ ବିଦ୍ୟା ପ୍ରଦାନ କରିଥାଆନ୍ତି ଏବଂ ଯେଉଁ

ଜ୍ଞାନ ଅଲ୍ଲାଃତାଲାଙ୍କ ତରଫରୁ ପ୍ରାପ୍ତ ହୋଇଥାଏ ତାହାଠୁ ବଳି ଆଉ କେଉଁ ଅସ୍ତ୍ର ହୋଇପାରିବ ? ଆପଣ ସ.ଅ କହିଲେ, ଜ୍ଞାନ ହିଁ ମୋର ଅସ୍ତ୍ର ଅଟେ । ଏହି ଅସ୍ତ୍ର ମାଧ୍ୟମରେ ମୁଁ ଉନ୍ନତି କରୁଛି । ସାଂସାରିକ ଜ୍ଞାନ ମଧ୍ୟ ଆପଣ ସ.ଅ ଦେଖିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେପିରିକି ଯୁଦ୍ଧର ଘଟଣାବଳୀ ମୁଁ ପୂର୍ବେ ମଧ୍ୟ ବିଗତ ଖୁତ୍‌ବାମାନଙ୍କରେ ବର୍ଣ୍ଣନା କରିଛି ଯେ, କିଭଳି ଅଲ୍ଲାଃତାଲା ଆପଣ ସ.ଅଙ୍କୁ ସେହି ଜ୍ଞାନ ପ୍ରଦାନ କଲେ ଯଦ୍ଦ୍ୱାରାକି ଆପଣ ସ.ଅ ସର୍ବୋତ୍କୃଷ୍ଟ ଯୋଜନା ପ୍ରସ୍ତୁତି ଏବଂ ସର୍ବୋତ୍ତମ Planning କରୁଥିଲେ । ସେହିପରି ଆପଣ ସ.ଅଙ୍କ ପାଖରେ ଆସୀମ ଆଧ୍ୟାତ୍ମିକ ଜ୍ଞାନ ମଧ୍ୟ ରହିଥିଲା ଯାହାର କୌଣସି ସୀମା ନଥିଲା । ଏହା ସମସ୍ତଙ୍କ ସମ୍ମୁଖରେ ସ୍ପଷ୍ଟ ଏବଂ ବିଦିତ ଅଟେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ୍ ସ.ଅ ପୁନଶ୍ଚ କହିଲେ, ଧୈର୍ଯ୍ୟ ମୋର ଉତ୍ତରୀୟ (ଚଦର) ଅଟେ । ମୋର ବସ୍ତ୍ର ଧୈର୍ଯ୍ୟ ଅଟେ ଈଶ୍ୱରଙ୍କ ପ୍ରସନ୍ନତାକୁ ସ୍ୱୀକାର କରିବା ମୋର ମାଲେ ଗନିମତ୍ ଅଟେ । ମୁଁ ଅଲ୍ଲାଃତାଲାଙ୍କ ପ୍ରସନ୍ନତାକୁ ସ୍ୱୀକାର କରୁଛି ଏବଂ ଏହା ହିଁ ମୋର ମାଲେ ଗନିମତ୍ ଅଟେ । ଦାରିଦ୍ର୍ୟତା ମୋର ଗୌରବ ଅଟେ ଏବଂ ପ୍ରକାଶ୍ୟ ଦାରିଦ୍ର୍ୟତା କିମ୍ବା ଅର୍ଥାଭାବଜନିତ ଅବସ୍ଥା ମୌର ଗୌରବ ଅଟେ । ମୁଁ ଉକ୍ତ କଥା ଉପରେ ଗର୍ବଭାବ ପ୍ରକାଶ କରୁଛି ଯେ, ଦାରିଦ୍ର୍ୟାବସ୍ଥା ସତ୍ତ୍ୱେ ଅଲ୍ଲାଃତାଲା ମୋତେ ଅସଂଖ୍ୟ ଜିନିଷ ପ୍ରଦାନ କଲେ । ଧର୍ମପରାୟଣତା ମୋର କଳା ଅଟେ । ମୁଁ ଏହି ଧର୍ମପରାୟଣତାକୁ ହିଁ ପ୍ରାପ୍ତ କରିବା ନିମନ୍ତେ ଉଦ୍ୟମ କରିଥାଏ । ଅଲ୍ଲାଃତାଲାଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ଆଣିବା ହିଁ ମୋର ଶକ୍ତି ଅଟେ । ମୋତେ ଏହା ଦ୍ୱାରା ହିଁ ଶକ୍ତି ପ୍ରାପ୍ତ ହୋଇଥାଏ । ସତ୍ୟତା ମୋର ମୁକ୍ତିଦାତା ଅଟେ । ମୁଁ କେବେ ବି କୌଣସି ଭୁଲ୍ କଥା କହି ନାହିଁ ଏବଂ ସତ୍ୟତା ହିଁ ମୋ ମୁକ୍ତିର ମାଧ୍ୟମ ଅଟେ । ମୋ ନିମନ୍ତେ ଆଜ୍ଞାନୁବର୍ତ୍ତୀତା ହିଁ ଯଥେଷ୍ଟ ଅଟେ । ମୁଁ ଅଲ୍ଲାଃତାଲାଙ୍କ ପ୍ରତ୍ୟେକ ଆଦେଶାବଳୀକୁ ପୂର୍ଣ୍ଣ ଆଜ୍ଞାବହତ୍ୱ ଦ୍ୱାରା କାର୍ଯ୍ୟାନୁସରଣ କରିଥାଏ । ଜିହାଦ୍ କରିବା ହିଁ ମୋର ଚରିତ୍ର ଅଟେ । ସେ ପଛେ ଶାରୀରୀକ ଜିହାଦ୍ ହେଉ ଅବା ଅଲ୍ଲାଃତାଲାଙ୍କ ମାର୍ଗରେ ଆଧ୍ୟାତ୍ମିକ ଜିହାଦ୍ କରିବା ହେଉ କିମ୍ବା ଅଲ୍ଲାଃତାଲାଙ୍କ ପ୍ରାଣୀମାନଙ୍କର କର୍ତ୍ତବ୍ୟ ସମ୍ପାଦନ କରିବାର ଜିହାଦ୍ ହେଉ । ଏହା ହିଁ ମୋର ଚରିତ୍ର ଅଟେ । ମୋ ଚକ୍ଷୁର ଶୀତଳତା ନମାଜ୍ ପାଠ କରିବା ଅଟେ । ଯଦିଓ ଉପରୋକ୍ତ ସମସ୍ତ କଥା ରହିଛି । କିନ୍ତୁ ମୋର ଚକ୍ଷୁର ପ୍ରକୃତ ଶୀତଳତା ନମାଜ୍ ଅଟେ । ଅଲ୍ଲାଃତାଲାଙ୍କ ସାନ୍ନିଧ୍ୟତା ପ୍ରାପ୍ତ କରିବା କହିଲେ ତାହାଙ୍କ ଉପାସନା କରିବା ଏବଂ ତାହାଙ୍କ ପ୍ରେମର ପରିପ୍ରକାଶକୁ ବୁଝାଇଥାଏ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ଅନ୍ୟ ଏକ ହଦିସ୍‌ରେ ଆଁହଜରତ୍ ସ.ଅ କହିଲେ:" ମୋ ହୃଦୟର ଫଳ ଅଲ୍ଲାଃତାଲାଙ୍କ ଚର୍ଚ୍ଚା ଅଟେ ଏବଂ ମୋର ରୁଚି ମୋ ପାଳନକର୍ତ୍ତାଙ୍କ ମଧ୍ୟରେ ରହିଛି ।" **(ଅଶ୍ ଶଫା ବିତାଆରିଫି ହୁକୁକିଲ୍ ମୁସ୍ତଫା, ଲେଖକ-କାଜି ଅୟ୍ୟାଜ୍, ପୃ-191, ଫସ୍‌ଲୁ ଫି ଖୌଫିହି ସ.ଅ ମିନ୍ ରବ୍‌ବିହି ଓ ତାଆତିହି ଲହୁ.............ଶେଷ ପର୍ଯ୍ୟନ୍ତ, ହଦିସ୍-347-348, ଯାଏଜା ଦବିଉଦ୍ ଦୌଲିୟାହ୍, ଲୈଲତୁଲ୍ କୁର୍‌ଆନିଲ୍ କରୀମ୍, ଯୁକ୍ତରାଷ୍ଟ୍ର ଆରବ ଏମିରାଟ୍, 2013 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ୍ ସ.ଅଙ୍କ ଏହି ସର୍ବୋଚ୍ଚ ଆଦର୍ଶ ଅଲ୍ଲାଃତାଲାଙ୍କ ପ୍ରେମର ଉଦାହରଣ ଥିଲା । ସେହି ଉଦାହରଣର ପ୍ରଭାବ ଏହା ଥିଲା ଯେ, ସାହାବା ର.ଅଙ୍କ ମଧ୍ୟରେ ଏକ ଅଭୂତପୂର୍ବ ବିପ୍ଳବ ସୃଷ୍ଟି ହେଲା ଏବଂ ସେମାନେ ସେହି ମର୍ଯ୍ୟାଦା ପ୍ରାପ୍ତ କଲେ ଯେଉଁ ମର୍ଯ୍ୟାଦା ସଂପର୍କରେ କଳ୍ପନା ମଧ୍ୟ କରାଯାଇ ପାରିବା ନାହିଁ । ଏହା ହିଁ ସେହି ପୂର୍ଣ୍ଣାଙ୍ଗ ଶିକ୍ଷା ଯେଉଁ ଶିକ୍ଷାକୁ ଆପଣଙ୍କର ସତ୍ୟବାଦୀ ଦାସ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ମଧ୍ୟ ଅବଲମ୍ବନ କରିଛନ୍ତି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏକ ସ୍ଥାନରେ ଆପଣ ଅ.ସ କୁହନ୍ତି: "ସ୍ୱପ୍ନରେ ମୋତେ ପଞ୍ଜାବୀ ଭାଷାରେ ଦୁଇଥର କେତେକ ପଂକ୍ତି ସଂପର୍କରେ କୁହାଗଲା । ସେହି ପଂକ୍ତିଗୁଡ଼ିକ ହେଲା, 1-"**ଯେ ତୁ ମେରା ହୋର୍ ହେଁ ସବ୍ ଜଗ୍ ତେରା ହୋ** "। ଆଉ ଥରେ ମୁଁ ସ୍ୱପ୍ନରେ ଦେଖିଲି ଯେ, ଏକ ସୁବିସ୍ତୃତ ପଡ଼ିଆ ରହିଛି ତହିଁରେ ଜଣେ ଆକୃଷ୍ଟକାରୀ (ଈଶ୍ୱରଙ୍କ ଭକ୍ତିର ତଲ୍ଲୀନ ଥିବା ବ୍ୟକ୍ତି) (ଯେଉଁ ବ୍ୟକ୍ତି ମଧ୍ୟରେ ଈଶ୍ୱର ପ୍ରେମର ଉତ୍ସାହ ଥାଏ) ମୋ ଆଡ଼କୁ ଆସୁଛି । ସେ ଯେତେବେଳେ ମୋ ପାଖରେ ପହଞ୍ଚିଲା ସେତେବେଳେ ସେ ଏହି କବିତାଟି ପାଠ କଲା- "**ଇଶ୍‌କେ ଇଲାହୀ ଉସ୍‌ସେ ମୁଁହ ପର ୱଲିୟାଁ ଇହା ନିଶାନୀ**"।" ଅର୍ଥାତ୍ ସାଧୁ ସନ୍ଥମାନଙ୍କର ଲକ୍ଷଣ ଏହା ହିଁ ହୋଇଥାଏ ଯେ, ସେମାନଙ୍କ ମୁଖରୁ ଈଶ୍ୱପ୍ରେମର ବୃଷ୍ଟି ହୋଇଥାଏ ଏବଂ ତାତ୍ପର୍ଯ୍ୟ ଏହା ଥିଲା କି ସେ ମୋତେ ଦେଖି ଏହା କହିଲା କି ତା'କୁ ମୋ ମୁଖମଣ୍ଡଳରେ ଈଶ୍ୱରପ୍ରେମ ଦୃଶ୍ୟମାନେ ହୋଇଥିଲା । ଆଲୋକ ଦୃଶ୍ୟମାନ ହୋଇଥିଲା । **(ତଜ୍‌କିରାହ୍, ପୃ-439-440, ସଂସ୍କରଣ ବର୍ଷ-2023 ମସିହା)**

ଏକ ସ୍ଥାନରେ ଆପଣ ଅ.ସ ଏହା ମଧ୍ୟ କହିଲେ: "ମୁଁ ଯାହାକିଛି ପ୍ରାପ୍ତ କରିଛି ତାହା ଆଁହଜରତ୍ ସ.ଅଙ୍କ ଆଜ୍ଞାବହତ୍ୱରେ ହିଁ ପ୍ରାପ୍ତ କରିଛି ।"

**(ହକିକତୁଲ୍ ୱହି, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-22, ପୃ-64)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଏହା ଆପଣ ଅ.ସଙ୍କ ଆଦର୍ଶ ଥିଲା ଏବଂ ସେଇଥି ପାଇଁ ଆପଣ ଅ.ସ ଜମାଅତ୍ ସ୍ଥାପନ କରିଥିଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆମେମାନେ ଆଜି ଯେଉଁ ଦାବି କରୁଛି ଯେ, ଆମେମାନେ ଆଁହଜରତ ସ.ଅଙ୍କ ପ୍ରକୃତ ଅନୁଗାମୀ ଅଟୁ, ଆମେମାନେ ଆପଣ ସ.ଅଙ୍କ ସତ୍ୟବାଦୀ ଦାସ ହସ୍ତରେ ବୈଅତ୍ କରି ନୂତନ ରୂପେ ଏହି ପ୍ରତିଜ୍ଞା କରିଛୁ ଯେ, ଯଦି ଆମେମାନେ ଭବିଷ୍ୟତରେ ନିଜର ଜୀବନକୁ ଈଶ୍ୱରଙ୍କ ଆଦେଶାବଳୀ ଅନୁଯାୟୀ ପରିଚାଳିତ ହେବା ନିମନ୍ତେ ଉଦ୍ୟମ କରିବୁ ତେବେ ଆମେମାନଙ୍କୁ ଏଥି ପ୍ରତି ମଧ୍ୟ ଧ୍ୟାନ ଦେବା ଉଚିତ୍ ଯେ, ଆମେମାନେ ପ୍ରତ୍ୟେକ କାର୍ଯ୍ୟ ନିଷ୍ଠାପର ମନୋଭାବ ରଖି ଅଲ୍ଲାଃତାଲାଙ୍କ ନିମନ୍ତେ ସମ୍ପାଦନ କରିବୁ ଓ ତାହାଙ୍କ ଅର୍ଥାତ୍ ଈଶ୍ୱର ପ୍ରେମରେ ଆମେମାନେ ଅଗ୍ରସର ହେବା ନିମନ୍ତେ ଉଦ୍ୟମ କରିବୁ । ଯଦି ଆମେମାନେ ଏପରି କରିବୁ ତେବେ ଆମେମାନେ ଅଲ୍ଲାଃତାଲାଙ୍କ କୃପାର ପାତ୍ର ହୋଇ ପାରିବୁ । ଆଁହଜରତ ସ.ଅଙ୍କ ଧର୍ମରେ ଦୀକ୍ଷିତ ହେବାର ସଠିକ୍ କର୍ତ୍ତବ୍ୟ ନିର୍ବାହ କରିପାରିବୁ ଏବଂ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ବୈଅତ୍‌ରେ ପ୍ରବିଷ୍ଟ ହେବାର କର୍ତ୍ତବ୍ୟ ମଧ୍ୟ ନିର୍ବାହ କରି ପାରିବୁ ଓ ଆପଣ ଅ.ସଙ୍କ ପ୍ରକୃତ ଅନୁଗାମୀମାନଙ୍କ ମଧ୍ୟରେ ଗଣ୍ୟ (ପରିଗଣିତ) ହୋଇ ପାରିବୁ । ଏଥି ନିମନ୍ତେ ଅଲ୍ଲାଃତାଲା ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** ।

ହଜୁର୍ ଅନ୍‌ୱର୍ କହିଲେ, ଆଜିକାଲି ପାକିସ୍ତାନ୍‌ର ଅହମଦିମାନଙ୍କ ନିମନ୍ତେ ଦୁଆ (ପ୍ରାର୍ଥନା) କରନ୍ତୁ । ଦୁଇ ଦିନ ହୋଇଗଲାଣି ସେଠାରେ ମୁବାରକ୍ ସାନି ସାହେବ ନାମକ ଜଣେ ଅହ୍‌ମଦିଙ୍କ ଉପରେ ଏକ ମକଦ୍ଦମା ଚାଲିଥିଲା । ତାଙ୍କୁ ଶେସନ ଜଜ୍ ଆଜୀବନ କାରାଦଣ୍ଡ ଶାସ୍ତି ଶୁଣାଇ ଦିଆଯାଇଛି । ତାଙ୍କ ଉପରେ ଏହି ଦୋଷ ଲାଗିଥିଲା ଯେ, ସେ କୁଆଡ଼େ କୁର୍‌ଆନ୍ କରୀମ୍ ରଖିଥିଲେ ଏବଂ ତାକୁ ନିଜେ ପଢୁଥିଲେ ଓ ଅନ୍ୟମାନଙ୍କୁ ମଧ୍ୟ ପାଠ କରାଉଥିଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ବର୍ତ୍ତମାନ ଏ ହେଉଛି ଅଦାଲତ୍‌ମାନଙ୍କର ଅବସ୍ଥା । ଏମାନଙ୍କ ଠାରୁ କ'ଣ ବା ନ୍ୟାୟର ଆଶା କରାଯାଇପାରିବ । ଏହି ନ୍ୟାୟବିଚାର ଉପରେ କେତେକ ଅଣଅହମଦିମାନେ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, କି ହାସ୍ୟସ୍ପଦ ନିର୍ଣ୍ଣୟ ଅଟେ ? କିନ୍ତୁ ସାମୂହିକ ରୂପେ କେତେକ ମୌଲବୀମାନଙ୍କ ପକ୍ଷରୁ ଉକ୍ତ ନିର୍ଣ୍ଣୟ ବା ରାୟକୁ ଖୁବ୍ ପ୍ରଶଂସା କରାଯାଉଛି ଏବଂ ଜଜ୍‌ର ପ୍ରଶଂସା ମଧ୍ୟ କରାଯାଉଛି । କିନ୍ତୁ ନ୍ୟାୟପ୍ରିୟ ଯେଉଁ ଲୋକମାନେ ରହିଛନ୍ତି ସେମାନେ ଅବଶ୍ୟ କିଛି ନା କିଛି ଉଲ୍ଲେଖ କରିଥାନ୍ତି । କେତେକ ଲୋକମାନେ ପ୍ରକାଶ୍ୟ ରୂପେ ପରିହାସ ଢଙ୍ଗରେ ଉଲ୍ଲେଖ କରିଛନ୍ତି ଯେ, କୁରଆନ୍ ରଖିବା ଓ ପାଠ କରିବା ଏତେ ବଡ଼ ଅପରାଧ କି ଜଣେ ବ୍ୟକ୍ତିକୁ ଆଜୀବନ କାରାଦଣ୍ଡ ମିଳିଲା । ସେହି ବ୍ୟକ୍ତି ନିଜ ଘରେ ପିଲାମାନଙ୍କୁ ପବିତ୍ର କୁରଆନ୍ କରୀମ୍ ପାଠ କରାଉଥିଲେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ଏହି ନାମକୁ ମାତ୍ର ବିଦ୍ୱାନ୍‌ମାନେ ଏବଂ ସେମାନଙ୍କର ଶିଷ୍ୟମାନଙ୍କର ଏହି ଅବସ୍ଥା ରହିଛି । ସରକାରଙ୍କ ଯେଉଁ ପ୍ରଶାସନିକ ଅଧିକାରୀମାନେ ରହିଛନ୍ତି ସେମାନେ ମଧ୍ୟ ଏହି ମୌଲବୀମାନଙ୍କ ପଛରେ ଚାଲି ଉକ୍ତ କଥା ଉପରେ କେତେକ ସ୍ଥାନରେ କାର୍ଯ୍ୟାନୁସରଣ କରିଥାଆନ୍ତି । ସେ ଯାହା ହେଉ ଆମେମାନେ ଦୁଆ କରିଥାଉ ଯେ, ଅଲ୍ଲାଃତାଲା ଏମାନଙ୍କର ଯଥାଶୀଘ୍ର ଧରପକଡ଼ କରନ୍ତୁ । **ଆମିନ୍** । ଅଲ୍ଲାଃତାଲାଙ୍କ ଦୈବ ଦଉଡ଼ି ଖୁବ୍ ଶୀଘ୍ର ଏମାନଙ୍କୁ ଧରି ପକାଇବ । **ଇନ୍‌ଶାଆଲ୍ଲାଃ** । ଏହାର ଲକ୍ଷଣ ମଧ୍ୟ ଦୃଶ୍ୟମାନ ହେଉଛି । କିନ୍ତୁ ଏଥିପ୍ରତି ଆମମାନଙ୍କୁ ଚିନ୍ତିତ ହେବା ଉଚିତ୍ । କାରଣ ଆମମାନଙ୍କର ଦୁଆରେ ତ୍ରୁଟି, ଅଭାବ କିମ୍ବା କାର୍ଯ୍ୟକାରୀ କରିବା ଅଭାବ ଓ ଉପସାନାର କର୍ତ୍ତବ୍ୟ ସଠିକ୍ ରୂପେ ସମ୍ପାଦନ ନ କରିବା ଯୋଗୁଁ ତହିଁରେ ବିଳମ୍ବତା ନହୋଇଯାଉ । ଯେପରି ଆଁହଜରତ୍ ସ.ଅ ଏହି ଭୟରେ ଅର୍ଥାତ୍ ବାଦଲ୍‌ମାନ (ମେଘମାଳା)କୁ ଦେଖି ଦୁଆ କରୁଥିଲେ । ଅତଏବ୍ ଦୁଆ କରିବା ପ୍ରତି ଅଧିକ ଧ୍ୟାନ ଦେବାର ଆବଶ୍ୟକତା ରହିଛି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ନମାଜ୍ ପରେ ମୁଁ ଦୁଇଟି ନମାଜ୍ ଯନାଜାଃ ଗାଏବ୍ ପାଠ କରାଇବି । ପ୍ରଥମ ଯନାଜାଃ ହେଲା ସଦର୍ ଅଞ୍ଜୁମନ ଅହମଦିୟାର ସଭାପତି, ତେହ୍‌ରିକେ ଜଦିଦ ଅଞ୍ଜୁମନ୍ ଅହମଦିୟା, କାଦିୟାନର ସଦର୍ ମଜ୍‌ଲିସ୍ ସମ୍ମାନିତ ଶ୍ରୀଯୁକ୍ତ ସ୍ୱର୍ଗତ ଜଲାଲୁଦ୍ଦୀନ୍ ନୈୟେର୍ ସାହେବଙ୍କର । ବିଗତ ଦିନ ତାଙ୍କର ବିୟୋଗ ହୋଇଛି ।اناللهواناالیہراجعون । ତାଙ୍କର ପିତାଶ୍ରୀ ଶ୍ରୀଯୁକ୍ତ ଏଚ୍. ହୁସୈନ ସାହେବ ବିଶ୍ୱଯୁଦ୍ଧ ସମୟରେ ଆର୍ମିରେ ଜଣେ କ୍ଲର୍କ ଭାବରେ କାମ କରୁଥିଲେ । ସେହି ସମୟରେ ବସ୍ରା ଠାରେ 1922 ମସିହାରେ ଆପଣ ଅହମଦିୟତ୍ ସ୍ୱୀକାର କଲେ ଏବଂ କେରଳରୁ ପ୍ରକାଶିତ ଜମାଅତୀୟ ପତ୍ରିକ ସତ୍ୟ ଦୂତମ୍ (Sathiya Dooton)ର ଆପଣ ସମ୍ପାଦକ ରୂପେ ନିଯୁକ୍ତ ହେଲେ । ଆପଣ (ପିତା) କେରଳର ଅଧିବାସୀ ଥିଲେ । ସେନାରୁ ଅବସର ଗ୍ରହଣ କରିବା ପରେ ଆପଣ କେରଳକୁ ଚାଲି ଆସିଲେ । ସ୍ୱର୍ଗତ ଜଲାଲୁଦ୍ଦୀନ୍ ସାହେବଙ୍କର ପିତାଶ୍ରୀ ଏଚ୍. ହୁସୈନ୍ ସାହେବ 1950 ମସିହାରେ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଆହ୍ୱାନ "କାଦିୟାନରେ ବାସ କରନ୍ତୁ" ଉପରେ ଲବ୍‌ବୈକ୍ କହି ସପରିବାର କାଦିୟାନ୍ ଚାଲି ଆସିଲେ ଏବଂ କାଦିୟାନ୍‌ରେ ଆସି ବସବାସ କଲେ । କିନ୍ତୁ ଗୋଟିଏ ବର୍ଷ ମଧ୍ୟରେ ହିଁ ତାଙ୍କର କାଦିୟାନ୍ ଠାରେ ଅକାଳ ବିୟୋଗ ହୋଇଗଲା । ମୌଲନା ଜଲାଲୁଦ୍ଦୀନ୍ ସାହେବଙ୍କ ମାତା ଶ୍ରୀମତି ଜୁବୈଦା ସୁଲତାନା ସାହେବ କାଦିୟାନ୍‌ରେ ଦ୍ୱିତୀୟ ବିବାହ ଚୌଧୁରୀ ଅବ୍‌ଦୁଲ୍ ହକ୍ ସାହେବଙ୍କ ସହିତ କରିନେଲେ । ଚୌଧୁରୀ ଅବଦୁଲ୍ ହକ୍ ସାହେବ ଜଣେ ଦର୍‌ୱେଶ୍ ଥିଲେ । ସେ ନୈୟେର୍ ସାହେବଙ୍କ ଭାଇ ଭଉଣୀମାନଙ୍କୁ ନିଜ ଲାଳନ ପାଳନ ଦାୟୀତ୍ୱରେ ନେଇନେଲେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତ ଜଲାଲୁଦ୍ଦୀନ୍ ନୈୟେର୍ ସାହେବଙ୍କ ପ୍ରାରମ୍ଭିକ ଶିକ୍ଷା କାଦିୟାନ୍ ଠାରେ ହିଁ ହୋଇଥିଲା ଏବଂ 1963 ମସିହାରେ ସେ ମୌଲବୀ ଫାଜିଲ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ତପ୍ପରେ ତାଙ୍କୁ ନିଯୁକ୍ତ କରାଗଲା । ଆପଣ ପ୍ରଥମେ ଅଞ୍ଜୁମନ୍ ଅହମଦିୟାରେ ଜଣେ ଇନସ୍ପେକ୍ଟର ବୈତୁଲ୍

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2026-2028 Vol. 11 Thursday- 05-12 February 2026 Issue No. 06-07

Act. MANAGER
ATHAR AHMAD SHAMIM
Mobile. : +91 9815639670
e-mail :managerbadrqnd@gmail.com

ମାଲ୍ ଭାବରେ ଦୀର୍ଘ କାଳ ପର୍ଯ୍ୟନ୍ତ ସେବା କରିଥିଲେ । ଆପଣ ସମଗ୍ର ଭାରତରେ ଜମାଅତ୍ ଅହମଦିୟାର ଗସ୍ତ କରୁଥିଲେ । ସେହି କାରଣରୁ ଅତ୍ୟନ୍ତ ପରିଶ୍ରମ ଏବଂ ପ୍ରେମର ସହିତ ସେ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଚାନ୍ଦାର ବ୍ୟବସ୍ଥାରେ ସାମିଲ୍ କଲେ। ତେଣୁ ଭାରତର ଦୂର ଦୂରାନ୍ତରେ ବାସ କରୁଥିବା ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ସହିତ ଆପଣଙ୍କର ବ୍ୟକ୍ତିଗତ ସଂପର୍କ ମଧ୍ୟ ରହିଥିଲା । ସ୍ୱର୍ଗତ ମହୋଦୟଙ୍କୁ ଦୀର୍ଘ 63 ବର୍ଷ ପର୍ଯ୍ୟନ୍ତ ଜମାଅତ୍‌ର ସେବା କରିବାକୁ ସୌଭାଗ୍ୟ ଅର୍ଜନ ହୋଇଥିଲା । ଇତି ମଧ୍ୟରେ ଇନ୍‌ସ୍ପେକ୍ଟର ବୈତୁଲ୍ ମାଲ ଆମଦ୍ ପରେ ଅଡ଼ିଟର ମୁହାସିବ ଭାବରେ ଏବଂ ପୁନଶ୍ଚ ଦୀର୍ଘ କାଳ ପର୍ଯ୍ୟନ୍ତ ନାଜିର୍ ବୈତୁଲ୍ ମାଲ୍ ଆମଦ୍ ଭାବରେ ମଧ୍ୟ ଆପଣଙ୍କୁ ସେବା କରିବାର ସୁଯୋଗ ପ୍ରାପ୍ତ ହୋଇଥିଲା । ଯେପରିକି ମୁଁ କହିଲି କି ଆପଣ 7 ବର୍ଷ ପର୍ଯ୍ୟନ୍ତ ସଦର୍ ଅଞ୍ଜୁମନ ଅହମଦିୟା କାଦିୟାନ୍ ରୂପେ ନିଯୁକ୍ତ ହୋଇଥିଲେ ଏବଂ ପୁନଶ୍ଚ ଯେପର୍ଯ୍ୟନ୍ତ ଆପଣଙ୍କ ସ୍ୱାସ୍ଥ୍ୟାବସ୍ଥା ଆପଣଙ୍କୁ ଅନୁମତି ଦେଲା ସେପର୍ଯ୍ୟନ୍ତ ଆପଣ ସଦର୍ ମଜ୍‌ଲିସ୍ ତେହ୍‌ରିକେ ଜଦିଦ୍ ମଧ୍ୟ ରହିଥିଲେ । ସେହିପରି ଅଧୀନସ୍ଥ ଗୋଷ୍ଠୀମାନଙ୍କରେ ମଧ୍ୟ ତାଙ୍କୁ ସେବା କରିବାକୁ ସାମର୍ଥ୍ୟ ପ୍ରାପ୍ତ ହୋଇଥିଲା । ଆପଣ ଜଣେ ଉପାସନାକାରୀ, ନମାଜ୍ ଓ ରୋଜାର ନିୟମାନୁବର୍ତ୍ତୀ ଥିଲେ । ଖିଲାଫତ୍‌ର ପ୍ରତ୍ୟେକ କଥାକୁ କାର୍ଯ୍ୟକାରୀ କରିବାରେ ସର୍ବ ପ୍ରଥମ ବ୍ୟକ୍ତିମାନଙ୍କ ମଧ୍ୟରେ ସାମିଲ୍ ହେଉଥିଲେ । ଆପଣ ଜଣେ ଭଲ ଖେଳାଳୀ ଥିଲେ ଏବଂ ଜଣେ ଭଲ ଧାବକ ମଧ୍ୟ ଥିଲେ । ସେହି ଦୃଷ୍ଟିରୁ ସେ ସେଠାରେ ଅର୍ଥାତ୍ କାଦିୟାନ୍‌ରେ ଖେଳର ଆୟୋଜନ ମଧ୍ୟ କରିଥିଲେ । ସ୍ୱର୍ଗତଙ୍କ ବିବାହ ଜଣେ କାଶ୍ମୀରୀ ବଂଶର କନ୍ୟା ସହିତ ହୋଇଥିଲା ଏବଂ ସ୍ୱର୍ଗତଙ୍କ ପତ୍ନିଙ୍କ ବିୟୋଗ ହୋଇଯାଇଛି । ସ୍ୱର୍ଗତଙ୍କର ଦୁଇ ଜଣ ପୁତ୍ର ସନ୍ତାନ ଏବଂ ଗୋଟିଏ କନ୍ୟା ସନ୍ତାନ ରହିଛି । ଏହି ସନ୍ତାନମାନେ ବର୍ତ୍ତମାନ ଜମାଅତ୍‌ର ସେବା କରୁଛନ୍ତି । ଅଲ୍ଲାଃତାଲା ସ୍ୱର୍ତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ସ୍ୱର୍ଗତଙ୍କ ସ୍ତରକୁ ଉନ୍ନୀତ କରନ୍ତୁ । **ଆମିନ୍** । ସେହିପରି ଅଲ୍ଲାଃତାଲା ଶୋକ ସନ୍ତପ୍ତ ସନ୍ତାନମାନଙ୍କୁ ମଧ୍ୟ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ । ସେମାନେ ପିତାଶ୍ରୀଙ୍କ ପଦାଙ୍କ ଅନୁସରଣ କରନ୍ତୁ। ଏଥି ନିମନ୍ତେ ଅଲ୍ଲଃତାଲା ସେମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଦ୍ୱିତୀୟ ଯନାଜାଃ ହେଲା ସ୍ୱର୍ଗତ ହବିବ୍ ଅହମଦ୍ ସାହେବଙ୍କର । ଆପଣ ମୀର୍ ମୁସ୍ତାକ୍ ଅହମଦ ସାହେବଙ୍କର ସୁପୁତ୍ର ଥିଲେ । ବିଗତ ଦିନ 79 ବର୍ଷ ବୟସରେ ତାଙ୍କର ବିୟୋଗ ହୋଇଯାଇଛି । اناللهواناالیہراجعون । ସ୍ୱର୍ଗତ ହବିବ୍ ସାହେବଜଣେ ଦୟାଳୁ, ମେଳାପୀ ପ୍ରିୟ ଓ ଖିଲାଫତ୍‌ର ପ୍ରାଣୋତ୍ସର୍ଗୀ ଅସ୍ତିତ୍ୱ ଥିଲେ । ଅଲ୍ଲାଃତାଲାଙ୍କ କୃପାରୁ ଆପଣ ୱସିୟତ୍ ମଧ୍ୟ କରିଥିଲେ । ତାଙ୍କ ବଂଶରେ ଅହମଦିୟତ୍ ତାଙ୍କର ଦଦା ଉମର୍ ଅବଦ୍ଧୁର୍ ରହିମ୍ ସାହେବଙ୍କ ମାଧ୍ୟମରେ ପ୍ରବିଷ୍ଟ ହୋଇଥିଲା । ଦଦା ଉମର୍ ଅବ୍‌ଦ୍ଧୁର୍ ରହିମ୍ ସାହେବ ଫାରୁକ୍ ପତ୍ରିକାର ସମ୍ପାଦକ ହ. ମୀର୍ କାସିମ୍ ଅଲୀ ସାହେବ ର.ଅଙ୍କ ମାଧ୍ୟମରେ 1903 ମସିହାରେ ବୈଅତ୍ କରିଥିଲେ । ହ. ମୀର୍ କାସିମ୍ ଅଲୀ ସାହେବ ର.ଅ ମୀର୍ ହବିବ୍ ସାହେବଙ୍କ ପିତାଶ୍ରୀ ମୁସ୍ତାକ ଅହମଦ୍ ସାହେବଙ୍କୁ ପୋଷ୍ୟପୁତ୍ର ଭାବରେ ନେଇଥିଲେ । କାରଣ ମୀର୍ କାସିମ୍ ଅଲୀ ସାହେବଙ୍କର କୌଣସି ସନ୍ତାନ ନଥିଲା । ମୀର୍ ହବିବ୍ ସାହେବ ସରକାରୀ କଲେଜରୁ ଏଫ.ଏସ.ସି ଏବଂ ପରେ ବି.ଏସ.ସି କରିଥିଲେ । ଏହାପରେ ଆପଣ ପଦାର୍ଥ ବିଜ୍ଞାନରେ ଏମ.ଏସ୍.ସି (ସ୍ନାତକୋତ୍ତୋର) ଡିଗ୍ରୀ ପ୍ରାପ୍ତ କିରଥିଲେ । ଏହାପରେ ଆପଣ ବାହରକୁ ଚାଲିଗଲେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତ ହବିବ୍ ସାହେବଙ୍କର ଜମାତୀୟ ସେବା ଏହିକି ଯେ, 1970 ମସିହାରୁ 1971 ମସିହା ପର୍ଯ୍ୟନ୍ତ ତାଲିମୁଲ୍ ଇସଲାମ୍ କଲେଜରେ ଆପଣ ଜଣେ ଅଧ୍ୟାପକ ଭାବରେ ଅଧ୍ୟାପନା ସେବା ଆରମ୍ଭ କରିଥିଲେ। ସେତେବେଳେ କଲେଜର ଜାତୀୟକରଣ ହୋଇ ନଥିଲା । 1973 ମସିହାରୁ 1976 ମସିହା ପର୍ଯ୍ୟନ୍ତ ଆପଣ ନୁସ୍ରତ୍ ଜାହାଁ ସ୍କିମ୍ ଅଧୀନ ସେରାଲିଓନ ଗଲେ । ସେଠାରେ ଅବସ୍ଥିତ ଫ୍ରି ଟାଉନ୍ ଠାରେ ଆପଣ ପଦାର୍ଥ ବିଜ୍ଞାନର ଅଧ୍ୟାପକ ରୂପେ ସେବା କରିବାକୁ ସାମର୍ଥ୍ୟ ପ୍ରାପ୍ତ କରିଥିଲେ । ପୁନଶ୍ଚ 1976 ମସିହାରେ ଆପଣ ପୁନଃ ପାକିସ୍ତାନ ଫେରି ଆସିଲେ ଓ ସେହି ମସିହାରେ ଆପଣ ନାଇଜିରିୟା ଫେରିଗଲେ ଏବଂ ସେଠାରେ 1987 ମସିହା ପର୍ଯ୍ୟନ୍ତ ସରକାରୀ ବିଦ୍ୟାଳୟରେ କାର୍ଯ୍ୟ କଲେ ଏବଂ ସେହି ଆଫ୍ରିକାରେ ରହି 1987 ମସିହାରେ ସେ ନିଜର ଜୀବନକୁ ୱକ୍‌ଫ୍ (ଉତ୍ସର୍ଗୀକୃତ ଜୀବନ) କରି ୱକ୍‌ଫେ ଜିନ୍ଦିଗୀ ଭାବରେ 1897 ମସିହାରେ ଅହମଦିୟା ସନିୟର୍ ସେକେଣ୍ଡାରୀ ସ୍କୁଲ ଉମାଶିୟା(Umaisha) ଜଣେ ପ୍ରିଂସିପାଲ୍ ହିସାବରେ ହ. ଖଲିଫତୁଲ୍ ମସିହ୍ ରାବେ ର.ଅ ଆପଣଙ୍କୁ ନିଯୁକ୍ତ କରିଥିଲେ । ଯେଉଁଠି ଆପଣ 1991 ମସିହା ପର୍ଯ୍ୟନ୍ତ ସେବା କରିବାକୁ ସାମର୍ଥ୍ୟ ପ୍ରାପ୍ତ ହେଲେ । ତା'ପରେ ପୁନଃ ଆପଣ ପାକିସ୍ତାନ ଚାଲି ଆସିଲେ ଏବଂ ଏଠାରେ ଆସି ଜମାଅତର ସେବା କରୁଥିଲେ। 1992 ମସିହାରେ ହ. ଖଲିଫତୁଲ୍ ମସିହ୍ ରାବେ ର.ଅ ଏକ ଟେକ୍‌ନିକାଲ୍ ଇନ୍‌ଷ୍ଟିଚ୍ୟୁଟ୍‌ର ସମୀକ୍ଷୀ ନିମନ୍ତେ ସ୍ୱର୍ଗତଙ୍କୁ ସେରାଲିଓନ୍ ଠାକୁ ପ୍ରେରଣ କିରଥିଲେ। ସେଠାରେ ଆପଣଙ୍କର ଯେଉଁ ଅଭିଜ୍ଞତାପୂର୍ଣ୍ଣ ରାୟ ରହିଥିଲା ସେହି ରିପୋର୍ଟ ଆଧାରରେ ସେଠାରେ କାମ ହୋଇଥିଲା । 1996 ମସିହାରେ  ନଜାରତ୍ ତାଲିମ୍ ଅଧୀନ ତାଙ୍କୁ ରବ୍‌ୱାର ନୁସ୍ରତ୍ ଯାହାଁ ଏକାଡ଼େମୀରେ ନିଯୁକ୍ତ କରାଯାଇଥିଲା ଏବଂ ଆପଣ ସେଠାରେ ଜଣେ ପଦାର୍ଥ ବିଜ୍ଞାନର ଶିକ୍ଷକ ଭାବରେ ଅଧ୍ୟାପନା (ଶିକ୍ଷାଦାନ) ଦେଉଥିଲେ । ସେହିଠାରୁ ହିଁ ଆପଣ ଅବସର ନେଇଥିଲେ । ସେହିପରି ସଦର୍ ଉମୁମି କାର୍ଯ୍ୟାଳ୍ୟରେ ମଧ୍ୟ ଆପଣଙ୍କୁ ଜଣେ ଭଲେଣ୍ଟିୟର୍ (ସ୍ୱେଚ୍ଛାକୃତ) ସଦର୍ ଉମୁମି ରୂପେ ଇସ୍‌ଲାହି କମିଟିରେ କାର୍ଯ୍ୟ କରିଥିଲେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତ ହବିବ୍ ସାହେବଙ୍କ ପତ୍ନି ସାହେବା କୁହନ୍ତି ଯେ, ମୋ ସ୍ୱାମୀ ନମାଜ୍ ଓ ରୋଜାର ନିୟମାନୁବର୍ତ୍ତୀ ଥିଲେ । ଆପଣ ଅତ୍ୟନ୍ତ କୋମଳ ସ୍ୱଭାବର ଅଧିକାରୀ ଥିଲେ । ଆପଣ କେବେ ବି କୌଣସି ଡିମାଣ୍ଡ (ଦାବି) କରି ନଥିଲେ । ପାଠ ପଢିବା ପ୍ରତି ସ୍ୱର୍ଗତଙ୍କର ପ୍ରବଳ ଆଗ୍ର ଓ ରୁଚି ରହିଥିଲା । ଜ୍ଞାନକୁ ନିଜର ବନ୍ଧୁ ରୂପେ ବରଣ କରି ନେଇଥିଲେ । ଯଦି କୌଣସି ଦାବି ରହୁଥିଲା ଏବଂ କୌଣସି, ମତାମତ ହେଉଥିଲା, କେହି ଉପହାର ସଂପର୍କରେ ପଚାରୁଥିଲା ତେବେ ଆପଣ ସେହି ବ୍ୟକ୍ତିକୁ ଏହା ହିଁ କହୁଥିଲେ ଯେ, ମହୋଦୟ ଆପଣ ମୋ ପାଇଁ ବହି ଆଣିବେ । ମୋ ସ୍ୱାମୀ ମହୋଦୟ ଜ୍ଞାନଭିତ୍ତିକ ପୁସ୍ତକ ଅଧ୍ୟୟନ କରୁଥିଲେ । ସେହିପରି ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ପୁସ୍ତକର ଅଧ୍ୟୟନ ମଧ୍ୟ ବହୁତ କରୁଥିଲେ । ଆପଣ କେବେ ବି କୌଣସି ଭୁଲ୍ କଥା କରୁ ନଥିଲେ । ଯଦି କୌଣସି କଥା କହିବାର ଆବଶ୍ୟକତା ପଡୁଥିଲା ସେତେବେଳେ ଆପଣ ନିଜେ କହୁଥିଲେ । କିନ୍ତୁ ଏହା ନୁହେଁ ଯେ, ଭୁଲ୍ କଥା କହିଦେବେ । ନା । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତଙ୍କର ସୁପୁତ୍ରୀ ନିଜ ପିତାଶ୍ରୀଙ୍କ ପ୍ରଶଂସିତ ସୁଗୁଣାବଳୀ ସଂପର୍କରେ ଚର୍ଚ୍ଚା କରିଛନ୍ତି । ମୁଁ ମଧ୍ୟ ସେହି ଗୁଣାବଳୀକୁ ଦେଖିଛି । ପିତୀଶ୍ରୀ ଜଣେ ଶାନ୍ତ ଓ ଶିଷ୍ଟ ସ୍ୱଭାବର ବ୍ୟକ୍ତି ଥିଲେ । ନିଜର କାମ ସହିତ ମତଲବ୍ ରଖୁଥିଲେ ଏବଂ ୱକଫକୁ ଅତ୍ୟନ୍ତ ବିଶ୍ୱସ୍ତତାର ସହିତ ସମ୍ପାଦନ କରୁଥିଲେ । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ସ୍ୱର୍ଗତଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ଓ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ । **ଆମିନ୍** ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମୀର୍ ଇସ୍‌ହାକ୍ ସାହେବଙ୍କ ନାତୁଣୀ ସୟେଦା ଲୁବ୍‌ନାଙ୍କ ସହିତ ତାଙ୍କର ବିବାହ ହୋଇଥିଲା ଯିଏ ମେଜର ସଇଦ୍ ଅହମଦ ସାହେବଙ୍କ କନ୍ୟା ମଧ୍ୟ ଥିଲେ । ହ. ମୀର୍  ମୁହମ୍ମଦ୍ ଇସ୍‌ହାକ୍ ସାହେବ ର.ଅ ହ. ମୀର୍ ନାସିର୍ ନୱାବ୍ ସାହେବ୍ ର.ଅଙ୍କୁ ସୁପୁତ୍ର ଥିଲେ । ଏକଥା ଆମେମାନେ ଜାଣୁ ଓ ଜମାଅତ୍‌ରେ ଏହା ବିଖ୍ୟାତ ଅଟେ । ତାଙ୍କ ଦ୍ୱାରା ଅନୂଦିତ (ଅନୁବାଦ କରାଯାଇଥିବା) ପବିତ୍ର କୁରଆନ୍ କରୀମ୍ ମଧ୍ୟ ଜମାଅତ୍ ଅହମଦିୟାରେ ବେଶ୍ ଆଦୃତ ଓ ପ୍ରଚଳିତ ଅଟେ। ସେ ଯାହା ହେଉ ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ସ୍ୱର୍ଗତଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । **ଆମିନ୍** । **(ଅଲ୍ ଫଜଲ୍ ଇଣ୍ଟରନ୍ୟାସନାଲ୍, 2025 ମସିହା ଜାନୁୟାରୀ ମାସ 16 ତାରିଖ, ପୃ-1-8)**

☆--☆--☆

## କ'ଣ ଆପଣମାନେ ପ୍ରତ୍ୟେକ ଦିନ ନିମ୍ନଲିଖିତ ଦୁଆ ଜପନ୍ତି କି ?

سُبْحَانَ اللّٰهِ وَبِحَمْدِهٖ سُبْحَانَ اللّٰهِ الْعَظِيْمِ

اَللّٰهُمَّ صَلِّ عَلٰى مُحَمَّدٍ وَّآلِ مُحَمَّدٍ

**ଅନୁବାଦ୍:** ଅଲ୍ଲାଃତାଲା ନିଜର ପ୍ରଶଂସା ସହିତ ପବିତ୍ର ଅଟନ୍ତି, ଅଲ୍ଲାଃତାଲା ପବିତ୍ର ଅଟନ୍ତି ଏବଂ ସେ ମହାନ୍ ଅଟନ୍ତି । ହେ ଅଲ୍ଲାଃ ତୁମ୍ଭେ ମୁହମ୍ମଦ୍ ସ.ଅଙ୍କ ଉପରେ ଶାନ୍ତି ଅବତୀର୍ଣ୍ଣ କର ଓ ଆପଣ ସ.ଅଙ୍କ ପରିବାରବର୍ଗଙ୍କ ଉପରେ ମଧ୍ୟ ଶାନ୍ତି ଅବତୀର୍ଣ୍ଣ କର ।

☆--☆--☆

اَسْتَغْفِرُ اللّٰهَ رَبِّىْ مِنْ كُلِّ ذَنْبٍ وَّاَتُوْبُ اِلَيْهِ

**ଅନୁବାଦ୍:** ଅଲ୍ଲାଃତାଲାଙ୍କ ନିକଟରେ ମୁଁ କ୍ଷମାପ୍ରାର୍ଥୀ ଅଟେ, ସେ ମୋର ପାଳନକର୍ତ୍ତା ଅଟନ୍ତି । ମୁଁ ତାହାଙ୍କ ଆଡ଼କୁ ହିଁ ଆନତ ହେଉଅଛି (ନତମସ୍ତକ ହେଉଅଛି) ।

☆--☆--☆

رَبِّ كُلُّ شَيْءٍ خَادِمُكَ رَبِّ فَاحْفَظْنِىْ وَانْصُرْنِىْ وَارْحَمْنِىْ

**ଅନୁବାଦ୍:** ହେ ମୋର ପାଳନକର୍ତ୍ତା ! ପ୍ରତ୍ୟେକ ବସ୍ତୁ ତୁମ୍ଭର ସେବକ ଅଟେ । ତେଣୁ ହେ ମୋର ପାଳନକର୍ତ୍ତା ! ତୁମ୍ଭେ ମୋତେ ସୁରକ୍ଷିତ ଏବଂ ନିରାପଦ ରଖ, ମୋତେ ସାହାଯ୍ୟ କର ଓ ମୋ ଉପରେ ଦୟା କର ।

☆--☆--☆

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan